ଛାୟାବିମ୍ବ

ଗୋଲାପ ମଞ୍ଜରୀ କର

Digitized by srujanika@gmail.com

ସଂଖ୍ୟାରେ କମ୍ ହେଲେ ବି ବେଶ୍ ପ୍ରାଣବନ୍ତ ଗପ ଲେଖି ଗାଳ୍ପିକା **ଗୋଲାପ ମଂଜରୀ କର** ଏବେ ଚର୍ଚ୍ଚାରେ । ଜୀବନର ଅତି ନିଉଛୁଣା ଘଟଣା ଓ ଅସତର୍କ ମୁହୂର୍ତ୍ତର ଉଚ୍ଛ୍ୱାସକୁ ଗଳ୍ପର କ୍ୟାନ୍‌ଭାସ୍‌ରେ ରଙ୍ଗେଇଦେବା ତାଙ୍କର ସୃଜନୀୟ ବିଳାସ; ହଁ, କହିପାରନ୍ତି ଆପଣ - ତାହା ତାଙ୍କର ନିଷ୍ଠା, ତାଙ୍କ ଗପର ମୌଳିକ ନିର୍ଯ୍ୟାସ ।

ସାଂପ୍ରତିକ ଓଡ଼ିଆ ଗଳ୍ପରେ ତାଙ୍କର ସ୍ଥାନ ଯେ ପଂକ୍ତୀକୃତ, ତାହା ଅସଂଖ୍ୟ ପାଠକଙ୍କ ପ୍ରଶଂସାପତ୍ର ଓ ସେ ମଣ୍ଡନ କରିଥିବା 'ସୁପ୍ରୀତି ଦେବୀ ଗନ୍ତାୟତ ପୁରସ୍କାର (୧୯୯୬)' ଏବଂ 'ମୃଣ୍ମୟୀ ମୁକୁର ସମ୍ମାନ (୨୦୦୧)' ହିଁ ସୂଚନା ଦିଏ ।

ଏ ତାଙ୍କର ତୃତୀୟ ଗପ ବହି । ଏହା ଆଗରୁ ପଶ୍ଚିମା ପ୍ରକାଶନୀ ପ୍ରକାଶିତ 'କେବେ କେବେ ଈଶ୍ୱର' ଓ ଅପୂର୍ବା ପ୍ରକାଶିତ 'ଏବଂ ଶୂନ୍ୟ ସେତୁ' ପ୍ରକାଶ ପାଇ ପାଠକର ପୋଖରୀରେ ତମାମ୍ ଭଉଁରୀ ଖେଳାଇ ସାରିଛି । ସେଇ ଭଉଁରୀର ସ୍ଥାୟୀତ୍ୱ ନିଶ୍ଚେ 'ଛାୟାବିମ୍ବ' ରଖିବ, ଏହା ଆଶା କରିବା ବୃଥା ନୁହେଁ ।

-ପ୍ରକାଶକ

Digitized by srujanika@gmail.com



ଛା ୟା ବି ମ୍ବ

Digitized by srujanika@gmail.com

ଛା ୟା ବି ମ୍ବ

ଗୋଲାପ ମଞ୍ଜରୀ କର

Seba's

Digitized by srujanika@gmail.com

a *seba's* publication 2002 ISBN 81-86790-35-7

ଛାୟାବିମ୍ବ

chhayabimba

a group of oriya short stories by **golap manjari kar**

published by saroj bal, *seba's*
115 acharya vihar, bhubaneswar-751013, orissa, india
printed at *ink odisha*, bhubaneswar-13
first edition 2002

all rights reserved. no part of this publication may be reproduced,stored in a retrieval system,or transmitted, in any form or by any means,without the prior permission in writing of the publisher.
© author

front cover of this book designed and scanned by saroj bal
hard bound edition **Rs 70/-**

Digitized by srujanika@gmail.com

'ମୋ' ଠାରୁ ଯେଉଁମାନେ ମତେ
ଅଧିକ ଭଲପାଆନ୍ତି ସେଇ ଝୁମ୍‌ଝୁମ୍,
ନିଝୁମ୍, ଲିକୁନ୍ ଓ ଦିଶାଙ୍କ ହାତରେ...

\- ବ'ମା

Digitized by srujanika@gmail.com

ମୋ ଗପର ପ୍ରଚ୍ଛଦ ପଟରେ...

ଭୁଡୁବୁଡୁ ଲୁହର ଅତିକାୟ ସରାଟିଏ ଯେତେବେଳେ ମତେ ଆବୋରି ବସେ, ଛଟପଟ ଆତ୍ମା ଭିତରୁ ନିଗିଡ଼ି ପଡ଼େ ଲୁହ ଟୋପାଟିଏ.... ସେ ହୁଏ ଗପ ।

ମତେ, ବିଭୋର କରେ ଛାପିଛାପିକା ଜହ୍ନରାତି, ସୁନାରୀ ଫୁଲର ନଇଁଲା ପେଣ୍ଠା, କୃଷ୍ଣଚୂଡ଼ାର ସ୍ପର୍ଦ୍ଧା, ସାଧବ ବୋହୂର ପାଟ ରଙ୍ଗ, ଲାଜକୁଳୀର ବାଇଗଣୀ ଫୁଲ ।

ମୋ ଦୃଷ୍ଟିକୁ ଟାଣିନିଏ ଭରା ସବୁଜିମା ଭିତରେ ଅସହାୟ ଭାବେ ଠିଆ ହୋଇଥିବା ଥୁଣ୍ଟା ଗଛ, ଭଙ୍ଗା ଶିଉଳିଲଗା ଘର, ମନ ଖୁସିରେ ଦୋହଲୁଥିବା ବାୟାବସା, ପତ୍ର ଉପରର ଟୋପା ଟୋପା ପାଣିରେ ଗାଧୋଉଥିବା ଫୁଲଚୁଇଁ ଚଢ଼େଇ, କିଶୋରୀର ଲାଜ ଲାଜ ଭଙ୍ଗୀ ।

ମୁଁ କାନ ଡେରେ ଝୋଲାମରା ଖରାବେଳେ ଯୋଗୀର କେନ୍ଦେରାକୁ, ନିଶୁତି ରାତିରେ ଝିଙ୍କାରୀର ଶବ୍ଦକୁ, କଅଁଳା ପିଲାର କ୍ଷୀର ଶୋଷିବାର ଚଁ ଚଁ କୁ, ମୋ ପପୁର ସୁର ବାନ୍ଧୁଥିବା ଗୁଣୁ ଗୁଣୁ ସ୍ୱରକୁ ।

ମତେ ଅଥୟ କରେ ଯେ କୌଣସି ନିର୍ଯ୍ୟାତିତ ମଣିଷର ଅପାରଗପଣିଆ, ଅଝୋର ବର୍ଷାରେ ତିନ୍ତୁଥିବା ଷଣ୍ଢ, ମା'କୁ ଖୋଜୁଥିବା କୁନି ବାଛୁରୀର ହମ୍ବାରଡି, ବଳଦର ଘା' ବେକ ଉପରର ଜୁଆଳି, ପିଞ୍ଜରାରେ ବନ୍ଦ ହୋଇଥିବା 'କିଟୁ'ର ଚିତ୍କାର ।

ଏ ସବୁ ମିଶି ମୁଁ- ମୋ ଜୀବନ- ମୋ ଗପ ।

ଗୋଲାପ ମଞ୍ଜରୀ କର

Digitized by srujanika@gmail.com

ସୂଚୀପତ୍ର

ପ୍ରତିମୋକ୍ଷ	୦୯
ପ୍ରିୟ ପକ୍ଷୀର ଠିକଣା	୧୮
ନିକ୍ଷତ୍ର	୨୭
ଶେଷ ତର୍ପଣ	୩୭
ଆତୁର ଆଷାଢ଼	୪୪
ଶୋକ ପର୍ବ	୫୧
ଅଭିଷେକ	୬୧
ଇଚ୍ଛାର କଣ୍ଢେଇ	୬୯
ଆପଣା ଇଲାକା	୭୭
ଅଚେତ ଫଗୁଣ	୮୭
ଅଂଗାରେ ଲେଖା ନାଁ	୯୪
ସମୁଦ୍ରେ ଶୋଷ	୧୦୨
ଛାୟାବିମ୍ବ	୧୧୨

Digitized by srujanika@gmail.com

Digitized by srujanika@gmail.com

ପ୍ରତିମୋକ୍ଷ

ସମସ୍ତେ ଆସୁଥିଲେ ଗୋଟି ଗୋଟି ହୋଇ । ଭାଇ, ଭାଉଜ, ନଣନ୍ଦ, ଦିଅର, ସାଙ୍ଗ ସାଥୀ, ପରିଚିତ, ଅଳ୍ପ ପରିଚିତ, ସମସ୍ତେ । ଅଧିକାଂଶଙ୍କ ହାତରେ ଫୁଲତୋଡ଼ା । ରାନୁ ବସିଥିଲା ରାଜେନ୍ଦ୍ରାଣୀ ପରି ଶାଢ଼ୀ ଗହଣାରେ ମଣ୍ଡି ହୋଇ । ପାଦରେ ଅଳତା, ମଥାରେ ଦାଉ ଦାଉ ସିନ୍ଦୂର, ଓଠରେ ଲିପ୍‌ଷ୍ଟିକ୍ । ମାନବୀ ନୁହେଁ ଦେବୀ ପ୍ରତିମାଟିଏ ବସିଛି ପରା ! ଭକ୍ତମାନେ ଆସୁଛନ୍ତି ଧୂପ, ଦୀପ ନୈବେଦ୍ୟ ଅର୍ପଣ କରିବାକୁ । ଏତେ ଲୋକ ଆସୁଛନ୍ତି ଯାଉଛନ୍ତି, କାହାରି ମୁହଁରେ କଥା ନାହିଁ । ଅନାହୂତ ଶବ୍ଦମାନଙ୍କୁ ଦୁଆର ଆଗୁଳି ଠିଆ ହୋଇଛି ନିରବତାଟିଏ । ଏଠିକି ଶବ୍ଦଟିଏ ପଶି ଆସିଲେ ବୋମାଟିଏ ବିସ୍ଫୋରଣ ହୋଇଯିବ ଅବା । ରାନୁ ହିଁ ପ୍ରଥମେ ମୁହଁ ଖୋଲିଲା । "ସମସ୍ତେ ଯଦି ଏମିତି ମୁହଁରେ ତାଲା ପକାଇ ଚୁପ୍‌ଚାପ୍ ରହିବାର ଥିଲା ତ ଏଠିକି ଆସୁଥିଲ କାହିଁକି ?" ପଥର ମୂର୍ତ୍ତିଗୁଡ଼ିକରେ ପ୍ରାଣ ସଂଚାର ହେଲା । ତଳକୁ ହୋଇଥିବା ଆଖିଗୁଡ଼ିକ ରାନୁର ମୁହଁ ଉପରେ ସ୍ଥିର ହୋଇଗଲେ । କାହା କାହା ଆଖିରେ ଚହଲିଗଲା ଲୁହ, ଚିକ୍ ଚିକ୍ ବୁନ୍ଦା ସବୁ ଓହ୍ଲାଇ ଆସିଲେ ଗାଲ ଉପରକୁ, ମାଡ଼ି ମକଚି ହୋଇ ରହିଥିବା କୋହମାନେ ଉଚ୍ଛୁଳି ପଡ଼ିଲେ । ସୌରଭ ରାନୁର ମଥା ଉପରେ ହାତ ରଖିଲା । ରାନୁର ଦୃଷ୍ଟି କଠିନ, ମୁହଁ କଠୋର, କଣ୍ଠରେ ଆଦେଶର ତୀକ୍ଷ୍ଣତା, "ସେମାନଙ୍କୁ କହିଦିଅ, କନ୍ଦାକଟା କରିବାର ଥିଲେ ସେମାନେ ନିଜ ନିଜ ଘରକୁ ଯାଇ କାନ୍ଦନ୍ତୁ ।" କଥା ଶେଷ ଆଡ଼କୁ ରାନୁର ସ୍ୱର ଦୁର୍ବଳ ହୋଇ ଆସିଲା । ଆଖି ପତା ବୁଜି ହୋଇଗଲା ଆପଣା ଛାଏଁ । ବାସ୍, ଓଦା ଆଖିମାନେ ଶୁଖିଗଲେ, କୋହମାନେ ଶଙ୍କିଗଲେ, ଦୀର୍ଘଶ୍ୱାସମାନେ ଗେଣ୍ଡାପରି ପଶିଗଲେ ଛାତିର ଖୋଳପା

Digitized by srujanika@gmail.com

ଭିତରେ । ଭିଡ଼ ଚଳଚଂଚଳ ହୋଇ ଉଠିଲା । ପରିଧି ସଂକୁଚିତ ହୋଇ ରାନୁର ଚାରିପାଖରେ ଘେରିଗଲା ।

ଆଜି ରାନୁର ଜନ୍ମଦିନ । କଣ କରାଯିବ ଯା ପରେ ? କ'ଣ କୁହାଯାଇପାରିବ ? ''ଅଭିନନ୍ଦନ'', ''ଭଗବାନ ତୁମକୁ ଦୀର୍ଘାୟୁ କରନ୍ତୁ'', ''ସୁଖି ହୁଅ'', ''ହାପି ବାର୍ଥ ଡେ'' କ'ଣ କୁହାଯାଏ ଏ ବେଳରେ ? କଣ କରାଯାଇପାରେ ଏମିତି ଏକ ପରିବେଶରେ ? ଆଗରୁ କେହି କ'ଣ ଏମିତି ଏକ ପରିସ୍ଥିତିର ସମ୍ମୁଖୀନ ହୋଇଛନ୍ତି ? କେହି କେହି ଜନ୍ମ ଦିନର ତାରିଖ ମନେ ପକାଇ, କେହି ଫୋନ୍‌ରେ ସୌରଭର ନିମନ୍ତ୍ରଣ ପାଇ, ଆଉ ବା କେହି ସମ୍ବାଦ ପତ୍ରରୁ ଏଇ ଅଦ୍‌ଭୂତ ସମ୍ବାଦ ପଢ଼ି ସତ୍ୟାସତ୍ୟ ପରଖିବା ପାଇଁ ଚାଲି ଆସିଥିଲେ । ହୁଏତ ସେମାନେ କାନ୍ଦି କାନ୍ଦି ଆଖି ଫୁଲିଯାଇଥିବା ରାନୁପାଇଁ ସାଙ୍ଗରେ ଆଣିଥିବେ ଅନେକ କୋମଳ ଶବ୍ଦର ସାନ୍ତ୍ୱନା, ସୌରଭ ପାଇଁ କିଛି ସହାନୁଭୂତି ଆଉ ତିନିବର୍ଷର କୁନି ପୁଅ ପାଇଁ ଅସରନ୍ତି ଦରଦ । ଅସ୍ତବ୍ୟସ୍ତ ଘର, ଭାଙ୍ଗିରୁଜି ପଡ଼ିଥିବା ମଣିଷ ଓ ଲୋଟାକୋଟା ହୋଇଯାଇଥିବା ପରିବେଶଟିଏର ସାମ୍ନା କରିବା ପାଇଁ ମାନସିକ ପ୍ରସ୍ତୁତି ନେଇ ସେମାନେ ଆସିଥିବେ । କିନ୍ତୁ ଏଠି ପହଂଚିସାରି ସେମାନେ ନିଶ୍ଚିତ ଭାବରେ ଆଚମ୍ବିତ ହୋଇଥିବେ ! ଏଠି ତ ଅପରୂପ ଶାନ୍ତିଟିଏ ତା'ର ଧୋବ ଫର ଫର ଅଞ୍ଚଳ ଦେଇ ସବୁକୁ ଆବୋରି ବସିଛି । ଏଠି ଲୁହ ଝରାଇବା, ମୁଣ୍ଡ କୋଡ଼ିବା, ଛାତି ପିଟିବା, କୌଣସି ପ୍ରକାରର ଶୋକ ପ୍ରକଟ କରିବା ମନା । ସମସ୍ତେ ଆସ, ସବୁ ବର୍ଷ ଏଇ ଦିନଟି ପରି ପ୍ରଚୁର ସ୍ୱାଦିଷ୍ଟ ଖାଦ୍ୟ ଗଦେଇ ରଖିଛି ସୌରଭ । ଖାଅ, ପିଅ, କିଛି ହସ ଖୁସି କଥା ହୁଅ ରାନୁ ସାଙ୍ଗରେ, ସୌରଭ ସାଙ୍ଗରେ, କୁନି ପୁଅ ସୋନୁ ସାଙ୍ଗରେ । ଶୁଭେଚ୍ଛା ଦିଅ, ଅଭିନନ୍ଦନ ଜଣାଅ ସେମାନଙ୍କର ଏ ନିଷ୍ପତ୍ତି ପାଇଁ , ମୁକ୍ତିର ବାଟ ଖୋଜି ପାଇଥିବା ପାଇଁ ।

କୁଣ୍ଠିତ ହାତ ଗୁଡ଼ିଏ ଅନିଚ୍ଛା ସତ୍ତ୍ୱେ ଖାଦ୍ୟ ମୁହଁକୁ ନେଲେ । ଓଦା ଓଦା ଆଖିଗୁଡ଼ାଏ ରାନୁକୁ ମନ ପୁରାଇ ଦେଖିନେଲେ । କୋହରେ ଥର ଥର ଓଠଗୁଡ଼ିଏ ମିଛ ହସ ହସି ଆକାଶତୋଳା କଥାମାନ କହିଲେ ନିରବତାର ବରଫକାନ୍ଥ ତରଳାଇବା ପାଇଁ । ଅଥଚ ଏସବୁ ସାରି ବିଦାୟ ନେଲାବେଳେ ସେମାନଙ୍କ ତୁଣ୍ଡର ଶବ୍ଦ ସବୁ ଅସାଡ଼ ହୋଇଗଲେ । ଆଖିମାନେ ପୁଣି ତରଳିବାର ଉପକ୍ରମ କଲେ ସେମାନଙ୍କ ଅଜାଣତରେ । ରାନୁର ଭଉଣୀ ଗଲାବେଳେ ସାଙ୍ଗରେ ନେଇଗଲା ସାନୁକୁ । ସାନୁ ଅବଶ୍ୟ ମଝିରେ ମଝିରେ ମାଉସୀ ପାଖରେ ଦୁଇ ତିନି ଦିନ ରହିଯିବାରେ ଅଭ୍ୟସ୍ତ । ରାନୁର ପ୍ରଶାନ୍ତ ମୁହଁ ତକୁ ଦିଶିଗଲାକି ଛିନ୍ନଛତ୍ର ହୋଇଯାଇଥିବା ମୁହଁଟିଏ ? କାନ୍ଥରେ ମୁଣ୍ଡକୋଡ଼ି

Digitized by srujanika@gmail.com

ଲହୁ ଲୁହାଣ ହୋଇଯାଇଥିବା ମା'ଟିଏ ? ଲୁହ କୋହରେ ଆଲ୍ଲା ମାଲ୍ଲା ଶବ୍ଦ କିଛି ଛିଟିକି ଆସିଲେ କି, ''ମୋ ଧନକୁ ନେଇ ଯାଅନି, ମୋ ଆଖି ଶେଷ ଥର ପାଇଁ ବୁଜି ହେବାଯାଏ ଅଟକି ରହିଥାଉ ତା' ମୁହଁରେ । ମୋ ଦୁଃଖ୍ ସଂଖାଳିକୁ ମୋଠୁ' ଅଲଗା କରନି ।''

ସୌରଭ ଫେରିଲା ଶେଷ ଅତିଥିଙ୍କୁ ବିଦାୟ ଦେଇ । ଏବେ ବାକି ସମୟତକ କେବଳ ରାନୁ ଓ ସୌରଭର । ସେ ସମୟରେ ଭାଗ ବସେଇବାକୁ ଆଉ କେହି ଆସିବେନି । ସାତ ବର୍ଷ ତଳେ ଏମିତି ଏକ ରାତି ଆସିଥିଲା । ଖିଆ ପିଆ, ଥଟ୍ଟା ମଜା, କୋଳାହଳ ସମସ୍ତେ ଅଟକି ଯାଇଥିଲେ ବନ୍ଦ ଦୁଆର ସେପାଖେ । ତମାମ୍ ପୃଥିବୀରେ ଥିଲେ କେବଳ ସେ ଦି'ଜଣ, ରାନୁ ଓ ସୌରଭ ଆଉ ଫୁଲ ଗନ୍ଧରେ ମତୁଆଲା ରାତିଟିଏ । ସେଇ ବାସ୍ନା ତାଙ୍କୁ ବିଭୋର କରି ରଖିଥିଲା ଚାରି ବର୍ଷକାଳ । ସବୁ ରାତି ହେଉଥିଲା ମଧୁରାତି, ସବୁ ସକାଳ ନୂଆ ସକାଳ । ଚାରି ବର୍ଷ ପରେ ସୋନୁ ଆସିଥିଲା ଅଲିଅଳ ସ୍ୱପ୍ନଟିଏ ହୋଇ । ସେଇ ସ୍ୱପ୍ନକୁ ସାଉଁଟୁ ସାଉଁଟୁ ବିତିଗଲା ତିନିବର୍ଷ । ଜୀବନ ସଜାଇବାର ଯୋଜନା ସବୁ ଗଢ଼ା ହେଉଥିଲା, ଭଂଗା ହେଉଥିଲା । ଶେଷରେ ଆମେରିକା ଯିବାର ସିଦ୍ଧାନ୍ତ ନିଆଗଲା । ସୌରଭ ଡ଼କ୍ଟରେଟ୍ କରିବ କାଲିଫର୍ଣ୍ଣିଆର ଏକ ପ୍ରତିଷ୍ଠିତ ୟୁନିଭରସିଟିରେ, ରାନୁ ବି । ପାସ୍‌ପୋର୍ଟ ଭିସା ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଯାଇଥିଲା । ୟୁନିଭର୍ସିଟିରୁ ଅନୁମତି ପତ୍ର ବି ମିଳିସାରିଥିଲା । ପ୍ରତୀକ୍ଷିତ ବିଦେଶ ଯାତ୍ରା ହୋଇଥାନ୍ତା ଛ'ମାସ ପରେ । ସେତିକିବେଳେ ହିଁ ଘଟିଗଲା ଦାରୁଣ ବିପର୍ଯ୍ୟୟ । କଲେଜରୁ ଫେରିବା ବାଟରେ ରାନୁର ରିକ୍ସାକୁ ଧକ୍କା ଦେଲା ଏକ ଟ୍ରକ୍ । ଚେତନାଶୂନ୍ୟଭାବେ ଦୁଇଦିନ, ଆଇ.ସି.ୟୁରେ ଆଠଦିନ । ଡ଼ାକ୍ତରମାନଙ୍କ ଆପ୍ରାଣ ଉଦ୍ୟମ ସତ୍ତ୍ୱେ କେବଳ ଆଖି ଦୁଇଟିରେ ଚାହିଁବା ବ୍ୟତୀତ ରାନୁର ଅବସ୍ଥାରେ ଅନ୍ୟ କୌଣସି ଉନ୍ନତି ପରିଲକ୍ଷିତ ହେଲା ନାହିଁ । ସୌରଭଙ୍କ ଜୀବନ ପାଲଟିଗଲା ଧୂ ଧୂ ମରୁଭୂମିଟିଏ । ସ୍ନେହଶୀତଳ ଛାୟାଟିକିଏ କେଉଁଠି ହେଲେ ତାକୁ ଦିଶୁନଥିଲା । ସବୁବାଟ ସରିଯାଇଥିଲା ରାନୁର ଅସାଡ଼ ଦେହ ପାଖରେ । ସବୁ ସ୍ୱପ୍ନ ସମାଧି ନେଇଥିଲେ ରାନୁର ନିର୍ବାକ ଆଖିପତା ତଳେ । ସଂଚିତ ଅର୍ଥର ପରିମାଣ କମି କମି ପ୍ରାୟ ଶୂନ୍ ପର୍ଯ୍ୟାୟକୁ ଆସିଯାଇଥିଲା । ତଥାପି ଚିକିତ୍ସା ଶାସ୍ତ୍ର ନିରୁପାୟ । ଦୁଇମାସ ହସପିଟାଲରେ ରହିବା ପରେ ଶେଷ ନିଷ୍ପତ୍ତି ଶୁଣାଇ ଦିଆଗଲା । ଜୀବନସାରା ବେକଠାରୁ ପାଦ ପର୍ଯ୍ୟନ୍ତ ଅସାଡ଼ ହୋଇ ରହିବ ରାନୁ । ଦେଖିବା, ଶୁଣିବା ଓ କହିପାରିବା ଶକ୍ତି ଫେରି ପାଇବା ସାଙ୍ଗକୁ ମସ୍ତିଷ୍କ ଯେ କାର୍ଯ୍ୟକ୍ଷମ ହୋଇପାରିଛି ଏତିକିକୁ ଭଗବାନଙ୍କ ଆଶୀର୍ବାଦ ବୋଲି

Digitized by srujanika@gmail.com

ମାନିନେଇ ଜୀବନ ବିତାଇବାକୁ ପଡ଼ିବ ।

ରାନୁର ସଯତ୍ନ ସ୍ପର୍ଶରେ ହସିବାକୁ ଉନ୍ମୁଖଥିବା ଘରକୁ ଫେରିଲା ଅନ୍ତହୀନ ଆର୍ତ୍ତନାଦଟିଏ, ଉଜୁଡ଼ା ଫୁଲବନଟିଏ ଆଉ ଧ୍ୱସ୍ତ ବିଧ୍ୱସ୍ତ ଆତ୍ମାଟିଏ । ହାତ ଗୋଡ଼ ହୃତ୍‌ସ୍ପନ୍ଦନକୁ ନିୟନ୍ତ୍ରଣ କଲା କେତେଟା ଯନ୍ତ୍ର କିଛି ତାର ଓ ରବର ନଳୀ ସାହାଯ୍ୟରେ । ଦିନ ଭିତରେ ଚାରି ଛ'ପଦ କଥା, ସାମ୍ନାରେ ରଖା ହୋଇଥିବା ସ୍କ୍ରିପ୍ଟ ଷ୍ଟାଣ୍ଡରେ ଥିବା ଲେଖାରୁ ପୃଷ୍ଠାଏ (ଅନ୍ୟ କେହି ଓଲଟାଇ ଦେବା ପର୍ଯ୍ୟନ୍ତ) ପଢ଼ିବା ବ୍ୟତୀତ ଅନ୍ୟ କିଛି କରିବା ରାନୁ ପାଇଁ ଅସମ୍ଭବ ଥିଲା । ଛଟପଟ ଜୀବନଟିଏକୁ ଘୋଷାରି ନେବାର ବିକଳ ଚେଷ୍ଟାରେ ଉଦ୍‌ଭ୍ରାନ୍ତ ସୌରଭ । ଏବେ ଅନ୍ତରଙ୍ଗ ନିଃସଂଗତାଟିଏ କେବଳ ତା'ର ସାଥି । ପାଖେଇ ଆସୁଥାଏ ଆମେରିକା ଯିବା ସ୍ୱପ୍ନ ସାକାର ହେବାର ଦିନ । କାନ୍ଥ କ୍ୟାଲେଣ୍ଡରରେ ସେହି ତାରିଖଟି ନାଲିକାଳିରେ ମୁଣ୍ଡୁଳା ବୁଲା ହୋଇ ଚିହ୍ନିତ ହୋଇଥାଏ । ରାନୁର ଆଖି ବାରମ୍ବାର ପହଁରି ଆସେ ସେହି ତାରିଖଟି ଉପରେ । ଚିପୁଡ଼ି ହୋଇଯାଏ ସମଗ୍ର ସତ୍ତା, ଆକାରହୀନ ହୋଇଯାଏ ପୃଥିବୀ । ମେଫିଷ୍ଟୋଫେଲିସ୍ ପାଦ ପରି ଭାରି ପାଦ ଶବ୍ଦ ଗୁଡ଼ାଏ ଲାଗି ଲାଗି ଆସନ୍ତି ପାଖକୁ ପାଖକୁ । କଳା କଳା ଲୋମଶ ହାତର ମୁନିଆଁ ନଖ ସବୁ ତଣ୍ଟି କଣା କରି ଦିଅନ୍ତି । କିଳିକିଳା ରାବୁଥିବା କଙ୍କାଳଟିଏର ବିକଟାଳ ଆଁ ଭିତରକୁ ସେ ଅଜଗରର ଖାଦ୍ୟ ପରି ଶୋଷାଡ଼ି ହୋଇଯାଏ । କାକୁସ୍ଥ ଅନ୍ତରାତ୍ମା ଭୟରେ ଚିତ୍କାର କରି ଉଠେ, ''ମୁଁ ମରିବାକୁ ଚାହେଁ, ମତେ ମାରିଦିଅ ... ମାରିଦିଅ ... ଯେତେ ଚଂଚଳ ସମ୍ଭବ ମୋତେ ଏ ଅଥର୍ବ ଜୀବନରୁ ମୁକ୍ତି ଦିଅ .... ।'' ଆଖିରେ ଚହଟିଯାଏ ଆତଙ୍କ । ସୌରଭ ଦୌଡ଼ିଆସେ । ବୋହିଯାଉଥିବା ଲୁହକୁ ପୋଛିଦିଏ, କେବେ ହାତ ପାପୁଲିରେ ତ କେବେ ଶୋଷ ପିଇ ବଂଚିଥିବା ଓଠରେ । ଫିସ୍‌ଫିସ୍ କରି କହିଉଠେ ରାନୁ, ''ମତେ ତ୍ରାହି କର ସୌରଭ, ମୃତ୍ୟୁ ଦିଅ । ମୁଁ ନିଜ ସାଂଗରେ ତୁମକୁ ବି ଏମିତି ବଂଚିଥାଉ ଥାଉ ମରିବାକୁ ଦେବିନି । ପ୍ଲିଜ୍ ।'' ରାନୁ ଲୁହରେ ମିଶିଯାଏ ସୌରଭର ହାହାକାର । ଲୁହର ନଈରେ ଭାସୁଥାଏ ଦି'ଟା କାନ୍ଦ ଲଦା ବାଟବଣା ନାଆ ।

ମୁହୂର୍ତ୍ତ ସବୁ ଦିନ ହୁଏ, ଦିନ ବଦଳେ ରାତିକୁ । ରାତି କିନ୍ତୁ ସକାଳ ହୁଏନା । ନିଦହୀନ ଆଖିକୁ ସ୍ୱପ୍ନ ଆସିବାର ହୁକୁମନାମା ରଦ୍ଦ ହୋଇସାରିଛି । କେବେ କେବେ ଛାଇ ନିଦରେ ଭୁଲି ହୋଇଯାଏ ବର୍ତ୍ତମାନକୁ । ମନ ହୁଏ ବାନ୍ଧି ହୋଇଯିବାକୁ ଦମ୍ ବନ୍ଦ କରା ଆଲିଂଗନ ଭିତରେ, ଅଯୁତେ ମଧୁକ୍ଷରା ଫିସ୍‌ଫିସ୍ ଭିତରେ, ଗରମ ନିଃଶ୍ୱାସର ଅଣଚାଶ ଘେରରେ । ତନ୍ଦ୍ରା ତୁଟେ, ଥେଇ ଥେଇ ନାଚେ ବିକୃତ ବର୍ତ୍ତମାନ । ରାନୁର

Digitized by srujanika@gmail.com

ସର୍ବସ୍ୱାନ୍ତ ଆତ୍ମା କାତରରେ ପ୍ରାର୍ଥନା କରେ, "ପ୍ରଭୁ ! ମତେ ଡ଼ାକି ନିଅ । ଆଉ ପାରୁନି ... । ବନ୍ଦ କରିଦିଅ ଏ ଯନ୍ତ୍ରସବୁକୁ । ଏ କୃତ୍ରିମ ଜୀବନରୁ ମୋତେ ବଂଚାଅ ।" ନିରୁପାୟ ଅସହାୟତାରେ ବିଳପି ଉଠେ ରାନୁ । ସୌରଭର ସବୁ ସାହସ ଦମ୍ଭ ଭୁଷୁଡ଼ି ପଡେ ରାନୁ ପାଖରେ ।

ଏପରି ଏକ ଅଣନିଃଶ୍ୱାସୀ ପରିବେଶରେ ବେଶି ଦିନ ରହିଲେ ସୌରଭ ଯେ ପାଗଳ ହୋଇଯିବ ଏଥିରେ କୌଣସି ସଂଦେହ ନଥିଲା ରାନୁର । ବହୁତ ଅନୁରୋଧ ପରେ ନର୍ସଟିଏ ନିଯୁକ୍ତ କରାଗଲା ରାନୁର ଦେଖାଶୁଣା ପାଇଁ । ସୌରଭ ଅଫିସ ଗଲା । ଏକ ବ୍ୟସ୍ତ ଦୁନିଆର ବ୍ୟସ୍ତତା ଭିତରେ ପୁଣି ସାମିଲ ହେଲା । ତା'ପରେ ରାନୁର ଏକମାତ୍ର କାମ ହେଲା ସୌରଭକୁ ଅପେକ୍ଷା କରିବା । ସେଇ ଅପେକ୍ଷା ହିଁ ପ୍ରତି ମୁହୂର୍ତ୍ତର ଦୁକୁଦୁକି ପାଲଟି ଗଲା । ସୌରଭ ଘରକୁ ଆସିଲେ ଫୁଲ ସବୁ ଫୁଟି ଯା'ନ୍ତି । ତା' ଛୁଆଁରେ ରାନୁ ପାଷାଣୀରୁ ଅହଲ୍ୟା ହୋଇଯାଏ । ଯେଉଁଦିନ ସେ ଆବିଷ୍କାର କଲା ଏକ ସଂଗେ ସୌରଭ ଓ ନର୍ସର ଅନୁପସ୍ଥିତି, ସେଦିନ ଉଭେଇଗଲା ଏତେ ଦିନର ବିଶ୍ୱାସ, ଏତେ ବର୍ଷର ଉଦାରତା । ଚେଷ୍ଟା ନକରିବି ସେ ଶୁଣି ପାରିଲା ଫିସ୍ ଫିସ୍ କଥା, ଚାପା ହସ । ତା' ଆଖି ଆଗରେ ଦିଶିଗଲା ଅନେକ ଅନ୍ତରଂଗତାର ଛବି । ନିଜକୁ ଲୁଚେଇବାକୁ ପ୍ରାଣପଣେ ଚେଷ୍ଟା କରି ମଧ୍ୟ ସୌରଭ ଆଗରେ ସେ ପାରିଲା ନାହିଁ । ଆଶ୍ଚର୍ଯ୍ୟ ହେଲା ସୌରଭ । କ୍ଷତ ବିକ୍ଷତ ହୋଇଗଲା ତା'ର ସମଗ୍ର ବ୍ୟକ୍ତିତ୍ୱ । ଗୋଟିଏ ଶରୀରର ଅସୁସ୍ଥତା ତା' ଭିତରର ସୁନ୍ଦର ଉଦାର ମନଟିଏକୁ ଏତେ ଶୀଘ୍ର ବିକୃତ କରିଦେଇପାରେ !

ସୌରଭର ବନ୍ଧୁ ତାଲିକାରେ କେବଳ ପୁରୁଷ ବନ୍ଧୁ ନଥିଲେ, ଅନେକ ବାନ୍ଧବୀ ମଧ୍ୟ ଥିଲେ । ମୌସୁମୀ ଦତ୍ତ ଯେତେବେଳେ ଆଲାଏଡ୍ ପାଇଲା, ଖୁସିରେ କୁଣ୍ଢାଇ ପକାଇଥିଲା ସୌରଭକୁ । ସୌରଭ ଅପ୍ରସ୍ତୁତ ହୋଇ ପଡ଼ିଥିଲେ ମଧ୍ୟ ବଡ଼ ସହଜ ଭାବେ ତାକୁ ଗ୍ରହଣ କରିନେଇଥିଲା ରାନୁ । ଲେବର ଅଫିସର ସୁରଭି ତ ସୌରଭ ନାଁ ସହିତ ନିଜ ନାଁ ଯୋଡ଼ି ସବୁବେଳେ ଥଟ୍ଟା ମଜା କରୁଥାଏ । ସ୍କୁଲ ଜୀବନର ବାନ୍ଧବୀ ଅର୍ଚ୍ଚନା ମୁହଁରେ କେବେ ବାଡ଼ ବତା ନଥାଏ । ଦରମା ରସିଦ ପଛରେ ପ୍ରେମ କବିତା ଲେଖିବାଠାରୁ ଆରମ୍ଭ କରି ଝିଅମାନଙ୍କ ପଛରେ ଲାଇନ୍ ମାରିବା ପର୍ଯ୍ୟନ୍ତ କେତେ କ'ଣ ସୌରଭ ନାଁରେ ବନେଇ ଚୁନେଇ ରାନୁ ଆଗରେ କହି ବସେ, କେମିତି କଲେଜ ଡ୍ରାମା ରିହଲସଲ୍ ବେଳେ ସୌରଭ ଜାଣିଶୁଣି ତାକୁ ଜୋରରେ ଭିଡ଼ି ଧରେ । ରାନୁ ଏସବୁ ଶୁଣି ଖୁବ୍ ହସେ । ସେମାନଙ୍କୁ ଏମିତି ଆପଣେଇ ନିଏ ଯେ, ସୌରଭ ଭୁଲିଯାଏ

Digitized by srujanika@gmail.com

ସେମାନେ ରାନୁର ନୁହେଁ, ତା'ର ବାନ୍ଧବୀ ବୋଲି ।

ଅଥଚ ସେହି ରାନୁ, ନର୍ସ ସହିତ ସୌରଭର ସାମାନ୍ୟ ସୌଜନ୍ୟମୂଳକ କଥାବାର୍ତ୍ତା ଓ ହସ ପରିହାସକୁ ସହ୍ୟ କରି ପାରୁନି ! ସୌରଭର ଛାତି ଭିତରଟା କାନ୍ଦ କାନ୍ଦ ହୋଇଯାଏ । ସୌରଭର ଶୁଖିଲା ମୁହଁ, କଲେଇ କରା ହସ ଦେଖି ରାନୁ ସବୁ ବୁଝିପାରେ,ଅନୁତାପ କରେ । ତଥାପି ନିଜକୁ ବୁଝାଇପାରେ ନାହିଁ । ଛତିଶ ବର୍ଷ ବୟସର ସୌରଭ ଗୋଟିଏ ଅଥର୍ବକୁ ସାଥି କରି ସାରା ଜୀବନ କଟାଇ ଦେବ, ଭାବିଲେ ରାନୁର ନିଥର ଦେହଟା ବି ଥରି ଉଠେ । ବାଟ ଅଣ୍ଡାଳୁ ଅଣ୍ଡାଳୁ ସେ ଖସିପଡ଼େ ଗଭୀର ଶୂନ୍ୟତାର ଗଣ୍ଡ ଭିତରେ । ଏକମାତ୍ର ମୁକ୍ତିର ପଥ ମୃତ୍ୟୁ ,ଆତ୍ମହତ୍ୟା... ମର୍ସି କିଲିଂ । କିନ୍ତୁ କେମିତି ? ଡାକ୍ତରମାନଙ୍କୁ ଯେତେ ଅନୁନୟ ବିନୟ ହେଲେ ବି କେହି ରିସ୍କ ନେବାକୁ ଚାହାଁନ୍ତି ନାହିଁ । ଏଇ ନର୍ସକୁ ଯେତେ ପ୍ରକାର ପ୍ରଲୋଭନ ଦେଖେଇଲେ ବି ସେ ଏଭଳି ଏକ ଅମାନବୀୟ ପ୍ରସ୍ତାବକୁ ଗ୍ରହଣ କରିପାରେ ନାହିଁ । ପାଖେଇ ଆସୁଥାଏ ବିଦେଶ ଯିବାର ସମୟ । ଚେଷ୍ଟା କଲେ ମଧ୍ୟ ସୌରଭ ସେହି ନିର୍ଦ୍ଧାରିତ ତାରିଖକୁ ଘୁଞ୍ଚାଇ ପାରିନି । ବିଚରା !

ଦୁଇ ଦିନ ଦୁଇ ରାତି ବିତିଗଲା ଯୁକ୍ତି ତର୍କ, ଅନୁନୟ ଅଭିମାନରେ । ଲୁହରେ ଲୁହରେ ରାନୁ ଭସେଇ ଦେଲା ସୌରଭକୁ । ''ମତେ ଦୟା କର ! ମୋର ଏତେ ଟିକେ କଷ୍ଟ ଦେଖିଲେ ତୁମେ ସହି ପାରୁ ନଥିଲ । ଅଥଚ ଏତେ ଦିନ ଧରି ମୁଁ କି ଯନ୍ତ୍ରଣା ଭୋଗ କରୁଛି, ତୁମେ କ'ଣ ଅନୁଭବ କରିପାରୁନ ? ଏମିତି ବଂଚି ଲାଭ ବା କ'ଣ ? କେତେ ଦିନ ଆଉ ? ତା'ଛଡ଼ା ତୁମ ଜୀବନଟାକୁ ଅସମୟରେ ନଷ୍ଟ କରିଦେବାର ଅଧିକାର ନା ତୁମର ଅଛି, ନା ମୋର । ନିଜେ ଆଦରି ନେଉଥିବା ଦୁଃଖକୁ 'ପ୍ରାରବ୍ଧ' କହି ଜୀବନଠାରୁ ପଳାଇ ଯାଅନି ସୌରଭ । ତୁମେ ନିଶ୍ଚିତ ଯେ ମୋର ଏ ଦେହଟା କେବଳ ବୋଝ ଛଡ଼ା ତୁମର ବା ଆଉ କାହାରି କାମରେ ଲାଗିବନି । ବରଂ ବାକି ଜୀବନ ତକ ତୁମେ ଖୁସିରେ ରହିଲେ ମୋ ଆତ୍ମା ନିଜକୁ ଦୋଷୀ କରିବ ନାହିଁ । ଦେହରେ ପ୍ରାଣରେ ଯନ୍ତ୍ରଣା ଭୋଗ କରିବା ଅପେକ୍ଷା, ଏ ଦେହଟାକୁ ଛାଡ଼ି ମୋ ଆତ୍ମାକୁ ଖୋଲା ଆକାଶରେ ମୁକ୍ତ କରିଦେବା କ'ଣ ଶ୍ରେୟସ୍କର ନୁହେଁ ? ମୋ କଥାକୁ ଫିଲୋସୋଫି ବୋଲି ଭାବିବ ନାହିଁ । ପ୍ଲିଜ୍ ସୌରଭ, ମୋ କଥା ମାନ । ମତେ ମୁକ୍ତି ଦିଅ, ତୁମକୁ ମୋ' ରାଣ ।''ସମସ୍ତ ଯାନ୍ତ୍ରିକ ଉପକରଣର ବାଧା ଡେଇଁ ସୌରଭ ରାନୁକୁ ଛାତିରେ ଜଡ଼େଇ ଧରିଲା । ସତେ ଅବା ଦୁଇଟି କାତର ଆତ୍ମାର ଦୁଃଖଗୁଡ଼ାକ ଛାତି ଚିରି ନିଗିଡ଼ି ପଡ଼ିଲେ ମାଟି ଧସି ଯିବ । ଏ ସୁନ୍ଦର ପୃଥିବୀ ଧ୍ୱଂସ ହୋଇଯିବ । ସୌରଭ ଅନୁଭବ

Digitized by srujanika@gmail.com

କରୁଥିଲା ରାନୁ ପାଖରେ ସେ ହାରି ଯାଉଛି । ହାରି ଯାଇଛି ।

ଶେଷରେ ଓକିଲ ପରାମର୍ଶ କରି କୋର୍ଟର ଆଶ୍ରୟ ନେଲା ସୌରଭ । ନିଜ ହାତରେ ମୃତପ୍ରାୟ ସ୍ତ୍ରୀର ସମସ୍ତ ଜୀବନ ରକ୍ଷାକାରୀ ଯନ୍ତ୍ର ବନ୍ଦ କରିଦେଇ ତାକୁ ନିଶ୍ଚିନ୍ତରେ ଶେଷ ନିଦ୍ରାରେ ଶୁଆଇ ଦେବା ପାଇଁ ଅନୁମତି ପ୍ରାର୍ଥନା କଲା । ପ୍ରଥମ ପାଦରେ ହିଁ ଆବେଦନ ଖାରଜ ହୋଇଗଲା । କୌଣସି ନିର୍ଦ୍ଦୋଷ ମଣିଷକୁ ମାରିଦେବା ପାଇଁ ଅନୁମତି ଦେବା, ହତ୍ୟା କରିବା ସହ ସମାନ । ଏଭଳି ଅନୁମତି ଦେବାର ନଜିର୍ ମଧ୍ୟ ନାହିଁ । ଭାଙ୍ଗି ପଡ଼ିଲା ରାନୁ, କିନ୍ତୁ ସୌରଭ ଖୁସି ହେଲା ଏ ନିଷ୍ପତ୍ତିରେ । ମଳିନ ଉଦାସ ଦିନ ଗୁଡ଼ିଏ ଯଥାରୀତି କଡ଼ ଲେଉଟାଇ ଗଲେ । ରାନୁ ପୁଣି ଥରେ ଓକିଲ ଡକାଇ ନିଜ ତରଫରୁ କୋର୍ଟର ଏଭଳି ନିଷ୍ପତ୍ତି ବିରୁଦ୍ଧରେ ସୁପ୍ରିମ କୋର୍ଟରେ ଅପିଲ କଲା ।

କାଠଗଡ଼ାରେ ଠିଆ ହୋଇଛି ସ୍ୱୟଂ ମୃତ୍ୟୁ ନିଜ ପାଇଁ ମୃତ୍ୟୁ ମାଗିବାକୁ । ଆକୁତି କରୁଛି, ଦଇନି କରୁଛି । ମୃତ୍ୟୁର ଏ ଅଭିନବ ରୂପ ଦର୍ଶନରେ ବିଚାରାଳୟ ସ୍ତବ୍ଧ, ବିଚାରକମାନେ ନିର୍ବାକ । ଆଶଂକିତ ସେମାନଙ୍କର ସୀମାବଦ୍ଧ ନିୟମ କାନୁନ । ଅଥଚ ଅନ୍ତଃକରଣରେ ସେମାନେ ପ୍ରାର୍ଥନା କରୁଥିଲେ,'ଜୀବନର ଏ ଅପରିଚିତ କ୍ଷେତ୍ରରେ ସେମାନେ ବାଟବଣା ହୁଅନ୍ତୁ । ମୃତ୍ୟୁର ଜୟ ହେଉ ।'ସ୍ପେଶାଲ ବେଞ୍ଚର ବିଚାରକମାନଙ୍କ ମତଦାନ ସରିଲା । ତିନିଜଣଙ୍କ ମଧ୍ୟରୁ ଦୁଇ ଜଣ ରାନୁ ସପକ୍ଷରେ ମତ ଦେଇଥିଲେ । ଅବଶେଷରେ ପ୍ରକାଶିତ ହେଲା ସେହି ଐତିହାସିକ ରାୟ । 'ଜୀବନ୍ମୃତ ପତ୍ନୀକୁ ଆତ୍ମହତ୍ୟା କରିବାରେ ସାହାଯ୍ୟ କରିବ ତା'ର ନିରୁପାୟ ସ୍ୱାମୀ । ଏଥିପାଇଁ ତାକୁ କେହି ଦୋଷୀ ସାବ୍ୟସ୍ତ କରିପାରିବେନି । ନିଜ ସପକ୍ଷରେ ସାକ୍ଷ୍ୟ ଦେବାକୁ ପଡ଼ିବନି କି କୌଣସି ବିଚାରାଳୟ ତାକୁ ଶାସ୍ତି ଦେବେନି ଧର୍ତ୍ତବ୍ୟ ଅପରାଧ ଆଇନ ଅନୁସାରେ ।' ଏ ସମ୍ବାଦରେ ସାରା ଦେଶ ସ୍ତମ୍ଭୀଭୂତ । ରାନୁ ସୌରଭଙ୍କ ସହର ହୁଲ୍‌ସ୍ଥୁଲ୍ । ଆତ୍ମୀୟ ସ୍ୱଜନଙ୍କ ମଧ୍ୟରେ ଚାଞ୍ଚଲ୍ୟ, ବନ୍ଧୁବାନ୍ଧବଙ୍କର ଛାତି ଥରା ଦୀର୍ଘଶ୍ୱାସ, ଇର୍ଷାତୁର ଆଖିମାନଙ୍କରେ ବି ଅନୁକମ୍ପାର ପ୍ରଲେପ । ଶବକୁ ଶୁଣାଇ ଦିଆହୋଇଛି ମୃତ୍ୟୁର ପରୱାନା, ମୃତ୍ୟୁକୁ ଦେଖାଇ ଦିଆଯାଇଚି ମୁକ୍ତିର ପଥ ।

ବିହ୍ୱଳ ରାନୁର ଭିତରେ ବାହାରେ କୃତଜ୍ଞତାର ମେଘ ବର୍ଷି ଚାଲିଥାଏ ମୂଷଳ ଧାରାରେ । ସେ ଦେଖି ପାରୁନଥାଏ ସୌରଭର ଝଡ଼ ବିଧ୍ୱସ୍ତ ମୁହଁକୁ । ସମୟ ନଷ୍ଟ କରିବାପରି ସମୟ ନାହିଁ ସେମାନଙ୍କ ହାତରେ । ଅବିଶ୍ୱସ୍ତ ଭବିଷ୍ୟତର ପ୍ରତ୍ୟେକଟି ମୁହୂର୍ତ୍ତକୁ ଜଗିବାକୁ ପଡ଼ିବ । ନହେଲେ କ୍ଷଣ କ୍ଷଣକେ ଆନ ପୃଥିବୀରେ ଅନେକ କିଛି

Digitized by srujanika@gmail.com

ଅଦଳ ବଦଳ ହୋଇଯାଇପାରେ । ଯାହା କରାଯିବ ଏଇ ଦୁଇ ଦିନ ଭିତରେ । ଶ୍ରାଦ୍ଧ ଶାନ୍ତି ସାରିବାକୁ ବାରଦିନ ତ ନିଶ୍ଚିତ ଭାବରେ ଲୋଡ଼ା ହେବ । ତା'ପରେ ଯାଇ ସୌରଭର ବିଦେଶ ଯାତ୍ରା ସମ୍ଭବ ହେବ ନିର୍ଦ୍ଦିଷ୍ଟ ଦିନରେ - ଆଉ ପନ୍ଦର ଦିନ ପରେ ।

ଜୀବନର ସୀମାନ୍ତ ସଂକୁଚିତ ହୋଇ ଆସୁଛି । ଶେଷ ହୋଇଯିବ ସମସ୍ତ ଉଦ୍‌ବେଗ ଓ ଉତ୍‌କଂଠା । ତା'ପରେ କ'ଣ ? ଅନ୍ତରୀକ୍ଷ ? ଆଦିଗନ୍ତ ଶୂନ୍ୟତା ଭିତରେ ଅନନ୍ତକାଳ ବ୍ୟାପି ଭାସି ବୁଲିବା ? ବିଲୀନ ହୋଇଯିବାର ଏକ ନିରବିଚ୍ଛିନ୍ନ ପ୍ରକ୍ରିୟା ? ରାନୁର ଭାବନା ଶକ୍ତି ଲୋପ ହୋଇଯାଉଛି । ସେକେଣ୍ଡ କଣ୍ଟା ସୂଚାଇ ଦେଉଛି ସମୟର ସ୍ଥିତି । ସେକେଣ୍ଡ ମିନିଟ୍ ହେବ, ମିନିଟ୍ ଘଣ୍ଟା ହେବ .... । ରାତି ଅପସରିଯିବ । କୁଆଁତାରା ହୋଇ ମିଶିଯିବ ରାନୁ ପ୍ରାଚୀ ଆକାଶରେ । ସୂର୍ଯ୍ୟ ଉଇଁବ ସୌରଭର ନୂଆ ବାଟକୁ ଆଲୋକିତ କରି । ସେ ବାଟରେ କିନ୍ତୁ ରାନୁର ପାଦଚିହ୍ନ ପଡ଼ିବ ନାହିଁ ।

ଆଜି ରାତିର ପ୍ରତିଟି କ୍ଷଣ ରାନୁର ନିଜସ୍ୱ । କଥାର ସମୁଦ୍ର ମଥା କୋଡୁଛି ଅନ୍ତର ଭିତରେ । ଓଠରେ କୁନି କୁନି ଢେଉ । ''ଜୀବନାନନ୍ଦଙ୍କର ସେହି ଗୀତଟା, 'ଯେବେ ତନ୍ଦ୍ରା ଆସିବ ଘେରି' ଗାଅ ସୌରଭ, ଯାହା ତୁମେ ପ୍ରଥମ ରାତିରେ ଶୁଣାଇଥିଲ । ସେଦିନ ଭାବୁଥିଲି ଏ ଗୀତ କ'ଣ ଏମିତି ରାତିରେ କେହି ତା'ର ନବବଧୂକୁ ଶୁଣାଏ ? ଏବେ ଲାଗୁଛି, ସେ ଗୀତ ଜୀବନର ପ୍ରତିଟି ରାତିରେ ଶୁଣି ଥା'ନ୍ତି କି । ନା, ନା କ୍ୟାସେଟ୍ ନୁହେଁ । ନିଜେ ଗାଅ ନହେଲେ ଆବୃତ୍ତି କର 'ଶ୍ରୀରାଧା'ର ପଂକ୍ତି ସବୁ । ମୁଁ ମନେ ମନେ ତୁମ ସାଙ୍ଗରେ କଣ୍ଠ ମିଳାଇବି । ତୁମ ମନ ମୁତାବକ ମୋତେ ସଜାଇ ଦିଅ ନିଜ ହାତରେ । କପାଳରେ ଦିଅ ଟୋପା ଟୋପା ଚନ୍ଦନ । ତା' ମଝିରେ କୁଙ୍କୁମର ବିନ୍ଦୁ । ମୋ ଆଖିରେ କଜଳ ନାଇ ଦିଅ, ସୁନ୍ଥାରେ ରକ୍ତ ସିନ୍ଦୂର । ଓଠକୁ ଲାଲ ଟୁକ୍ ଟୁକ୍ କରିଦିଅ । ମୋ ଗଭାରେ ଦିଅ ମଲ୍ଲୀର ଗଜରା, ଗଳାରେ ଝୁଲାଇ ଦିଅ ବଉଳ ଫୁଲର ମାଳ । ଯୂଇ କଢ଼ରେ ମୋ ଚୂଡ଼ି କରିଦିଅ, ମାଳତୀ ଫୁଲରେ ବାଜୁବନ୍ଧ । ନୀଳ ରଂଗର ବନାରସୀ ପାଟଟା ପିନ୍ଧାଇ ଦିଅ ମୋତେ । ମୋତେ ସଜାଇ ଦିଅ ମଧୁରାତିର ବଧୂଟିଏ ପରି । ତା'ପରେ ଗାଅ ତୁମର ସେ ପ୍ରିୟ ଗୀତ, ''ନୀଳ ଶାଢ଼ୀ ଅଂଗେ ରାଣୀ, ସାଜି ସଜ ଫୁଲେ ବେଣୀ, କପାଳେ କୁଙ୍କୁମ ଗାର, ନୟନେ କଜ୍ଜଳ ଧାର ....' । ତୁମ ଛାତିରେ ଶୋଇ ସେଇ ଗୀତ ଶୁଣୁ ଶୁଣୁ ମୁଁ ଶୋଇଯାଏ, ଭୁଲିଯାଏ ମୋର ପଙ୍ଗୁ ଦେହକୁ, ଅଥର୍ବ ଜୀବନକୁ । ସେଇ ନିଃସ୍ୱପ୍ନ ନିଦର ବିଭୋର ଲଗ୍ନରେ ତୁମେ ବନ୍ଦ କରିଦିଅ ସବୁ ଯାନ୍ତ୍ରିକ ଉପଚାରର ସ୍ୱିଚ୍ । ମୋର ସେଇ ବଧୂ ବେଶ ତୁମ ଆଖିରେ ମାଖି ଦେଉ ମାୟାଞ୍ଜନ, ତୁମ ଅସ୍ଥିର ଭବିଷ୍ୟତ ସ୍ଥିର ହେଉ । ମୋ ଓଠର ଶେଷ ସ୍ପର୍ଶର ଉତ୍ତାପରେ

Digitized by srujanika@gmail.com

ଜଳିଉଠୁ ତୁମ ଛାତି ଖୋପର ସମସ୍ତ ଦୀପାଳୀ । ତୁମ ସ୍ୱର, ତୁମ ସ୍ପର୍ଶ ଆଉ ତୁମ ଲୁହକୁ ନେଇ ମୁଁ ଦେହରୁ ଦେହାତୀତକୁ ଚାଲିଯାଏ । ଇନ୍ଦ୍ରିୟାତୀତ ମୋର ସତ୍ତା ଭିତରେ କେବଳ ସେଇ ସ୍ୱର ଗୁଣୁଗୁଣଉ ଥାଉ । ସେଇ ସ୍ୱରେ ସ୍ୱରେ ମୁଁ ଚାଲିଯାଏ ଅନନ୍ତ ଶୂନ୍ୟତାକୁ ।''

ସୌରଭ ନୀରବରେ ରାନୁର ସମସ୍ତ ନିର୍ଦ୍ଦେଶ ମାନି ଯାଉଥିଲା, ଅଥଚ ଆଖିକୁ ଆଷାଢ଼ ଫେରୁ ନଥିଲା । ସେ ଆଖିରୁ ଖାଲି ଥୋପି ପଡୁଥିଲା ଏକ ଅନିର୍ବଚନୀୟ ଆକୁତି । ମୂକ ବଧିର ଶବ୍ଦମାନେ ପୁଣି ଆଖି ଉପକୂଳରେ ଏତିକି ମୁଖର ହୋଇପାରନ୍ତି ? ସୌରଭର ସମସ୍ତ ଭାବନା, ଅନୁଭବ ଦିଗ୍‌ବଳୟ ଯାଏ ପରିବ୍ୟାପ୍ତ ହୋଇ କେବଳ ଉଚ୍ଚାରଣ କରୁଥିଲା ଗୋଟିଏ ଶବ୍ଦ, 'ରାନୁ'....'ରାନୁ' । ଓଠ ନୁହେଁ, ମନ ନୁହେଁ, ଅବଶ ମାନ୍ତ୍ରିକ ପରି ଉଚ୍ଚାଟ ଆତ୍ମା ତା'ର କେବଳ ଉଚ୍ଚାରଣ କରୁଥିଲା ଗୋଟିଏ ମନ୍ତ୍ରିତ ଶବ୍ଦକୁ .....ରାନୁ ....ରାନୁ ...ରାନୁ.... !!!

□■□

Digitized by srujanika@gmail.com

ପ୍ରିୟ ପକ୍ଷୀର ଠିକଣା

ସସ୍‌ପେନ୍‌ରୁ ଫ୍ଲାସ୍କରେ ଚା ଢ଼ାଳୁ ଢ଼ାଳୁ ଫୋନ୍‌ଟାର କର୍କଶ ଶବ୍ଦରେ ହାତଟା ଚହଲିଯାଇ ଫ୍ଲାସ୍କ ବାହାରେ ଅଧେ ଚା ଢ଼ାଳି ହୋଇଗଲା । ହାତରେ ମୋଟେ ଛ' ମିନିଟ୍ ସମୟ । ଆକାଶଙ୍କ ପାଇଁ ଫ୍ଲାସ୍କରେ ଚା, ପିଲାଙ୍କ ପାଇଁ ହଟ୍‌କେଶରେ ଟିଫିନ୍ ସଜାଡ଼ି ରଖିଦେଲେ ତାର କାମ ଶେଷ । ନିଜ କାମ ତକ ଆଗରୁ ସାରି ଦେଇଛି ସେ । କେବଳ ଗ୍ୟାରେଜ୍‌ରୁ ଗାଡ଼ି ବାହାର କରି ଅଫିସ ପହଞ୍ଚିବା କଥା । ସେକେଣ୍ଡ କଣ୍ଟାରେ ବନ୍ଧା ସମୟ ଭିତରେ ଏ ଫୋନ୍ । ଧେତ୍, ଏ ଲୋକମାନଙ୍କର କ'ଣ କାମ ନାହିଁ ନା ସମୟ ଜ୍ଞାନ ନାହିଁ ! ଆଉ ପାଞ୍ଚ ମିନିଟ୍ ପରେ ଫୋନ୍ କରିଥିଲେ କ'ଣ ଚଳି ନଥାନ୍ତା ? ସେତେବେଳେ ତ ବାଧ ହୋଇ ଆକାଶ ଫୋନ୍ ଧରିଥାନ୍ତେ । ମେରୀ ଟେବୁଲ ଉପରୁ କର୍ଡ୍‌ଲେସ ଫୋନ୍‌ଟା ଉଠାଇ ଆଣି ଅନ୍ କଲା । 'ହାଲୋ ...' । ସେପାଖରୁ ଅସ୍ପଷ୍ଟ ସ୍ୱରରେ କିଏ କ'ଣ କହୁଛି ବୁଝି ହେଉନି । 'ଏତିକି ବେଳକୁ ଏମାନଙ୍କର ଘୋଷ୍ଟ କଲ୍ କରିବାକୁ ଥାଏ ?' ବିରକ୍ତିରେ ଫୋନ୍‌ଟା ଅଫ୍ କରିଦେଲା ମେରୀ । ଅଯଥାରେ ଦୁଇ ମିନିଟ୍ ସମୟ ନଷ୍ଟ । ପର୍ସଟା ହାତରେ ଧରି ପାଦରେ ଚପଲ ଗଳାଉ ଗଳାଉ ଫୋନ୍‌ଟା ପୁଣି ରିଂ ହେଲା । ଗୋଟେ ପାଦରେ ଫାଳେ ଚପଲ ପିନ୍ଧି ଫୋନ୍‌ଟା ଧରିଲା ମେରୀ । ସେ ପାଖରୁ କ୍ଷୀଣ ସ୍ୱରରେ 'ମେରୀ' ବୋଲି କିଏ କହୁଥିଲା । "ହାଲୋ, କିଏ ? ଟିକେ ଜୋର୍‌ରେ କୁହ !" ଏଥର ଉତ୍ତରଟା ପରିଷ୍କାର ଶୁଭିଲା କେତେକାଂଶରେ । "ମାମା, ତୁ ? ତୋ ସ୍ୱର କାହିଁକି ଏମିତି ଶୁଭୁଛି ? ଦେହ ଭଲ ଅଛି ତ ?" "ନାଇଁରେ ମୋ ଦେହଟା କାହିଁକି ଖୁବ୍ ଜୋର୍‌ରେ ଥରୁଛି । ଛାତିଟା କ'ଣ ହୋଇଯାଉଛି । ମୁଁ ଜାଣେ ତୁ ଅଫିସ ଯିବାକୁ ତରତର ହେଉଥିବୁ ।" "ତୋର ଜର ନାହିଁ ତ ? ତୁଳସୀକୁ

Digitized by srujanika@gmail.com

କହିଲୁ ଥର୍ମୋମିଟରରେ ଦେଖିଦେବ । ରହ, ମୁଁ ବଡ଼ଭାଉଜଙ୍କୁ ଫୋନ୍ କରି କହୁଛି ।'' ''ନା ନା, ତୁ ମୋତେ ବ୍ୟସ୍ତ ହ'ନା । ମୁଁ ଖାଲି କହୁଥିଲି ...'' ଆଉ କିଛି କଥା ଶୁଭିଲାନି । ଫୋନ୍‌ଟା କେଉଁଠି ଗୋଟେ ପିଟି ହୋଇଯିବାର ଶବ୍ଦ ଶୁଭିଲା ଥରକ ପାଇଁ । ମେରୀ 'ମାମା ମାମା' ଚିତ୍କାର କରୁଥାଏ । ଆକାଶ ଉଠି ଆସି ଫୋନ୍‌ଟା ଟାଣି ନେଇ 'ହାଲୋ' 'ହାଲୋ' ଯେତେ କହିଲେବି କୌଣସି ଉତ୍ତର ଆସୁନି ! ଲାଇନ୍ କାଟି ଦେଇ ଆକାଶ ଚାହିଁଲେ ମେରୀକୁ । ତାର ଉଦ୍‌ବିଗ୍ନ ମୁହଁକୁ ଦେଖି ପୁଣିଥରେ ଫୋନ୍ ଲଗାଇବାକୁ ଚେଷ୍ଟା କଲେ । ଅଥଚ ଲାଇନ୍ ଏନ୍‌ଗେଜ୍‌ଡ୍ । ଅଫିସ୍‌ବାହାରିଥିବା ମେରୀ କେଜାଣି କାହିଁକି ଲଥ୍ କରି ସୋଫାରେ ବସି ପଡ଼ିଲା । ମନଟା ମୋଟେ ଭଲ ଲାଗୁନି । ଛାତି ଭିତରଟା କେମିତି ଗୋଟେ ଉତୁରି ପଡ଼ିଲା ପରି ଲାଗୁଛି । କ'ଣ ଭାବି ଆକାଶ କହିଲେ, ''ଟିକେ ଡେରି ହେଉ ପଛେ ତମେ ଅଧ ଘଣ୍ଟେ ବସିଯାଅ । ତର ତର ହୋଇ କାମ ସାରି ଏମିତି ଅଫିସ ବାହାରିବାରୁ ତମ ପଲ୍‌ପିଟେସନ୍ ବଢ଼ିଯାଉଛି । ଟିକିଏ ଡେରି ହୋଇଗଲେ ଅଫିସ୍ ମୋଟେ ଭାସିଯିବନି ।''

ପନ୍ଦର ମିନିଟ୍ ପରେ ରାଉରକେଲାରୁ ବଡ଼ ଭାଉଜ ଫୋନ୍ କରି ସେଇ ଦାରୁଣ ଦୁଃସମ୍ବାଦଟି ଜଣାଇଦେଲେ । ଫୋନ୍ କରୁଥିବା ଅବସ୍ଥାରେ ହିଁ ମାମାର ମାସିଭ୍ ହାର୍ଟଆଟାକ୍ ହୋଇଛି । ଡ଼ାକ୍ତର ଡ଼ାକିବାକୁ ମଧ୍ୟ ସମୟ ମିଳିନି । ଆକାଶ ଓ ମେରୀ ସାଙ୍ଗେ ସାଙ୍ଗେ ହାଇଦ୍ରାବାଦ୍‌ରୁ ପ୍ରାଇଭେଟ୍ ଫ୍ଲାଇଟ୍‌ରେ ରାଉରକେଲା ବାହାରି ପଡ଼ିଲେ । ଭାଗ୍ୟକୁ ଟିକେଟ ମିଳିଗଲା । ଆଠ ବର୍ଷର ପୁଅ ମିଟୁ ଓ ଛ' ବର୍ଷର ଝିଅ ଶୀଟୁ ମେରୀର ଦୁଇପାଖରେ ଲେସି ହେଲା ପରି ବସିଥାନ୍ତି । ହଠାତ୍ ଯେମିତି ସେମାନେ ବଡ଼ ପିଲା ହୋଇଯାଇଛନ୍ତି । ମମିର ଲୁହ ଗାଧୁଆ ମୁହଁକୁ ଥରେ ଥରେ ଚାହିଁ ଦେବା ଛଡ଼ା କାହାରି ମୁହଁରୁ ପଦଟିଏ ବି କଥା ବାହାରୁ ନଥାଏ । ନିର୍ବାକ ଆକାଶ କେବଳ ନିରବ ସାନ୍ତ୍ୱନାର ହାତଟିଏ ଥୋଇ ଦେଇଥାନ୍ତି ମେରୀ କାନ୍ଧ ଉପରେ ।

ସାନ ଝିଅ ବୋଲି ବହୁ ବର୍ଷଯାଏ ମାମାର କୋଳପଶା କଅଁଳା ପିଲାଟିଏ ହୋଇ ରହିଥିଲା ମେରୀ । ମ୍ୟାନେଜ୍‌ମେଣ୍ଟ ପଢ଼ିବାକୁ ଦିଲ୍ଲୀ ଗଲାବେଳେ ମାମାର ସେ କି କାନ୍ଦ ! ବାବା ଯେତେ ବୁଝାଇଲେ ବି ଜିଦ୍ କରି ତା' ସାଙ୍ଗରେ ଯାଇ ବଡ଼ମାମୁଁଙ୍କ ଘରେ ମାସେ କାଳ ରହି ଫେରିଥିଲା ମାମା । ଏଡ଼େ ବଡ଼ ଝିଅଟିଏ ହେଲେ ବି ମାମା ପାଖରେ ମୁହଁ ଗୁଞ୍ଜି ସେ ଶୁଏ । ବଡ଼ ଦି ଭାଇ, ଦି' ଅପା ସେଥିପାଇଁ ଯେତେ ଚିଡ଼ାଇଲେ ବି ମେରୀର ଭ୍ରୁକ୍ଷେପ ନ ଥାଏ । ସେ ଭାବେ ତା' ମାମାକୁ ତା'ଛଡ଼ା କେହି ବୁଝିପାରନ୍ତି ନାହିଁ । ମାମାର ହସ ହସ ମୁହଁରେ କେଉଁ ରେଖା କେଉଁ ମାଂସପେଶୀ କେତେ ବଦଳିଲେ

Digitized by srujanika@gmail.com

ସେ ଯନ୍ତ୍ରଣା ପାଉଥିଲା, ନିଜ କଷ୍ଟ ଲୁଚାଇଲାବେଳେ କେଉଁ ଶିରା କେତେ ଟାଣି ହେଉଥିଲା, ସେ କଥା ମେରୀ ହିଁ କେବଳ ଜାଣି ପାରୁଥିଲା । ସେଥିପାଇଁ ତ ସେମିତି ବେଦନା ମଥିତ ବେଳାମାନଙ୍କରେ ମେରୀ ଆଖିରୁ ନିଜକୁ ଲୁଚାଇବାକୁ ମାମାର ପ୍ରାଣାନ୍ତକ ଚେଷ୍ଟା ।

ମାମା ସାଙ୍ଗରେ ସେ ଚର୍ଚ୍ଚ ଯାଏ, ହୋଲି ବାଇବେଲ୍ ପଢ଼େ । ବଡ଼ ଦିନରେ କେକ୍ ପୁଡିଂ ତିଆରି କରେ, କ୍ରିଷ୍ଟମାସ ଟ୍ରି ସଜାଏ । ରଜ, ଅଷ୍ଟମୀ, କୁଆଁର ପୁନେଇଁ ମାମା ଯେମିତି ପାଳେ, ଇଷ୍ଟର କି ଗୁଡ୍ ଫ୍ରାଇଡେ ବି ସେମିତି ମାନେ । ଜେଜେମା' ବଂଚିଥିବାତକ ମାମା ଲୁଚି ଲୁଚି ଚର୍ଚ୍ଚ ଯାଏ, ରାତିରେ କବାଟ ବନ୍ଦ କରି ବାଇବେଲ ପଢ଼େ । ଆଉ ତା' ମୁହଁକୁ ଚାହିଁ ବସିଥାଏ ଟିକି ମେରୀ । ତା'ର କୁନି କୁନି ହାତରେ ମାମା ଆଖିରୁ ଲୁହ ପୋଛି ଦିଏ । ସେତେବେଳେ ମାମା ତାକୁ ଛାତିରେ ଜାକି ଧରି କହେ, ''ତୁ ତ ମୋ' ମା, ମୋ ପ୍ରଭୁଙ୍କ ମା' । ତୁ ମୋ କଥା ବୁଝିବୁନିତ ଆଉ କିଏ ବୁଝିବ ?'' କୁନି ମେରୀ ସେଇ ମୁହୂର୍ତ୍ତରେ ଯେମିତି ମୂର୍ତ୍ତ ହୁଏ ଫଟୋରେ ଦେଖିଥିବା ସେଇ ଅନନ୍ତ କରୁଣାମୟୀ ମାତୃ ମୂର୍ତ୍ତି 'ମଦର ମେରୀ'କୁ । ତା'ର କୁନି ଦେହରେ ମଦର ମେରୀ କାୟାପ୍ରବେଶ କରି ସାରା ସଂସାରର ପାପୀମାନଙ୍କୁ ତାଙ୍କର ଅନନ୍ତ କରୁଣା ସାଗରରେ ଭସାଇ ନିଅନ୍ତି । ପୁତ୍ର ପିତୃହନ୍ତାମାନଙ୍କୁ ଅକାତରେ କ୍ଷମିଯା'ନ୍ତି ଯେମିତି । ଅପା ଓ ଭାଇମାନେ କିନ୍ତୁ ଜେଜେମା, ଖୁଡ଼ୀ ବଡ଼ମା'ମାନଙ୍କ ପରି ମାମାର ଚର୍ଚ୍ଚଯିବା, ପ୍ରାର୍ଥନା କରିବାକୁ ନେଇ ଥଟ୍ଟା କରନ୍ତି । ମେରୀ ଶୁଣିଛି, ମାମାକୁ ବିବାହ କରିବା ଅପରାଧରେ ବାବାଙ୍କୁ ବହୁ ବର୍ଷଯାଏ ତାଙ୍କ ଜନ୍ମମାଟିରେ ପାଦ ରଖିବାକୁ ଅନୁମତି ଦିଆଯାଇ ନଥିଲା । ଜେଜେବାପାଙ୍କ ମୃତ୍ୟୁପରେ ହିଁ ଜେଜେମା କାନ୍ଦି କାଟି ବାବା ଆଉ ମାମାଙ୍କୁ ଘରକୁ ଆଣିଥିଲେ । ହେଲେ ମାମାକୁ ଠାକୁର ଘରେ ପଶିବାର ଅଧିକାର ଦିଆଯାଇ ନଥିଲା । ଓପାସ ବ୍ରତ ଦିନମାନଙ୍କରେ ଜେଜେମା' ମାମା ହାତରୁ ପାଣି ଛୁଉଁ ନଥିଲେ । ତଥାପି ବି ଜେଜେମା ଯେତେ ଓପାସ ବ୍ରତ କରୁଥିଲେ, ମାମା ସେସବୁ ଶ୍ରଦ୍ଧାର ସହ ପାଳୁଥିଲା । ଏତେ ବଡ଼ ସିନ୍ଦୂର ଟୋପା ଲଗାଇ, ନାଲି ଧଡ଼ି ମଠା ପିନ୍ଧି ମନ୍ଦିରକୁ ଯାଉଥିଲା । ଯତ୍ନରେ ପିଠା ପଣା କରି ବନ୍ଧୁ ବାନ୍ଧବ ସାହି ପଡ଼ିଶାଙ୍କୁ ଖୁଆଉ ଥିଲା । ଜେଜେମା'ଙ୍କ ପୂଜା ପାଇଁ ଫୁଲ ତୋଳିବା, ଠାକୁର ବାସନ ମାଜିବା, ଚନ୍ଦନ ଘୋରିବା ପରି ସବୁ କାମ କେଡ଼େ ଆନନ୍ଦରେ କରୁଥିଲା ! ଧୀରେ ଧୀରେ ଜେଜେମା' ତାକୁ ଠାକୁର ପୂଜା କରିବାର ଅଧିକାର ଦେଲେ । ''ଏମିତି ବୋହୂ ଭାଗ୍ୟରେ ଥିଲେ ମିଳେ'' ବୋଲି ସମସ୍ତଙ୍କ ଆଗରେ କହି ବୁଲିଲେ । ମାମାର ତପସ୍ୟା ସଫଳ

Digitized by srujanika@gmail.com

ହେଲା । ନିଜକୁ ସେ ଅନ୍ୟମାନଙ୍କ ଭିତରେ ହଜେଇ ଦେଲା । ତଥାପି ତା' ମନର କେଉଁ ନିଭୃତରେ ଦୀପଟିଏ ହୋଇ ଦିକ୍ ଦିକ୍ ଜଳୁଥିଲେ ପ୍ରଭୁ ଯୀଶୁ । ସେ ଯେମିତି ମାମାର ଅନ୍ଧାରିତ ପଥକୁ ଆଲୋକିତ କରୁଥିଲେ ।

ମେରୀ ବାହାଘରର ଛ' ମାସ ପରେ, ମାତ୍ର ଦୁଇଟା ଦିନର ଜରରେ ବାବା ଚାଲିଗଲେ ଆକାଶର ତାରାଟିଏ ହୋଇ । ଏଣିକି ମାମା ପାଇଁ ସଂସାରଟା ପଦ୍ମ ପତ୍ର ପାଲଟି ଗଲା, ଆଉ ସେ ତା' ଉପରେ ଢ଼ଳ ଢ଼ଳ ହେଉଥିବା ବିନ୍ଦୁଏ ଜଳ । ନିଜ ସଂସାରର ଛୋଟ ପରିଧି ତାକୁ ଆଉ ଧରି ରଖି ପାରିଲାନି । ସେ ବିନ୍ଦୁରୁ ନଈଟିଏ ହୋଇ ନିଜକୁ ବୁହାଇ ଦେଲା । ଅନାଥ ଅସହାୟମାନଙ୍କ ଆର୍ତ୍ତିକୁ ସାଉଁଟି ଲାଗିଲା ନିଜ ବୁକୁରେ । ତଥାପି ଭାଇ ଭାଉଜମାନଙ୍କ ମନରେ ଅନୁଚ୍ଚାରିତ ଅସନ୍ତୋଷ କୁହୁଳୁଥିଲା । ମାମା ଯେ ଜାଣୁ ନଥିଲା, ତା ନୁହେଁ । ସେ କିନ୍ତୁ ତା'ର ସ୍ୱଭାବସିଦ୍ଧ ଉଦାରତାରେ ସେ ସବୁକୁ ଅଗ୍ରାହ୍ୟ କରି ଦେଉଥିଲା । କୁହୁଳା ଅସନ୍ତୋଷ ସବୁ ସେଇଦିନ ନିଆଁ ହୋଇ ଜଳି ଉଠିଲା, ଯେଉଁଦିନ ପନ୍ଦର ଷୋଳ ବର୍ଷର ସର୍ବହରା ମୂକ ଝିଅଟିଏକୁ ଆଣି ଘରେ ରଖିବ ବୋଲି ମାମା ଘୋଷଣା କଲା । ନିଜର କଲଚର୍ଡ ପିଲାମାନଙ୍କୁ ଗୋଟାଏ ଅର୍ଦ୍ଧିତ ଗାଉଁଲୀ ଝିଅ ସାଙ୍ଗରେ ରଖି ସେମାନଙ୍କ ଭବିଷ୍ୟତକୁ ନଷ୍ଟ କରିବାର ରିସ୍କ ନେଇ ପାରିବେନି ବୋଲି ଭାଉଜମାନେ ସିଧା ମନା କରିଦେଲେ । ଅବଶ୍ୟ ଭାଇମାନଙ୍କର ନିରବ ସମର୍ଥନ ପ୍ରଚ୍ଛନ୍ନ ଥିଲା । ଅନେକ ଦିନରୁ ଭାଗ ହୋଇସାରିଥିବା ମନମାନେ ଅଲଗା ଅଲଗା ଘର ଆବୋରି ନେଲେ । ବାବାଙ୍କ ସ୍ମୃତି ପହଁରା ଘର ଖଣ୍ଡିକ ଜାବୁଡ଼ି ଧରି ମାମା ପଡ଼ି ରହିଲା ଏକା ତୁଳସୀକୁ ଭରସା କରି ।

ମାମା ହିଁ ଝିଅଟିର ନାଁ ଦେଇଥିଲା 'ତୁଳସୀ' । କେହି ଏପରି ନାମ କରଣର କାରଣ ପଚାରିଲେ ମାମା କହେ, ''କେହି ତା'ର ତୁଲ୍ୟ ନୁହେଁ ବୋଲି ତ ସେ ତୁଳସୀ ।'' ମାମା ଚାହୁଁଥିଲା, ଅନ୍ତତଃ ରବିବାର ଓ ଛୁଟି ଦିନମାନଙ୍କରେ ପୁଅବୋହୂ, ନାତି, ନାତୁଣୀମାନେ ମାମା ଘରେ ଏକାଠି ହୁଅନ୍ତୁ । ସକାଳର ବ୍ରେକ୍‌ଫାଷ୍ଟଠାରୁ ରାତିର ଡ଼ିନର୍ ଯାଏ ମାମା ନିଜ ହାତରେ ପ୍ରସ୍ତୁତ କରି ସମସ୍ତଙ୍କୁ ଖୁଆଇ ଦିଅନ୍ତା । ହୋହଲ୍ଲାରେ ଦିନଟା କଟି ଯା'ନ୍ତା । କିନ୍ତୁ ସେଇ ଛୁଟି ଦିନଟି ଭାଉଜମାନେ ନିଜ ନିଜର ସ୍ୱାମୀ ଓ ପିଲାମାନଙ୍କୁ ଏକାନ୍ତଭାବରେ ପାଇଥାନ୍ତି । ସେ ଦିନଟା ଯଦି ଅନ୍ୟ ଇଚ୍ଛାମତେ ରୋଷେଇ ଓ ଶୃଙ୍ଖଳା ମନରଖା କଥାବାର୍ତ୍ତାରେ ଅପଚୟ ହୁଏ, କେହି କ'ଣ ବରଦାସ୍ତ କରିବ ? ସେଥିପାଇଁ ଏମିତି ଦିନମାନଙ୍କରେ ଖବର ପହଞ୍ଚେ, କୋଉ ଭାଇର ଜରୁରୀ ମିଟିଂ କି ଟୁର୍ ଅଛି, କୋଉ ପିଲାର କମ୍ପିଟିସନ୍ ବା କୋଉ ଭାଉଜର ସପିଂ ଅଛି, କିମ୍ବା କାହାର ଗୀଟାର

Digitized by srujanika@gmail.com

କ୍ଲାସ ଅଛି । ତା'ଛଡ଼ା ପୂଜା, ଉତ୍ସବ ସିନେମା ଇତ୍ୟାଦି ତ ରହିଛି । ତେଣୁ ଆସିବା ସମ୍ଭବ ହୋଇପାରୁନି । ମୋଟ୍ ଉପରେ ମାମାର ସଂସ୍କାର ମୁକ୍ତ ଉଦାରତା ହିଁ ସେମାନଙ୍କ ସାତ ସିଆଁ ସଂସ୍କାରସବୁର ପ୍ରତିଦ୍ୱନ୍ଦ୍ୱୀ ହୋଇ ଠିଆ ହେଉଥିଲା । ଅଥଚ ଏଡ଼େ ସରଳ କଥାଟିକୁ ବୁଝିବାକୁ ମାମାକୁ ଚାରିମାସ ଲାଗିଗଲା । ସାନ ଅପା ଯେତେବେଳେ ଏଭଳି ଏକ ଇଚ୍ଛାର ଅପ୍ରାସଙ୍ଗିକତା ବିଷୟରେ ମାମାକୁ ବୁଝାଇଦେଲା ସେତେବେଳେ ଏଭଳି ଏକ ଇଚ୍ଛାକୁ ପିଲାଙ୍କ ଉପରେ ଲଦି ଦେଉଥିବାରୁ ଲଜ୍ଜିତ ହେଲା ସେ । ଏ ବ୍ୟବସ୍ଥାକୁ ବାତିଲ କରିଦେଇ ସମସ୍ତଙ୍କୁ ମୁକ୍ତ କରିଦେଲା । ଏଣିକି ନିଜ ନିଜ ଇଚ୍ଛାରେ ଓ ସୁବିଧାମତେ ସେମାନେ ଯା'ଆସ କଲେ । ନାତୁଣୀ ରୋଜି ଓ ଦୁଇ ନାତି ଟିଟୁନ୍, ମିଠୁନ୍ ଥିଲେ ଜେଜେମା'ଗତ ପ୍ରାଣ । ମା'ମାନଙ୍କର ମିଲିଟାରୀ ଶାସନ ଘେରରୁ କିଛି ସମୟ ତ୍ରାହି ପାଇ ଜେଜେମା'ଙ୍କ ସ୍ନେହକୋମଳ ଛାୟାରେ ସେମାନେ ନିଃଶ୍ୱାସ ମାରିପାରୁଥିଲେ । ତୁଳସୀ ବି ସେଇ କେତେ ସମୟ ଏମାନଙ୍କୁ ପାଇ ଉଚ୍ଛାଟ ରତୁଟିଏ ପାଲଟି ଯାଉଥିଲା । ଦରକାର ନଥିଲେ ବି ଭାଉଜମାନଙ୍କ ପାଖରେ ପୁଷି ବିଲେଇ ପରି ଘଷି ହେଉଥିଲା । ତା'ର ଆସିଲା ବେଳର ନହନହକା ଦେହଟା ଧୀରେ ଧୀରେ ମାଉଁସେଇ ଆସୁଥିଲା । ମଉଳା ମୁହଁରେ ଫୁଲଫୁଟା ବେଳଟିଏ ଚହଟି ଆସିବାକୁ ସୁଯୋଗ ଖୋଜୁଥିଲା । ଭାଉଜମାନେ କିନ୍ତୁ ସେଇ ଏଡ଼ିକି ଟିକିଏ ଝିଅଟାକୁ ବି ନିଜ ନିଜ ସ୍ୱାମୀମାନଙ୍କ ଆଖି ଉହାଡ଼ରେ ରଖିବାକୁ ଚେଷ୍ଟା କରି ମାମା ଘରକୁ ନ ଆସିବାର ବାହାନା ଖୋଜୁଥିଲେ ।

ତୁଳସୀ ଖୁବ୍ କମ୍ ଦିନରେ ମାମାର ସ୍ୱଘୋଷିତ ଅଭିଭାବକ ପାଲଟି ଯାଇଥିଲା । ରାତି ଏଗାରଟା ବାଜିଗଲେ ଜୋର୍ କରି ମାମା ହାତରୁ ଖାତା କଲମ ବହି ଛଡ଼ାଇ ଆଣୁଥିଲା । ଜବର ଦସ୍ତ ବଳେଇ ବଳେଇ ଖୁଆଇ ଦେଉଥିଲା । ମାମା ଖାଇବାକୁ ମନା କଲେ ରୁଷିଯାଉଥିଲା । ଗରମ ପାଣିରେ ମାମାର ଗୋଡ଼ ଧୋଇ କ୍ରିମ୍ ଘଷି ଦେଉଥିଲା । ଯାଉଣୁ ଆସୁଣୁ ଘରର କିଛି ଅସଜଡ଼ା ଆଖିରେ ପଡ଼ିଲେ ସଜାଡ଼ି ରଖୁଥିଲା । ସେମିତି ତୁଳସୀର କାଶ କି ଛିଙ୍କ ଟିକିଏ ହେଲେ ମାମା ବିବ୍ରତ ହୋଇ ପଡୁଥିଲା । ତୁଳସୀ ଗାଧୋଇ ନଥିଲେ କି ଖାଇ ନଥିଲେ ମାମା ପାଟିରେ ଘର କମ୍ପୁଥିଲା । ମୋଟ୍ ଉପରେ ମାମା ଓ ତୁଳସୀ ପରସ୍ପରର ଆଶାବାଡ଼ି ପାଲଟି ଯାଇଥିଲେ । ତୁଳସୀର ଲୁହଧୁଆ ପଣତରେ ମାମା ତା' ହସ ପୋଛୁଥିଲା । ମାମାର ଅଭୟ ଅଂଚଳ ତଳେ ହଜିଯାଉଥିଲା ତୁଳସୀର ଧୂସର ଅତୀତର ସ୍ମୃତି । ମାମାର 'ମା ତୁଳସୀ !' ଡ଼ାକ ପଦକରେ ମୁହଁ ତା'ର ମୁକୁଳି ଯାଉଥିଲା ପଦ୍ମ ଫୁଲ ପରି । ତା ଆଖିର ଭାଷା ମାମା ହିଁ କେବଳ ପଢ଼ି ପାରୁଥିଲା ନିର୍ଭୁଲ ଭାବରେ । ମାମା ପାଖରେ ତୁଳସୀ ଥିବାରୁ ଭାଇ ଭାଉଜ ଓ

Digitized by srujanika@gmail.com

ଅନ୍ୟମାନେ ବି ନିଶ୍ଚିନ୍ତରେ ନିଜ ନିଜ ମୁତାବକ ଜୀବନ ବଞ୍ଚୁଥିଲେ ।

ଦୁଆର ମୁହଁରେ ଟାକ୍ସିରୁ ଓହ୍ଲାଇଲାବେଳକୁ ମେରୀର ଗୋଡ଼ ହାତରେ ଜୀବନ ନଥାଏ । ପରିସ୍ଥିତିକୁ ସାମ୍ନା କରିବାକୁ ଯେତେ ବଳ ସଂଚିଲେ ବି ସବୁ ନିଅଣ୍ଟ ପଡୁଥାଏ । ବାଟଯାକ ତା'ର ଭାଙ୍ଗି ପଡୁଥିବା ଦେହ ମନକୁ ଆକାଶ ଢ଼ିରା ଦେଇ ଦେଇ ଆଣିଛନ୍ତି । ଘର ସାମ୍ନାରେ ଗଛବୃଛ ପରି ନିରବ ଲୋକ ଗୁଡ଼ିଏ ଝାଉଁଳା ମୁହଁଟିମାନ ନେଇ ଠିଆ ହୋଇଥାନ୍ତି । ବାହାରେ ଦୁଇ ଭାଇ ଛିଡ଼ା ହୋଇ କାହା ସାଙ୍ଗରେ କ'ଣସବୁ ପରାମର୍ଶ କରୁଥାନ୍ତି । ମେରୀକୁ ଦେଖି ନିଥର ଭିଡ଼ଟି ହଠାତ୍ ଚଞ୍ଚଳ ହୋଇଉଠିଲା । ଦୁଇ ଭାଇ ଆଗେଇ ଆସିଲେ । ଏତେବେଳ ଯାଏ ପଥର ଚାପା ତଳେ ଗୁମୁରି ଉଠୁଥିବା କୋହଟା ଝର ଝର ହୋଇ ନିଗିଡ଼ି ପଡିଲା । ଭାଇମାନେ ବି ମେରୀ ସାଙ୍ଗରେ ବଡ଼ପାଟିରେ କାନ୍ଦି ଉଠିଲେ । ବୟସ, ପଦ ମର୍ଯ୍ୟାଦା, ସ୍ଥାନ, କାଳ, ପାତ୍ର ସବୁ ଭାସିଗଲା ସେଇ କାନ୍ଦର ସୁଅ ତୋଡ଼ରେ । ଭିତରୁ ତୁଳସୀର ହାଉ ହାଉ କାନ୍ଦ ସାଙ୍ଗକୁ ସମ୍ମିଳିତ ବାହୁନାର ସ୍ୱର ଆବହମଣ୍ଡଳକୁ ଆହୁରି କରୁଣେଇ ଦେଲା । ଅପା, ଭାଉଜମାନେ ପଣତ କାନିରେ ଲୁହ ପୋଛୁ ପୋଛୁ ମେରୀକୁ ଘର ଭିତରକୁ ଟାଣି ନେଲେ ।

ଚନ୍ଦନ, ଫୁଲ, ମଠା ଶାଢ଼ୀରେ ସଜେଇ ହୋଇ ବରପୂର୍ବା ଝିଅଟି ପରି ମାମା ଶୋଇଛି । ମୁହଁରେ ଯନ୍ତ୍ରଣା ବା ଅବସାଦର ଚିହ୍ନ ଟିକିଏ ବି ନାହିଁ । ଲାଗୁଛି ଏଇଲାଗେ ପଚାରି ଦେବ, ''ଏତେ ଡ଼େରି କଲୁ ଯେ ? ବାଟରେ କିଛି ଅସୁବିଧା ହୋଇନି ତ ? ଜୋଇଁ ଆସିଛନ୍ତି ନା ନାହିଁ ? .... '' ମେରୀର ଅନ୍ତ ନାଡ଼ି ଦୁହିଁ ହୋଇଗଲା କାନ୍ଦର ତୋଡ଼ରେ । ମାମା ଛାତି ଉପରେ ଲୋଟି ପଡ଼ି 'ମାମା ମାମା' ଡ଼ାକି ଦୋହଲେଇ ପକାଇଲା ନିର୍ଜୀବ ଦେହଟାକୁ । କାନ୍ଦୁରା ପରିବେଶଟା ଆହୁରି କାନ୍ଦୁରା ହୋଇଗଲା । ବଡ଼ ଭାଇ ଆସି ଜୋର୍ କରି ତାକୁ ଉଠାଇ ଆଣିଲେ ମାମାର ଛାତି ଉପରୁ । ଅତି ଆଦରରେ ତାକୁ ସାହାରା ଦେଉ ଦେଉ କହିଲେ ''ଏମିତି ହେଲେ ମାମା କ'ଣ ଫେରି ଆସିବ ? ଦେଖ୍, ଆମେ ସମସ୍ତେ ଅଛୁ ତୋ ପାଇଁ । ତୁ କ'ଣ ଖାଲି ମାମାର ଗେହ୍ଲା ଝିଅ ? ଆମର ବି ତ ଗେହ୍ଲା ଭଉଣୀ । କେବଳ ତତେ ଅପେକ୍ଷା ଥିଲା । ଆଉ ଡ଼େରି କଲେ ବଡ଼ି ଡିକମ୍ପୋଜ ହେବାକୁ ଆରମ୍ଭ କରିବ । ଯେମିତି ହେଲେ ସନ୍ଧ୍ୟା ଆଗରୁ ସବୁ କାମ ସାରିବାକୁ ପଡ଼ିବ । ଉଠ୍, ସ୍ଥିର ହ' ।'' ସାନ ଅପା ଆସି ମେରୀକୁ ଭାଇର କୋଳରୁ ଟାଣି ନେଲାବେଳେ କ'ଣ ସବୁ କହିଯାଉଥାଏ, ମେରୀ କାନରେ କିଛି ପଶୁ ନଥାଏ । ସେ କେବଳ ଏକ ଆଁ କରା ଶୂନ୍ୟତା ଭିତରେ ପହଁରୁଥାଏ । ଏ କୂଳ ନାହିଁ କି ସେ କୂଳ ନାହିଁ । ଖାଲି ସେଇ ଶୂନ୍ୟତା ଭିତରୁ ମାମାର ସ୍ୱର ଶୁଭିଯାଉଥାଏ ତୁହାକୁ

Digitized by srujanika@gmail.com

ତୁହା । କାଲି ରାତିରେ ଟେଲି ଫୋନ୍‌ରେ ମାମା ତା' ସାଙ୍ଗରେ ଘଣ୍ଟାଏ କାଳ ଗପିଥିଲା । ସେତେବେଳେ ସେ କ'ଣ ଜାଣିଥିଲା ତା'ପାଇଁ ଆଜି ଠାରୁ ପୃଥିବୀ ମାମାଶୂନ୍ୟ ହୋଇଯିବ ବୋଲି ? ମେରୀ ମୁହଁ ଗୁଞ୍ଜି ଦେଲା ସାନ ଅପା କାନ୍ଧରେ । ବଡ଼ ଅପା ଆସି କହିଲା, ''ଶୀଘ୍ର ଆସ ମାମା ଦେହରୁ ଯାହା ଗହଣା ଅଛି ଖୋଲି ଦେବା । କୋକେଇ ସଜ ହେଲାଣି । ସାହି ପଡ଼ିଶା କେତେବେଳଯାଏ ଆଉ ଓପାସ ଭୋକରେ ବସିଥିବେ ?''

''କ'ଣ କହିଲୁ, କୋକେଇ ?'' ମେରୀ ଛାତି ଭିତରେ ଯୁଦ୍ଧ ଦାମାମା ଢ୍ରୋ'କିନା ବାଜି ଉଠିଲା । ଏଇଥିପାଇଁ ତ ସେ ସାରା ବାଟ ଯାକ ନିଜକୁ ପ୍ରସ୍ତୁତ କରିବାକୁ ଚେଷ୍ଟା କରୁଥିଲା । ''ନା - ନା''ମୁଣ୍ଡ ହଲାଇ ହଲାଇ ମେରୀ ଧାଇଁଗଲା ବଡ଼ ଭାଇଙ୍କ ପାଖକୁ । ବନ୍ଧୁବାନ୍ଧବଙ୍କ ଭିଡ଼ ଭିତରେ ଦୁଇ ଭାଇ ଠିଆ ହୋଇଥାନ୍ତି । ମେରୀ ଭୁଲିଗଲା, ସେ ସବୁଠାରୁ ସାନ, ଭୁଲିଗଲା ନାରୀଟିଏ ଏତେ ଲୋକଙ୍କ ଆଗରେ ବଡ଼ ପାଟି କରି କଥା କହିବା ଅନୁଚିତ, ଭୁଲିଗଲା ବାହା ହୋଇ ସାରିଥିବା ଝିଅର ଲକ୍ଷ୍ମଣରେଖା । ବଡ଼ଭାଇଙ୍କ ହାତଧରି ଅଝଟ ପିଲାଙ୍କ ପରି ସେ ଚିତ୍କାର କରୁଥିଲା, ''ମାମା ପାଇଁ କୋକେଇ ସଜାଡ଼ନି ଭାଇ ! ସେ କୋକେଇରେ ଯିବନି ।'' ବଡ଼ଭାଇ ତା ମୁଣ୍ଡକୁ ଯେତିକି ସାଉଁଳୁଥାନ୍ତି, ସେ ସେତିକି ଅଧୈର୍ଯ୍ୟ ହେଉଥାଏ । ''ପିଲାଙ୍କ ପରି ହ'ନା ମେରୀ, ଧୈର୍ଯ୍ୟ ଧର । ତୁ ଏମିତି ହେଲେ ଲୋକେ କ'ଣ କହିବେ କହିଲୁ !'' ବଡ଼ଭାଇଙ୍କ କଥାରେ ଆହତ ବାଘୁଣୀ ପରି ଗର୍ଜି ଉଠିଲା ମେରୀ,'' ତମେ କ'ଣ ଜାଣିନ ମାମାକୁ କଫିନ୍‌ରେ ନେଇ କବର ଦିଆଯିବ ବୋଲି ?'' ବଜ୍ରଟାଏ ପଡ଼ିଗଲା ଯେମିତି । କୌତୁହଳୀ ଭିଡ଼ଟି ଚାରିପାଖରୁ ନିକଟେଇ ଆସିଲା । ସମସ୍ତଙ୍କ ମୁହଁ ଉପରେ ଅବିଶ୍ୱାସ, ଉତ୍କଣ୍ଠାର ଛାଇ ପହଁରି ଯାଉଥାଏ । ''ତୋ ମୁଣ୍ଡ ଠିକ୍ ଅଛି ତ ?'' ବଡ଼ ଭାଇଙ୍କ ସ୍ୱର ଚାବୁକ୍ ହୋଇ ପିଟି ହୋଇଗଲା ମେରୀ ଦେହରେ । ''କବର ଦିଆଯିବ ଆମ ମାମାକୁ ? ତୁ ଭିତରକୁ ଯା । ଆରେ କିଏ ଅଛ ଯାକୁ ଟିକେ ସମ୍ଭାଳିଲ !'' ସାନଭାଇ, ଭାଉଜ, ଅପାମାନେ ତାକୁ ଯେତିକି ଘର ଭିତରକୁ ଘୋଷାଡ଼ି ନେବାକୁ ଚେଷ୍ଟା କରୁଥାନ୍ତି, ମେରୀ ସେତିକି ଟାଣି ହୋଇ ଭିଡ଼ ଆଡ଼କୁ ମୁହାଁଉ ଥାଏ । ହଠାତ୍ ସମସ୍ତଙ୍କୁ ଠେଲି ଦେଇ ସେ ଧାଇଁ ଆସି ଠିଆ ହୋଇଗଲା ଭିଡ଼ ମଝିରେ ଶରାହତ ଅଭିମନ୍ୟୁ ପରି । ଗର୍ଜନ କରି କହିଲା, ''ମାମାର ଇଚ୍ଛା ବିରୁଦ୍ଧରେ ତୁମେମାନେ ତାକୁ ପୋଡ଼ି ପାରିବନି । ମୁଁ ଏକଥା କରିବାକୁ ଦେବିନି, କେବେ ନୁହେଁ ।'' ବହୁଦିନରୁ ଇଜଲାସ୍‌ରେ ପଡ଼ି ରହିଥିବା ମକଦ୍ଦମାର ରାୟ ଯେମିତି ଶୁଣାଇ ଦିଆଗଲା । ଏଇ ପଦେ କଥା ଯେମିତି ଛଡ଼ାଇନେଲା ଉପସ୍ଥିତ ମାମଲତ୍‌କାର୍‌ମାନଙ୍କର ସ୍ପର୍ଦ୍ଧା, ସ୍ୱାଭିମାନସବୁକୁ । ସ୍ତବ୍ଧତା ଭାଙ୍ଗି ଜଣେ

Digitized by srujanika@gmail.com

କହିଲା, ''ସେ ଯଦି ଉଇଲ୍ କରି ଦେଇଥାନ୍ତି କବର ଦିଆଯିବ ବୋଲି, ତେବେ ତ କିଛି କହିବାର କି କରିବାର ନାହିଁ ।'' ମେରୀ ପୁଣି ଚିତ୍କାର କଲା, ''ଉଇଲ୍ କରିବାଟା କ'ଣ ଶେଷ କଥା ? ସବୁ ସ୍ନେହ, ସବୁ ଅଧିକାର, ସବୁ ପ୍ରାପ୍ୟ ପାଇଁ କ'ଣ ପ୍ରମାଣ ପତ୍ର ଦରକାର ? ମାମାର ଏକମାତ୍ର ଇଛା ପୂରଣ ପାଇଁ ଲିଖିତ ଦଲିଲ୍‌ଟିଏ କ'ଣ ନିହାତି ଦରକାର ? ମାମା କାଲି ରାତିରେ ବି ଫୋନ୍‌ରେ ଏଇକଥା ମୋତେ କହିଥିଲା, ବାରମ୍ବାର ସେ ଏଇ କଥା ତା' ପୁଅ ଝିଅମାନଙ୍କୁ କହିଛି, ଅନୁରୋଧ କରିଛି । କହିନି ? ବଡ଼ଭାଇ ! ମାମା ତୁମକୁ ଏ କଥା କହିନି ? ଅପା, ସାନ ଭାଇ, ଭାଉଜ, ପିଲାଦିନରୁ ଏଯାଏ କେତେ ଶହ ଥର ଏ କଥା ଆମେ ଶୁଣିଛେ ? ବାବା ଥିଲାବେଳେ କେତେ ଥର ସେ ହସି ହସି କହିଛି, 'ମୁଁ ମରିଗଲେ ମତେ କବର ଦେବ, ଆଉ ମୋ ଫଟୋଟେ ଛପାଇ ଦେବ ଖବର କାଗଜରେ । କିଏ କେତେ ଭଲ ପାଉଥିବା ଲୋକ କୋଉଠି ରହିଯାଇଥିବେ ଅନ୍ତତଃ ଜାଣିବେ ତ । ଶୁଣିନ ତୁମେମାନେ ?'' ଶ୍ରାବଣୀ ଆକାଶ ଏଥର ଅଜାଡ଼ି ପଡ଼ିଲା ମାମାର ଛାତି ଉପରେ । ମାମାକୁ ଜାବୁଡ଼ି ଧରି ପଡ଼ି ରହିଲା ମେରୀ । କ୍ଷୀଣ କଣ୍ଠରୁ ଉତୁରି ପଡୁଥାଏ ମୃତ୍ୟୁପଥୀ ଅଭିମନ୍ୟୁର ଆକୁଳ ମିନତି, ''ମାମାକୁ ପୋଡ଼ିବାକୁ ମୁଁ ଛାଡ଼ିବିନି । ତା'ର ଏଇ ଗୋଟିଏ ଇଚ୍ଛାକୁ ସମ୍ମାନ ଦିଅ ...'' ବୁଜି ହୋଇ ଆସୁଥିଲା ମେରୀର କଣ୍ଠ । ଆଚ୍ଛନ୍ନ ଭିତ୍ତର ସମୁଦ୍ର ଛାତିରେ ନଇଁ ପଡୁଥିଲା କୃଷ୍ଣ ପକ୍ଷ ମଧ୍ୟାହ୍ନର ନୈଃଶବ୍ଦ୍ୟ ।

ମାମା ଛାତିଟା ତଥାପି ଉଷୁମ ଲାଗୁଥିଲା । ତା ଦେହରୁ ଆସୁଥିବା ଫୁଲ ଚନ୍ଦନର ବାସ୍ନା ମେରୀକୁ ଏକ ଅପାର୍ଥିବ ଜଗତକୁ ଭସେଇ ନେଉଥିଲା ଯେମିତି । ପିଲାଦିନଯାକ ମାମାକୁ କୁଣ୍ଢାଇ ଶୋଇଲା ପରି ସେ ଶୋଇଥିଲା, ନିର୍ବିକାର, ନିର୍ବିକଳ୍ପ । ତା'ର ସମସ୍ତ ଜାଗତିକ ଚେତନାକୁ ଆବୋରି ରଖିଥିଲା ଗୋଟିଏ ମାତ୍ର ଶବ୍ଦ, 'ମାମା' ।

କେତେ ମନ୍ୱନ୍ତରର ବରଫ ଗଦା ଆଡ଼େଇ କିଏ ତା' କାନ୍ଧରେ ଉଷୁମ ପାପୁଲିଟିଏ ରଖିଦେଲା ? କାହା ଆଖିର ବୁନ୍ଦା ବୁନ୍ଦା ଉଷୁମ ଲୁହରେ ଧୋଇ ହେଉଥିଲା ତା' ଅଲରା ବାଳ ? ମୁଣ୍ଡ ଉଠାଇଲା ମେରୀ । ମାଇଲ୍ ମାଇଲ୍ ବ୍ୟାପି ଲୁହର ନଈରେ ପହଁରି ପହଁରି ସେ କୂଳ ଛୁଇଁଲା । '' ଉଠ୍ ମା, ଆଉ ଆମ ଉପରେ ରାଗନା । ମାମା ଖାଲି କ'ଣ ଏକା ତୋର ? ସେ କ'ଣ ଆମ ମାମା ନୁହେଁ ?'' କିଏ ଏ କଥା କହୁଛି ? ବଡ଼ଭାଇ ? ଏତ ଅବିକଳ ବାବାଙ୍କ ସ୍ୱର ! ପିଲାଦିନେ ସେ ରୁଷିଲେ କି ରାଗିଲେ ଏମିତି ଗେହ୍ଲା କରି ବାବା ତାକୁ ବୁଝାନ୍ତି । ''ବାବା, ବାବା...'' ଅଥୟ କୋହରେ ଆକ୍‌ତାମାକ୍‌ତା ମେରୀ ବଡ଼ ଭାଇଙ୍କ ଛାତିରେ ମୁହଁ ଗୁଞ୍ଜି ଦେଲା । ବଡ଼ ଭାଇଙ୍କ ଆଖିରୁ

Digitized by srujanika@gmail.com

ଧୀର ଧୀର ଲୁହ ଲୌଲ୍ୟ ହୋଇ ଝରି ପଡୁଥିଲା ମେରୀ ମୁଣ୍ଡ ଉପରେ । ‘‘ତୁ ଜିତିଗଲୁ ମେରୀ । ଜିତିଗଲୁ ନିଯେ ଆମର ଅବଶିଷ୍ଟ ଜୀବନ ଯାକର ପ୍ରାୟଶ୍ଚିତ୍ତରୁ ଆମକୁ ଉଦ୍ଧାର କରି ଦେଲୁ ।’’ବଡ଼ ଅପା ଲୁହ ଭିଜା କଣ୍ଠରେ କହୁଥିଲା ‘‘ ତୁ ଆସିଲୁ ମେରୀ ! ସାନଭାଇ ସାଙ୍ଗରେ ଯାଇ ସବୁଠୁ ଭଲ କଫିନ୍ ବାକ୍ସଟିଏ ବାଛି ଆଣିବୁ । ଆସିଲାବେଳେ ଚର୍ଚ୍ଚରେ ଫାଦରଙ୍କୁ କହି ଦେଇ ଆସିବୁ ।’’

ପାଞ୍ଚ ଭାଇ ଭଉଣୀ କୁଣ୍ଢାକୁଣ୍ଢି ହୋଇ ଏକାଥରେ ଛୋଟପିଲାଙ୍କ ପରି କାନ୍ଦି ଉଠିଲେ । ମାମା ପାଦ ପାଖରେ ବସି ପାଦ ଦୁଇଟି ଧରି ତୁଳସୀ କେବଳ ବଲ ବଲ କରି ଚାହୁଁଥିଲା ସମସ୍ତଙ୍କୁ । ମାମା ଶୋଇଥିଲା ଫୁଲରେ, ଲୁହରେ ଓଦା ହୋଇ । କେଜାଣି କେମିତି ତା’ ମୁହଁରେ ଆଙ୍କି ହୋଇଯାଇଥିଲା ତୃପ୍ତ ସନ୍ତୁଷ୍ଟିର ଧାରେ ହସ ।

□■□

Digitized by srujanika@gmail.com

ନିଷ୍ପତ୍ର

ନା - ନାରେ - ନାରେ ନାରେ - ନାରେ - ନାରେନା କନ୍‌ସର୍ଟ ଶବ୍ଦରେ ଶଙ୍ଖର ଗହନ ନିଦ ଭାଙ୍ଗିଗଲା । ଧଡ଼ପଡ଼ ହୋଇ ଉଠି ବସିଲା ସେ । କେଳାର ପଦ୍ମତୋଳା ଓ ନାଗେଶ୍ୱରୀ ପରି ଯାତ୍ରା କନସର୍ଟର ସ୍ୱର ଶଙ୍ଖର କୁଆଁରୀ ମନଟାକୁ ବଶୀକରଣ ମନ୍ତ୍ରରେ ଟାଣି ଲାଗିଥାଏ । କ୍ଲାରିଓନେଟ୍ ଆଉ ବିଗୁଲ୍‌ର ସେଇ ପଦ୍ମ ତୋଳା କାନରେ ପଡ଼ିଲେ ସେ ଆଉ ନିଜକୁ ଆକଟି ରଖିପାରେନି । ଅନ୍ଧାର ଘୁଡୁଘୁଡ଼ିକି ଡ଼ରି ବୋଉ କାନି ତଳେ ଲୁଚୁଥିବା ତା'ର ଡ଼ରସବୁ ଉଭେଇ ଯାଏ ନିମିଷକରେ । ଅବାଗ ଅଭିଲା ସେ ଧାଇଁଯାଏ ପଡ଼ିଶା ଘର ଖୁଡ଼ିକୁ ନହେଲେ କୋଉ ଅପାକୁ ସଂଗାତକୁ ଡ଼ାକିବାକୁ । ବୋଉର ରାଗ କି ଆକଟକୁ ସେତେବେଳେ ଶଙ୍ଖର ଖାତିର ନଥାଏ । ତା'କାନରେ ଖାଲି ତୁହାକୁ ତୁହା ଆଉଟି ହେଉଥାଏ କନସର୍ଟ, ଡୁଏଟ୍ ନହେଲେ ହୀରୋର ଲମ୍ୱେଇ ଲମ୍ୱେଇ କଣ୍ଠ ଫଟେଇ ଝାଡୁଥିବା ଡାଇଲଗ୍ ସବୁ । ଅଭିମନ୍ୟୁ ଧାଙ୍ଗରେ ସେ ବି ବନ୍ଦୀ ହୋଇଯାଏ ସପ୍ତ ରଥୀ ଘେରରେ, ଦ୍ରୌପଦୀ ସାଙ୍ଗରେ ଦୁଃଶାସନ ରକ୍ତରେ ଜୁଡ଼ା ବାନ୍ଧେ, ଲକ୍ଷ୍ମୀବାଇ ସାଙ୍ଗରେ ଘୋଡ଼ା ଚଢ଼ି ଖଣ୍ଡା ଚଳାଏ, ଦୁଃଖିନୀ ନାୟିକା ସାଙ୍ଗରେ କାନ୍ଦୁ କାନ୍ଦୁ ସିନ୍ ଶେଷରେ ନାୟକର ବାହୁ ବନ୍ଧନରେ ହଜିଯାଏ । ଗାଁରେ ଯାତ୍ରା ପାର୍ଟି ପଡ଼ିବାର ସେଇ କେତେ ଦିନ ସେ ଆଉ ଶଙ୍ଖର ଖୋଳପା ଭିତରେ ନଥାଏ । ରାତି ଅନିଦ୍ରା ହେଇ ଯାତ୍ରା ଦେଖି ଦିନଯାକ ନିଘୋଡ଼ ନିଦରେ ଶୋଇଥିଲାବେଳେ ସ୍ୱପ୍ନରେ ସେଇ ସବୁ ଚରିତ୍ରଙ୍କୁ ଦେଖି ହସେ, କାନ୍ଦେ, ଚିର୍ ଚିରେଇ ଉଠି ବସେ । ବୋଉ ରାଗିଯାଇ ଯାତ୍ରାକୁ ଶୋଧୁ ଶୋଧୁ ଖୁନ୍ଦେ ବିଧେ ଥୋଇ ଦିଏ । ତା'ର ଏଇ ଉଛନ ନିଶା ଭାଙ୍ଗିବାକୁ ଠାକୁରାଣୀଙ୍କୁ ଦୀପ ଯାଚେ ।

Digitized by srujanika@gmail.com

ବୋଉ କ'ଣ ଜାଣେ ଯାତ୍ରାର ମଜା ? ଖାଲି ହାଣ୍ଡିଶାଳ ନହେଲେ ଗୋବର ଲଟପଟ ଗୋରୁ ଗୁହାଳ । ଗାଁ ମଝିରେ ଯାତ୍ରା ପେଣ୍ଡାଲ । ସେଇଆଡ଼େ ମୁହଁ କରି ପନ୍ଝେ ଝିଅ କାହା ଉଚ୍ଚ ପିଣ୍ଡାରେ ବସିଥିବେ । ପାନ ଚୋବା ଚାଲିଥିବ, ପିଚ୍ ପିଚ୍ ନାଲି ପାନ ପିକ ପିଣ୍ଡା ତଳକୁ ପଡୁଥିବ । ଜରି ପୁଡ଼ାରୁ ମୁଠା କୁ ମୁଠା ବାରମଜା ପାଟିରେ ପଡୁଥିବ, ଖଡ୍ ଖଡ୍ ବାଦାମ ଚୋପା ଛଡ଼ା ହେଉଥିବ । ନାକ ତଳେ ଅଧା ଗଜୁରା କି ରୁମ ଉଠା ଟୋକା ଦଳ ଯାତ୍ରା ନଦେଖି ବୁଲି ବୁଲି ଏଇ ଝିଅଙ୍କୁ ଚାହୁଁଥିବେ । ଆଉ ଝିଅ ପଞ୍ଝାକ ତାଙ୍କ ଠାଣି ଚାହାଣୀ ଦେଖି କହୁଣୀ ଖେଞ୍ଚାଖେଞ୍ଚି ହଉହଉ ହସିହସି ଗଡ଼ି ଯାଉଥିବେ । ବୁଢ଼ୀ ବୁଢ଼ୀଏ ଆକଟୁଥିବେ, 'ଆଲୋ ଛୋପରୀଏ ଯାତ ଦେଖୁଛ ନା ଏଇ ଟୋକାଙ୍କ ସାଙ୍ଗେ ଅମରମତା ହବାକୁ ହମ ହମ ହଉଛ ବା ?'' ଝିଅଙ୍କ କୁରୁଳା ହସ ଆହୁରି ବିଛେଇ ଯାଉଥିବ । ମା' ଖୁଡ଼ିମାନଙ୍କ ଆଖି ଦେଖି ଘଡ଼ିଏ ଥିର ହେଲା ପରେ ପୁଣି ଯୋଉ କଥାକୁ ସେଇ କଥା । ବୋଉ କ'ଣ ଯାତ୍ରା ସୁଆଦ ଚାଖିଛି ?

ଯେତେ ଝିଅ ବସିଥିଲେ ବି ମେଞ୍ଚାଏ ଆଖି ଶଙ୍ଖ ଉପରେ ଘଡ଼ିକି ଘଡ଼ି ବୁଲି ଆସୁଥିବ । ତା' ଠିଆ ନାକ ଦଣ୍ଡାଟା ପେଣ୍ଡାଲ କଡ଼ର ସ୍ୱଚ୍ ଆଲୁଅରେ ଝଟକି ଯାଉଥିବ । ସେଥିପାଇଁ ଶଙ୍ଖ ବୋଉ ତାକୁ ଗୋଡ଼େ ଗୋଡ଼େ ଜଗିଥାଏ । ପିଲାମନ, କାଳେ କୋଉଠି ଗୋଡ଼ ଖସିଯିବ ! ଏତେ ରୂପ କୋଉ ରଜା ଜମିଦାର ଘରକୁ ସାଜେ ସିନା, ଏ ଗରିବ ଯଜମାନୀ ବ୍ରାହ୍ମଣ ଘରେ ତାକୁ କୋଉଠି ସାଇତିବ ?

ଶଙ୍ଖ ତା' ପିଲାଟି ଦିନରୁ ସାଙ୍ଗସାଥୀ ଭାଉଜ ସବୁରି ତୁଣ୍ଡରୁ ଶୁଣି ଆସିଛି, ତା' ପାଇଁ କୋଉ କମଳ ଦେଶର ରାଜକୁମାର ଘୋଡ଼ାରେ ବସି ରୋଷଣୀ ଜାଳି ଆସିବ । ତାକୁ ସୁନା ପାଲିଙ୍କିରେ ବସେଇ ହୀରା ନୀଳା ମଣି ମୁକୁତାର ରାଜ ଉଆସକୁ ନେଇଯିବ । ସେଠି ସେ ଦିନରାତି ଫୁଲ ଝୁଲଣାରେ ଝୁଲୁଥିବ । ହସି ହସି ଗଡ଼ିଯାଏ ଶଙ୍ଖ । ସମସ୍ତଙ୍କୁ ଭାକ୍ ଚୋପ୍ କହି ମୁହଁ ମୋଡ଼ି ଦେଇ ପଳାଇ ଆସେ ସିନା ହେଲେ ମନ ସନ୍ଧିରେ ସେଇ ଅଦେଖା ରାଜକୁମାରକୁ ଲୁଚେଇ ନେଇ ଆସିଥାଏ । ବାଡ଼ିପଟେ କାମିନୀ ଗଛମୂଳେ ଛିଡ଼ା ହୋଇ ଆକାଶକୁ ଚାହେଁ । ସୁନା ପାଲିଙ୍କିରେ କନିଆଁ ସାଜି ବାପା ବୋଉ ସହି ସଙ୍ଗାତଠାରୁ ବିଦା ହୁଏ । ପଦ୍ମପୋଖରୀ ବଗିଚାରେ ଫୁଲ ଦୋଳିରେ ଝୁଲୁ ଝୁଲୁ ମେଘ ସାଙ୍ଗରେ ମଇତ୍ର ବସେ । ଜହ୍ନ ସାଙ୍ଗରେ କଥା କହୁ କହୁ ଜହ୍ନ ରାତି ପରି ଆକାଶେଇଯାଏ ।

ସତକୁ ସତ ସେଥର ଯାତ୍ରା ଦେଖୁ ଦେଖୁ ଶଙ୍ଖର ଭେଟ ହୋଇଗଲା ସପନ ରାଇଜର ରାଜକୁମାର ସାଙ୍ଗରେ । ତିନି ଦିନର ଯାତ୍ରା ଦେଖା ଭିତରେ ତିରିଶ କି

Digitized by srujanika@gmail.com

ତିନିଶ' ଥର ଆଖି ଭେଟା ଭେଟି ହୋଇଥିବେ । ଆଉ ସବୁଥର ଶଙ୍ଖର ଗୋରା ତକତକ ମୁହଁଟା ଅବିରେଇ ଯାଉଥାଏ ସେଇ ଚାହାଣୀର ବୋଝରେ । ଯାତ୍ରା ସିନା ସରିଗଲା, ହେଲେ ରଙ୍ଗରେ ଢୁଡୁବୁଡୁ ହୋଇଗଲା ଶଙ୍ଖର ସପନ । ସେଇ ଆଖି ଦି'ଟା ଯେମିତି ତାକୁ ଗୋଟେଇ ପୋଟେଇ ଟେକି ନେଇ ବିଞ୍ଚିଦେଲା ଜହ୍ନ ତାରା ମେଳରେ । ଦିନେ ସପନ ଭାଙ୍ଗିଲାବେଳକୁ ନଈକୂଳରେ ସେ ଭେଟିଲା ସେଇ ରାଜକୁମାରକୁ । ତା'ର ଥର ଥର କମ୍ପୁଥିବା ହାତ ଦି'ଟାକୁ ଧରି ରାଜକୁମାର ସିଧା ପଚାରିଦେଲା, 'ତୁ ମୋ ରାଣୀ ହେବୁ ।' କଥା ପଦକ ଶଙ୍ଖର ଆଖି କାନ ବାଟେ ଧସେଇ ପଶିଯାଉଥିଲା ଛାତିର ଅତଳ ତଳକୁ । ଗୋଡ଼ ହାତ ବାକୁଲା ମାରିଯାଉଥିଲା ।

ସତ ଆଉ ସପନ ଭିତରେ ଫରକ ବାରିଲା ବେଳକୁ ଶଙ୍ଖ ବୋହୂ ହୋଇ ଆସି ସାରିଥିଲା ତା' ରାଜକୁମାର ହାତ ଧରି । ବଡ଼ ବଡ଼ ପାଚେରୀ ଘେରା ଘର, ତା' ଭିତରେ ବେଶ୍ ପୋଖରୀ, କାଚ କେନ୍ଦୁ ପାଣିରେ ଜାତି ଜାତିକା ମାଛ । ସେ କ'ଣ ସତରେ ରାଣୀ ହୋଇଗଲା ? ତା'ର ଯଜମାନୀ କରୁଥିବା ଗରିବ ବାପା ଏଡ଼େ ବଡ଼ ଘରେ ବନ୍ଧୁ ବାନ୍ଧି କୃତକୃତ୍ୟ ହୋଇଯାଇଥିଲେ । ତିନି ବାଟି ଦୋ ଫସଲି ଜମି, ଖାଇବାକୁ ବିଧବା ମା'ଟିଏ ଆଉ ଦି'ଟା ବୋଲି ପୁଅ । ଝିଅ ନାହିଁ ଯେ ଖାଇ ବୋହି ନେବ । ଶଙ୍ଖ ସେ ଘରର ବଡ଼ବୋହୂ । ଗାଁଟାଯାକ ଧନ୍ୟ ଧନ୍ୟ କଲେ । ଦେଖି ସହୁ ନଥିବା ଲୋକ କେଇଟା କହୁଥିଲେ ଶାଶୁଟା କୁଆଡ଼େ ରାହାବାଳୀ । ତାଙ୍କ ଅସହଣି ପଣକୁ 'ଥୁ' କରିଦେଇ ଶଙ୍ଖ ବୋଉ ଝିଅ ଗରବରେ ଫୁଲି ଫାଟି ପଡୁଥିଲା ।

ଗୌର, ଶଙ୍ଖର ବର, ଦୂର ସହରରେ ଛୋଟ କାଟର ହାକିମ ଚାକିରିଟିଏ କରେ । ଉପୁରି ବେଶ୍ ଦୁଇ ପଇସା ବି ଆସେ । ମାସରେ ଥରେ ଅଧେ ସେ ଗାଁକୁ ଆସେ । ସେଥର ଦିଆଲୀ ଛୁଟିରେ ଗାଁର ପଞ୍ଚାଏ ସାଙ୍ଗ ତାକୁ ଜୋର୍ କରି ଟାଣି ନେଲେ ଯାତ୍ରା ଦେଖିବାକୁ । ସେ କ'ଣ ଜାଣିଥିଲା ଯାତ୍ରା ଦେଖା ସାଙ୍ଗକୁ କଦଳୀ ବିକା ବି ହୋଇଯିବ ବୋଲି ? ସେଇଠି ଦେଖା ହେଲା ଶଙ୍ଖ । ତିନି ଭୁବନ ମୋହିଲା ପରି ରୂପ । ମନ୍ତ୍ରୀ ପୁଅ, କଟୁଆଳ ପୁଅ ଆଉ ସାଙ୍ଗମାନେ ହିମ୍ମତ ଦେଲେ, ''କହିଦେ, ମନକଥା ଥରେ ସାହସ କରି କହିଦେ । ଦେଖିବୁ ଯଦି ହସିଲା ତ ଫସିଲା ଜାଣ । ନହେଲେ ମୂଷା ମାଟି ଭଣଭଣ ଘରେ ଅଖିଆ ଅପିଆ ପଡ଼ିବୁ । ନ ଆସି ଯିବ କୁଆଡ଼େ ?'' ଗୌର ଛାତି ଟାଣ କଲା । ନଈ କୂଳରେ ନିଶ୍ୱାସ ରୁନ୍ଧି କଥାଟାକୁ କହିଦେଇ ଶଙ୍ଖ ମୁହଁକୁ ଚାହିଁ ତା' ନାଲି ଚରଚର ମୁହଁରୁ ଉତ୍ତରଟା ପାଇଗଲା । ସେଇଠୁ ଯାଇ ଆରମ୍ଭ ହେଲା ମୂଷା ମାଟି ଘରର ପର୍ବ । ବାପା ନଥିବା ଗେଲ ବସର, ଘରର ବଡ଼ପୁଅ,

Digitized by srujanika@gmail.com

ଏକା ଜିଦ୍ ଶଙ୍ଖ ଛଡ଼ା କାହାକୁ ବାହା ହେବନି । ବୋଉ ସାଙ୍ଗରେ ବନ୍ଧୁ ବାନ୍ଧବ ସୁର ମିଶେଇଲେ, ''ତାଙ୍କ ଘର ଆମ ସମାସ୍କନ୍ଧ ନୁହନ୍ତି । ମାଇନର୍ ପାସ୍ ଝିଅ । ଖାଲି ରୂପକୁ କ'ଣ ଚାଟି ଖାଇବ ?'' କାହାରି କଥା ଶୁଣିଲାନି ଗୌର । ବାହା ହେବ ତ ଶଙ୍ଖକୁ, ନହେଲେ ନାଇଁ । ଶେଷକୁ ବିନା ଯୌତୁକରେ ବଉଳ ପାଟ ପିନ୍ଧି ଏ ଘରର ବୋହୂ ହୋଇ ଆସିଲା ଶଙ୍ଖ ।

ମାସକର ଛୁଟି ଚାହୁଁ ଚାହୁଁ ସରିଗଲା । ଗୌର ଗଲା ସହରକୁ । ଚାକିରି ଖଣ୍ଡକ ଅଛିଯେ ! ସେଇଠୁ ଆରମ୍ଭ ହେଲା ତଅପୋଇର ଛେଳି ଜଗା । ଶାଶୁଙ୍କ 'ଛୋଟ ଲୋକ ଘର ଝିଅ, ମାଗି ଖିଆ ବଉଁଶର ଝିଅ ... ' ଶୁଣି ଶୁଣି କାନ ଦି'ଟା ବଧିରା ହେବାକୁ ଲାଗିଲା । ତଥାପି ଗୌର ଆସିଲେ ଶଙ୍ଖ ଶାଶୁଙ୍କ ନାଁରେ ଉଁ ବୋଲି ପଦେ କହିଲାନି । କାଳେ ତା' ରାଜକୁମାର ମନ ମାରିଦେବ ! ଆସୁଛି ଦି' ରାତି ପାଇଁ, ଖୁସି ଖୁସିରେ ଯାଉ । ତା'ର ସବୁ କଷ୍ଟର ମଇଲମ ଥିଲା ନବମ ଶ୍ରେଣୀରେ ପଢୁଥିବା ଦିଅର ଗୋପାଳ । ସ୍କୁଲ ଛୁଟି ଦିନମାନଙ୍କରେ ଦିଅର ଭାଉଜ ଲୁଡୁ ପାଲି ପକାଇ ବସିଯା'ନ୍ତି, ତା' ସାଙ୍ଗକୁ ବାରମଜା ଖିଆ ଚାଲେ । ଜହ୍ନ ରାତିରେ ବଉଳ ମୂଳେ ନହେଲେ ପୋଖରୀ ପଥର ପାହାଚ ଉପରେ ବସି ଦୁନିଆଯାକର ଗପ, ଶୀତ ଦିନେ ଝୁରା ଝୁରା ଖରାରେ ହସି ହସି ଗଡ଼ିଯିବା ପରି ଛୋଟ ଛୋଟ ଖୁସି ଭିତରେ ଗୋପାଳ ଦିନ କେଇଟାରେ ଭାଉଜର କାନି ବନ୍ଧା ହୋଇଗଲା । ପୁଅର ଭାଉଜ ପ୍ରତି ଦରଦ କିନ୍ତୁ ବୁଢ଼ୀ ଆଖିରେ କଣ୍ଟା ଫୋଡ଼ି ଦେଉଥାଏ । ଗୋପାଳ ସ୍କୁଲ ଚାଲିଗଲା ପରେ ବୁଢ଼ୀର ସବୁ ରାଗ ସରେ ଶଙ୍ଖ ଉପରେ । ''ହଇଲୋ ଟୁପୁସି ମୁହିଁ, ଗୋଟେ ପୁଅକୁ ତ ଗୁଣି ଗାରେଡ଼ି କରି ଏ ଘରେ ପଶିଲୁ । ଆରକକୁ କିଆଁ ଜାଲେଇ ଧରିଛୁ ?''ଶଙ୍ଖ ଦିନାକେତେ ଗୋପାଳକୁ କରଛଡ଼ା ଦିଏ । ହେଲେ କେଇଦିନ ? ତା'ତଳେ ମରିଥିବା ଭାଇଟାକୁ ପରା ଏତେ ଦିନକେ ଫେରିପାଇଛି । ଦୂରେଇ ଦେବ କେମିତି ? ଗୋପାଳର ଜାମାପଟା ସଫାକରି ସାଇତି ରଖିବାଠୁ ତା' ବହିପତ୍ର ସଜାଡ଼ିବା ଯାଏଁ ସବୁକାମ ଭାରି ଆନନ୍ଦରେ କରିଯାଏ । ପତିଦେବ ଗୌର ଭାରି ଖୁସି ହୁଏ । ସାନ ଭାଇର ହେପାଜତ୍ କରିବାକୁ ଶଙ୍ଖର କାନେ କାନେ ତାଗିଦ୍ କରେ ।

ଚାହୁଁ ଚାହୁଁ ଦିଆଲି ଆସିଯାଏ । ପାଞ୍ଚଦିନ ଯାତ୍ରା । ଏଥର ଦି'ଟା ପାର୍ଟି ଆସିଛି । ଭଦ୍ରକ ପାର୍ଟିକୁ ଜଗତସିଂହପୁର ପାର୍ଟି । ଦି'ଷଣ୍ଢଙ୍କ ଘମାଘୋଟ ଲଢ଼େଇ ହବ । ହେଲେ ମନ ଯେତେ ନାଚିକୁଦି ହେଲେ ବି ଶଙ୍ଖ ଯାତ୍ରା ଦେଖିବାକୁ ଯାଇପାରେନି । ବଡ଼ ଘରର ଭୂଆଷୁଣୀ ବୋହୂ, ସେଥିରେ ପୁଣି ମାସ ଗଡ଼ି ଯାଇଛି । ଗୋପାଳଠୁଁ ଯାତ୍ରାର ଟିକିନିଖି

Digitized by srujanika@gmail.com

ବିବରଣୀ ଶୁଣି ବିଚାରୀ ମନ ସାଧ ମେଣ୍ଟାଏ । ଗଲା ସନ ଯାତ୍ରା ବେଳେ ଗୌରର ପିଇଗଲା ଚାହାଣୀକୁ ମନେ ପକେଇ ଅଦିନରେ ବଉଳେଇ ଯାଏ । ଯୁଗେ ପରେ ଏ ଘରେ କୁଆଁରବ ଶୁଣିବାକୁ ଶାଶୁବୁଢ଼ୀ କେତେ ମାଛଣା, ମାନସିକ କରୁଥାଏ ସିନା, କିନ୍ତୁ ଶଙ୍ଖକୁ ଗଞ୍ଜଣା ଦେବାରେ ଉଣା କରେନି । ସବୁଥର ଗୌର ସହରରୁ ଆସିଲା ବେଳେ କେତେ ଫଳ ମୂଳ ଆଣେ ଅସଳ ଶଙ୍ଖ ପାଇଁ । ହେଲେ ସେସବୁ ବୁଢ଼ୀର ଠାକୁର ଭୋଗରେ ଲାଗେ ନହେଲେ ଗୋପାଳର ସ୍କୁଲ ଜଳଖିଆରେ । ଫାଳେ କି ଚିରୁଡ଼େ ଶଙ୍ଖ ପାଟିରେ ବାଜେ କି ନବାଜେ । ଶଙ୍ଖର ସେଥିକି ଲଗା ନଥାଏ । ତହିଁ କି ଫଳ କି କ୍ଷୀର ଦେଖିଲେ ତାକୁ ଅସୁଖ ଲାଗେ । ମନ ହୁଏ ବୋଉ ହାତ ଶାଗ ଖରଡ଼ା, ଆମ୍ବୁଲ ରାଇ କି ଶୁଖୁଆ ପୋଡ଼ା ଖାଇବାକୁ । କେତେ ନିଉଛାଳି ହୋଇ ଚାରିଟା ଦିନ ପାଇଁ ବାପ ଘରକୁ ଯାଇଥିଲା ଯେ ସେମାନେ ବି ବଡ଼ ଘରର ବୋହୂକୁ ଆଉ ଦି' ଚାରିଦିନ ରଖିବାକୁ ସାହସ କୁଳେଇ ପାରିଲେନି । ଆଖି ଲୁହ ତୁଣ୍ଡରେ ପିଇ, ପାରୁ ପର୍ଯ୍ୟନ୍ତ ଭାର ଥୋର ଦେଇ ବିଦା କରିଦେଲେ ।

କଣ୍ଢ ବେଳକୁ ଶଙ୍ଖ କୋଳରେ ପୁନେଇଁ ଚାନ୍ଦ ଖସିଲା । ମିଠେଇ ଖଜା ବଣ୍ଟା, ଭୋଜି ଭାତ, ଠାକୁରାଣୀ ଜନ୍ତାଳରେ ଗାଁଟା ଯାକ ପଡ଼ିଲା ଉଠିଲା । କିନ୍ତୁ ଶଙ୍ଖ କପାଳରେ ସେଥିରୁ କାଣିଚାଏ ନଥିଲା । ଥନରେ କ୍ଷୀର ହେବ ବୋଲି କହି ଫୁଟିଆଣି ପାଣିରେ ବରକ୍ଷୀର ପକାଇ ସକାଳୁ ଶାଶୁ ବୁଢ଼ୀ ତାକୁ କଂସେ ଟେଣ୍ଡାଏ । ଗାଧୁଆ ବେଳକୁ ଶୁଣ୍ଠି ଗୋଳା ତବତ ଭାତ ସାଙ୍ଗକୁ ଢ଼ଙ୍କସର ପାଣି ସନ୍ତୁଳା ଚାଟିଆଏ । ଆଉ ରାତିକି ଶୁଖିଲା ରୁଟି ଦି'ପଟ, ରସୁଣ ଚାରିକୋଲା, ବାଟୁଳାଏ ବାଇଗଣ ପୋଡ଼ା । ବୋହୂ ଦିହ କୁଆଡ଼େ ଢଳ ଢଳ ଦିଶୁଛି, ବେଶି ଖାଇଲେ ପୋଖତି ରୋଗ ମାଡ଼ି ବସିବ । ଶଙ୍ଖର ହାଲିଆ ଦେହଟା ଭୋକରେ ଆଉଟୁ ପାଉଟୁ ହୁଏ । ହାଉଁ ହାଉଁ ଭୋକରେ ତିନି ଭୁବନ ଅନ୍ଧାର ଦିଶେ । ସେମିତି ଦିନେ ଗୋପାଳ ପାଇଁ ମୁଢ଼ି ସାଙ୍ଗକୁ ଘନ ଆଉଟା କ୍ଷୀରରେ ଅଳତା ଫଡ଼ା ପରି ସରଟା ବାଢୁ ବାଢୁ ଫାଳେ ସର ପାଟିକି ପକେଇ ଦେଲାବେଳକୁ ପଶି ଆସିଲା ଶାଶୁ ବୁଢ଼ୀ । ସର ଟିକକ ତଣ୍ଟି ଡେ଼ଇଁନି, ଓଠରୁ ଖସି ପଡ଼ିଲା । ବୁଢ଼ୀ ପାଟିରେ ସାହି କମ୍ପିଲା । ''ଆଲୋ ଛତର ଖାଇ ମୋ ପୁଅ ବେତା ବେତା ଫଳ ଆଣି ଗଦଉଛି ସେଥିରେ ତୋ ପୋଡ଼ା ପେଟ ପୁରୁନି ଯେ ମେଞ୍ଚଡ଼ ଟୋକାଟାର କ୍ଷୀରରେ ଭାଗ ବସଉଛୁ ? ଏମିତି ସବାଖାଇ ବୋହୂ ଖଣ୍ଡେ ମୋ କପାଳକୁ ଥିଲା । ହା...ଆ... ରେ ଦଇବ ।'' ଲାଜ ଅପମାନରେ ଶଙ୍ଖ ସେଇଠି ମାଟିରେ ଧସେଇ ଯାଉଥିଲା । ଗୋପାଳ କୋଉଠି ଥିଲା ଧାଇଁ ଆସି ଭାଉଜର ହାତ ଧରି ଘୋଷାରି ନେଲା । ନହେଲେ ବୁଢ଼ୀର

Digitized by srujanika@gmail.com

ହାତ କି ଗୋଡ଼ ବୋଲ କରିଥାନ୍ତା କି କ'ଣ ? ସେଇ ଦିନୁ ଶଙ୍ଖର ଖାଇବାକୁ ବୁଢ଼ୀ ଗୋଡ଼େ ଗୋଡ଼େ ଜଗିଲା । ବୋହୂକୁ ଖାଇବାକୁ ଯାହା ଦିଏ, ତାକୁ ଛୁଇଁବାକୁ ଶଙ୍ଖର ମନ ହୁଏନି । କିନ୍ତୁ ପେଟ ଭୋକ କି ମାନ ବୁଝେ ନା ଅଭିମାନ ? ଗୋପାଳ ଘରେ ଥିଲେ ଯାହାହେଲେ ଲୁଚେଇ ଚୋରେଇ ଭାଉଜକୁ ଗିଳେଇ ଦିଏ । ଏବେ ଗୋପାଳ ଛୁଟି କଟେଇବାକୁ ମାମୁଁ ଘରକୁ ଯାଇଛି । ଘଡ଼ିକି ଘଡ଼ି ଶଙ୍ଖର ଦୁର୍ବଳ ଦେହ ଝୋଲା ମାରି ଯାଉଛି ।

ସେଥର ଗୌରକୁ ଏକୁଟିଆ ପାଇ ଗେହ୍ଲେଇ ହେଇ ଶଙ୍ଖ କହିଲା, ''ମତେ ଭାରି ଭୋକ ହଉଚି । ବଜାରରୁ କ'ଣ ଟିକେ ଆଣନ୍ତନି ଖାଇବାକୁ ।'' ଗୌର କାବା ହୋଇ ଚାହିଁଲା ତା' ମୁହଁକୁ । ''କିଲୋ ଘରେ କ'ଣ ନିଅଣ୍ଟ ପଡ଼ିଲାଣି ଯେ ବଜାରରୁ ଆଣିବି ? କାଲି ପରା ସେଓ କଦଳୀ, ବିସ୍କୁଟ ମେଞ୍ଚେ ହେବ ଆଣିଛି ।'' ଗୌରର ଏତିକି କଥାରେ ଶଙ୍ଖର ହିକ୍କା ଉଠିଗଲା । ଛାତି ତଳେ ରୁନ୍ଧା ଅଭିଯୋଗ ପାଟି ବାଟେ ଉତୁରି ପଡ଼ିଲା । ''ବୋଉ ଯଦି ମତେ ଭଲରେ ଗଣ୍ଡେ ଖାଇବାକୁ ଦେଉଥାନ୍ତେ ମୁଁ କାହିଁକି ତୁମକୁ ଲୁଚେଇ ଲୁଚେଇ କହିଥାନ୍ତି ? ବୋହୂ ହୋଇ ଆସିଲା ଦିନୁ ତ ମୁହଁ ଛିଞ୍ଚଡ଼ା ଗାଳି ସମ୍ପାତ ଖାଇ ଖାଇ ପେଟ ପୁରୁଛି । ଭଲ ମନ୍ଦ ଆଉ ଖାଇଲି କେତେବେଳେ ? ତମେ ଆସିଲେ ବୋଉ ଭଲେଇ ହୋଇ ... ।''

ଦପ୍‌କିନା ଜଳି ଉଠିଲା ଗୌର । ''ଚାଲ୍ ବୋଉ କତିକି । ମୁଁ ପଚାରିବି କାହିଁକି ସିଏ ତୋତେ ଖାଇବାକୁ ଦେଉନି ।'' ଶଙ୍ଖ ତା' ଗୋଡ଼ ଧରି ଯେତେ ନେହୁରା ହେଲେ ବି ଗୌର ତାକୁ ଟାଣି ଟାଣି ବୋଉ ପାଖକୁ ନେଇଗଲା । ବୁଢ଼ୀକୁ ଆଉ ସମ୍ଭାଳେ କିଏ ? ପାଟି ତୁଣ୍ଡ କନ୍ଦାକଟାରେ ସାହି ପଡ଼ିଶା ଗଦା ହୋଇଗଲେ । ବିଚରା ଶଙ୍ଖ ଲାଜରେ ସେଠୁ ଦଉଡ଼ି ଯାଇ ଘର କଣରେ ଲୁଚିଲା । ସେଇଠୁ ରାଗି ମାଗି ଗୌର ସହରକୁ ବାହାରିଲା । ଗଲାବେଳେ ଶଙ୍ଖକୁ ଧମକେଇ କହିଲା, ''ତୁ ଭାବନା ଯେ ତତେ ନିଜେ ବାଛି ବାହା ହେଲି ବୋଲି ତୁ ମୋ ବୋଉ ନାଆଁରେ ଲଗେଇ ଢୁଟେଇ କହିବୁ, ଆଉ ମୁଁ ତତେ ମୁଣ୍ଡରେ ବସେଇଥିବି ?''

ଶଙ୍ଖର ଫୁଲ ଝୁଲଣା ଛିଣ୍ଡି ପଡ଼ିଲା ମାଟି ଅଗଣାରେ ଧୂଳି ଧୂସରିତ ହେଇ । ଫୁଲ ସବୁ ଲୁହ ଟୋପା ହୋଇ ଝରିପଡ଼ିଲେ ହାଣ୍ଡିଶାଳ ଖନ୍ଦାରେ, ନିକାଞ୍ଚନ ପୋଖରୀ ତୁଠରେ, ବାଡ଼ିପଟେ, ଏକୁଟିଆ କାଞ୍ଚନ ଗଛ ମୂଳରେ । ସେ ଲୁହକୁ ସାଉଁଟି ନବାକୁ କି କୁହୁଳା ମନକୁ ଆଉଁସି ଦେବାକୁ କେହି ନଥିଲେ । ତୂଳି ପାଉଁଶ ତଳେ ସପନ ସବୁ କଇଁଥା ହୋଇଗଲେ । ଉତିଆଣି ପିଲାଟାର କାମ ସାଙ୍ଗକୁ ଘର ଗୋଟାକଯାକର କାମ

Digitized by srujanika@gmail.com

ସାରି ଗୌର କି ଗୋପାଳର ଫେରିବା ବାଟକୁ ଚାହିଁ ଚାହିଁ ଶଙ୍ଖର ମଉନ ଦିନଗୁଡ଼ାକ କଟି ଯାଉଥିଲା ।

ଗୌର ଫେରିଲା ମାସକ ବାଦେ । ମୁହଁରେ ତା'ର ଅଥାର ବନ୍ଧା ହୋଇଛି ଯେମିତି । ଶଙ୍ଖ ଆଖିରେ ଲୁହ ଦେଖି ବିରକ୍ତ ହେଇ କହିଲା, ''ମଣିଷ ମାସେ ଦି'ମାସରେ ଥରେ ଆସିବ ଯେ କାହାର ସକ ବୋହି ପଡୁଥିବ ତ କିଏ ଧାନ ଉଷୁଆଁ ହାଣ୍ଡି ପରି ମୁହଁ କରିଥିବ । ଏମିତି ଘରକୁ ମଣିଷ ଆସିବ କାହିଁକି କେଜାଣି ?'' ପଣତରେ ଲୁହ ପୋଛି ପକେଇ ହସି ହସି କଥା କହିବାକୁ ଚେଷ୍ଟା କଲା ଶଙ୍ଖ । ତା'ର ମନେ ପଡ଼ିଲାନି ଆଗେ ଗୌର ଆସିଲେ ସେ କି କଥା କହୁଥିଲା । ବୁଢ଼ୀ ଅସୁରୁଣୀ କଥା, ନା ରାଜକୁମାରଙ୍କୁ କେଶବତୀର ସୁନା କେଶ ମିଳିବା କଥା ? ସବୁ କାମ ତା'ର ଯେମିତି ବେସୁରା ହେଇଯାଉଥିଲା । ରାତିରେ ଟିକେ ଗେହ୍ଲେଇ ହେଲା ବୋଲି ଗୌର ଚିଡ଼ି ଯାଇ କହିଲା, 'ଓଃ – ମଣିଷକୁ ଟିକିଏ ଶାନ୍ତିରେ ଶୋଇ ଦେବେନି ଏମାନେ ।'' ଖଟରୁ ଉଠି ଚାଲିଗଲା ବାହାର ଘରେ ଶୋଇବାକୁ ।

ପରଦିନ ସକାଳୁ ବାସନ ମାଜୁ ମାଜୁ ଶଙ୍ଖର ଦେହ ବୁଲେଇ ଦେଉଥାଏ । ରାତିସାରା ଅନିଦ୍ରା ସାଙ୍ଗକୁ ଖାଡ଼ା ଉପାସ । ମା' କି ପୁଅ କେହି ଥରେ ହେଲେ ପଚାରିଲେନି ସେ ଖାଇଛି କି ନାହିଁ । ଏତେ ଗେଲ ବସରରେ ବଢ଼ି ଆସିଥିବା ଦିହଟାରେ ଆଉ ବଳ ବୋଲି ପଳେ ନାହିଁ । କୁନ୍ଥେଇ ମୁନ୍ଥେଇ ମଜା ବାସନତକ ଧରି ରୋଷେଇ ଘରକୁ ପଶିଲା ବେଳକୁ ଦେଖିଲା ପିଣ୍ଡାରେ ବସି ଶାଶୁ ଫୁସ୍‌ଫୁସ୍ କରି ଗୌରକୁ କ'ଣ କହୁଛନ୍ତି । ଶଙ୍ଖ ଉପରେ ନଜର ପଡ଼ିଗଲାରୁ ତୁଣ୍ଡରେ ତାଲା ପଡ଼ିଗଲା । ଅଜଣା ଆଶଙ୍କାରେ ଉପାସିଆ ଦିହରୁ ବାକିଥିବା ବଳତକ ଉଭେଇ ଗଲା ଯେମିତି ! ଟଳମଳ ପାଦକୁ ଥୟ କରୁ କରୁ ଝଣଝାଣ ହୋଇ ବାସନତକ କୁଢ଼େଇ ହୋଇ ପଡ଼ିଲା । ''ଆଲୋ ସାରିଦେଲାଲୋ, ମୋର ଏଡ଼େ ଶରଧାରେ ସାଇତା କାଚ ବାସନ ତକ ଜାଣି ଶୁଣି ଭାଙ୍ଗିଦେଲା ଅଲକ୍ଷଣୀ ।'' ବରଡ଼ା ପତ୍ର ପରି ଥରୁଥାଏ ଶଙ୍ଖ । ଗୌରର ରାଗରେ ନାଲି ଚରଚର ମୁହଁକୁ ଦେଖି ତା' ହଲକ ଶୁଖିଗଲା । ତରବର ହେଇ ବାସନତକ ଗୋଟେଇବାକୁ ନଇଁ ପଡ଼ିଲାବେଳକୁ ଧକ୍କାଏ ମାରି ବୁଢ଼ୀ ତାକୁ ଆଡ଼େଇ ଦେଇ ଗର୍ଜି ଉଠିଲା, ''ବୋପା ଯଦି ଆଣି କୁଢ଼େଇ ଦଉଥାନ୍ତା ତାହାଲେ କେଡ଼େ ଅଭିଲା ହଉଥାନ୍ତୁ ଲୋ ସେରେଇଗା ଝିଅ । ହୁଁଃ ... ଭିକମଗା ଘରେ ବନ୍ଧୁ କଲେ ଏମିତି ହିନସ୍ତା ହେବାକୁ ପଡ଼େ ।'' ଶଙ୍ଖର ଆଲିଜା ଦିହଟା ଖଡ଼ିକା କାଠି ପରି ସଳଖା ହୋଇଗଲା । କୋହ ଟୁଳୁ ଟୁଳୁ ତଣ୍ଟିରୁ କଥାତକ ଓକାରି ଆସିଲା । ''ମୋ ବାପା ତମର ଖାଉଛନ୍ତି ନା

Digitized by srujanika@gmail.com

ଧାରୁଛନ୍ତି ଯେ ତମେ ସବୁବେଳେ ତାଙ୍କୁ ସଁପି ଲାଗିଛ ? ସିଏ କ'ଣ ଯାଚି ପଶି ତମ ଘରେ ଝିଅ ଦେଇଥିଲେ କି ? ତମେ କି ବଡ଼ ଲୋକ ଜଗତ ଦେଖୁନି ନା ଜାଣୁନି ? ଯୋଉ ସୁଖ ଟୋକେଇ ମୋ ଉପରେ ଅଜାଡ଼ି ଦେଇଛ ଛାଡ଼ । ଖାଇବାକୁ ମୁଠେ ନଦେଇ ଚାକରାଣୀମିତି ଖଟେଇ ଖଟେଇ ହାଡ଼ରୁ ମାଂସ ଝଡ଼େଇ ସାରିଲଣି ।'' ତା' ଗାଲରେ ଗୌରର ବାଣ ଫୁଟିଲା ପରି ଦି'ଟା ଚଟ୍‌କଣା ତା' କଥାକୁ ସେତିକିରେ ରୁନ୍ଧି ଦେଲା । ''ବାହାର ବାହାର ମୋ ଘରୁ । ବଜାତ୍ ମାଇକିନା ସାହସ ଦେଖ, ମୋ ବୋଉ ମୁହଁ ଉପରେ ଜବାବ୍ ଦେଉଛି । ଆରେ ... ଏ ...ଏ କିଛି ନକହିଲାରୁ ଶା ... ମାଇକିନାର ମୁହଁ ବଢ଼ି ଯାଉଚି ।'' ଗୌରର ଚାପୁଡ଼ା ନୁହେଁ, କଥା କେଇ ପଦ ଶଙ୍ଖକୁ ଗଡ଼ ଗଡ଼ କରି ହାଣି ପକାଇଲା । କୋଉ ଦୋଷରୁ ସେ ଏତେ ଅପମାନ ଭୋଗୁଛି ? ସିଏ ତ ଏ ଘରକୁ ଆସିଥିଲା କାନିରେ କାନିଏ ଜହ୍ନରାତି ପୁରେଇ । ହେଲେ ସବୁ ଉଜାଡ଼ି ଦେଇ ଉଆଁସୀ ଅନ୍ଧାର ଗଣ୍ଠିଳିଟାଏ କିଏ ଝୁଲେଇ ଦେଲା ତା' ପିଠିରେ ? ମନର ଅତଳ ତଳୁ ଅଭିମାନ ଗୁମୁରି ଉଠିଲା । ନିଦୁଆ ପୁଅକୁ ଟେକିଆଣି ଏକା ଲହସରେ ଘର ଦୁଆର ଡ଼େଇଁ ପଳେଇ ଆସିଲା ବେଳକୁ ଗୌର ଧପାଲି ଆସି ଘୋଷାଡ଼ି ନେଲା ପୁଅକୁ । ''ଖବର୍‌ଦାର୍ କହୁଚି, ମୋ ପୁଅକୁ ତୁ ଛୁଇଁ ପାରିବୁନି । ଏ ଘର ପୁଅ ଏଇ ଘରେ ରହିବ । ତୁ କୋଉ ଗତରକୁ ଯାଉଚୁ ଯା ।'' ଶଙ୍ଖର କଲିଜା ଦୁହିଁ ହୋଇ ଯାଉଥିଲା । ସେ କ'ଣ ଖାଲି ଗୌରର ବଉଁଶ ଗଛ ଫଳେଇବା ସର୍ତ୍ତରେ ଏ ଘରକୁ ଅଣା ହେଇଥିଲା ? ପୁଅ ଫଳେଇ ସାରି ମିଆଦ ପୂରିଗଲାରୁ ଦାଣ୍ଡକୁ ବାଟ ଦେଖେଇ ଦିଆହେଲା ? ଆଉ ପଛକୁ ଫେରି ଚାହିଁନି ଶଙ୍ଖ । ହିଡ଼ ବୁଦା ଡ଼େଇଁ ଡ଼ାହାଣୀ ଲାଗିଲା ପରି ଦଉଡୁଥିଲା ସେ । ଏକମୁହାଁ ଆସି ତାଙ୍କ ଘର ଦୁଆର ମୁହଁରେ ଅସାଡ଼ ହେଇ ପଡ଼ିଗଲା ।

ବାପା ବୋଉ ଚାରିଦିନ ହେଲା ପଚାରି ପଚାରି ଥକି ଗଲେଣି, ଶଙ୍ଖ ମୁହଁରୁ ପଦୁଟିଏ କଥା ବାହାରୁନି । ଶାଶୁ ଘରକୁ ଫେରିବା କଥା କହିଲେ କବାଟ କିଳି ପଶୁଚି ଯେ ନଖାଇ ନପିଇ କାନ୍ଦି କାନ୍ଦି ଝୋଲା ମାରିଯାଉଛି । ସକାଳ ପହରୁ ବାଡ଼ି ଦୁଆରକୁ ଆଉଜି ବସିଛି ଯେ ବସିଛି । ଖାଲି ଆଖି ଦି'ଟା ପହଁରୁଛି ଲଣ୍ଡା ଆକାଶରେ । ଘଡ଼ିକି ଘଡ଼ି ଚିହିଁକି ଉଠି 'ମୋ ପୁଅ', 'ମୋ ସୁନା', କହି ଅଣ୍ଡାଳି ପକାଉଛି ନିଜ ଚାରିପଟ ଭୂଇଁକି । ଛାତିରୁ ନିଗିଡ଼ି ପଡୁଥିବା କ୍ଷୀରରେ ପିନ୍ଧା ଲୁଗା ତିନ୍ତି ଯାଉଛି । ଝିଅକୁ କି ସାନ୍ତ୍ୱନା ଦବ ଶଙ୍ଖ ବୋଉ ? ନିଜେ ତ ଭିତରେ ଭିତରେ ଦୁହିଁ ହେଇଯାଉଛି ଯେ ବୁଦ୍ଧିବାଟ ଦିଶୁନି । ଧାଇଁଯାଇ ଡ଼ାକି ଆଣିଲା ପଡ଼ିଶା ଘରର କୁଞ୍ଜ ବୋଉକୁ । ଶଙ୍ଖକୁ ଚାହିଁ ଦେଇ ସେ ହାଉଳି ଖାଇଲା,''ଆଲୋ ଥନହରା ପଡ଼ିଯିବଲୋ । ନିଆଁଲଗା

Digitized by srujanika@gmail.com

ଶାଶୁବୁଢ଼ୀର ହୃଦ ବୋଲି ଟିକିଏ ନାହିଁ ? ଉଡିଆଣି ଛୁଆଟାକୁ ମା' ଥନରୁ ଛଡ଼େଇ ରଖିଛି କେମିତି କେଜାଣି ।'' ଥନ ଚିପୁଡ଼ି ଟାଟିଆରେ ଟାଟିଏ କ୍ଷୀର ନେଇ କୂଅରେ ଢ଼ାଳିଦେଲା କୁଞ୍ଜ ବୋଉ । ସେତେବେଳକୁ ଶଙ୍ଖ ଦେହରେ ଦେହେ ତାତି ଖଇ ଫୁଟୁଛି ।

ସଞ୍ଜ ପହରକୁ ଗୋପାଳର 'ଭାଉଜ' ଡ଼ାକରେ ଆଖି ଖୋଲିଲା ଶଙ୍ଖ । ଭାଉଜ ଗାଁକୁ ଯାତ୍ରା ପାର୍ଟି ଆସିଛି ବୋଲି ଶୁଣି ମାମୁଁ ଘରୁ ଛାଟି ହୋଇ ପଳାଇ ଆସିଛି ଗୋପାଳ । ଘରେ ପହଞ୍ଚି ବୋଉଠୁ ସତମିଛ ଉପାଖ୍ୟାନରୁ ଅଧ୍ୟାୟେ ଶୁଣି ସାଙ୍ଗେ ସାଙ୍ଗେ ବାହାରି ପଡ଼ିଲା ଭାଉଜ ଗାଁକୁ । ଦିଅର ଭାଉଜ କୁଣ୍ଢାକୁଣ୍ଢି ହେଇ ବହେ କାନ୍ଦିଗଲେ । ତା'ପରେ ଚାଲିଲା ସଲାସୁତରା । କି କଥା ହେଲା କେଜାଣି, ଦିଅର ଫେରିଗଲା ପରେ ଶଙ୍ଖର ମୁରୁଝା ମୁହଁଟାରେ ଆଲୁଅ ଚହକି ଗଲା । ଦିହରୁ ଜର ଯେମିତି ଝାଡ଼ିଝୁଡ଼ି ହେଇଗଲା ।

ରାତି ଅଧ ବେଳକୁ ଖଣ୍ଡମଣ୍ଡଳ କମ୍ପୁଛି ଯାତ୍ରା କନସର୍ଟର ତାରେନାନା ... ତାକ୍ ଧିନ୍ ଧିନ୍ତା ଶବ୍ଦରେ । ଗାଁରେ ତିନି ପା' ଲୋକ ଯାତ୍ରାଠି ରୁଣ୍ଡ । ଶଙ୍ଖ ଉଠିଲା । ବାଡ଼ି ଦୁଆର ଖୋଲି ଭୂତ ଲାଗିଲାମିତି ଏକ ମୁହାଁ ଧପାଲିଲା । ଅମେଇସା ଅନ୍ଧାର ତାକୁ ଡ଼ରେଇ ପାରିଲାନି, ଡ଼ାଆଣୀ ଚିରୁଗୁଣୀ ଥରେଇ ପାରିଲେନି । ତା'ଆଖିରେ ଖାଲି ତା'ପୁଅ, ତା'ଶଙ୍ଖାଳି । ପାଦ ଆଉ ନିଃଶ୍ୱାସ ଆସି ଥମିଲେ ଶାଶୁଘର ବାରି କବାଟ ପାଖରେ । ହାତ ଥୋଉ ଥୋଉ କଂସ ଗାରଦ କବାଟ ଖୋଲିଲାମିତି ବାରି କବାଟ ଖୋଲିଗଲା । ଗୋପାଳର ଏତକ କରାମତି । ଶଙ୍ଖ ଦଣ୍ଡେ ଥମିଗଲା । ସେ କ'ଣ ଏଡ଼େ ସାହସ କରିପାରିବ ? ପୁଣି ମନକୁ ଦମ୍ଭ କଲା । ଛୁଆଟାକୁ କ୍ଷୀର ଟୋପେ ଦେଇ ପାରିବନି ? କ'ଣ ଏମିତି ବ୍ରହ୍ମହତ୍ୟା ଦୋଷଟେ ହୋଇଯିବକି ? ଜିଦିବାଦରେ ଆସି ଶେଷକୁ ତା' ଛୁଆଟା... ! ନା, ତାକୁ ପାରିବାକୁ ହେବ । ପାଦ ଚିପି ଚିପି ଶଙ୍ଖ ଶାଶୁ ଶୋଇଲା ଘରେ ପଶିଲା । ନିଶ୍ୱାସ ରୁନ୍ଧି ଶେଯରୁ ଶୋଇଲା ପୁଅକୁ ଟେକି ଆଣିଲା କୋଳକୁ । ଆଃ, ତା' ଡହ ଡହ ତବତ ଦିହରେ ଗୋଳା ଚନ୍ଦନ ମେଞ୍ଚେ ବୋଳି ହୋଇଗଲା କି ଆଉ ! ପାଦ ଚିପି ସେମିତି ଲେଉଟି ଆସି ବସି ପଡ଼ିଲା ବାରି ଦୁଆର ମୁହଁରେ । ଛୁଆ ମୁହଁରେ ଉତୁରା ଥନରୁ ଫାଳେ ଗୁଞ୍ଜି ଦେଇ ତୃପ୍ତିରେ ଆଖି ବୁଜିଦେଲା ଶଙ୍ଖ । କିଟି କିଟି ଉଆଁସ ରାତିଟା ଜହ୍ନରେ ଜହ୍ନରେ ଜହ୍ନେଇଗଲା, କ୍ଷୀରଖିଆ ପିଲାଟାର ଚଁ ଚଁ ଶବ୍ଦରେ ଝୁଲି ଝୁଲି ଗଛବୃଚ୍ଛ ମାତାଲ ହେଲେ । ତାରାମାନେ ଠେଲାଠେଲି ହେଲେ ଶଙ୍ଖର ବିଭୋର ଆଖିରେ ମୁହଁ ଦେଖିବାକୁ । ଶଙ୍ଖର ଆଖି କିନ୍ତୁ ଠାକି ଯାଇଥିଲା ତା'ପୁଅ ମୁହଁଠି, ତା' ସାଙ୍ଗରେ ସମୟ ବି ।

ଶାଶୁର ହାଉ ହାଉ ପାଟିରେ ତରକି ଗଲା ଶଙ୍ଖ । ଭାବିବାକୁ ବେଳ ନାହିଁ ।

Digitized by srujanika@gmail.com

ପୁଅକୁ ଛାତିରେ ଚାକି ଧାଇଁ ଲାଗିଲା ବାଟ ଅବାଟ ନମାନି । ପଛେ ପଛେ ଟର୍ଚ୍ଚ, ଲଣ୍ଠନ, ପାଟି ତୁଣ୍ଡମାନେ ପିଛା କରୁଥାନ୍ତି । ଶଙ୍ଖ ଧାଉଁଥାଏ, ତା' ଦିହରେ ତରକା ଘୋଡ଼ାର ଆତ୍ମାଟିଏ ସତେ କି ସବାର ହେଇଛି । ଦଉଡ଼ିବା ଯେମିତି ତା'ର ନିୟତି । କେତେବାଟ ସେ ଧାଇଁଲାଣି ? ମାଇଲିଏ ... କୋଶେ ... ନା ଯୋଜନ ଯୋଜନ ? ପଛେ ପଛେ ଖଣ୍ଡିଆ ଭୂତ ପରି ପାଖେଇ ଆସୁଛି ଘୋ ଘୋ ପାଟିତୁଣ୍ଡ । ଶଙ୍ଖକୁ ଆବୋରି ବସିଲା ଗୋଟେ ଜାଡୁଆ ଭୟ, ଜୀବନର ଶେଷ ଅବଲମ୍ବନ ହରାଇ ଦେବାର ହାହାକାର । ତା' ରଙ୍କୁଣୀ ଧନକୁ ଆହୁରି ଜୋର୍‌ରେ ଛାତିରେ ଜାବୁଡ଼ି ଧରି ଧାଇଁବାକୁ ଲାଗିଲା ସେ । ଛାତିର ସାତ ତାଳ ଗହୀର ପେଟରାରେ ମାଠିମୁଠି ଲୁଚେଇ ଦେଉଥିଲା ତା' ଜୀବଜୀବନକୁ । ହେଲେ ଦାଉ ସାଧିଲା ଜରୁଆ ଦିହକୁ ଅଣନିଃଶ୍ୱାସୀ ଦଉଡ଼ । ମଝି ବାଟଟାରେ କଚାଡ଼ି ହେଇ ପଡ଼ିଗଲା ଶଙ୍ଖ । ଛାତିରେ ସେମିତି ଲେପଟି ଥାଏ ଛୁଆଟା । ଏତେ ଦିନକେ ନିଜ ଦେହର ଉଷୁମ ବାରୁଛି ସିଏ ।

ଗୋଡ଼େଇଥିବା ପାଦମାନେ, ଦୋହଲୁଥିବା ଆଲୁଅମାନେ, ଧଇଁସଇଁ ନିଶ୍ୱାସମାନେ ଥିର ହୋଇଗଲେ ଶଙ୍ଖ ଚାରିପଟେ । ଶଙ୍ଖର ଜାବ ଭିତରୁ କଅଁଳା ଛୁଆଟାକୁ ଓଟାରି ଆଣୁ ଆଣୁ ହାଉଳି ଖାଇଲା ଶାଶୁବୁଢ଼ୀ, ''ଆଲୋ ମୋ ଛୁଆଟାକୁ ଶୋଷି ଦେଲାଲୋ, ମୁଁ କ'ଣ କରିବିଟି ... ।'' ଫିଟିଗଲା ଶଙ୍ଖର ଆଖି । ଆଖି ତ ନୁହଁ, ଦି' ମୁଣ୍ଡା ଜଳୁଥିବା ନିଆଁ ରଡ଼ । ଛାତି ଉପରୁ ଲୁଗାକୁ ଓଲାରି ପକେଇ ପୁଅର ନିଥର ଓଠକୁ ମାଡ଼ି ଦେଲା ମୁକୁଳା ଥନରେ । ଛୁଆର ଦି'କଲ ଦେଇ ବୋହି ଯାଉଥିଲା ଜୀବନ । ଶଙ୍ଖ ତାକୁ ଆହୁରି ନିବିଡ଼ ଭାବେ ଛାତିରେ ଜାକି ଧରି ବୋଧ କରୁଥିଲା, ''ଖାଇଦେରେ ଧନ ଖାଇଦେ ! କେହି ତତେ ଛଡ଼େଇ ନେବେନି ।''

ଅନେକ ଦୂରରୁ ଯାତ୍ରାର ଶେଷ କନସର୍ଟ ଗୁମୁରି ଗୁମୁରି ଭାସି ଆସୁଥିଲା ।

□■□

Digitized by srujanika@gmail.com

ଶେଷ ତର୍ପଣ

ମେଡ଼ିକାଲ କ୍ୟାମ୍ପସର ଦୁଇ ଧାରରେ ଲଂବି ଯାଇଥିବା ଘଂଚ ଦେବଦାରୁ ଗଛର ଛାଇ ତଳେ ଠିଆ ହୋଇଥିଲେ ଯଜ୍ଞ ଆଉ ପୂଜା । ନିରବତା ଦୁହିଁଙ୍କ ମଝିରେ ଆଗନ୍ତୁକ ପରି ଠିଆ ହୋଇଥିଲା । କେତେବେଳ ପରେ ଯଜ୍ଞ ପୂଜାର ନରମ ପାପୁଲିକୁ ନିଜ ହାତରେ ଟେକି ନେଲା । ଏତେବେଳଯାଏ ବର୍ଷିବ ବର୍ଷିବ ହେଉଥିବା ମେଘ ଝରି ପଡ଼ିଲା ଟୋପା ଟୋପା ହୋଇ । ପୂଜା ଲୁହର ଲବଣାକ୍ତ ସ୍ୱାଦ କିନ୍ତୁ ହୃଦୟକୁ ଅନେକ ମିଠା ମିଠା ଆସ୍ୱାଦରେ ଭରିଦେଲା । ଅତି ଯତ୍ନରେ ପୂଜା ଆଖିକୁ ଯଜ୍ଞ ରୁମାଲରେ ପୋଛି ଦେଉ ଦେଉ କହିଲା, ''ଚାଲ କୁଆଡ଼େ ଟିକେ ବୁଲି ଆସିବା'' । ''ନା, ମୋର ଇଚ୍ଛା ହେଉନି କୁଆଡ଼େ ଯିବାକୁ'', ପୂଜାର ସ୍ୱର ଓଜନିଆ । ''କଣ ଯେତେ ଭୋକ ହେଲେ ବି ନୁହେଁ ?'' ଯଜ୍ଞ ଜାଣେ ତାକୁ ଭୋକ ଲାଗୁଛି ବୋଲି ଜାଣିଲେ ପୂଜା ସବୁ ରାଗ ଅଭିମାନ ଭୁଲିଯିବ । ସବୁ ଝିଅଙ୍କ ଭିତରେ ଜନ୍ମରୁ ମା'ଟିଏ ଲୁଚି ରହିଥାଏ । ପୁରୁଷର ଭୋକ ତା'ର ସର୍ବଶେଷ ଦୁର୍ବଳତା ।

ରେଷ୍ଟୋରାଁରେ ବସି ବି ପୂଜା ଚୁପ୍ । ସବୁବେଳେ ଗପ, ହସରେ ଉଚ୍ଛୁଳୁଥିବା ପୂଜାର ଏ ମଉନାବତୀର ନିରବତା ଯଜ୍ଞକୁ ଅସହ୍ୟ ଲାଗୁଥିଲା । ସେ ଜାଣେ ପୂଜାକୁ ବୁଝାଇବା ଭାରି କଷ୍ଟ । ସେଥିପାଇଁ ଏନ.ଡ଼ି.ଏ ପାଇଁ ପରୀକ୍ଷା ଦେବାର ଏତେ ଦିନ ବିତି ଯାଇଥିଲେ ବି ସେ ପୂଜାକୁ କିଛି କହିନଥିଲା । କିନ୍ତୁ ରେଜଲ୍ଟ ନକହି ତ ରହି ହେବନି । ପୂଜାପାଇଁ ଯେ ତା'ର ଏତେ ପରିଶ୍ରମ, ସେ କଥା ପୂଜା ମୋଟେ ବୁଝେନି । ଟେବୁଲ୍ ଉପରେ ନଖର ଗାର କାଟୁଥିବା ପୂଜା ହାତକୁ ଚାପି ଦେଇ ସେ କହିଲା, ''ପ୍ଲିଜ୍ ପୂଜା ! ଅବୁଝା ହୋଇ ଏଇ ମୁହୂର୍ତ୍ତଗୁଡ଼ାକ ନଷ୍ଟ କରି ଦିଅନା । ଗୋଟିଏ ସୁନ୍ଦର

Digitized by srujanika@gmail.com

ଭବିଷ୍ୟତ ପାଇଁ କେଇଟା ଦିନ କ'ଣ ଆମେ ପରସ୍ପରକୁ ଛାଡ଼ି ରହି ପାରିବାନି ? ତିନିଟା ବର୍ଷ ଚାହୁଁ ଚାହୁଁ କଟିଯିବ । ତମର ବି ଡ଼ାକ୍ତରୀ ପଢ଼ା ସରିଯାଇଥିବ । ମୁଁ ଏଠି ରହିଲେ ତମେ ପଢ଼ାରେ ଖୁବ୍ ନେଗ୍‌ଲେକ୍ଟ କରୁଛ । ଟିକିଏ ପ୍ରାକ୍ଟିକାଲ୍ ହୁଅ ।'' ମୁହଁ ଟେକି ଚାହିଁଲା ପୂଜା । ଓଠ ଦି'ଟା ବରପତ୍ର ପରି ଥରୁଥିଲା । ଯଜ୍ଞର ଡ଼ାହାଣ ଓଠ ନଇଁ ଆସିଲାବେଳକୁ କପଟ ରାଗରେ ତାକୁ ଠେଲିଦେଇ ପୂଜା କହିଲା, ''ତମେ କ'ଣ ଭାବୁଛ ମିଲିଟାରୀ ଅଫିସର ହୋଇଗଲେ ତମ ବାପା ମା' ତାଙ୍କ ବ୍ରାହ୍ମଣ ପୁଅକୁ ଗୋଟେ ଖଣ୍ଡାୟତ ଝିଅ ସାଙ୍ଗେ ବାହା କରିଦେବେ ?'' ହୋ ହୋ ହୋଇ ହସି ଉଠିଲା ଯଜ୍ଞ । ''ସେତେବେଳେ ତମକୁ ମୋ ପଇତାଟା ପିନ୍ଧାଇ ଦେଇ ବ୍ରାହ୍ମଣୀ କରି ଦେବିନି ?''

ଯଜ୍ଞ ଚାଲିଗଲା ପୁନା । ପାଠପଢ଼ା ଓ ଟ୍ରେନିଂ ଦିନତକ ଭିତରେ ତିନି ଥର ସେ ଆସିଥିଲା ଘରକୁ । ପ୍ରତିଥର ପୂଜା ସହ ସାକ୍ଷାତ ଥିଲା ମାତ୍ର କେଇ ଘଂଟାର । ବାକି ସମୟ ତକ କେବଳ ଚିଠି ହିଁ ଥିଲା ଯୋଗାଯୋଗର ମାଧ୍ୟମ । ଟ୍ରେନିଂ ସରିଗଲା ପରେ ଯଜ୍ଞର ପୋଷ୍ଟିଂ ହେଲା ଜାମ୍ମୁରେ । ସାତଦିନ ପାଇଁ ଘରକୁ ଆସି ମାତ୍ର ଦିନଟିଏ ପୂଜା ପାଖରେ କଟାଇଥିଲା । ବହୁତ ବଦଳିଯାଇଥିଲା ଯଜ୍ଞ । ତା'ଭିତରର ଡରୁଆ ଚପଳ ଯୁବକଟି ପ୍ରଚଣ୍ଡ ପୌରୁଷର ଦୀପ୍ତିରେ ଝଟକୁଥିଲା । ପୂଜା ତାକୁ ଯେତିକି ଦେଖୁଥିଲା, ଅଜଣା ଆଶଙ୍କାଟିଏ ତା' ଭିତରେ ଚେରେଇ ଯାଉଥିଲା । ପୂଜାର ହାଉସ୍‌ମ୍ୟାନ୍‌ସିପ୍ ଆରମ୍ଭ ହୋଇଯାଇଥିଲା । ବାପା ମା' ବାହାଘର ପାଇଁ ବ୍ୟସ୍ତ କରୁଥିଲେ । ପି.ଜି. ନକଲାଯାଏଁ ବାହା ହେବନି କହି କୌଣସିମତେ ସେ ଟାଳି ଦେଉଥିଲା । ଯଜ୍ଞ ବିଷୟରେ ସେମାନେ କିଛି ଶୁଣିଥିଲେ ବି ସ୍ପଷ୍ଟଭାବେ ଜାଣି ନଥିଲେ । ତେଣୁ ପୂଜାର ପି.ଜି. ସରିବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ସମ୍ମତ ହୋଇଥିଲେ । ଯଜ୍ଞ କିନ୍ତୁ ଶତ ଚେଷ୍ଟା କରି ବି ପୂଜାକୁ ବୋହୂ କରି ଆଣିବା ପାଇଁ ତା' ବାପା ମା'ଙ୍କୁ ରାଜି କରାଇ ପାରି ନଥିଲା । ସେଥିପାଇଁ ରାଗିମାଗି ଚାଲିଗଲା ଯେ ବର୍ଷେଯାଏଁ ଫେରିବାର ନାଁ ଧରିଲା ନାହିଁ । ପୂଜା ଚିଠିମାନଙ୍କର ବି କୌଣସି ଉତ୍ତର ଦେଲା ନାହିଁ । ପୂଜାର ଆଶଙ୍କାର ଚାରାଗଛଟି ଡ଼ାଳ ପତ୍ର ମେଲାଇ ଆକାଶ ଛୁଇଁବାକୁ ବସିଲା । ତା'ରି ମୂଳରେ ବସି ସେ ଟାଇମ୍ ମେସିନ୍‌ରେ ଅତୀତକୁ ଫେରି ପାରିଲା ସିନା, ହେଲେ ଭବିଷ୍ୟତକୁ ଯିବାର ସୁଇଚ୍‌ଟା ପାଉ ନଥିଲା ।

ପି.ଜି. ରେଜଲଟ୍ ଖୁବ୍ ଭଲ ହୋଇଥିଲା ପୂଜାର । ବନ୍ଧୁ ବାନ୍ଧବ, ସାଙ୍ଗ ସାଥୀମାନଙ୍କର ଶୁଭେଚ୍ଛାର ହାତଗୁଂଜା ଭିତରେ ସେ କିନ୍ତୁ ଏକ ଅସହାୟ ଶୂନ୍ୟତାକୁ ଆବୋରି ବସିଥିଲା । ସାରା ଦୁନିଆଟା ଲିଭି ଆସୁଥିବା ଗାରଟିଏ ପରି ପାଣିଚିଆ

Digitized by srujanika@gmail.com

ଦିଶୁଥିଲା । ସେମିତି ଏକ ଉଦାସୀ ସଂଜ୍ଞର ଅଳନ୍ଧୁ ଆଡ଼େଇ ବାହାରି ଆସିଲା ଯଜ୍ଞ । ପୂଜାର ଚେତନାରେ ଏକାଥରକେ ଲକ୍ଷ ଲକ୍ଷ ବିସ୍ଫୋରଣ ଘଟିଯାଇଥିଲା । ତା'ର ଥରିଲା ଦେହଟା ଅଜାଣତରେ ଆଉଜି ପଡ଼ିଥିଲା ଯଜ୍ଞର ଛାତି କାନ୍ଥରେ । ଅଭିମାନ ସବୁ ଲୁହ ହୋଇ ଝରି ଯାଇଥିଲେ । ଯଜ୍ଞର ମୁହଁ ଦିଶୁଥିଲା ଇନ୍ଦ୍ରଧନୁ ପରି ରହସ୍ୟମୟ । ଏତେ ଦିନର ଅନେକ ଅନେକ କଥା ଏକା ସାଙ୍ଗରେ କହିବାକୁ ଯାଇ କେହି କାହା କଥା ଶୁଣୁ ନଥିଲେ । ଖାଲି ଶବ୍ଦମାନଙ୍କର ଏକ ଉଚ୍ଚାଟ ଗୁଂଜରଣ ସଂଚରି ଯାଉଥିଲା ହୃଦୟରୁ ହୃଦୟକୁ ।

ପୂଜା ମନେ ମନେ ଏକ ପ୍ରକାର ନିଷ୍ପତ୍ତି ନେଇସାରିଥିଲା ଆର୍ମି ମେଡ଼ିକାଲ କୋର୍‌ରେ ଯୋଗଦେବା ପାଇଁ । ଯଜ୍ଞ ବିନା ପୂଜା ଯେ ଅପୂର୍ଣ୍ଣା । ତା'ଛଡ଼ା ଯଜ୍ଞ ପାଖରେ ଥିଲେ ଆର୍ମିର ଶୃଙ୍ଖଳା ଘେରା ନିବର୍ଣ୍ଣ ଜୀବନ ବହୁବର୍ଣ୍ଣା ପାଲଟି ଯିବାର ସ୍ୱପ୍ନ ତାକୁ ଲୋଭ ଦେଖାଉଥିଲା । ଏଠି ରହିଲେ, ସେ ଜାଣିଥିଲା, ସେମାନେ କେବେବି ଏକାଠି ହୋଇପାରିବେନି । ଯଜ୍ଞ ମଧ ଜାଣିଥିଲା ବାପା ତାଙ୍କର ବ୍ରାହ୍ମଣତ୍ୱର ଅହମିକାକୁ ପୁଅ ପାଇଁ ଛାଡ଼ିଦେବେନି । ବରଂ ଉଭୟ ଆର୍ମିରେ ରହି ବାହାରେ ବିବାହ ରେଜିଷ୍ଟ୍ରେସନ କରିଦେଲେ, ଦୁଇ ପରିବାର ବାଧ ହେବେ ସେମାନଙ୍କ ସଂପର୍କକୁ ଗ୍ରହଣ କରିନେବା ପାଇଁ । ସେଥିପାଇଁ ପୂଜାର ନିଷ୍ପତ୍ତିରେ ସେ ଏକମତ ହୋଇଥିଲା । ପୂଜା ଭିତରେ ଭୟର ପାହାଡ଼ଟିଏ ମୁଣ୍ଡ ଟେକିଲା ବେଳେ ତା' ଭିତରୁ ବିଭୋର ଝରଣାଟିଏ କୁଳୁକୁଳୁ ଝରି ଆସୁଥିଲା । ସେହି ଝରଣାର ମନୋରମ ଫୁଆରାରେ ଗୋଟାପଣ ଓଦା ହେବାକୁ, ପୂଜା ସମସ୍ତଙ୍କ ଇଚ୍ଛା ବିରୁଦ୍ଧରେ ଆର୍ମିରେ ଯୋଗଦେଲା । ଯଜ୍ଞର ଚେଷ୍ଟାରୁ ଓ ପୂଜାର ଭାଗ୍ୟକୁ ଉଭୟଙ୍କର ପୋଷ୍ଟିଂ ହେଲା ପୁଣ୍ଡଠାରେ ଥିବା ଆର୍ମି ସବ୍‌ଡ଼ିଭିଜନରେ ।

ଯଜ୍ଞ ଆଉ ପୂଜା, ପୂଜା ଆଉ ଯଜ୍ଞ । ଆଉ କିଛି ନାହିଁ, କେହି ନାହିଁ । ଆକାଶ ସାରା ମେଘ ହୋଇ ସେମାନେ ଭାସି ବୁଲିଲେ, ପୃଥିବୀଟାଯାକ ମହକ ହୋଇ ବିଛୁରି ଗଲେ । ଅଣୁ ପରମାଣୁରେ ସଞ୍ଚରି ଯାଉଥିଲା ନିଃସୀମ ଲୁବ୍‌ଧତା । ବିବାହ କାର୍ଯ୍ୟ ସଂପନ୍ନ ହେଲା ଜୱାନ ବଂଧୁମାନଙ୍କ ସାହାଯ୍ୟରେ, ଗହଣରେ । କର୍ଣ୍ଣେଲ ଗୁପ୍ତା ହେଲେ କନ୍ୟାପିତା ଓ ମେଜର ସବ୍ୟସାଚୀ ହେଲେ ବରକର୍ତ୍ତା । ଆଉ ସବୁ କିଏ ବରଯାତ୍ରୀ ହୋଇଗଲେ ତ କେତେକ କନ୍ୟା ପକ୍ଷ ହୋଇ ଅତିଥି ଚର୍ଚ୍ଚା କଲେ । ବହୁ ଇପ୍‌ସିତ ମଧୁଚନ୍ଦ୍ରିକା ପାଇଁ ଘର ସଜାଇଲା ବେଳେ ସେମାନଙ୍କ କଳ୍ପନା ଓ ବାସ୍ତବତା ଭିତରେ ରୀତିମତ ଗୋଟେ ଯୁଦ୍ଧ ଲାଗି ଯାଇଥିଲା ଯେମିତି । କିଏ କହିଲା ରାଇଫଲ ସବୁ ମଶାରୀ ବାଡ଼ କରାହେବ, କିଏ କହିଲା ବେଡ୍ ପାଖରେ ଷ୍ଟେଥୋ ରହିବ, ଆଉ କିଏ

Digitized by srujanika@gmail.com

କହିଲା ବେଡ୍‌ଟା କେବଳ ଫୁଲରେ ତିଆରି ହେବ ।

ଏବେ ଗୋଟିଏ କ୍ୱାଟରରେ ଯଜ୍ଞ ଓ ପୂଜା, 'ମିଷ୍ଟର ଆଣ୍ଡ ମିସେସ୍ ଯଜ୍ଞ ମିଶ୍ର' । ତାଙ୍କ ଘରେ ସ୍ୱପ୍ନ ସବୁ ଥାକ ଥାକ ହୋଇ ସଜା ହୋଇଥିଲା, ସିଲିଂରୁ ଦୋଳା ଦୋଳା ହୋଇ ଝୁଲୁଥିଲା ଆଶାର ଅନେକ କଢ଼ । ଜୀବନ ହୋଇଯାଇଥିଲା ଅପରୂପା ଋତୁପର୍ଣ୍ଣାଟିଏ । ପରିଶ୍ରମ ଥିଲା, କ୍ଲାନ୍ତି ନଥିଲା । ଯନ୍ତ୍ରଣା ଥିଲା, ଦୁଃଖ ନଥିଲା । ଅଭିମାନ ଥିଲା, କ୍ରନ୍ଦନ ନଥିଲା । ସମୟ ପିଠିରେ ଡ଼େଇଁ ଡ଼େଇଁ ସେମାନେ ଆଗେଇ ଯାଉଥିଲେ । ଦୁଇଟି ବର୍ଷ କେତେବେଳେ ଯେ ଆଙ୍ଗୁଠି ସନ୍ଧିରେ ବୋହି ଯାଇଛି ଜାଣି ହେଲାନି । ଯଜ୍ଞର ବାପା ମା' ପୂଜାକୁ କେବଳ ଗ୍ରହଣ କରି ନଥିଲେ, ଆଦର ସୋହାଗରେ ତା'ର ପଣତ ଭରି ଦେଇଥିଲେ । ପୂଜାଘରେ ବି ସମସ୍ତେ ଗର୍ବ ଆନନ୍ଦରେ ଉବୁଟୁବୁ ହେଉଥିଲେ ।

ସ୍ୱପ୍ନର ଥାକମାନଙ୍କ ଭିତରୁ ଚିକ୍‌ମିକ୍ ସ୍ୱପ୍ନଟିଏ ତା'ର ହାତ ବଢ଼ାଉଥିଲା ଯଜ୍ଞ ଓ ପୂଜା ଆଡ଼କୁ । ସେଇ ସ୍ୱପ୍ନ ସାକାର ହେବାର ଝିଲିମିଲି ସଂଭାବନାଟିଏ ଯେତେବେଳେ ଦେଖାଦେଲା, ସେତେବେଳେ ବିଭୋର ଅନୁରାଗ ଭିତରେ ସେମାନଙ୍କର ମୁହୂର୍ତ୍ତ ସବୁ ବନ୍ଦୀ ହୋଇଯାଇଥିଲେ । ଆଶାର କଢ଼ମାନେ ଫୁଟିବାକୁ ଉନ୍ମୁଖ ହୋଇ ଚାହିଁଥିଲେ । ପୁଅଟିଏ ହେଲେ 'ମହ୍ଲାର' ହୋଇ ସେ ଝଙ୍କାରି ଯିବ ମମତାର ତାରେ ତାରେ । ଝିଅ ହେଲେ 'କାକଳୀ'ରେ ମୁଖରିତ କରିବ ଆଗାମୀ ଦିନମାନଙ୍କର ସଂଜ ସକାଳକୁ । ଡ଼ାକ୍ତର ହେଲେ ବି ପୂଜା ଉପରେ ଯଜ୍ଞ ମୋଟେ ଭରସା କରିପାରିଲାନି । ହସ୍‌ପିଟାଲ୍ ଡ୍ୟୁଟିଛଡ଼ା ବାକି ସବୁ କାମରେ ନିଷେଧାଦେଶ ଲାଗୁ ହୋଇଗଲା । ସ୍ୱତଃପ୍ରବୃତ୍ତ ହୋଇ ରେଜିମେଂଟର ଜୱାନ କେତେଜଣ ପାଳିକରି ଆସି ଘରର ପ୍ରାୟ କାମ କରିଦେଇ ଯାଉଥିଲେ,'ଡ଼ାକ୍ତର ଭାବୀ'ର ଯେମିତି କିଛି ଅସୁବିଧା ନହୁଏ । ଲାନ୍‌ସନାଏକ ସାମୁଏଲ କହୁଥିଲା,''ଡ଼ାକ୍ତର ଭାବୀକି ଗୋଦମେ ଡେଭିଡ୍ ଆରହେହେଁ । ଜିତନେ ଗୋଲିୟାଥ ହେଁ, ଓ ସବସେ ପଙ୍ଗା ଲେଗା ।'' ସାମୁଏଲ୍‌ର ସ୍ତ୍ରୀତ ପୂଜାକୁ ''ଡେଭିଡ୍ କି ମାଁ' ଡ଼ାକିବା ଆରମ୍ଭ କରିଦେଲା । ଏମିତି ଡ଼ାକିବା ବେଳେ ପୂଜା ମୁହଁରେ ମେଞ୍ଚାଏ ଅବିର ମାଖି ହୋଇଯାଉଥିଲା । ମାତୃତ୍ୱ ଠାରୁ ମାତୃତ୍ୱର ସମ୍ଭାବନା ନାରୀ ମନରେ ବୋଧେ ବେଶି ଉଚ୍ଚାଟନ ସୃଷ୍ଟି କରେ ।

ସେଦିନ ସନ୍ଧ୍ୟାରେ ସାରା କ୍ୟାଂଟନମେଂଟ ଉପରେ ବ୍ୟସ୍ତତାର ମେଘଟିଏ ଓହ୍ଲେଇ ଆସିଥିଲା । ପାକିସ୍ଥାନୀ ସୈନ୍ୟ ଓ ମୁଜାହିଦ୍ଦିନ୍‌ମାନେ ଭାରତ ସୀମା ଡ଼େଇଁ କାରଗିଲ୍, ଦ୍ରାସ ଓ ବାଟାଲିକ୍ ସେକ୍ଟରର ସମସ୍ତ ଭାରତୀୟ ଘାଟିଗୁଡ଼ିକ ଦଖଲ

Digitized by srujanika@gmail.com

କରିନେଇଛନ୍ତି । ସାଧାରଣତଃ ହିମାଳୟର ଏହି ଘାଟି ଗୁଡ଼ିକରେ ବରଫ ପଡ଼ିବା ଆରମ୍ଭ ହେଲେ, ଜଗିଥିବା ଭାରତୀୟ ସୈନ୍ୟମାନେ ଅପେକ୍ଷାକୃତ ତଳ ଅଞ୍ଚଳକୁ ଫେରି ଆସନ୍ତି । କାରଣ ସେତେବେଳେ ସେସବୁ ଅଞ୍ଚଳର ତାପମାତ୍ରା ଶୂନଠାରୁ ତିରିଶ ଚାଳିଶ ଡ଼ିଗ୍ରୀ ତଳକୁ ଖସି ଆସେ । ଏହି ପ୍ରକାର ବ୍ୟବସ୍ଥା ପାଇଁ, ପାକିସ୍ଥାନ ସହ ସିମ୍ଳା ଚୁକ୍ତି ଆସ୍ଥାର ବନ୍ଧ ଭାଙ୍ଗି ପାକିସ୍ଥାନ ଯେ ଏଭଳି ବିଶ୍ୱାସଘାତକତା କରିବ, ଏକଥା ଭାରତ କାହିଁକି, ପାକିସ୍ଥାନର ମିତ୍ର ରାଷ୍ଟ୍ରମାନେ ମଧ କଳ୍ପନା କରି ନଥିଲେ । ଯାହାହେଲେ ବି ପରିସ୍ଥିତିର ମୁକାବିଲା କରିବାକୁ ପଡ଼ିବ । ଭାରତ ମାଟିରୁ ଅନୁପ୍ରବେଶୀମାନଙ୍କୁ ତଡ଼ିବାକୁ ପଡ଼ିବ । ପ୍ରତ୍ୟେକ ଭାରତୀୟ ଜୱାନ ପ୍ରାଣରେ ଉନ୍ମାଦନା । ଶତ୍ରୁଘ୍ନ ହେବାର ଉନ୍ମାଦନା । ଯୁଦ୍ଧ ଦାମାମା ଭୟ ଓ ଶଙ୍କା ପରିବର୍ତ୍ତେ ଏତିକି ଉଲ୍ଲାସ ସୃଷ୍ଟି କରିପାରେ ସେମାନଙ୍କୁ ନଦେଖିଲେ ବିଶ୍ୱାସ କରିହେବନି । ଏହାର ନାଁ ବୋଧେ ବୀରତ୍ୱ !

ଡ୍ୟୁଟି ସାରି ଲଂଚ ବେଳକୁ ପୂଜା ବସାକୁ ଫେରିଲା । ଭିତରେ ଯଜ୍ଞ ତା'ର କିଟ୍‌ବ୍ୟାଗ ସଜାଡୁଥିଲା । ସେଭେନ୍‌ଥ୍ ଇନ୍‌ଫ୍ରାଂଟ୍ରି ବାଟାଲିଅନ୍ ସାଙ୍ଗରେ ସେଇଦିନ ଦ୍ରାସ ସେକ୍ଟରକୁ ଯିବାକୁ ନିର୍ଦ୍ଦେଶ ଆସିଛି । ସମସ୍ତଙ୍କୁ ୱାର୍‌କିଟ୍‌ସ ଇସ୍ୟୁ ହୋଇସାରିଲାଣି । ପରିସ୍ଥିତି ବିଷୟରେ ଜାଣି ବି ଯଜ୍ଞକୁ ଫ୍ରଣ୍ଟକୁ ଯିବା ପାଇଁ ଯେ ଏତେ ଶୀଘ୍ର ନିର୍ଦ୍ଦେଶ ଆସିବ, ଏ ଆଶଙ୍କା ପୂଜା କରିନଥିଲା । ତାକୁ ବୁଝେଇବାକୁ ଯାଇ ଯଜ୍ଞ ହସି ହସି କହିଲା, ''ଆରେ ଏମିତି ଚାନ୍‌ସ କେତେଜଣଙ୍କୁ ମିଳେ କହିଲ । ଯାଅ ଦେଖିବ, ଯେଉଁମାନେ ଫାଷ୍ଟ ବ୍ୟାଚ୍‌ରେ ଚାନ୍‌ସ ପାଇ ନାହାନ୍ତି, କେମିତି ବିକଳ ହେଉଛନ୍ତି । କେଉଁ ଗୋଟେ ଡିକ୍ଲେୟାର୍ଡ ୱାର ହେଉଛି ଯେ ଏତେ ବ୍ୟସ୍ତ ହେଇ ପଡୁଛ ।''

ସେଦିନ ରାତିରେ ଯଜ୍ଞ ପୁଞ୍ଚ ଛାଡ଼ିଲା ବାଟାଲିଅନ ସାଥିରେ । ତା'ପରେ ସବୁ ଅଜଣା । ଖାଲି ଅନ୍ଧାରରେ ଦଉଡ଼ି ହେବା କଥା । ପ୍ରତିଦିନ ଖବର ପହଞ୍ଚୁଥାଏ, ଆଜି ଏତେ ଭାରତୀୟ ସୈନ୍ୟ ଶହୀଦ୍ ହେଲେ, ସେତେ ଆହତ ହେଲେ, ଏତେ ଅଫିସର ନିଖୋଜ । ଡ୍ରଇଂ ରୁମ୍‌ରେ ବସି ଖବର କାଗଜ ବା ରେଡ଼ିଓରୁ ଶୁଣି ଯୁଦ୍ଧର ସେ ଘନଘଟାକୁ ହୃଦୟଙ୍ଗମ କରିବା ଅସମ୍ଭବ । ମାସେ ହେଲାଣି ଯଜ୍ଞଠାରୁ କିଛି ଖବର ନାହିଁ । ପୁଞ୍ଚର କମ୍ପାନୀ କମାଣ୍ଡର ମଧ କିଛି ଠିକ୍ କରି କହୁନାହାନ୍ତି । ଯୁଦ୍ଧର ଆୟୁଷ ଯେତିକି ବଢୁଥାଏ, ପୂଜା ମନଭିତରେ ଉଦ୍‌ବିଗ୍ନତା ସେତିକି ବଢ଼ି ଲାଗିଥାଏ । ଶେଷରେ ପ୍ରତୀକ୍ଷାର ବୋଝ ବଳେଇ ପଡିଲା । ପୂଜା ନିଜେ ଇଚ୍ଛା କରି, କର୍ଣ୍ଣେଲ ଗୁପ୍ତାଙ୍କ ଚେଷ୍ଟାରେ କାର୍‌ଗିଲ୍ ୱାରଫିଲ୍ଡ ମେଡ଼ିକାଲ କ୍ୟାମ୍ପରେ ଯୋଗ ଦେଲା । ସେଠାରେ ଅନ୍ତତଃ ଯଜ୍ଞକୁ ଭେଟିବାର କ୍ଷୀଣ ସମ୍ଭାବନାଟିଏ ରହିଛି ।

Digitized by srujanika@gmail.com

ପ୍ରାୟ ପନ୍ଦରଦିନ କାଳ କ୍ୟାମ୍ପରେ ଆହତ ସୈନ୍ୟମାନଙ୍କ ଚିକିତ୍ସା କରିବା ଭିତରେ ଯଜ୍ଞ ସାଥିରେ ଦେଖା ହେବାର ଆଶା କ୍ରମେ ମଉଳି ଆସୁଥିଲା ବେଳେ, ହଠାତ୍ ଦିନେ ଝଡ଼ ଭଳି ସର୍ଜରୀ ଟେଂଟ ଭିତରକୁ ପଶିଆସିଲା ଯଜ୍ଞ । ପେସେଂଟମାନଙ୍କ ଉପସ୍ଥିତିକୁ ଉପେକ୍ଷା କରି ପୂଜା ଲତାଟିଏ ପରି ଲୋଟି ପଡ଼ିଲା ଯଜ୍ଞ ଛାତିରେ । ଯଜ୍ଞର ଅନ୍ଧାର ଆକାଶରେ ଏକାଥରେ ଅନେକ ତାରା ଫୁଲ ଫୁଟି ଗଲେ । ଏଥର ଆଉ ଅବଶୋଷ ନାହିଁ । ଭାରତ ମାତାର ତିନିରଙ୍ଗୀ ଅଂଚଳ ମଥା ହଲେଇ ଡାକୁଛି । ଆଜି ରାତିରେ ତୋଲୋଲିଂ ଘାଟି ଭାରତୀୟମାନଙ୍କୁ ଦେବାକୁ ହେବ । ଯେମିତି ହେଲେ ସେଠି ତ୍ରିରଙ୍ଗା ଉଡ଼ାଇବାକୁ ହେବ । ବେଶୀ ସମୟ ରହିପାରିନଥିଲା ଯଜ୍ଞ । ଖବର ପାଇ ପୂଜାକୁ ଟିକିଏ ଦେଖିଯିବା ପାଇଁ ଅନୁମତି ଆଣି ଆସିଥିଲା । ଘଂଟାଏ ଭିତରେ ତାକୁ ଫେରିଯିବାକୁ ହେବ ନୈଶ ଅଭିଯାନରେ । ସେଦିନର ପାଗଟା ବି ପ୍ରତିକୂଳ । ଝିପିଝିପି ବର୍ଷା ଓ ବିଜୁଳୀ ଲାଗି ରହିଥାଏ । ବୋଫର୍ସ, ୧୫୫ ଏମ୍ଏମ୍. ମୋର୍ଟର ଶବ୍ଦ ସାଙ୍ଗକୁ ସମତାଳରେ ଘଡ଼ଘଡ଼ି ମାରୁଥାଏ । ଯଜ୍ଞକୁ ବେସ୍‌ରେ ଛାଡ଼ିଲା ବେଳେ ଝୁଡ଼ି ଝୁଡ଼ି ଶୀତଳ ଅନ୍ଧାର ପୂଜାର ଭିତରଟାକୁ କୋହଲାଇ ଦେଉଥିଲା । ନିରବ ଆତୁରତାଟିଏ ଯଜ୍ଞକୁ ଭିଡ଼ି ଆଣି ଛାତି ଭିତରେ ଲୁଚେଇ ଦେବାକୁ ଛାଟିପିଟି ହେଉଥିଲା । କିନ୍ତୁ କ୍ୟାପଟେନ ପୂଜା ହସି ହସି ବିଦାୟ ଦେଇଥିଲା 'ଅପରେସନ୍ ବିଜୟ'ର ଅଫିସର ଲେ.ଯଜ୍ଞ ଓ ଅନ୍ୟ ପନ୍ଦରଜଣ ଜୱାନଙ୍କୁ ।

ସମୁଦ୍ର ପତ୍ତନଠାରୁ ୧୯୦୦୦ ଫୁଟ ଉଚ୍ଚରେ ରାସ୍ତା ଘାଟ ବିହୀନ ତୋଲୋଲିଂ ଘାଟି ଉଦ୍ଦେଶ୍ୟରେ ଆଗେଇ ଚାଲିଥିଲେ ସେମାନେ, ରାତିର ଘନ ଅନ୍ଧାର ଭିତରେ ବଡ଼ବଡ଼ ପଥର ଉହାଡ଼ରେ ଛପି ଛପି, ପାଦେ ପାଦେ ଉପରକୁ ଉଠିବାକୁ ପଡୁଥିଲା । ଘାଟି ଉପରୁ ପାକିସ୍ଥାନୀଙ୍କ ଗୋଳାବର୍ଷଣରେ ବିରାମ ନଥାଏ । ଭାରତୀୟ ଜୱାନଙ୍କୁ ଆଗେଇବାରେ ସାହାଯ୍ୟ କରିବା ପାଇଁ ଭାରତୀୟ କମାଣ ମଧ୍ୟ ଘାଟି ଉପରକୁ ଗୋଳାମାଡ଼ କରୁଥାନ୍ତି । କିନ୍ତୁ ସୁବିଧା ପୋଜିସନ୍‌ରେ ଥାନ୍ତି ଶତ୍ରୁ ସୈନ୍ୟ । ସେମାନଙ୍କ ସ୍ପ୍ଲିଣ୍ଟର ଆଘାତରେ ଯଜ୍ଞ ଗ୍ରୁପ୍‌ର ଚାରିଜଣ ଜୱାନ୍ ଶହୀଦ ହୋଇଗଲେ । ତଥାପି ଅଦମ୍ୟ ସାହସ ନେଇ ଯଜ୍ଞ ନେତୃତ୍ୱରେ ବାକି ଏଗାର ଜଣ ଜୱାନ ଗୁଳି ଚଳାଇ ଅଗ୍ରସର ହେଉଥାନ୍ତି । ଘମାଘୋଟ ଲଢ଼ାଇ ଭିତରେ ସେମାନେ ଶୀର୍ଷରେ ପହଁଞ୍ଚିଗଲେ । କିନ୍ତୁ ପଛେଇ ଯାଉଥିବା ଶତ୍ରୁ ସୈନ୍ୟଙ୍କ ଗୁଳିରୁ ସମସ୍ତେ ବର୍ତ୍ତିପାରିଲେନି । ତୋଲୋଲିଂ ଘାଟି ଉପରେ ଭାରତୀୟ ପତାକା ଉଡ଼ିଲାବେଳକୁ ଯଜ୍ଞ ସହିତ ଆଉ ତିନି ଜଣ ଜୱାନ ଢଳି ପଡ଼ିଥିଲେ । ସୂର୍ଯ୍ୟୋଦୟ ବେଳକୁ ସେଇ ପତାକା ତଳେ ସଫେଦ ବରଫ ଅରାଏ

Digitized by srujanika@gmail.com

ଆହୁରି ଲାଲ୍ ଦିଶୁଥିଲା ଯଜ୍ଞ ଓ ତା'ର ସାଥିମାନଙ୍କ ରକ୍ତାହୁତିରେ ।

ପୂଜା ପାଇଁ ସେ ରାତି ଥିଲା ଅସରା । ରାତିର ଆୟୁଷ ଯେମିତି ଲମ୍ବି ଲମ୍ବି ଯାଉଥିଲା । ସେ ଚାହିଁ ରହିଥିଲା ଯଜ୍ଞ ମୁହଁକୁ । ଆଜି ତ ହୋଲି ନୁହେଁ । ଯଜ୍ଞ ଏମିତି ମୁହଁ ଦେହସାରା ନାଲି ରଙ୍ଗ ବୋଳି ହୋଇ, ମିଛଟାରେ ଭୂଇଁରେ ଶୋଇଛି କାହିଁକି ? ଏମାନେ ମିଛ କହୁଛନ୍ତି । ଯଜ୍ଞ ମରିନି, ମରିପାରେନା । ତା'ର ଯେ ଅନେକ କାମ ବାକି ଅଛି । ବିଶ୍ୱାସ ଅବିଶ୍ୱାସର ମଝିରେ ଠିଆ ହୋଇ ସେ କେବଳ ଦେଖୁଥିଲା ଯଜ୍ଞକୁ । ଛାତିଫଟା ହାହାକାରଟିଏ ଅଣଚାଶ ପବନ ବେଗରେ ପଶି ଆସୁଥିଲା ତା' ଭିତରକୁ । ଚହ ଚହ ନିଆଁ ସଂଚରିଯାଇଥିଲା ଦେହ ମନରୁ ଆତ୍ମା ପର୍ଯ୍ୟନ୍ତ । ତା' ଗର୍ଭରେ ସାଇତା ଶିଶୁଟିର ଅପହୃତ ଶୈଶବ ମୁଣ୍ଡ କୋଡୁଥିଲା ଯଜ୍ଞର ଶବ ଉପରେ । ଶ୍ୟାମଳ ସ୍ୱପ୍ନମାନେ ଖଣ୍ଡ ଖଣ୍ଡ ହୋଇ ବିଛାଡ଼ି ପଡ଼ିଥିଲେ ତା' ଚାରିପାଖରେ । ଥରି ଥରି ଛିଡ଼ା ହେଲା ପୂଜା । ସେ ଯେ ମିସେସ୍ ଯଜ୍ଞ ମିଶ୍ର ନୁହେଁ ! ସେ କ୍ୟାପ୍‌ଟେନ୍ ପୂଜା । ଜୀବନ୍ତ ମଣିଷ ଦେହରେ ଛୁରୀ ଚଳାଇ ପାରୁଥିବା ଡ଼ାକ୍ତରଟିଏ ଖାଲି ।

ସବୁ ନିଆଁ, ସବୁ ଝଡ, ସବୁ ଶୂନ୍ୟତା ଚାପି ହୋଇଯାଇଥିଲେ କ୍ୟା.ପୂଜାର ଓଠ ତଳେ । ଦାନ୍ତ ଚିପି ହୋଇ ଓଠରୁ ରକ୍ତ ଝରୁଥିଲା ହେଲେ ଆଖି ଶୁଖିଲା । କ୍ୟା.ପୂଜା ମିଶ୍ର ସାଲ୍ୟୁଟ୍ କଲେ ଅମର ଶହୀଦ ଲେ: ଯଜ୍ଞ ମିଶ୍ରଙ୍କୁ । କ୍ୟାମେରା ସବୁ କ୍ଲିକ୍ କରି ଉଠିଲେ, ମିଲିଟାରୀ ବ୍ୟାଂଡ୍‌ର ବିଗୁଲକୁ ପ୍ରତିହତ କରି ସମବେତ ଜୱାନମାନେ ଚିତ୍କାର କରୁଥିଲେ, ''ଯଜ୍ଞ ମିଶ୍ର ଅମର ରହେ .... ।''

□■□

Digitized by srujanika@gmail.com

ଆତୁର ଆଷାଢ଼

ସାଇକେଲ ପେଡ଼ାଲ ଉପରେ ଶିତୁର ପାଦ ଦି'ଟା ରହି ରହି ଯାଉଥିଲା । ମୁଣ୍ଡ ଉପରେ ଏପ୍ରିଲମାସ ଖରାର ଆଖି ଦାଉ ଦାଉ ଜଳୁଛି, କିନ୍ତୁ ତାକୁ ଯିବାକୁ ପଡ଼ିବ । ଶୈଳଶ୍ରୀ ବିହାରରୁ ସିରିଡ଼ି ମନ୍ଦିର । ନିଜ ଉପରୁ ବିଶ୍ୱାସ ଦୋହଲି ଯାଉଥିଲା ଶିତୁର । ଏତେ ବାଟ ସାଇକ୍ଲିଂ କରି ଆସିବା ପରେ ବି ଆହୁରି କେତେ ବାଟ ଅଛି ? ଲୁନା ଖଣ୍ଡେ କିଣିଦେବାକୁ ଡାଡିଙ୍କୁ କହି କହି ମମି ଥକି ଗଲେଣି । ଜଏଂଟ ଏଂଟ୍ରାନ୍ସରେ ଭଲ ଗ୍ରେଡ଼ ପାଇଲେ ଯାଇ ଲୁନା କିଣା ହେବ । କୌଣସି ସର୍ତ୍ତ ନ ରଖି ବାପାମାନେ କଣ କିଛି ଦେଇ ଜାଣନ୍ତିନି ? ନିଜ ଇଚ୍ଛା ନିଜ ସଉକର କୌଣସି ଜିନିଷ ପାଇବାକୁ ହେଲେ ବାପା ମା'ଙ୍କ ସର୍ତ୍ତ ପୂରଣ କରିବାକୁ ପଡ଼ିବ ? ସେମାନଙ୍କ ଆକାଶ ଛୁଆଁ ଗଛରେ ଫୁଲ ଫୁଟାଇବାକୁ ପଡ଼ିବ ? ଶିତୁର ଓଠଟା ଅସହନୀୟ ବିରକ୍ତିରେ ବଙ୍କେଇ ଗଲା । ହୁଃ, ଏଂଟ୍ରାନ୍ସ୍ । ଆରବର୍ଷ କ୍ୱାଲିଫାଏ କରିଥିଲେ ବି ବହୁତ ତଳେ ଥିଲା ତା'ର ଗ୍ରେଡ୍ । ପ୍ରାୟେ ମାସେ ଖଣ୍ଡେ ଘରେ ପଶୁ ପଶୁ ଡାଡିଙ୍କର ଗାଳି, କ୍ରିକେଟ ଖେଳ ବନ୍ଦ, ବାହାରେ ବୁଲା ବନ୍ଦ । ଗୋଟିଏ ଦିନ ଖାଇବା ବି ବନ୍ଦ କରିଦିଆ ହୋଇଥିଲା । ତା' ଆର ଦିନ ଭାତ ଥାଳି ଫୋପାଡ଼ି ଦେଇ ''ଆଉ ଏ ଘରେ ଖାଇବିନି'' ବୋଲି ଶୀତୁ ସଦର୍ପ ଘୋଷଣା କରିଥିଲା । ରାତିରେ ଡାଡିଙ୍କର ବ୍ରହ୍ମ ହୁଙ୍କାର ସାଙ୍ଗକୁ ମମିଙ୍କ ସକ ସକ କାନ୍ଦ ତାକୁ ବାଧ କରିଥିଲା ଭାତ ଥାଳି ପାଖରେ ବସିବାକୁ । କିନ୍ତୁ କୋଉ ଖାଇ ହେଲା ? ସେହିଦିନରୁ ଏଇ ନ'ମାସ ଭିତରେ ତାର ଅବଶିଷ୍ଟ ସବୁ ଇଚ୍ଛା ସବୁ ଆଗ୍ରହ କଷି ଅବସ୍ଥାରେ ଟୁପ୍ ଟାପ୍ ଝଡ଼ି ପଡ଼ିଥିଲେ ।

ସିରିଡ଼ି ମନ୍ଦିରର ପାଚେରୀ ଉପରେ ସାଇକେଲଟାକୁ ଏକ ରକମ ଫୋପାଡ଼ି

Digitized by srujanika@gmail.com

ଦେଇ ଶିତୁ ଗୋଡ଼ ହାତ ମୁହଁରେ ଟ୍ୟାପ୍‌ରୁ ପାଣି ଛାଟି ପକାଇଲା ପରେ ହାତରେ ଚଳାଚଳା କରି ଥଣ୍ଡା ପାଣି ଆକଂଠ ପିଇଗଲା । ସିରିଡ଼ି ବାବାଙ୍କୁ ଦର୍ଶନ କରିସାରି ମନ୍ଦିର ଡାହାଣ ପାଖ ମାର୍ବଲ ଚଟାଣ ଉପରେ ଗୋଡ଼ ହାତ ଲମ୍ବାଇ ଶୋଇଗଲା । ପାଖରେ ବିସ୍ତୃତ ଧାନ ବିଲର ଶୀତଳ ପବନ ତା'ର ଅବଶ ଦେହ, ଜଳିଲା ଗୋଡ଼ ହାତକୁ ଆଉଁସି ଦେଉଥିଲା । ଅଥଚ ତା'ର ସତର ବର୍ଷର ଡହକିଲା ଜୀବନ ଭିତରେ କୋଉଠି ଟିକିଏ ଶୀତଳ ଛାଇ କି ସୁଲୁସୁଲିଆ ପବନ ନଥିଲା । ଚାରିଆଡ଼େ ଖାଲି ତାତି, ତାତି, ଆଉ ତାତି । ମମି ହାତର କଅଁଳ ଆଉଁସା ତାକୁ ଟିକିଏ ବି ଆଶ୍ୱାସୁ ନଥିଲା । ବରଂ ତା'ର ତାତିକୁ ଆହୁରି ବଢ଼ାଇ ଦେଉଥିଲା । ଡାଡିଙ୍କ ଖିଆଲ, ଖୁସିର ଖେଳନାଟିଏ ମମି । ନା ଥିଲା କୌଣସି କଥାରେ କହିପାରିବାର ସାହସ, ନା କରିପାରିବାର କ୍ଷମତା । କେବଳ ପ୍ରତିବାଦରେ ସୁଁ ସୁଁ କାନ୍ଦିବା ଛଡ଼ା ମମିର ଭୂମିକା ତା' ଜୀବନରେ କିଛି ନଥିଲା କହିଲେ ଚଳେ ।

ଅଷ୍ଟମ ଶ୍ରେଣୀରେ ପୋଜିସନ୍ ରଖିନଥିଲା ବୋଲି ଡାଡି ତାକୁ ପିଟି ପିଟି ନୋଳା ଫଟେଇ ଦେଇଥିଲେ । ସେଥର ସେ ଅଭିମାନରେ ପଳାଇଯାଇଥିଲା ବାଲିକୁଦା - ଅଜାଙ୍କ ଘରକୁ । ତା'ର ଏକମାତ୍ର ସ୍ନେହ ଶୀତଳ ଆଶ୍ରୟ । ତା'କୁ ଏକୁଟିଆ ଅବେଳରେ ଦେଖି ଆଇ 'ମୋ ଧନ ମୋ ମାଣିକ' କହି କୋଳରେ ପୁରାଇ ଦେଲା । ମାମୁଁ, ମାଉସୀ ପଡ଼ିଶା ଘର ଲୋକେ ଘେରିଯାଇଥିଲେ ତାକୁ । ଅଜାଙ୍କ ଖୁସି ବତୁରା ଆଖି ଉପରେ କିନ୍ତୁ ଆଶଙ୍କାର ଛାଇଟିଏ ପହଁରି ଯାଉଥିଲା । ଶିତୁର ଏମିତି ଆସିବାଟା ସ୍ୱାଭାବିକ ନୁହେଁ ବୋଲି ଜାଣି ପାରୁଥିଲେ । କେତେବେଳକେ ଅଜାଙ୍କୁ ଏକୁଟିଆ ପାଇ ତାଙ୍କ କୋଳରେ ମୁହଁ ଲୁଚାଇ କାନ୍ଦି ଉଠିଥିଲା ଶିତୁ । ଦେହର ନୋଳା ଦାଗ ସବୁକୁ ଅଜା ତାଙ୍କ ହାଡୁଆ ହାତରେ ସାଉଁଳି ଦେଉଥିଲେ । ଅଜାଙ୍କ ଆଖିର ଦି' ଟୋପା ଲୁହ ତା'ର ସବୁ ଅସହାୟତାକୁ ଧୋଇ ନେଇଗଲା । ସେ ଜାଣେ, ଗାଁରେ ଅଜାଙ୍କର ଯେତେ ମାନ ସମ୍ମାନ ଥିଲେ ବି ଡାଡିଙ୍କ ଆଖିରେ ସେ ମଫସଲିଆ, ଗରିବ । ଜେଜେ ବଂଚିଥିବାବେଳେ ଅଜାଙ୍କୁ ଖୁବ୍ ସମ୍ମାନ ଦେଉଥିଲେ । ମମିଙ୍କର ସୁନ୍ଦର ରୂପ ସାଙ୍ଗକୁ ସୁଶୀଳ ବ୍ୟବହାର ଦେଖି ଜେଜେ ତାଙ୍କୁ ବୋହୂ କରି ଆଣିଥିଲେ । ଡାଡି ସେତେବେଳେ ସେକ୍ରେଟାରିଏଟରେ ଅଧଃସ୍ତନ କିରାଣୀଟିଏ । ଓ.ଏ.ଏସ୍. ପରୀକ୍ଷାରେ ପାସ୍ କରି ଅଫିସର ହେଲାପରେ ସମସ୍ତଙ୍କୁ ନିଜର ଅଧଃସ୍ତନ ଭାବିବାକୁ ଅଭ୍ୟାସ କଲେ ।

ଆଇ ହାତର ଖସା ଲଡୁ, ଆରିସା,ମଣ୍ଡା, କାକରା, ବାସ୍ନା ଚାଉଳ, ସରୁଚୁଡ଼ା ଇତ୍ୟାଦିର ବୋଝ ନେଇ ଅଜା ମାସରେ ଥରେ ଆସନ୍ତି ଝିଅ ଘରକୁ ଡାଡି ନଥିବା

Digitized by srujanika@gmail.com

ବେଳେ । ମମି ହାତ ପରଶା ଭାତ ମୁଠେ ଖାଇ, ଡାଡି ଫେରିବା ଆଗରୁ ଚାଲିଯା'ନ୍ତି । ଗୋଟିଏ ନାତି ବୋଲି ଶୀତୁ ଅଜାଙ୍କ ନୟନର ମଣି । ପିଲାଦିନୁ ତା' ପାଇଁ ଖେଳନା ଶଗଡ଼, ଘୁଡ଼ି, ନଟେଇ, ବଂଶୀ ଆହୁରି କେତେ ଜିନିଷ ପ୍ରତିଥର ଆସିଲାବେଳେ ଆଣିଥାନ୍ତି । ଅଜାଙ୍କ ମଇଳା ଝୁଲା ମୁଣିଟା ଥିଲା ତାର ଅଝଟ ପଣର ଅଲିଅଳ ଗନ୍ତାଘର । ମମିଙ୍କର ଲୁଚାଛପା ଆଦର, ଡାଡିଙ୍କର ହିଟଲରୀ ଶାସନର ଶକ୍ତ ଖୋଳପା ଭିତରେ, ପ୍ରତିଦିନ ସାଂକୁଡ଼ି ଯାଉଥିବା ଶିତୁର ନିରୁପାୟ କୈଶୋର ଅଜାଂକୁ ଦେଖିଲେ ପାଖୁଡ଼ା ମେଲି ଫିଟି ଯାଉଥିଲା ।

ନବମ ଶ୍ରେଣୀରେ ପଢ଼ିଲା ବେଳର ଘଟଣା । ଅଜା ଆଣିଥିବା ଚିଡ଼ିଆ, ବାଟିବନ୍ଧା ଘୁଡ଼ିସବୁ ଉଡ଼ାଇବାକୁ ମନ ହେଲା । ଲଗାତର ତିନିଦିନ ସେ ସ୍କୁଲ ଯିବା ନାଁରେ ଘରଠାରୁ ଚାରି କିଲୋମିଟର ଦୂର ପଡ଼ିଆକୁ ଯାଇ କ୍ଲାସ ସାଙ୍ଗ ରାଜେଶ ସାଂଗରେ ଘୁଡ଼ି ଉଡ଼ାଇଥିଲା । କେମିତି କେଜାଣି ଡାଡିଙ୍କ କାନରେ କଥାଟା ପହଁଚିଗଲା । ସ୍କୁଲ ଛୁଟି ସମୟକୁ ସବୁଦିନ ପରି କାନ୍ଧରେ ବ୍ୟାଗ ଝୁଲାଇ ଘରେ ପଶୁ ପଶୁ ଡାଡିଙ୍କୁ ଦେଖି ତା ଗୋଡ଼ ହାତରୁ ପାଣି ବୋହିଗଲା । ସେଇ ଦାଣ୍ଡ ଦୁଆରୁ ହକି ଷ୍ଟିକ୍‌ରେ ପିଟିପିଟି ଡାଡି ତାକୁ ଘରକୁ ଘୋଷାଡ଼ି ନେଇଥିଲେ । ଅଜା ସେତେବେଳେ ଘରେ ଥାନ୍ତି । ମାଡ଼ ଦେଖି ହାଉ ହାଉ କାନ୍ଦି 'ଆଉ ମାରନି' କହି ଶିତୁକୁ କୁଣ୍ଢାଇ ଧରିଲେ । ଉଂଚେଇଥିବା ହକି ଷ୍ଟିକ୍‌ଟାକୁ ଫୋପାଡ଼ି ଦେଇ ଡାଡି ସାପ ପରି ଫଁ ଫଁ ହୋଇ କହିଲେ, 'ନିଜ ପୁଅମାନଙ୍କୁ କୁଳାଙ୍ଗାର କରି ମନ ମାନିଲାନିଯେ ମୋ ପୁଅଟାକୁ ନଷ୍ଟ କରିବାକୁ ଯେତେ ସବୁ ବାଜେ ଜିନିଷ ଦିଆ ହେଉଛି ।' ଅଜାଙ୍କ ପେଜୁଆ ଆଖି ଦି'ଟା ଦପ୍ କିନା ଜଳି ଉଠି ଲିଭି ଯାଇଥିଲା । ବାସ୍, ଶିତୁକୁ ଛାଡ଼ିଦେଇ ଅଜା ସେଇ ଯେ ଏକ ମୁହାଁ ହୋଇ ଯାଇଥିଲେ, ଆଉ କେବେ ଫେରି ନାହାଁନ୍ତି । ଦୁଇମାସ ପରେ ତାଙ୍କର ହାର୍ଟ ଫେଲ ହୋଇ ମରିବା ଖବର ଆସି ପହଞ୍ଚିଲା । ମମି ଲୁଚି ଲୁଚି ବହୁତ କାନ୍ଦିଲେ । ଖବର ଆଣି ଆସିଥିବା ଲୋକଟି ହାତରେ ପାଞ୍ଚ ହଜାର ଟଙ୍କା ପଠାଇ ଦେଇ ଜ୍ୱାଇଁର କର୍ତ୍ତବ୍ୟ ସାରିଦେଲେ ବୋଲି ଡାଡି ନିଶ୍ଚିତ ହୋଇଗଲେ । କିନ୍ତୁ ମମିଙ୍କର ଅନେକ ଖୋସାମତ କନ୍ଦାକଟା ପରେ ଅଜାଙ୍କ ଶୁଦ୍ଧ ଘରକୁ ଯିବା ପାଇଁ ରାଜି ହେଲେ । ଯେତେ କହିଲେ ବି ଶିତୁ ସେମାନଙ୍କ ସାଙ୍ଗରେ ଅଜା ଘରକୁ ଯିବାକୁ ରାଜି ହେଲାନି । ସେମାନଙ୍କ ଅନୁପସ୍ଥିତିରେ ଦୁଇଟା ଦିନ ସେ କାଟିଥିଲା ଏକା ଏକା ।

ସେଇ ଦି'ଟା ଦିନରେ ଶିତୁର ଜୀବନଟା ଓଲଟ ପାଲଟ ହୋଇ ଯାଇଥିଲା । ତା' ଭିତରୁ ଜ୍ୱାଳାମୁଖୀଟିଏ ବାହାରି ଦୁନିଆକୁ ପୋଡ଼ି ଦେବାକୁ ଛାଟି ପିଟିହେଉଥିଲା ।

Digitized by srujanika@gmail.com

ରାଗ ଓ ଘୃଣାର ଲାଭା ସ୍ରୋତରେ ଉବୁଟୁବୁ ହୋଇ ଜନ୍ମଦିନମାନଙ୍କରେ ଡାଡି ଦେଇଥିବା ଭିଡିଓ ଗେମ୍, କାଲକୁଲେଟର, ଘଣ୍ଟା, ପେନ୍‌ସେଟ୍ ସବୁକୁ ସେ ପଥରରେ ଛେଚି ଛେଚି ଭାଙ୍ଗି ଦେଲା । କେତେ ଯତ୍ନରେ ସାଇତା ପିକ୍ଚର ବୁକ୍ସ୍, କମିକ୍ସସବୁକୁ ଡିଆସିଲ ମାରି ଗୋଟି ଗୋଟି କରି ଜାଳିଦେଲା । ସେଦିନ ସେ ଅନୁଭବ କରିଥିଲା ଲୋକମାନେ ନିଜକୁ କିରୋସିନ୍ ଢାଳି କେମିତି ଓ କାହିଁକି ପୋଡ଼ି ମାରନ୍ତି । ମନ ଭିତରେ ଦହକୁଥିବା ନିଆଁ ପାଖରେ ଦେହ ପୋଡ଼ିବା ଯନ୍ତ୍ରଣା ଅତି ତୁଚ୍ଛ । ନିଜକୁ ମାରି ଦେବାପାଇଁ ତା' ଭିତରୁ କିଏ ଯେମିତି ଉସ୍କାଉଥିଲା । ଡାଡିଙ୍କ ସିଗାରେଟ ପ୍ୟାକେଟ୍‌ରୁ ସିଗାରେଟ ଖଣ୍ଡେ ନେଇ ଟାଣୁ ଟାଣୁ ଆତ୍ମହତ୍ୟାଠାରୁ ଅଧିକ ଭୟଙ୍କର ଏକ ନିଷ୍ପତ୍ତି ସେ ନେଲା । ବଡ଼ ହେଲେ ସେ ଦାଉଦ ଇବ୍ରାହିମ୍ କି ଓସ୍‌ମାବିନ୍ ଲାଡେନ ପରି କୁଖ୍ୟାତ ଡନ ହେବ ଓ ଡାଡିଙ୍କ ଠେକ ମୁଣ୍ଡ ତଳକୁ କରି ଅଜାଙ୍କ ମୃତ୍ୟୁର ପ୍ରତିଶୋଧ ନେବ ।

ଦୁଇଦିନ ପରେ ଡାଡି ମମି ଫେରି ଆସି ଆଶ୍ଚର୍ଯ୍ୟ ହୋଇଯାଇଥିଲେ ଶିଟୁକୁ ଦେଖି । ସେ ଯେମିତି ଚଉଦ ବର୍ଷର ଶାନ୍ତ, ସୁଧୀର, ଆଜ୍ଞାବହ ଶିଟୁ ନୁହେଁ । ଚବିଶି ବର୍ଷର ଦୁର୍ଦ୍ଦାନ୍ତ ଯୁବକଟିଏ । ପଥର ପରି ମୁହଁ, ଆଖି ଦି'ଟାରୁ ନିଆଁ ଝୁଲ ଛିଟିକି ପଡୁଛି, କଥାରେ ଅବଜ୍ଞାର ଆଭାସ । ମମି ଭାବିଲେ, ଅଜାଙ୍କୁ ହରାଇ ପିଲାଟା ଭାଙ୍ଗି ପଡ଼ିଛି । ଡାଡିଙ୍କର ଅବଶ୍ୟ ଏମିତି କଥାରେ ମୁଣ୍ଡ ଖେଳାଇବାକୁ ସମୟ ନଥିଲା । ଶିଟୁ କିନ୍ତୁ ମରା ନଈଟିଏ ପାଲଟି ଯାଇଥିଲା । ଦିନରେ ଅସଂଖ୍ୟଥର ନିଜ ଶପଥ ମନେ ପକାଇ ନିଜ ଭିତରର ସୁକୁମାର ସତ୍ତାଟିକୁ ମାରିବାକୁ ପ୍ରାଣମୂର୍ଚ୍ଛା ଚେଷ୍ଟା କରୁଥିଲା । ସାଙ୍ଗ ସାଥିଙ୍କ ସହିତ ଅକାରଣରେ ଝଗଡ଼ା କରିବା, ଶିକ୍ଷକମାନଙ୍କଠାରୁ ଆରମ୍ଭ କରି ଡାଡି ଓ ତାଙ୍କ ସାଙ୍ଗମାନଙ୍କୁ ବେଖାତିର କରିବା ଥିଲା ତା' ଯୋଜନାର ପ୍ରଥମ ପଦକ୍ଷେପ । ଅଦୃଶ୍ୟ ଶତ୍ରୁକୁ ଅତର୍କିତ ଆକ୍ରମଣ କରିବା ପାଇଁ ତକିଆ ତଳେ ଭଙ୍ଗା କାଚ, ବିଛଣା ତଳେ ଛୁରୀ ରଖି ଶୋଇବାକୁ ଅଭ୍ୟାସ କରୁଥିଲା । ଡାଡି ଗାଳି ଦେଲେ ସିଧା ତାଙ୍କ ମୁହଁକୁ ଚାହିଁ ସେ ନୀରବ ରହୁଥିଲା । ତା' ଆଖିରୁ ଯେମିତି ଅଜସ୍ର ପ୍ରତିରୋଧ ତୀର ହୋଇ ଛୁଟି ଯାଉଥିଲା । ମୁହଁରେ କିଛି ନକହିଲେବି ଡାଡିଙ୍କ ଭିତରର ଅସ୍ଥିର ଉଦ୍‌ବିଗ୍ନତା ଶିଟୁ ଆଖିରେ ଧରା ପଡ଼ିଯାଉଥିଲା ଓ ଏକ ନିଷ୍ଠୁର ଆନନ୍ଦରେ ସେ କୁରୁଳି ଉଠୁଥିଲା ।

ଏନ୍‌ଟ୍ରାନ୍‌ସ ଦେବା ନାଁରେ ଆଜି ସେ ଘରୁ ଚାଲି ଆସିଛି ଏଇ ସିରିଡ଼ି ମଂଦିରକୁ । ସହର ଉପକଂଠରେ ଆଖି ପାଉନଥିବା ଧାନକ୍ଷେତର ସବୁଜିମା ଭିତରେ ଏଇ ମାର୍ବଲ ମନ୍ଦିରଟି ସବୁବେଳେ ତା'କୁ ଆକର୍ଷିତ କରିଆସିଛି । ଆଗରୁ ଅନେକ ଥର ସେ ଆସିଛି

Digitized by srujanika@gmail.com

ଏଇ ମନ୍ଦିରକୁ । ମୁଖ୍ୟ ପୂଜାରୀଙ୍କଠାରୁ ଅନ୍ୟ ସେବକମାନଙ୍କ ଯାଏ ପ୍ରାୟ ସମସ୍ତେ ତା'ର ଚିହ୍ନା । ଏଠିକି ଆସିଲେ ତା'ଭିତରର ମାଡ଼ି ହୋଇଯାଉଥିବା ସତ୍ତା ମୁକୁଳିଯାଏ । ସେ ସମସ୍ତଙ୍କ ଦୋସ୍ତ ପାଲଟିଯାଏ । ଫୁଲ,ଦୀପ ବିକୁଥିବା ପିଲାଟି ସାଙ୍ଗରେ ଅନେକ ଦିନର ପୁରୁଣା ବଂଧୁପରି କଥାରେ କଥାରେ ହସି ହସି ଗଡ଼ିଯାଏ । ଅଚିହ୍ନା ଭକ୍ତମାନଙ୍କ ସହ କଣ୍ଠ ମିଳାଇ ଭଜନ ଗାଏ, ସେମାନଙ୍କ ଉଦଣ୍ଡ ନାଚରେ ସାମିଲ ହୋଇଯାଏ । ଏ ସ୍ଥାନଟି ତାକୁ ଅତି ଆପଣାର ଲାଗେ । ସେଥିପାଇଁ ତା' ଅଜ୍ଞାତବାସର ପ୍ରଥମ ଡେରା ଭାବରେ ସେ ଏଇ ମନ୍ଦିରକୁ ବାଛି ନେଇଛି । ଏବେ ପରିଚିତମାନଙ୍କ ପ୍ରଶ୍ନିଳ ଦୃଷ୍ଟିର ପରିସୀମା ବାହାରେ ଭବିଷ୍ୟତ କାର୍ଯ୍ୟପଂଥା ସେ ସ୍ଥିର କରିବ । ବ୍ୟାଗ୍‌ରୁ ଇନ୍‌ଲ୍ୟାଣ୍ଡ ଲେଟରଟିଏ ବାହାର କରି ଚିଠି ଲେଖି ବସିଲା ଶିତୁ ।

ମମି,

ଜୀବନ ମୋ ପାଇଁ ଏକ ବୋଝ ହୋଇଯାଇଛି ଓ ମୁଁ ତୁମମାନଙ୍କ ପାଇଁ । ତେଣୁ ଏ ଜୀବନକୁ ଶେଷ କରିଦେବା ପାଇଁ ନିଷ୍ପତ୍ତି ନେଲି । ଯେଉଁଠି କେହି ମୋତେ ଜାଣିବେନି, ଚିହ୍ନିବେନି, ସେମିତି ଏକ ସ୍ଥାନରେ ମୁଁ ଆତ୍ମହତ୍ୟା କରିବି । ପାରିଲେ ମୋତେ କ୍ଷମା କରିଦେବ ।

॥ ଶିତୁ ॥

ଚିଠିଟା ଲେଖିସାରି ପଢ଼ିଲାବେଳେ ମମିର କାଂଦୁରା ମୁହଁଟା ତା' ଛାତି ଭିତରକୁ ଚକଟି ମକ୍‌ଚି ପକାଉଥାଏ । ନାଃ, ଆଗାମୀ ଦିନର ଦୁର୍ଦ୍ଧାଂତ ଡନ୍ 'ଶୀତୁ ଭାଇ' ପକ୍ଷରେ ଏ କ୍ଷଣିକ ଦୁର୍ବଳତା ଶୋଭା ପାଏନା । ମୁଂଡକୁ ଦି'ଥର ଝାଂକି ଦେଇ ତାର ସର୍ବଶେଷ ଦୁର୍ବଳତାକୁ ଯେମିତି ଝାଡ଼ିଦେଲା ଶିତୁ । ମମି ଡାଡିଙ୍କ ପାଇଁ ମୃତ ଘୋଷିତ ହୋଇଗଲା ପରେ ସେ ନିର୍ବିଘ୍ନରେ ମୁଂବାଇ ଚାଲିଯିବ । ସେଠି ସଂପର୍କ ଖୋଜି ଅଣ୍ଡର ୱାର୍ଲ୍‌ଡ ସହ ମିଶିଯିବାକୁ ବିଶେଷ ଅସୁବିଧା ହେବନାହିଁ । ସବୁ ଶକ୍ତି, ସାହସ, ଓ ବୁଦ୍ଧି ସେ ଖଟାଇ ଦେବ । ତା'ର ଦୃଢ଼ ମନୋବଳ ନିଶ୍ଚୟ ତାକୁ ସଫଳତା ପଥରେ ଆଗେଇ ନେବ । କିନ୍ତୁ ସେଥିପାଇଁ କେଇଟା ଦିନ ତାକୁ ଏଇଠି ଅପେକ୍ଷା କରିବାକୁ ପଡ଼ିବ । କିଛି ଦିନ ଯାଏ ଡାଡି ତାକୁ ସବୁ ଆଡ଼େ ଖୋଜିବେ । ପୋଲିସ୍‌ର ସାହାଯ୍ୟ ମଧ୍ୟ ନେଇପାରନ୍ତି । ସେ ଦୃଷ୍ଟିରୁ ମଂଦିରଟି ସୁରକ୍ଷିତ ବିରାଟ ଦେଶ, ଅଜ୍ଞାତବାସ ପାଇଁ । ତା'କୁ ଖୋଜିବାରେ ନିୟୋଜିତ କୁରୁବଳ ନିଶ୍ଚେଷ୍ଟ ହେବା ପରେ ସେ ମଉକା ଦେଖି ମୁଂବାଇ ଚାଲିଯିବ । ଏତେଦିନ ଧରି ସଂଚିଥିବା ଦୁଇ ହଜାର ଟଙ୍କା ତା'ର ଏକମାତ୍ର ସମ୍ବଳ । ଟଂକା ହାତଗୁଂଜା ଦେଇ ଏ ମଂଦିର ସେବକଙ୍କୁ ହାତ କରିବାକୁ ଚେଷ୍ଟା କଲେ ସେମାନେ ସଂଦେହ କରିବେ ।

Digitized by srujanika@gmail.com

ବରଂ ନିରୀହ ଭକ୍ତଟିଏର ଅଭିନୟ ସେମାନଙ୍କୁ ବେଶି ଆକର୍ଷି ପାରିବ । ମନ୍ଦିର ଭୋଗ ବିକୁଥିବା ଟୋକାଟି ତା'ଠାରୁ ଦୁଇତିନିବର୍ଷ ବଡ଼ ହେବ ବୋଧହୁଏ । ହେଲେ ଶୀତୁକୁ ଦେଖି ହସିଦେଲେ ତା' ମୁହଁରୁ ବନ୍ଧୁ ବାନ୍ଧିବାର ପଣ ଉତୁରି ପଡ଼େ । ତା'ରି ହାତରେ ଚିଠିଟା ଗୁଂଜି ଦେଇ ଶୀତୁ ଅନୁରୋଧ କଲା ପୋଷ୍ଟ କରିଦେବା ପାଇଁ ।

ବେଢ଼ା ଭିତରେ ସେବାୟତମାନେ ରହିବା ପାଇଁ ଛୋଟ ଏକ ବଖୁରିଆ ଘର ସବୁ ଅଛି । ଭୋଗ ବିକିବା ଟୋକା କୁଂଜ ସେଇଥିରୁ ଗୋଟିକରେ ରହେ । ତା'କୁ ଖୋସାମତ କରି ତା' ପାଖରେ ଚାରି ପାଂଚ ଦିନ ରହିବା ପାଇଁ ଅନୁମତି ପାଇଗଲା ଶିତୁ । ସକାଳୁ ଗାଧୋଇ, କେହି ନକହିବା ଆଗରୁ ଠାକୁରଙ୍କ ଆସ୍ଥାନ ସଫା କରିବା, ଫୁଲ ତୋଳି ରଖିବା, ଇତ୍ୟାଦି କାମ ସ୍ୱତଃପ୍ରବୃତ୍ତ ଭାବରେ ସେ କରି ଦେଉଥିଲା । ବୁଢ଼ା ପୂଜାରୀଙ୍କ ହସ ହସ ପ୍ରଶାନ୍ତ ମୁହଁରୁ ସେ ସନ୍ତୁଷ୍ଟ ଥିଲା ଭଳି ଲାଗୁଥିଲା । ଏଇସବୁ କାମ କଲାବେଳେ ଏକ ଅନନୁଭୂତ ଆନନ୍ଦ ଶିତୁର ଭିତରେ ବାହାରେ ବିଂଚି ହୋଇଯାଉଥିଲା । ଫୁଲ ତୋଳିବା ବେଳେ ବହୁକାଳପରେ ସେ ଆପଣା ଛାଏଁ ଗୁଣୁଗୁଣେଇ ଉଠୁଥିଲା । ମଂଗଳାଳତୀବେଳେ ତା' ଭିତରର ଅସ୍ଥିର ଉତ୍ତେଜନା ସବୁ ଧୂପ ଧୂଆଁ ସାଥିରେ ଧୂଆଁ ହୋଇ ଉଭେଇ ଯାଉଥିଲା । ଦି'ପହର ପହଡ଼ବେଳେ ଧାନ ବିଲର ଗହଳ ଶ୍ୟାମଳିମା ଭିତରେ ପ୍ରଜାପତିଟିଏ ପରି ଘୁରି ବୁଲୁଥିଲା ଶିତୁ । ନିର୍ଜଳା ଆକାଶ ତାକୁ ଭାରି ନିବିଡ଼ ମନେ ହେଉଥିଲା । ନିରୋଳା ପବନ ଲାଗୁଥିଲା ଭାରି ଆପଣାର । ସଂଧ୍ୟା ଦର୍ଶନ ସାରି ଦର୍ଶନାର୍ଥୀମାନେ ଫେରିଯିବାପରେ ସେ ଯାଉଥିଲା ମନ୍ଦିର ଭିତରକୁ । ପୂଜାରୀ ବାବାଙ୍କ ସହିତ ବସି ଧ୍ୟାନ ଭଜନ କରୁଥିଲା । ତା'ପରେ ମନ୍ଦିର ସଫା କରି ସେବାୟତମାନଙ୍କ ସାଙ୍ଗରେ ପ୍ରସାଦ ସେବନ କରୁଥିଲା । ପୂଜାରୀ ବାବାଂକ କରୁଣାସ୍ନିଗ୍ଧ ଦୃଷ୍ଟି ଭିତରୁ ସେ ଦେଖୁଥାଏ ଅଜାଙ୍କ ସ୍ନେହ ସଜଳ ଆଖି । ତାଙ୍କ ଗଂଭୀର କଣ୍ଠରୁ ପ୍ରଭୁଲୀଳା ଶୁଣୁ ଶୁଣୁ ପିଲାଦିନେ ଅଜାଙ୍କଠାରୁ ଗଳ୍ପ ଛଳରେ ଶୁଣିଥିବା ନୀତିବାଣୀ ସବୁ ତା'କୁ ଶୁଭିଯାଉଥାଏ । ସତେ ଅବା ଅଜା ଫେରିଆସିଛନ୍ତି ।

ଯିବ ଯିବ ହୋଇ ଯାଇପାରୁନି ଶିତୁ । ଏକ ଅଦ୍ଭୁତ ସମ୍ମୋହନରେ ଛନ୍ଦି ହୋଇ ପଡୁଛି ସେ । କେହିବି ତାକୁ ଯିବାକୁ କହୁ ନାହାନ୍ତି । ନିଶାସକ୍ତର ଅଭିନୟ କରୁକରୁ ନିଶାରେ ଘାରି ହୋଇ ବାଟ ହୁଡୁଛି ସେ । ଏମିତି ଆଉ କେତେ ଦିନ ରହିଗଲେ ସେ ବାଟୋଇଟିଏ ହେଉ ହେଉ ନିଜେ ବାଟ ପାଲଟି ଯାଇପାରେ । ନାଃ, ପ୍ରବହମାନତାରେ ସେ ନିଜକୁ ଭସାଇ ଦେବନି । କାଲି ଏଠାରୁ ସେ ନିଶ୍ଚୟ ଯିବ । ତା' ଲକ୍ଷ୍ୟ ତା' ଶପଥକୁ ସେ ଅବହେଳା କରିପାରିବନି ।

Digitized by srujanika@gmail.com

ସବୁ ଲୋକ ଚାଲିଯିବେଣି, ମଂଦିର ଖାଲି ହୋଇଯାଇଥିବ, ଶିତୁ ପାହାଚ ଚଢ଼ିଲା । ଆସ୍ଥାନ ସଫା କରିସାରି ସେ ଧ୍ୟାନରେ ବସିବ । କିଏ ଦି' ଜଣ ବସି ଧ୍ୟାନ କରୁଛନ୍ତି । ସାମ୍ନାରେ ଦୁଆରକୁ ମୁହଁ କରି ପୂଜାରୀବାବା ବସିଛନ୍ତି । ଶିତୁ ଫେରି ଯାଉ ଯାଉ ସେ ଡାକିଲେ, ''ରୁହ ବାବା, ୟାଡ଼େ ଆସ ।'' ବହୁତ ଆର୍ତ୍ତି ତାଂକ ଦୁଃଖ ନେଇ ତାଂକ ପାଖକୁ ଆସନ୍ତି । କିନ୍ତୁ ତାକୁ କାହିଁକି ଡାକିଲେ ? କୁଣ୍ଠିତ ପାଦରେ ଆଗେଇ ଗଲା ସେ । ସ୍ଥିର ହୋଇ ବସିଥିବା ଭକ୍ତ ଦୁଇଜଣ ମୁହଁ ବୁଲାଇ ଚାହିଁଲେ । ଶୀତୁର ପାଦ ଦି'ଟା ସେଇ ମାର୍ବଲ ଚଟାଣ ଭିତରକୁ ପୋତି ହୋଇଯାଉଥିଲା । ଅଚାନକ ଝଡ଼ର ଧକ୍କାଟିଏ ତାର ସମଗ୍ର ସତ୍ତାକୁ ଓପାଡ଼ି ଫିଙ୍ଗି ଦେଲା ପବନ ପିଠିକୁ । ଶିତୁ ଚାହିଁ ରହିଛି ଡାଡି ମମିଙ୍କୁ । ଆଖିରେ ପଲକ ପଡୁନି । ଦୁଇ ହାତ ବଢ଼ାଇ-ଦୌଡ଼ି ଆସିଲେ ମମି,'' ମତେ ଅନ୍ଧ କରି ତୁ କୁଆଡ଼େ ଯାଉଥିଲୁରେ ଧନ ।'' ଶିତୁର ପଥର ପାଲଟି ଯାଇଥିବା ଦେହର ଗୋଡ଼ରୁ ମୁଣ୍ଡଯାଏ ଆଉଁସୁ ଆଉଁସୁ ତା' ଛାତିରେ ମୁଣ୍ଡ ପିଟୁଥିଲେ ମମି । ଡାଡି ଓ ସେ ମୁହାଁ ମୁହିଁ । ଶିତୁର ବିଶ୍ୱାସ ହେଉନି ଯେ ତା' ଡାଡି ବୋଲି । ଏଇ ପାଞ୍ଚ ଦିନ ଭିତରେ ବୟସ ଯେମିତି ପଚାଶ ବର୍ଷ ବଢ଼ି ଯାଇଛି । ଧ୍ୱସ୍ତ ବିଧ୍ୱସ୍ତ ଦୁର୍ଗଟିଏର କଂକାଳ ଦେହରେ ହୃତ ସ୍ୱର୍ବାର ଗଳିତ ମାଂସ ଖଣ୍ଡକିଛି ଖାଲି ଯାହା ଝୁଲୁଛି । ଛୁଇଁ ଦେଲେ ଝଡ଼ି ପଡ଼ିବ । ତା'କୁ ହରାଇବାର ଦୁଃଖରେ ଅହଂକାରୀ ମଣିଷଟିଏ ପୁଣି ଏମିତି ସର୍ବହରା ହୋଇପାରେ ? ଆକ୍ୱତା ମାକ୍ୱତା ଲୁହର ସମୁଦ୍ରଟାଏ ଶିତୁର ଛାତି ଭିତରୁ କୂଳ ଭାଂଗିବାକୁ କଲବଲ ହେଉଥିଲା । ଅଂଧାରୀ ଗୁଂଫା ଭିତରୁ ଅଣନିଃଶ୍ୱାସୀ ଶବ୍ଦ ସବୁ ହଠାତ୍ ବିଛାଡ଼ି ହୋଇ ପଡ଼ିଲେ । ''ତୁ ପରା ମୋର ଗୋଟେ ବୋଲି ପୁଅ । କେମିତି ଭାବିଲୁ ତୋ ବିନା ଆମେ ବଂଚିପାରିବୁ ବୋଲି ? ଏତେ ଦଣ୍ଡ ଦେବା ଆଗରୁ ଥରେହେଲେ ମମି କଥା ଭାବି ପାରିଲୁନି ?'' 'ମମି' ସଂପର୍କର ପର୍ଦ୍ଦା ଆର ପାଖରୁ ଝୋଲାମରା 'ଡାଡି'ଟିଏର ନିଶବ୍ଦ ବିଳାପ ଶୂନ୍ୟକୁ ହାତ ଟେକୁଥିଲା । ବୈଶାଖୀ ଝଡ଼ରେ କାତର ପତ୍ରଟିଏ ପରି ଥରୁଥିବା ଡାଡିଙ୍କର ଟଳ ଟଳ ଦେହଟାକୁ ଶିତୁ ଜାବୁଡ଼ି ଧରିଲା ପ୍ରାଣପଣେ । ଆତୁର ଆଷାଢ଼ଟିଏ ମୁହଁ ଗୁଂଜି ଦେଲା ଅଥୟ ସମୁଦ୍ର ଛାତିରେ ।

□■□

Digitized by srujanika@gmail.com

ଶୋକ ପର୍ବ

ବିଛଣାରେ ପଡ଼ି ଛଟପଟ ହେଉଥିଲେ ଅଭିଷେକ । କଡ଼ ଲେଉଟେଇବାକୁ ବି ଡର ଲାଗୁଥିଲା, କାଳେ ମୀରାର ନିଦ ଭାଂଗିଯିବ । ଦୁଇ ଦିନର ଉଦ୍‌ବେଗ ଆଶଙ୍କାରେ ଘାରି ହୋଇ ଶୋଇ ପଡ଼ିଛି ବିଚାରି । ହେଲେ ଆଖିକୁ ନିଦ ଆସୁନି କାହିଁକି ? ଅନ୍ଧାରରେ କାନ୍ଥକୁ, ଛାତକୁ ଚାହିଁ କେତେ ସମୟ ବା ପଡ଼ିହୁଏ ? ଯାକୁ ହିଁ ବୋଧେ କହନ୍ତି କଣ୍ଟକ ଶଯ୍ୟା ! ସ୍ମୃତିର ବନ୍ଦ ଝରକା ଖୋଲି ଉଭା ହେଲା ବୋଉ । ପିଲାଦିନେ ଥରେ ଭୀଷଣ ଜ୍ୱରରେ ପଡିଥାନ୍ତି ସେ । ଔଷଧ, ପାଣିପଟି କିଛି ବୋଲ ମାନୁ ନଥାଏ । ଦିନରାତି ତାଙ୍କ ମୁହଁକୁ ଚାହିଁ ବୋଉ ବସିଥାଏ । ପାଟିକୁ ପାଣି ଟୋପେ ବି ନେଉନଥାନ୍ତି ସେ ! ଯାହା ଟିକେ ଦେଲେ ବାନ୍ତି ହୋଇଯାଉଥାଏ । ସେମିତି ଅର୍ଦ୍ଧଚେତନ ଅବସ୍ଥାରେ ଦିନେ ଦେଖିଲେ ବୋଉ କାନ୍ଦି କାନ୍ଦି ଲୋଟି ଯାଉଛି, ବାପା ତାକୁ ଛାତିରେ ଆଉଜେଇ ନେଇ ମୁଣ୍ଡ ସାଉଁଳେଇ ଦେଉଛନ୍ତି । କାହିଁକି କେଜାଣି ଅଭିଷେକଙ୍କୁ ଭାରି ଲାଜ ଲାଗିଲା । ମନ୍ଦିର ଦେହରେ ମିଥୁନ ମୂର୍ତ୍ତି ଦେଖି ଆଖି ଫେରାଇ ନେଇ ପୁଣି ଆଡ଼ ଆଖିରେ ଚାହିଁଲା ପରି ସେ ଅଧାବୁଜା ଆଖିରେ ବାପା ବୋଉଙ୍କୁ ଚାହୁଁଥିଲେ । ତାଙ୍କୁ ଏକ ଅଭାବିତ ଦୃଶ୍ୟ ଦେଖିଲା ପରି ଲାଗୁଥାଏ । ସେ ଦୁହେଁ କେବେ ପାଖାପାଖି ବସି ହସଖୁସି ହେବାର ବା ଏକାଠି ସିନେମା କି ବଜାର ଯିବାର ବି ଅଭିଷେକ ଦେଖିନଥିଲେ । ବାପାଙ୍କ ସମୟ ପ୍ରାୟ ବାହାରେ ବାହାରେ କଟେ ଆଉ ଘରଚାଯାକର ଝଞ୍ଜାଳ ଭିତରେ ବୋଉ କେବେ ବାହାର ଆଲୋକ ଦେଖେ କି ନାହିଁ ସନ୍ଦେହ । ବାପା ବୋଉ କେବଳ ବାପା ବୋଉ ଥିଲେ । ସେମାନଙ୍କର ନିଜସ୍ୱ କିଛି ପରିଚିତି ରହିଛି ବୋଲି ପିଲାମାନେ ଭାବି ପାରୁ ନଥିଲେ । ଅଥଚ ଅଭିଷେକ ପୁପୁଲ ଆଉ ଜୋନାକୀ ସାଙ୍ଗରେ ବାଦ କରି ମୀରା

Digitized by srujanika@gmail.com

କୋଳରେ ଶୋଇ ପଡନ୍ତି । ପିଲାଙ୍କୁ ଖୁଆଇ ଦେବା ବେଳେ ମୀରା ହାତରୁ ଛଡ଼ାଇ ଖାଇ ଦିଅନ୍ତି । ଜୋନାକୀ ପାଟି କରି ତାଙ୍କୁ ବିଧା ମାରୁଥିବାବେଳେ ପୁପୁଲ ହସି ହସି ଗଡ଼ିଯାଏ ।

'ପୁ ପୁ ଲ୍' ନାଁଟା ମନେ ପଡ଼ିଯିବାରୁ ବିଛଣାରେ ଉଠି ବସିଲେ ଅଭିଷେକ । ଏଇ କେତେ ସମୟ କେମିତି ସେ ପୁପୁଲକୁ ଭୁଲି ଯାଇଥିଲେ ? କ'ଣ କରୁଥିବ ଏଇଲେ ସେ ? କୋଉ ଅବସ୍ଥାରେ ଥିବ ? ଆଖି ଦୁଇଟା ପୋଡ଼ି ଉଠିଲା ତାଙ୍କର । ପାଦ ଚିପି ଚିପି ବେଡ଼୍‌ରୁମ୍‌ରୁ ବାହାରି ଆସିଲେ ସେ । ଲାଇଟ୍ ଜଳାଇବାର ଉପାୟ ନାହିଁ, ମୀରାର ନିଦ ଭାଙ୍ଗିଯିବ । ଦୀର୍ଘ ଦାମ୍ପତ୍ୟ ଜୀବନ ଭିତରେ ମାନ ଅଭିମାନର ସେଇସବୁ ରାତିମାନଙ୍କରେ ବିଛଣାରୁ ଉଠି ଲାଇଟ୍ ଜଳାଇବା, ଶବ୍ଦ କରି ଆଲମିରାରୁ ବହି କାଢ଼ିବା, ଜାଣି ଜାଣି ପାଣି ବୋତଲକୁ ଦୁମ୍ କରି କଚିବାର ଦୃଶ୍ୟ ସବୁ ଉଭା ହୋଇଯାଉଥିଲେ । ଏସବୁ ପଛରେ ମୀରାକୁ ଶୁଆଇ ନଦେବା ଥାଏ ଏକମାତ୍ର ଉଦ୍ଦେଶ୍ୟ । ସତକୁ ସତ ମୀରା ବି ଉଠି ଆସେ ଅଳ୍ପ ସମୟ ପରେ । ଦୁହେଁ ଦୁଇଟା ବହି ମେଲାଇ ସାମ୍ନା ସାମ୍ନି ବସିଯା'ନ୍ତି । ଆଖି ଥାଏ ବହିର ପୃଷ୍ଠାରେ, କିନ୍ତୁ ଅପେକ୍ଷା ଥାଏ ପ୍ରତିପକ୍ଷର ସମର୍ପଣକୁ । କେତେବେଳ ପରେ ଘଣ୍ଟାକୁ ଚାହିଁ ମୀରା ଆସି ଠିଆ ହୁଏ ତାଙ୍କ ପାଖରେ । ଗେହ୍ଲେଇ ହୋଇ କହେ, 'ବହି ଘୋଷା ସେତିକି ଥାଉ, ରାତି ପରା ଏତେ ହେଲାଣି, ଶୋଇବ ଆସୁନ ।' ବାସ୍ ଲସର ପସର ହୋଇ ଚାଲିଯା'ନ୍ତି ବିଛଣାକୁ ସେ । ରାଗ ରୁଷା ପରେ ମିଳନର କ୍ଷଣ ସବୁ ମିଠା ମିଠା ମହକରେ ବାସ୍ନାମୟ ହୋଇ ଉଠେ । ଏଇଲେ ଠିକ୍ ସେମିତି ମୀରା ଆସି କୁହନ୍ତାନି,'କାହିଁକି ମିଛଟାରେ ରାତି ଅନିଦ୍ରା ହେଉଚ ? ପୁପୁଲ ପରା କେତେବେଳୁ ଆସି ଘରେ ଶୋଇଲାଣି ।''

ଅଭିଷେକଙ୍କ ହୃଦୟ ଥରାଇ ଦୀର୍ଘଶ୍ୱାସଟିଏ ବାହାରି ଆସିଲା । ଦୀର୍ଘଶ୍ୱାସ ପରି ଏଇ ଲମ୍ବା ରାତିର ଛାତି ଚିରି ବାହାରି ଆସନ୍ତାନି ପୁପୁଲ ? ଫୋନ୍‌ଟା ରିଂ ହେଲା । ଅନ୍ଧାରରେ ଅଣ୍ଡାଳି ହୋଇ ଫୋନ୍ ଧରିବାକୁ ଦଉଡ଼ିଲେ ସେ । ମୀରା ଓ ଜୋନାକୀ ବି ଉଠିଆସି ତାଙ୍କ ଦୁଇପାଖରେ ମୂର୍ତ୍ତିବତ୍ ଛିଡ଼ା ହୋଇଗଲେ । ସେମାନେ ତାହାଲେ ଶୋଇ ନଥିଲେ ! ଫୋନ୍ ବାଜି ଚାଲିଛି । ତାଙ୍କର ସାହସ ହେଉନଥାଏ ଉଠାଇବାକୁ । ବାପା ମା'ଙ୍କୁ ଥରେ ଚାହିଁ ଦେଇ ଜୋନାକୀ ହାତ ବଢ଼େଇଲା ଫୋନ୍ ଉଠାଇବାକୁ । ତା' ହାତକୁ ରୋକି ଦେଇ ଅଭିଷେକ ଫୋନ୍ ଉଠାଇଲେ । ମୀରାର ମୁହଁଟା ତିନିଦିନ ବରଫ ଦିଆ ମୁର୍ଦ୍ଦାର ପରି ଶେତା ଦିଶୁଥାଏ । ଜୋନାକୀ ମା'ଙ୍କୁ ଠେଲି ଠେଲି ନେଇ ସୋଫା

Digitized by srujanika@gmail.com

ଉପରେ ବସାଇ ଦେଲା । ରେଲୱେର ସିଗ୍‌ନାଲ ଅଫିସର ଖୋକନ୍ ଦା' ଫୋନ୍ କରିଛନ୍ତି । ''ମୁଁ ଯାହା ଖବର ନେଲି, କୌଣସି ଦୁର୍ଘଟଣା ବା ଜି.ଆର୍.ପି କେଶ୍ ହୋଇନି । ତୁ ମୋତେ ବ୍ୟସ୍ତ ହ'ନା । କାଲି ସକାଳେ ମୁଁ ପୁଣି ଥରେ ଇନ୍‌କ୍ୱାରୀ କରି ତତେ ଡିଟେଲସ୍ ଜଣାଇବି ।'' ଅଭିଷେକ ସେଇଠି ବେତ ମୋଡ଼ାଟା ଉପରେ ଲଥ୍ କରି ବସି ପଡ଼ିଲେ । ତାଙ୍କ ମୁହଁକୁ ଲୁହ ଡ଼ବ ଡ଼ବ ଆଖିରେ ଚାହିଁ ରହିଥିବା ମୀରାକୁ ଚାହିଁବା ମାତ୍ରେ ତାଙ୍କ ଆଖିରେ ମାଡ଼ି ମକଚି ହୋଇ ରହିଥିବା ଲୁହ ଉଛୁଳି ପଡ଼ିଲା । ତାଙ୍କ ଭଳି ଶିକାରୀ ପୁରୁଷ ଆଖିରେ ଲୁହ ଆସିବାଟା ସୁନ୍ଦର ନୁହେଁ । ମୁହଁ ବୁଲାଇ ନେଇ ଝିଅକୁ କହିଲେ, ''ଯା, ମା'ପାଖରେ ବେଡ୍ ରୁମ୍‌ରେ ଶୋଇବୁ ।' ନିଜେ ଉଠି ପାଦ ଘୋଷାରି ଘୋଷାରି ଯାଇ ଜୋନାକୀର ଖଟ ଉପରେ ଗଡ଼ି ପଡିଲେ ।

ବାସ୍ତରୀ ଘଣ୍ଟାର ଉତ୍ତେଜନା ତାଙ୍କ ଦେହର ପ୍ରତ୍ୟେକ ଯୋଡ଼କୁ ହୁଗୁଳା କରି ଦେଲାଣି । ମନର ସବୁ ସାହସକୁ ଛେଚି ଗୁଣ୍ଡ କରି ସାରିଲାଣି । ଏମିତି ଅସହାୟ ସେ ହୋଇପଡ଼ିଥିଲେ ବାର ବର୍ଷ ତଳେ, ପୁପୁଲ୍‌କୁ ନେଫ୍ରାଏଟିସ୍ ହୋଇଥିବାବେଳେ । ଡ଼ାକ୍ତରମାନେ ଆଶା ଛାଡ଼ି ଦେଇଥିଲେ । ଦିନ ନୁହେଁ, ମାସ ନୁହେଁ, ମୁହୂର୍ତ୍ତ ଗଣୁଥିଲେ ସେମାନେ । ସେତେବେଳକୁ ପୁପୁଲର ମାଇନର ବୋର୍ଡ ପରୀକ୍ଷା । ପ୍ରତିଦିନ ମୀରା ତାକୁ କାଖ କରି ନେଇଯାଏ ପରୀକ୍ଷା ହଲ୍‌କୁ । ଅଧ ଘଣ୍ଟା ଭିତରେ ଯେତିକି ଲେଖିଲା ସେତିକି । ତାପରେ ସେମିତି ତାକୁ ଫେରାଇ ଆଣେ । ଡାକ୍ତରଙ୍କ ବିରକ୍ତି ଓ ବାରଣ ସତ୍ତ୍ୱେ ପୁପୁଲ୍‌କୁ, ''କିଛି ହୋଇନି''ର ଆଶ୍ୱାସନା ଦେବାକୁ ସେମାନେ ଏତକ କରୁଥିଲେ । ପ୍ରଜାପତିର ଅସ୍ଥିରତା ନେଇ ଉଡ଼ି ବୁଲୁଥିବା ଏଡ଼ିକି ଟିକିଏ ପିଲା, ଜୀବନ ମୃତ୍ୟୁର ଲୁଚକାଳି ଖେଳ ବିଷୟରେ କ'ଣ ବା ବୁଝୁଥିଲା ? ପରୀକ୍ଷା ସରିବା ପରେ ପରେ ଟିଭିରେ କିଶୋରମାନଙ୍କ କାର୍ଯ୍ୟକ୍ରମରେ ତାର ଗୀତ ଗାଇବାର ପ୍ରୋଗ୍ରାମ ଥାଏ । ଗୀତସାର୍ ଯେତେବେଳେ ରିହର୍‌ସାଲ୍ କରିବାକୁ ଆସିଲେ, ପୁପୁଲ ତାଙ୍କୁ କହିଲା, ''ସାର୍, ମୁଁ କ'ଣ ଗୀତ ଗାଇ ପାରିବି ଟିଭିରେ ? ମୋର ତ ରକ୍ତ ପରିସ୍ରା ହେଉଛି । ସବୁ ରକ୍ତ ସରିଗଲେ ମୁଁ ତ ମରିଯିବି । ଆଉ ଗୀତ ଗାଇବି କେତେବେଳେ ?'' ଦୁଆର ଆରପାଖରୁ ମୀରା ଅଭିଷେକଙ୍କ ପାଦତଳୁ ମାଟି ଧସି ପଡ଼ିଲା ଯେମିତି । ସେମାନେ ଏଯାଏଁ ଭାବିଥିଲେ ପୁପୁଲ୍ ତା' ରୋଗ ବିଷୟରେ କିଛି ଜାଣିନି ବୋଲି । ସେଥିପାଇଁ ତ ସମସ୍ତ ବାରଣ ସତ୍ତ୍ୱେ ତାକୁ ପରୀକ୍ଷାରେ ବସିବାକୁ ଦେଇଥିଲେ । ସେ ଯଦି ଭଲ ହୋଇଯାଏ, ନିଜ କ୍ଲାସର ସାଙ୍ଗମାନଙ୍କ ଠାରୁ ତଳକ୍ଲାସରେ ପଢ଼ିବାର କି କୈଫିୟତ ତାକୁ ଦେବେ ? ସେତେବେଳର ମୁହୂର୍ତ୍ତ ସବୁ ଆନାକୋଣ୍ଡାର ଆଁ ହୋଇ

Digitized by srujanika@gmail.com

ସେମାନଙ୍କୁ ଗିଳିବାକୁ ଦଉଡୁଥିଲା । କେଉଁ ଅପ୍ରମେୟ ଶକ୍ତି ବଳରେ କେଜାଣି ପୁପୁଲ୍ ସେ ଘାଟି ପାର୍ ହୋଇଗଲା । ଆରୋଗ୍ୟ ହୋଇଯାଇଥିଲେ ବି ତା ମନ ଭିତରେ ରୋଗଭୟ ଢାଗାଟିଏ ମାଡ଼ି ବସିରହିଲା । ସେଥିପାଇଁ ଅଭିଷେକ ସବୁବେଳେ ମୀରାକୁ ଦୋଷ ଦିଅନ୍ତି । ''ତମେ ନିଜେ ଡରି ଡରି ପିଲାଟାକୁ ଡରୁଆ କରିଦେଲ । ନ ହେଲେ ମୋ ପରି ଶିକାରୀ ବାପର ପୁଅ ହୋଇ ସାମାନ୍ୟ ଜର କି ଅଣ୍ଡାକୁ ସେ ଡରୁଥାନ୍ତା ?'' ମୀରା ଜବାବ ଦିଏ, ''ହଁ, ତମେ କେତେ ବୀରପୁଙ୍ଗବ ସେ କଥା କଣ ମୁଁ ଜାଣିନି ? ତା' ଦେହ ଖରାପ ବେଳେ ଅଫିସ୍‌ରେ କାହାର ଚେତା ବୁଡ଼ିଥିଲା ? ମୁଁ ତ ମହାମୃତ୍ୟୁଞ୍ଜୟ ମନ୍ତ୍ର ଜପ କରି ମୋ ମନକୁ ଦମ୍ଭ ଦେଉଥିଲି । ତମେ ନଶୋଇ, ନଖାଇ ନପି' ଛାନିଆ ହଉଥିଲ କାହିଁକି ?'' ଅଭିଷେକ ଚୁପ୍ ହୋଇଯା'ନ୍ତି । ଶିକାର ଠାରୁ ଫ୍ଲାଇଂ ପର୍ଯ୍ୟନ୍ତ ଯେତେ ଦୁଃସାହସିକ କାମ ସେ କରିଛନ୍ତି । ଏକା ଏକା ମଡ଼ା ପୋଡ଼ିଛନ୍ତି । ସାଙ୍ଗମାନଙ୍କ ସାଥୀରେ ବାଜି ଲଗାଇ ସାରା ରାତି ମଶାଣିରେ ବିତାଇଛନ୍ତି । ଗାଡ଼ି ମଟରକୁ ପକ୍ଷୀରାଜ କରି ଉଡ଼ାଇଛନ୍ତି । କିନ୍ତୁ ଘର ଲୋକ କାହାର ଟିକିଏ କ'ଣ ହେଲେ ସେ ଭୁଶୁଡ଼ି ପଡ଼ନ୍ତି ଭଙ୍ଗାକାଛ ପରି । ମୀରା ଆଖିର ଲୁହ ଆଗରେ ତାଙ୍କର ପ୍ରଚଣ୍ଡ ପୌରୁଷ ଏକ କଅଁଳା ଛୁଆ ପରି କୋଳ ଦରାଣ୍ଡେ ମୁହଁ ଲୁଚାଇବାକୁ । ସେଥିପାଇଁ ତ ରାଗିଯାଇ ମୀରାର କାନ୍ଦ ବନ୍ଦ କରିବାକୁ ଧମକ ଦିଅନ୍ତି । କିନ୍ତୁ ଏଇଲେ ? କାହାକୁ ଧମକେଇବେ ? ମୀରାକୁ ନା ନିଜକୁ ? କ'ଣ ହେବ ସେ ଧମକର ଭାଷା ?

ଦଶଦିନ ତଳେ ପୁପୁଲ୍ ଓ ତା'ର ଜଣେ ସାଙ୍ଗ ଏକାଠି ଭାଇଜାଗ୍ ଯାଇଥିଲେ ଗୋଟିଏ ମଲ୍‌ଟି ନ୍ୟାସ୍‌ନାଲ୍ କଂପାନୀରେ ଇଣ୍ଟରଭ୍ୟୁ ଦେବାକୁ । ଯିବା ଆସିବା ତିନି ଦିନ ଓ ଇଣ୍ଟରଭ୍ୟୁ ପାଇଁ ଧରାଯାଉ ଦୁଇଦିନ । ପାଞ୍ଚ ଦିନରେ ଫେରି ଆସିବା କଥା । ଅଭିଷେକ କିନ୍ତୁ ପୁପୁଲ୍‌କୁ କହିଥିଲେ ଆଉ ଦୁଇଦିନ ରହି ସୀମାଚଳମ୍, ଗଙ୍ଗାଭରମ୍ ଇତ୍ୟାଦି ସ୍ଥାନ ଦେଖି ଆସିବାକୁ । ସେଥିପାଇଁ ଅଧିକ ଟଙ୍କା ବି ଯାଚିଥିଲେ । ପୁପୁଲ୍ କିନ୍ତୁ ଏକ୍‌ଦମ୍ ନାରାଜ । ବାପା - ମା' ନଥିଲେ ତାକୁ ବୁଲିବାକୁ ଭଲ ଲାଗିବନି । ତା'ଛଡ଼ା ଭାଇଜାଗ୍‌ରୁ ଫେରିଲେ ତା'ର ଗୀତ ରେକର୍ଡିଂ ପ୍ରୋଗ୍ରାମ୍ ଅଛି । ଯା'ଭିତରେ ମ୍ୟୁଜିକ୍ କମ୍ପୋଜ କରି କିଛିଟା ନାଆଁ କମେଇଲାଣି । ତଥାପି ସୁବିଧା ଥାଇ ବି ପିଲାଟା ବୁଲିବାକୁ ରାଜି ନୁହେଁ । ଆଶ୍ଚର୍ଯ୍ୟ ହେଉଥିଲେ ଅଭିଷେକ । ପୁପୁଲ୍‌ର ବୟସରେ ସେ ସାରା ଦୁନିଆଁ ଖେଦୁଥିଲେ । ସୁବିଧା ମିଳିଲେ ଆଜି କାଶ୍ମୀର ତ କାଲି କନ୍ୟାକୁମାରୀ । ପୃଥିବୀକୁ ହାତ ମୁଠାରେ ଧରି ବେପରୁଆ ଚାଲିବାର ଲୋକ ସେ । ଅଥଚ ତାଙ୍କରି ପୁଅ ହୋଇ ପୁପୁଲ, ଏତେ କଣପଶା ଘରମୁହାଁ ହେଲା କେମିତି ? ମୀରା ମୁହଁରେ

Digitized by srujanika@gmail.com

ସେତେବେଳକୁ ପାଲି ଜିତିବାର ହସ । ପୁପୁଲ୍ ଯିବାପରେ ସେ ହସଖିଅକ ଟିକିଏ ବିସ୍ତାରିଗଲା । ''ଏଥିରେ ହସିବାରେ କ'ଣ ଅଛି ମୁଁ ତ ବୁଝିପାରୁନି । କ'ଣ ନା ମୋ ପୁଅ ଏତେ ଭଲ ଆଉ ତମେ ଖରାପ, ଏଇଆ ତ ?'' ଖତେଇ ହେଲା ପରି କହିଲେ ଅଭିଷେକ । ''ମୁଁ ତ କିଛି କିହିନି ତୁମେ କଣ୍ଟାବାଡ଼ରେ ଲୁଗା ପକାଇ କଳି କରୁଛ କାହିଁକି ? କ'ଣ ଏଠି ହସିବାକୁ ବି ମନା ?'' ମୀରାଙ୍କ ସ୍ୱରରେ ପ୍ରତିବାଦ ଥିଲେ ବି ଆଖିରୁ ଖୁସି ଉପୁଚି ପଡୁଥାଏ ।

ପୁପୁଲ୍ ପରଦିନ ଭାଇଜାଗ୍‌ରେ ପହଞ୍ଚି ଫୋନ୍ କରିଥିଲା । ସେଦିନ ବା ତା'ପରଦିନ ଇଣ୍ଟରଭ୍ୟୁ ସରିବା ମାତ୍ରେ ସେମାନେ ଫେରି ଆସିବେ ବୋଲି କହିଲା । ଦୁଇଦିନ ପରେ ପୁପୁଲ୍‌ର ଆଉ ଜଣେ ସାଙ୍ଗ ଆସି କହିଲା,''କାଲି ସେମାନଙ୍କର ଇଣ୍ଟରଭ୍ୟୁ ସରିଯାଇଛି । ସେଦିନ ରାତି ଟ୍ରେନ୍‌ରେ ସେମାନେ ଫେରୁଛନ୍ତି । ପୁପୁଲ୍ ମୋତେ ଫୋନ୍ କରି କହିଛି ।'' ପରଦିନ ସକାଳେ କିନ୍ତୁ ପୁପୁଲ ପହଞ୍ଚିନଥିଲା । ଟ୍ରେନ୍ ଲେଟ୍ ଥିବ ଭାବି ତା' ଫେରିବାକୁ କେହି ଗୁରୁତ୍ୱ ଦେଲେ ନାହିଁ ।

ଅତର୍କିତ ଭାବେ ସେଦିନ ସକାଳୁ ସକାଳୁ ମୀରା ବଡ଼ଭାଇଙ୍କର ହାର୍ଟଆଟାକ୍ ହୋଇ ସେ ହସ୍‌ପିଟାଲାଇଜ୍ ହେଲେ । ଅବସ୍ଥା ବେଶ୍ ସାଂଘାତିକ ଜଣାପଡୁଥାଏ । ବନ୍ଧୁବାନ୍ଧବ ସମସ୍ତେ ହସ୍‌ପିଟାଲ୍‌ରେ ଡେରା ପକାଇଥାନ୍ତି । ଏ ଉଦ୍‌ବେଗ ଭିତରେ ମୀରା ଓ ଅଭିଷେକ ପୁପୁଲ୍‌ର ଫେରିବା କଥା ସଂପୂର୍ଣ୍ଣ ଭୁଲିଯାଇଥିଲେ । ପେସେଣ୍ଟକୁ ଆଇ.ସି.ୟୁରେ ଭର୍ତ୍ତି କରିସାରିବା ପରେ ଖୋଜା ପଡ଼ିଲା ପୁପୁଲ୍‌କୁ । ସେତେବେଳେ ଅଭିଷେକଙ୍କର ମନେ ପଡ଼ିଲା ପୁପୁଲ୍‌ର ଫେରି ନଥିବା କଥା । ଘରକୁ ଫେରିଥିଲେ ଜୋନାକୀ ଠାରୁ ଖବର ପାଇ ସେ ହସ୍‌ପିଟାଲରେ ପହଞ୍ଚି ସାରନ୍ତାଣି । ଅଭିଷେକ ସାମାନ୍ୟ ବ୍ୟସ୍ତ ହେଉଥିଲେ ବି ଭାରତୀୟ ରେଳର ସମାୟାନୁବର୍ତ୍ତିତା ବିଷୟରେ ଜ୍ଞାନ ଥିବାରୁ ତା' ନ ପହଞ୍ଚିବା ଉପରେ ସେତେଟା ଗୁରୁତ୍ୱ ଦେଲେ ନାହିଁ । ସେଦିନ ରାତି କଟିଗଲା ହସ୍‌ପିଟାଲରେ ଆତଙ୍କିତ ଅବସ୍ଥାରେ । ଆରଦିନ ସକାଳୁ ପେସେଣ୍ଟର ଜୀବନ ପ୍ରତି ବିପଦ କଟିଯିବାରୁ ସମସ୍ତେ ନିଃଶ୍ୱାସ ଛାଡିଲେ । ଏତେ ସବୁ ଧାଁ ଦଉଡ଼ ଭିତରେ ପୁପୁଲ୍‌ର ଅନୁପସ୍ଥିତିଟା ଏକ ବିସ୍ମୟ ପ୍ରଶ୍ନବାଚୀ ହୋଇ ଛିଡ଼ା ହେଉଥାଏ । ମାମୁଁ ଘରର ପ୍ରତ୍ୟେକ ଭଲ ମନ୍ଦ କାର୍ଯ୍ୟରେ ପୁପୁଲ୍ ଥିଲା ଅପରିହାର୍ଯ୍ୟ । ଯେକୌଣସି ପରିସ୍ଥିତି ତା'ର ପ୍ରାଣପ୍ରାଚୁର୍ଯ୍ୟର ସ୍ପର୍ଶରେ ଜୀବନ୍ତ ହୋଇ ଉଠୁଥିଲା । କେହି କିଛି କାମ ବରାଦ କରିବା ପୂର୍ବରୁ କାମଟି ସେ କରି ଦେଇଥାଏ । କିଏ କ'ଣ ଖାଇବ, କାହାର କ'ଣ ଦରକାର, ମୁହଁ ଦେଖି ସେ ଯେମିତି ଜାଣିପାରେ । ସେଥିପାଇଁ ସାହିପଡିଶା ସମସ୍ତଙ୍କ

Digitized by srujanika@gmail.com

ହୃଦୟରେ ସ୍ନେହ ମମତାର ଦୀପଟିଏ ହୋଇ ସେ ଜଳୁଥାଏ । ଜୋନାକୀ ବେଳେ ବେଳେ ବାଦ କରେ । କିନ୍ତୁ ଭାଇ ଭଉଣୀ ଦୁହେଁ ଏତେ ଘନିଷ୍ଠ ଯେ ବାପା ମା ନଥିଲେ ବି ସେମାନଙ୍କର ଚଳିଯାଏ । ଅଥଚ ଦୁହେଁ ଏକାଠି ଥିଲେ ''ମା ଦେଖିଲ'', ''ବାପା ଦେଖିବ ଆସ'' ଚିତ୍କାରରେ ଘର ପଡୁଥାଏ, ଉଠୁଥାଏ । ପିଲାଦିନେ ପୁପୁଲ୍‌କୁ ଡର ଲାଗେ ବୋଲି ରାତିରେ ବାଥ୍‌ରୁମ୍‌କୁ ଯିବା ଲାଗି ସାନ ଭଉଣୀକୁ ଡାକ ପକାଏ । ଭାଇର ଦେହ ଟିକିଏ କଣ ଖରାପ ହେଲେ ଜୋନାକୀ ପାଖେ ପାଖେ ଜଗି ରହିଥାଏ ।

ମୀରା ସହିତ ଜୋନାକୀ ବି ଭିତରେ ଭିତରେ ଅସ୍ଥିର ହୋଇଉଠୁଥିବା କଥା ଅଭିଷେକଙ୍କ ଆଖିରୁ ବାଦ୍ ଯାଇନି । ହେଲେ ସେ କିଛି ନ ଜାଣିବାର ଛଳନା କରୁଥାନ୍ତି । କେବଳ ଅପେକ୍ଷା ଭିତରେ ନିଜକୁ ସାନ୍ତ୍ୱନା ଦେଉଥାନ୍ତି । ସେଦିନ ଦିନ ଯାଇ ରାତି ହେଲା । ତଥାପି ପୁପୁଲ୍ ଫେରିଲାନି । ବନ୍ଧୁବାନ୍ଧବ ସମସ୍ତେ ବ୍ୟତିବ୍ୟସ୍ତ କରି ପକାଇଲେ । ଥମ୍ ଥମ୍ କରୁଥିବା ମେଘ ଏଥର ବର୍ଷିଗଲା । ଲୁହ ପୋଛୁ ପୋଛୁ ମୀରା ଆସି କହିଲା, ''ନିଦାବିଷ୍ଟୁ ପରି ବସିଛ କ'ଣ ? ମୋ ପୁଅ କୁଆଡେ ଗଲା ଟିକିଏ ବୁଝ ହେଲେ ।'' ମୀରାର ବ୍ୟାକୁଳତା ଦେଖି ହସ୍‌ପିଟାଲ୍‌ରେ ଉପସ୍ଥିତ ପୁପୁଲ୍‌ର ମାଇଁ, ସାନମାମୁଁ, ଖୁଡ଼ୀ ଇତ୍ୟାଦି ଏକା ସାଙ୍ଗରେ ଆକ୍ରମଣ କରିଦେଲେ । ତାଙ୍କର ଧୈର୍ଯ୍ୟର ବନ୍ଧ କ୍ରମଶଃ ଦୋହଲିବାକୁ ଲାଗିଲା । ସେଇ ହସ୍‌ପିଟାଲରୁ ମୋଟର ସାଇକେଲ୍ ଧରି ଚାଲିଲେ ଷ୍ଟେସନକୁ । ଷ୍ଟେସନ୍ ମାଷ୍ଟରଙ୍କଠାରୁ ବୁଝିଲେ ଦୁଇଦିନ ଯାକର ସବୁ ଟ୍ରେନ୍ ଠିକ୍ ଟାଇମ୍‌ରେ ଆସି ପହଞ୍ଚିଛି । ବାଟରେ କୌଣସି ଦୁର୍ଘଟଣା ବା ସେମିତି କିଛି ଅସ୍ୱାଭାବିକ ପରିସ୍ଥିତି ଉପୁଜିଥିବାର ସମ୍ବାଦ ନାହିଁ ।

ନାନାପ୍ରକାର ଆଶଙ୍କାରେ ବିଚଳିତ ହୋଇ ପଡ଼ିଲେ ଅଭିଷେକ । କ'ଣ ହୋଇପାରେ ? କିଛି ଅସୁବିଧା ହୋଇଥିଲେ କି ଟଙ୍କା ସରିଯାଇଥିଲେ ସେମାନେ ଫୋନ୍ ତ କରି ପାରିଥାନ୍ତେ । ଏତେ ବଡ଼ ପିଲା ଦି'ଟାଙ୍କୁ ବାଟରୁ କେହି କ'ଣ ଅପହରଣ କରିନେଲା ? ଅସମ୍ଭବ ନୁହେଁ । ଆତଙ୍କବାଦୀଙ୍କ ଠାରୁ ଆରମ୍ଭ କରି ଆଖି, କିଡ୍‌ନୀ ଇତ୍ୟାଦି ପାଇଁ ପିଲା ଅପହରଣ ସମ୍ବାଦ ପ୍ରତିଦିନ ଖବରକାଗଜରେ ବାହାରୁଛି । ଟ୍ରେନ୍ ଦୁଆର ମୁହଁ ପାଖରେ ଠିଆ ହୋଇଥିବା ବେଳେ ଚଳନ୍ତା ଟ୍ରେନ୍‌ରୁ ଖସି ପଡ଼ିନିତ ? ସେମିତି ହୋଇଥିଲେ ତା' ସାଙ୍ଗ ତ ଖବର ଦେଇଥା'ନ୍ତା । ଆଉ କ'ଣ ତା' ସାଙ୍ଗ ତାକୁ... । ହେ ଭଗବାନ୍ । ଭାବନା ସବୁ ଗୋଳମାଳ ହେଇଯାଉଥାଏ ଅଭିଷେକଙ୍କର । ସେଦିନ ରାତିରେ ପରିଚିତ, ସ୍ୱଳ୍ପ ପରିଚିତ, ରେଲୱେ ଓ ଭାଇଜାଗ୍ ସହ ସଂପର୍କିତ ଯେତେ ସବୁ ଲୋକ, ସମସ୍ତଙ୍କୁ ସେ ଫୋନ୍ କରି ପକାଇଲେ । ଭାଇବନ୍ଧୁଙ୍କର ଭିଡ଼

Digitized by srujanika@gmail.com

ଲାଗିଲା ଘରେ । ମୁହଁରେ ଯେତେ ଦମ୍ଭ ଦେଖେଇଲେ ବି ଭିତରେ ସେ ଖଣ୍ଡ ଖଣ୍ଡ ହୋଇ ଭୁଷୁଡ଼ି ପଡୁଥାନ୍ତି । ମୀରା ଆଖିରେ ଲୁହ ଶୁଖୁ ନଥାଏ । ଜୋନାକୀ ମୁହଁ ଶୁଖାଇ କୋହ ଚାପି କାହାକୁ ଚା’ କାହାକୁ ପାଣି କି ସର୍ବତ ଦେଉଥାଏ । ହେଲେ ଅଭିଷେକ ଯେ ବାପା । ବାପାମାନଙ୍କ ପାଇଁ ଲୁହ ତ ସବୁବେଳେ ମନା । ନିଜକୁ କାଟୁଥିଲେ ବି ପିଲାଙ୍କୁ ମାଡ ଦେଇ ଶାସନ କରିବା ହିଁ ତ ବାପତ୍ୱ । ବାପା ହେବାର ରାବଣ ଟାଟିଟା ଖୁବ୍ ଓଜନିଆ ହେଲେ ବି ତାକୁ ମୁଖା କରି ବାହାରକୁ ଦମ୍ଭ ଦେଖାଇବା ତ ବାପ ପଣିଆ । ନ ହେଲେ କର୍ତ୍ତା ହେବ କେମିତି ? ଲୋଡା ନାହିଁ ଏ କର୍ତ୍ତୃତ୍ୱ ଆଉ । ସମୟ ଯେତିକି ଗଡ଼ି ଯାଉଥାଏ ଅଭିଷେକଙ୍କର ଦମ୍ଭ ସାହସ ଧୈର୍ଯ୍ୟ ସବୁ ଛିଣ୍ଡା କାଗଜ ପରି ଗୋଟି ଗୋଟି ହୋଇ ଉଡ଼ି ଯାଉଥାଏ । ତାଙ୍କୁ ଲାଗୁଥାଏ ଆଉ ଟିକକରେ ବୋଧହୁଏ ତାଙ୍କର ହାର୍ଟ ଆଟାକ୍ ହୋଇଯିବ ।

ଏତେ ବଡ଼ ପିଲାଟା ଏମିତି ହଜିଗଲା, ଉଭେଇଗଲା ତାଙ୍କ ଜୀବନରୁ ? ଥରୁଟିଏ ହେଲେ ତାକୁ ଦେଖନ୍ତେ ! ତାକୁ ଛାତିରେ ଚାପି ଧରନ୍ତେ ! ପିଲାଦିନେ ବହୁତ ଦୁଷ୍ଟାମୀ କରେ ବୋଲି ହାତରେ ଯାହା ପଡ଼ିଲା ସେଥିରେ ପିଟି ପକାନ୍ତି । ନୋଳା ଫାଟି ରକ୍ତ ବୋହି ପଡୁଥିବ, ହେଲେ ଆଖିରୁ ଟୋପେ ଲୁହ ଗଡୁନଥିବ । ଦେହକୁ କାଠ କରି ସେମିତି ଠିଆ ହୋଇଥିବ । ଏତେ ଦମ୍ଭିଲା ପିଲାଟା କ’ଣ ଏମିତି ହଜିଯାଇପାରେ ? ସେଇ ସବୁ କଥା ମନରେ ରଖି ଅଭିମାନରେ କ’ଣ କୁଆଡେ ଚାଲିଗଲା ? ତାଙ୍କ ପିଲାଦିନେ ବାପା ଯଦି ରାଗି କଣ ଟିକେ କହିଦେଉଥିଲେ , ସେ ଲୁଚି ପଳାଇଯା’ନ୍ତି ମାମୁଁଘରକୁ । ବାପା ଯାଇ ଅଜାଆଈଙ୍କଠୁ ମଧୁର ଗାଳି ଗୁଡ଼ିଏ ଖାଇ ତାଙ୍କୁ ସାଙ୍ଗରେ ଧରି ଫେରନ୍ତି । ସେ ଇଂଜିନିୟରିଂ ପଢ଼ିବାକୁ ବାପା ଟଙ୍କା ଦେଇପାରିବେନି କହିବାରୁ ପ୍ରାୟ ମାସେ କାଳ ଘର ଛାଡ଼ି ନିରୁଦ୍ଦିଷ୍ଟ ହୋଇଯାଇଥିଲେ । ପରେ ଘରକୁ ଫେରି ବାପା ବୋଉଙ୍କ ଅବସ୍ଥା ଦେଖି ନିଜେ କାନ୍ଦିଥିଲେ । ସେଇ ଦୋଷର ଦଣ୍ଡ କ’ଣ ଭଗବାନ ତାଙ୍କୁ ବାପାଟିଏ କରି ଦେଉଛନ୍ତି ? ଦେହରୁ ଗୋଟା ଗୋଟା ଝାଳ ବୋହି ବିଛଣା ତିନ୍ତି ଗଲାଣି । ଗୋଟିଏ ରାତି ଯେମିତି ଅଯୁତ ଭୟଙ୍କର ରାତି ହୋଇ ତାଙ୍କ ଚାରିପାଖେ ବହଳ ଅନ୍ଧାର ନେସି ଦେଇଛି । ଛାଟିପିଟି ହୋଇ ସେ ବଗିଚାକୁ ଚାଲି ଆସିଲେ । ବଗିଚାର ଗଛ ସବୁ ତାଙ୍କୁ ପ୍ରେତ ଛାୟା ପରି ଦିଶିଲେ । କିଏ ଯେମିତି ଫୁସ୍‌ଫାସ୍ ହୋଇ କ’ଣ ସବୁ କଥା ହେଉଛନ୍ତି, ହାଃ ହାଃ ହୋଇ କେଉଁଠି କିଏ ହସୁଛି । ପୁଣି ପରକ୍ଷଣରେ ଚାରିଆଡ଼ ନିଥର ନିରବ ହୋଇଯାଉଛି । ତାଙ୍କୁ ଲାଗୁଛି ସେ ଯେମିତି ତଳେଇ ଯାଉଛନ୍ତି ଅତଳ ତଳ ପାତାଳର ଘନକୃଷ୍ଣ ଅନ୍ଧାର ଭିତରକୁ । ଗୋଟିଏ

Digitized by srujanika@gmail.com

ଅଶରୀରୀ ଭୟର ହିମଶୀତଳ ଲୋମଶ ହାତ ଜାବୁଡ଼ି ଧରିଛି ତାଙ୍କ ଅସ୍ଥିମଜ୍ଜା, ସମଗ୍ର ସତ୍ତାକୁ । ମୀରା ଜୋନାକୀଙ୍କୁ ନିଦରୁ ଉଠାଇଲେ କେମିତି ହୁଅନ୍ତା ? ବହି ପଢ଼ିବେ ? ଟିଭି ଦେଖିବେ ? ଘର ସାମ୍ନା ରାସ୍ତାରେ ଜଗିଂ କରିବେ ? କଣ କରିବେ ସେ ? ଏଇ ଦୁଇ ତିନି ଦିନର ଦୁଃଖକୁ ମୁଣ୍ଡେଇ ମୁଣ୍ଡେଇ ସେ ତ କୁବ୍‌ଜ ପାଲଟି ଯାଇଛନ୍ତି ।

ଫୋନ୍‌ଟା ରିଂ ହେବାରୁ ଧାଇଁ ଆସିଲେ ଭିତରକୁ ଅଭିଷେକ । ରିସିଭରଟା ଉଠାଇ 'ହାଲୋ' କହିଲା ବେଳେ ସ୍ୱରଟା କରୁଣ ଆର୍ତ୍ତନାଦ ପରି ଶୁଭୁଥାଏ । ପୁପୁଲ୍‌ର ଖବର ବୁଝିବା ପାଇଁ ସାନଭଉଣୀ ବାରିପଦାରୁ ଫୋନ୍ କରିଥିଲା । ତା'ର ସାନ୍ତ୍ୱନା ଶୁଣିବାକୁ ତାଙ୍କର ଆଉ ଧୈର୍ଯ୍ୟ ନଥିଲା । ଦୁମ୍ କରି ରିସିଭର୍‌ଟାକୁ କଚାଡି ଦେଲେ ।''ବ୍ୟସ୍ତ ହୁଅନି ସେ ନିଶ୍ଚୟ ଫେରି ଆସିବ ।'' ଦୁଇଦିନ ହେଲା ସମସ୍ତଙ୍କଠାରୁ ଏଇ ପଦକ ଶୁଣିଶୁଣି ସେ ଅତିଷ୍ଠ ହୋଇଗଲେଣି । ସେମାନଙ୍କ ଦୟାରୁ ଯେମିତି ପୁପୁଲ ଫେରି ଆସିବ । ଜୋନାକୀର ସ୍ପର୍ଶରେ ଚମକି ପଡ଼ିଲେ ଅଭିଷେକ । ତାକୁ କୁଣ୍ଢାଇ ଧରି ମନଭରି କାନ୍ଦିବାକୁ ଇଚ୍ଛା ହେଉଥିଲା ତାଙ୍କର । ଜୋନାକୀ ଆଖିରୁ କରୁଣା ଝରି ପଡୁଥାଏ ଟୋପା ଟୋପା ହୋଇ ।ତା' ହାତକୁ ମୁଠାକରି ଧରିଥାନ୍ତି ଅଭିଷେକ । ସତେ ଯେମିତି ସେହିଁ ତାଙ୍କର ପରମ ଆଶ୍ରୟ । ତାକୁ ଛାଡ଼ିଦେଲେ ନିମିଷକରେ ସେ କୁଆଡ଼େ ନାହିଁ କୁଆଡ଼େ ଭାସିଯିବେ । ନିରବରେ ଦୁଇଟି କାତର ଆତ୍ମା ଚାହିଁ ରହିଥିଲେ ପରସ୍ପରକୁ । ସେଇ ନିରବ ମୂହୁର୍ତ୍ତରେ କିଏ କାହା ଠାରୁ ଆଶ୍ୱାସନା ଖୋଜୁଥିଲା କହିବା କଷ୍ଟକର । କେତେବେଳ ପରେ ଥର ଥର କଣ୍ଠରେ ଜୋନାକୀ କହିଲା,''ପାପା, ଦାନ୍ତ ଘଷି ପକାଅ, ମୁଁ ଚା' କରି ଆଣୁଛି ।''

ବିଷଣ୍ଣ ସକାଳ ତାର କୁହୁଡ଼ିଆ ଆଖିରେ ମୃତପ୍ରାୟ ଏଇ ପରିବାରଟିକୁ ଦେଖୁଥାଏ । ଅଭ୍ୟସ୍ତ କାମ ସବୁ ହୋଇ ଚାଲୁଥାଏ ଅନଭ୍ୟସ୍ତ ଶବ୍ଦହୀନତାରେ । ହଠାତ୍ କଲିଂବେଲର ଶବ୍ଦ ଖଣ୍ଡ ଖଣ୍ଡ କରି ଭାଙ୍ଗି ଦେଲା ମଉନି ପର୍ବତ ପରି ନିରବତାକୁ । ନିଶ୍ଚୟ ପୁପୁଲ୍ । ଉଜ୍ଜ୍ୱଳି ଉଠିଲା ତିନି ହଳ ଆଖି । ପେପର୍‌ବାଲା ପେପର୍ ଟଙ୍କା ପାଇଁ ଅପେକ୍ଷା କରିଛି । ଦେହମୟ ନୈରାଶ୍ୟ ପୁଣି ଆବୋରି ବସିଲା ସାରା ଘରକୁ । ପେପର୍‌ଟାକୁ ଧରି ବସିଛନ୍ତି ଅଭିଷେକ । ବାରମ୍ବାର ପଢ଼ିଲେ ବି କିଛି ବୁଝି ପାରୁ ନାହାନ୍ତି । ଆଜି କଣ ପେପର୍‌ସାରା ଲାଟିନ୍ କି ଆରବିକ୍ ଶବ୍ଦ ? ଜୀବନରେ ଏମିତି ଶବ୍ଦମାନଙ୍କ ସହ ପରିଚୟ ଥିଲା ଭଳି ତାଙ୍କୁ ଲାଗୁ ନଥିଲା । ତାଙ୍କ ହାତରୁ ପେପରଟା ଟାଣି ନେଇ ଟେବୁଲ୍ ଉପରେ ପକାଇ ଦେଇ ଜୋନାକୀ କହିଲା,''ଗାଧୋଇବ ଯାଅ ପାପା । ପାଣି ବନ୍ଦ ହୋଇଯିବ ।'' ସେୟା ବରଂ ଭଲ । ଗାଧୋଇ ପଡି ଷ୍ଟେସନ୍‌କୁ

Digitized by srujanika@gmail.com

ଯିବେ । ଘରର ଆବହାଓ୍ୱା ତାଙ୍କୁ ହୁଏତ ଆଉ ଅଳ୍ପ ସମୟ ପରେ ଅସୁସ୍ଥ କରିଦେବ । ତା' ଅପେକ୍ଷା ବାହାରକୁ ଚାଲିଗଲେ ଛେଉଣ୍ଡ କୋହଗୁଡ଼ାକୁ ଟିକିଏ ଅନ୍ୟମନସ୍କତା ମିଳିଯିବ । ମୀରା ଗାଧୁଆ ପାଧୁଆ ସାରି ଠାକୁର ପୂଜି ବସିଛି । ସେଇଥିରେ ସେ କଟାଇ ଦେଇପାରିବ ଘଣ୍ଟେ କି ଦି'ଘଣ୍ଟା । ଜୋନାକୀ ତା' ପଢ଼ା ଟେବୁଲରେ ବହି ମେଲାଇ ବସିଛି । କ୍ଲାସଓ୍ୱାର୍କ କରିବାରେ ତାର ସମୟ କଟିଯିବ । ସାନଭାଇର ସ୍ତ୍ରୀ ମିନତି ଆସି ପହଞ୍ଚିଲାଣି । ରୋଷେଇ ବାସ କାମଟା ଅନ୍ତତଃ ସେ ସମ୍ଭାଳି ନେବ ।

ଗାଧୁଆ ଘରେ ଅଭିଷେକ କେତେ ଢାଳ ପାଣି ଢାଳି ହେଲେଣି କେଜାଣି ! ହଠାତ୍ ଚିତ୍କାର, କାନ୍ଦଣା, କୋଳାହଳର କୋରସ୍‌ରେ ଢାଳଟା ତାଙ୍କ ହାତରୁ ଖସି ପଡ଼ିଲା । ଗୋଡ଼ ହାତଗୁଡ଼ାକ ଅସାଡ଼ ହୋଇଗଲା । କଣ ହେଲା ? ଆପ୍ରାଣ ଚେଷ୍ଟାରେ ଏ ପର୍ଯ୍ୟନ୍ତ ଏଡ଼ାଇ ଆସିଥିବା ଆଶଙ୍କା କ'ଣ ମୂର୍ତ୍ତ ହୋଇଗଲା ? ପୁପୁଲ୍‌ର କ୍ଷତ ବିକ୍ଷତ ପ୍ରାଣହୀନ ଦେହଟା ଆସି ପହଞ୍ଚିଗଲା ବୋଧହୁଏ । ତା'ପରର ଦୃଶ୍ୟ ସବୁ ଥାକ ଥାକ ହୋଇ ତାଙ୍କ ଆଗରେ ଗଢ଼ା ହୋଇଗଲା । ନିଷ୍ପ୍ରାଣ ଦେହଟା ର ଚାରିପାଖରେ ପାଖ ପଡ଼ିଶା ବନ୍ଧୁ ବାନ୍ଧବଙ୍କ ସାନ୍ତ୍ୱନା, ମୀରାର ଚେତନା ହୀନ ଦେହ, ଜୋନାକୀର ଛାତିଫଟା କାନ୍ଦ ଆଉ ତାଙ୍କର ନିର୍ବାକ ନିଶ୍ଚଳ ମୁହଁ ସବୁ ଗୋଟି ଗୋଟି ହୋଇ ଦିଶିଗଲା । ଅଭିଷେକଙ୍କ ସର୍ବାଙ୍ଗ ଏକ ଶୀତଳ ଶିହ୍ରାରରେ ଥର ଥର ହୋଇ କଂପି ଉଠିଲା । ଏକମାତ୍ର ଆଶ୍ରୟ, ପୁତ୍ ନରକରୁ ଉଦ୍ଧରିବାକୁ ଆସିଥିବା ଆଦରର ଧନ ପୁପୁଲ୍‌ର ଜଡ଼ ଦେହକୁ ସେ ଚାହିଁ ପାରିବେ ତ ? ଗୋଟିଏ ନିରନ୍ଧ୍ର ଅନ୍ଧାରର ସୁଡ଼ଙ୍ଗ ଭିତରୁ ଅଣ୍ଡାଳି ଅଣ୍ଡାଳି ଓଦା ସର ସର ହୋଇ ବାହାରି ଆସିଲେ ଅଭିଷେକ ।

କାହାକୁ ଧରି କାନ୍ଦୁଛି ଜୋନାକୀ ? ପୁପୁଲ୍‌ର ସାଙ୍ଗ ? ଆରେ, ଜୋନାକୀ ପୁଣି ହସୁଛି ? ମୀରା ହସୁଛି ନା କାନ୍ଦୁଛି ? କିଏ ସେ ଏମିତି ଦି'ହାତରେ ମୀରାକୁ ଆଉ ଜୋନାକୀକୁ ଜାବୁଡ଼ି ଧରି ହୋ ହୋ ହୋଇ ହସୁଛି ?କିଏ, ପୁପୁଲ୍ ? ସେଇତ ଏମିତି ହସେ, ହସିଲା ବେଳେ ସ୍ଥାନ କାଳ ପାତ୍ର ଭଦ୍ରାମୀର ଖୋଳଟା ଫିଙ୍ଗି ଦେଇଥାଏ । ସେ ସ୍ୱପ୍ନ ଦେଖୁ ନାହାନ୍ତି ତ ? ନିଜକୁ ପୁଳା ପୁଳା ଚିମୁଟି ପକାଉଥିଲେ ଅଭିଷେକ । 'ବାପା' କହି ପୁପୁଲ୍ ଚାଲି ଆସିଲା ତାଙ୍କ ପାଖକୁ ହାତ ଦୁଇଟା ବଢ଼ାଇ । କାଳିସୀ ଲାଗିଲା ପରି ଅଭିଷେକ କିନ୍ତୁ କଷି ଦେଇଯାଉଥିଲେ ଚାପୁଡା ପରେ ଚାପୁଡ଼ା ପୁପୁଲ୍‌ର ଗାଲ ଦେହ ପିଠି ସବୁଆଡେ । ଜୋନାକୀ କହି ଲାଗିଥାଏ, ''ଭାଇନାର କ'ଣ ଦୋଷ ବାପା ? ତା'ର ଇଣ୍ଟର୍‌ଭ୍ୟୁ ପରା ଦୁଇଦିନ ଘୁଞ୍ଚିଗଲା । ତା' ସାଙ୍ଗର ଇଣ୍ଟରଭ୍ୟୁ ଆଗ ସରିଯାଇଥିଲା ବୋଲି ସେ ଫୋନ୍ କରିଦେଇଥିଲା । ଭାଇନା ମୋଟେ ଜାଣିନି ସେ

Digitized by srujanika@gmail.com

କଥା । ସେଇ ଫୋନ୍ ମେସେଜ୍‌କୁ ମିସ୍‌ଇଣ୍ଟରପ୍ରିଟ୍ କରି ଆର ସାଙ୍ଗ ଜଣକ ଏତେ ନାଟ ଲଗାଇଦେଲା ପରା ।''

ମାରି ମାରି ଥକି ପଡ଼ିଲେ ଅଭିଷେକ । ବୋହି ଯାଉଥିବା ଧାର ଧାର ଲୁହର ଲହଡ଼ି ଭିତରୁ ଆଖି ଦୁଇଟା କିନ୍ତୁ ଲାଖି ରହିଥିଲା ପୁପୁଲ୍‌ର ଦରହସା ମୁହଁ ଉପରେ । ଚେର ଉପୁଡିଗଲା ପରି ଅଡ଼ାଡ଼ି ହୋଇ ପଡିଲେ ସେ ପୁପୁଲ୍ ଉପରେ । ''ମୋ ଧନ, ମୋ ସୁନା, ତୁ କୁଆଡେ ଯାଇଥିଲୁରେ ?'' ଅଭିଷେକଙ୍କ ଥରିଲା କଣ୍ଠ ଭିତରେ ମା'ଟିଏ ବାହୁନି ଉଠୁଥିଲା ପରା । ତାଙ୍କର ନହକି ପଡ଼ିଥିବା ଦେହଟାକୁ ପୁପୁଲ୍‌ର ବଳିଷ୍ଠ ହାତ ଡୋଳି ଧରିଥିଲା ଅଲିଅଳ ଛୁଆଟେ ପରି ।

□■□

Digitized by srujanika@gmail.com

ଅଭିଷେକ

ପରିବା ବ୍ୟାଗ୍‌ଟାକୁ ଡାହାଣ ହାତରୁ ବାଁ ହାତକୁ ନେଲେ ଉଚ୍ଛବ ବାବୁ । କୋଡ଼ିଏ କି ବାଇଶି ବର୍ଷ ତଳେ ପଡିଯାଇ ଡାହାଣ ହାତଟା ଖୁଆ ପାଖରୁ ଖସି ଯାଇଥିଲା ଯେ ଏବକୁ କରାମତି ଦେଖାଉଛି । ବାଁ ହାତଟାରେ ବି କୋଉ ବେଶି ସମୟ ଧରି ହେଉଛି ? ପୁଣି ଥରେ ହାତ ବଦଳ କଲେ ଉଚ୍ଛବ ବାବୁ । ଜୀବନଟା ହିଁ ଏୟା, ଖାଲି ହାତ ବଦଳ । କେବେ ଦିନେ ଘରର ମୁରବିୟାନା ତାଙ୍କ ହାତରେ ଥିଲା । ଏବେ ପୁଅ ହାତରେ ଚାବିକାଠି । ନାଁକୁ ମାତ୍ର ସେ ମୁରବି । କଲିଜା ଠେଲି ଦୀର୍ଘଶ୍ୱାସଟିଏ ବାହାରି ଆସିଲା । ପରିବା ବ୍ୟାଗ ବୋହିବାର ବିରକ୍ତିକର ବୋଝକୁ ଜୀବନସାରା ସେ ଏଡ଼ାଇ ଆସିଥିଲେ । କେବେ ପୁଅମାନେ, କେବେ ଅଫିସ୍ ପିଅନ, କିଛି ନହେଲେ ସ୍ତ୍ରୀ ରମା ଘର ସଉଦା, ପରିବାପତ୍ର ଭଳି ଯାବତୀୟ ଘରଲୋଡ଼ା ଜିନିଷ ବଜାରରୁ ଆଣନ୍ତି । ଅଧିକ ଦାମ୍ ଦେଇ ପାଖ କ୍ୟାବିନ୍‌ରୁ ପଛେ ପିଲାମାନେ ପରିବା ଆଣିବେ, କିନ୍ତୁ ଉଚ୍ଛବ ବାବୁ କେବେ ହାଟ ଦୁଆର ମାଡ଼ିବେନି । ତାଙ୍କ ପଛରେ ରମା ଗରଗର ହେଲେ ବି ମୁହଁ ଉପରେ କିଛି କହନ୍ତି ନାହିଁ । କହିବାର ସୁଯୋଗ ସେ କାହାକୁ କେବେ ଦିଅନ୍ତି ଯେ ? କହିବାର ଏକଚାଟିଆ ଅଧିକାରଟା ସତେ ଯେମିତି ତାଙ୍କର ପଟ୍ଟା । ବ୍ରିଜ୍ ଖେଳି ଖେଳି ରାତି ଅଧକୁ ଘରକୁ ଫେରନ୍ତି । ସେତେବେଳେ ଯଦି ରମାଙ୍କ ମୁହଁ ଫୁଲେଇବାଟା ଆଖିରେ ପଡ଼ିଯାଏ ତ ଓଲଟି ବର୍ଷିଯା'ନ୍ତି ।''ମଣିଷ ଯେତେବେଳେ ଘରକୁ ଆସିବ, ଖାଲି ଶୁଖୁଡ଼ା ମୁହଁ ଦେଖିବ । ଶଃ.... ବ୍ରହ୍ମ ତାତି ଯାଉଛି । କୋଉଦିନ ଶଃ ... ସବୁ ଛାଡ଼ିଛୁଡ଼ି ଦେଇ ପଳେଇଥିବି ଯେ ପାଉଥିବେ ମଜା । କେମିତି ଗେଫା ମାରିବେ ଦେଖିବି ।'' କାକୁସ୍ଥ ହୋଇ ରମା

Digitized by srujanika@gmail.com

ତରକାରୀ ଗରମ କରନ୍ତି । ରୁଟି ସେକନ୍ତି । ରାତି ଅଧରେ ଗରମ ନଥିଲେ ବାବୁଙ୍କୁ ରୁଚିବନାହିଁ । ସେଠୁ ଆରମ୍ଭ ହେବ ଗୋଟେ ଅଧ୍ୟାୟ ।

ବେଳେବେଳେ ରମାଙ୍କ କଥା ଭାବି ଉଛବ ବାବୁ ଆଶ୍ଚର୍ଯ୍ୟ ହୁଅନ୍ତି । ଲୋକଟା କୋଉ କଥାରେ ପ୍ରତିବାଦ କରେନି, ଏଇଟା ଆଣ ସେଇଟା ଆଣ ବୋଲି ବରାଦ କରେନି କି ୟାଘର ତା'ଘର କଥା କହି ବିରକ୍ତ କରେନି । ପାଠ ଘର ସିନା ଶୂନ, ହେଲେ ପିଲାଙ୍କ ପାଠକୁ ଗୋଡ଼େ ଗୋଡ଼େ ଜଗିଥାଏ । ପିଲାଏ ପାଠ ପଢୁଛନ୍ତି ନା ବହି ଭିତରେ କମିକ୍ସ ରଖି ପଢୁଛନ୍ତି, ଖାତାରେ ପାଠ ଲେଖୁଛନ୍ତି କି ସିନେମା ଗୀତ କି ପ୍ରେମପତ୍ର ଲେଖୁଛନ୍ତି ସବୁ ଆଡ଼କୁ ନିଘା ଥାଏ । ପିଲାଙ୍କ ପାଇଁ ଟ୍ୟୁସନ ମାଷ୍ଟ୍ର ଖୋଜିବାଠାରୁ ସ୍କୁଲ କଲେଜ ଯାଇ ସେମାନଙ୍କ ଭଲମନ୍ଦ ବୁଝିବା, ଘରଠୁ ବାହାରଯାଏ ସବୁ ଗରଜ ଯେମିତି ରମାଙ୍କର । ପାଠ ପଢ଼ାଇବା ତ ଦୂରର କଥା, ତିନି ପିଲାଙ୍କ ଭଲ ନାଁ ପଚାରିଲେ ଉଛବ ବାବୁ କହି ପାରନ୍ତେ କି ନାହିଁ ସଂଦେହ । ତିନିଟା ଛୁଆ ଯେ ଯା' କ୍ଲାସରେ ପୋଜିସନ୍ ରଖନ୍ତି । ସାଙ୍ଗସାଥୀ କିଏ ସେଇ କଥା କହି ପ୍ରଶଂସା କଲେ ଗର୍ବରେ ଟିକିଏ ହସିଦେଇ ସେ ପିଲାଙ୍କ ବାପ ବୋଲି ଜାହିର କରିଦିଅନ୍ତି ।

ବଡ଼ପୁଅ ବ୍ୟାଙ୍କ ଅଫିସର, ମଝିଆଁ ପୁଅ ମର୍ଚ୍ଚାଣ୍ଟ ନାଭିରେ ପଶି ଦୁନିଆ ବୁଲୁଛି, ସାନଟା ଆମେରିକାରେ କମ୍ପ୍ୟୁଟର ଇଂଜିନିୟର୍ । ବନ୍ଧୁ ବାନ୍ଧବଙ୍କ ମନରେ ଉଛବବାବୁଙ୍କ ପ୍ରତି ପ୍ରଚ୍ଛନ୍ନ ଇର୍ଷାଟା ବାରି ହୋଇପଡ଼େ । ଉଛବ ବାବୁ ଅବଜ୍ଞାସୂଚକ ହସଖଣ୍ଡେ ହସିଦେଇ ସେମାନଙ୍କୁ ଦୟା ଦେଖାନ୍ତି । କେବେ କେବେ ଏମିତି ବେଳମାନଙ୍କରେ ପକୋଡ଼ି ଦି'ପ୍ଲେଟ୍ କି ବରା ପୁଞ୍ଜେ ସେମାନଙ୍କ ଆଗକୁ ଫିଙ୍ଗି ଦେଇ ଆତ୍ମପ୍ରସାଦ ଲଭନ୍ତି । ତାଙ୍କର ସେଇ ଅହଂକାର ଉପରେ ପ୍ରଥମେ ଆଘାତ ହାଣିଥିଲା ସାନପୁଅ, ବିଦେଶରେ ମେମ୍‌ଝିଅକୁ ବାହା ହୋଇ । ଦି'ବର୍ଷ ପରେ ମାତ୍ର ମାସେ ପାଇଁ ସେ ଦେଶକୁ ଫେରିଥିଲା, ଶଂଖ କଣ୍ଢେଇ ପରି ମେମ୍ ସ୍ତ୍ରୀକୁ ସାଂଗରେ ଧରି । ଗର୍ଜନ କରି ଘର ଫଟାଉଥିଲେ ଉଛବ ବାବୁ । ପୁଅକୁ ତ୍ୟଜ୍ୟପୁତ୍ର କରିବାର, ଭବିଷ୍ୟତରେ ଆଉ ତା'ର ମୁହଁ ନ ଚାହିଁବାର ସଦର୍ପ ଘୋଷଣା କରିଦେଲେ । ରମା ତାଙ୍କ ଶୀତଳ ଚାହାଣୀରେ ଥରେ ତାଙ୍କୁ ଚାହିଁ ଦେଇ ଠେଲି ଠେଲି ନେଇ ଠାକୁର ଘରେ ପୂରାଇ ଦେଇ ଜପାମାଳାଟି ହାତରେ ଧରାଇ ଦେଇଥିଲେ । ସେ ଚାହାଣୀରେ କ'ଣ ଥିଲା କେଜାଣି, ସର୍କସର ସିଂହ ରିଂମାଷ୍ଟର୍‌ର ନିର୍ଦ୍ଦେଶ ମାନିଲା ପରି ଉଛବବାବୁ ଚୁପ୍ ହୋଇଯାଇଥିଲେ । ରମା ଓ ବଡ଼ବୋହୂ ଦୂବ, ଅରୁଆ ଚାଉଳରେ ବନ୍ଦାପନା କରି ଘରକୁ ପାଛୋଟି ନେଇଥିଲେ ମେମ୍‌ବୋହୂକୁ । ଏତେ ସବୁ ଭିତରେ ରମାଙ୍କ

Digitized by srujanika@gmail.com

ମୁହଁଟା ଥିଲା ପ୍ରତିକ୍ରିୟା ଶୂନ୍ୟ । ବରଂ ତାଙ୍କୁ ପରାସ୍ତ କରିପାରିଥିବାର ପ୍ରଚ୍ଛନ୍ନ ଖୁସିରେ ରମା ଉତ୍‌ଫୁଲ୍ଲ ଥିବାଟା ଅନୁଭବ କରିପାରୁଥିଲେ ଉଚ୍ଛବ ବାବୁ । ପୁଅ ବୋହୂ ମାତ୍ର ଆଠ ଦିନ ରହି ବାହାରି ଯାଇଥିଲେ ଭାରତ ଭ୍ରମଣରେ । ତା'ପରେ ଉଚ୍ଛବ ବାବୁ ପଡିଶା ଅଡ଼ିଶା ବନ୍ଧୁ ବାନ୍ଧବଙ୍କ ଆଗରେ ମେମ୍‌ବୋହୂର ଶାଢ଼ି ପିନ୍ଧା, ଓଳଗି ହେବା, କଣ୍ଟା ଚାମଚ ଛାଡ଼ି ହାତରେ ଖାଇବା ଓ ସେ ଆଣିଥିବା ଉପହାର ସମ୍ବନ୍ଧରେ ବେଶ୍ ଗର୍ବର ସହିତ ବଖାଣିବାରେ କ୍ଳାନ୍ତ ହେଉ ନଥିଲେ । ତାଙ୍କର ପରାଜୟକୁ ଗୌରବରେ ରୂପାନ୍ତରିତ କରିବାକୁ ବେଶି ସମୟ ଲାଗି ନଥିଲା ।

ଉଚ୍ଛବ ବାବୁଙ୍କ ରିଟାୟରମେଣ୍ଟ ପରେ, ତାଙ୍କ ଆଗରୁ ଅବସର ନେଇଥିବା ବନ୍ଧୁମାନେ ତାଙ୍କୁ ସଂଙ୍ଗୋଳିବାକୁ ଆସିଲେ । ଦାମ୍ଭିକ ଲୋକଟାର ଦୁଃଖୀ ଦୁଃଖୀ ଚେହେରାକୁ ପ୍ରତ୍ୟକ୍ଷ କରିବାର ଲୋଭ ଅନେକଙ୍କର ଥିଲା । ଆଉ କେତେଜଣ ଖୁସି ହେଲେ ସେମାନଙ୍କ ଦଳରେ ଆଉ ଜଣେ ବେକାର ସାମିଲ ହେଲା ବୋଲି । ବଜାର ଦର, ରାଜନୀତି, ହାଇ ବ୍ଲଡ୍ ପ୍ରେସର, ଡାଏବେଟିସ୍ ଠାରୁ ଆରମ୍ଭ କରି ପରସ୍ପରର ପାଖ ପଡୋଶୀଙ୍କ ଚରିତ୍ର,ଚଳଣୀ, କିଛି ନିର୍ଦ୍ଦିଷ୍ଟ ବହି ଓ ଚଳଚିତ୍ର ଇତ୍ୟାଦି ଉପରେ ଆଲୋଚନାଟା ଏଥର ଆହୁରି ସରଗରମ୍ ହେବ । ଉଚ୍ଛବବାବୁ ଲୋକଟା ଚାଲାକ୍ । ବହୁତ ବିଷୟରେ ତାର ଜ୍ଞାନ ଅଛି । ଖାଲି ଟିକିଏ ଅହଂକାରୀ, ହେଲେ ବି ଅବସରୀମାନଙ୍କ ବନ୍ଧୁ ହିସାବରେ ମନ୍ଦ ହେବନି । ଟେକାଟେକି କରି କହିଦେଲେ ପ୍ରତି ମାସରେ କିଛି ଝଡ଼େଇ ହେବ । ସେମାନଙ୍କର ସବୁ କଳ୍ପନା ଜଳ୍ପନାକୁ ଫସର ଫଟାଇ ଉଚ୍ଛବ ବାବୁ କାହାକୁ କିନ୍ତୁ ଧରା ଛୁଆଁ ଦେଲେନି । ପାର୍କ ପାଖ କଲଭର୍ଟ ଉପରେ ସନ୍ଧ୍ୟାବେଳଟା ସାରା ବସି ଗୁଲିଖଟିରେ ଭାଗ ନେଲେନି, କି ସତ୍‌ସଂଗରେ ବସି କୀର୍ତ୍ତନ ଗାଇ ତାଳି ମାରିଲେନି । 'ମର୍ଣ୍ଣିଂ ୱାକରସ୍ କ୍ଲବ୍' କି 'ଲାଫିଙ୍ଗ୍ କ୍ଲବ୍'ରେ ଯୋଗ ଦେଲେନି । ସେ ଦେଖାଇ ଦେବାକୁ ଚାହୁଁଥିଲେଯେ ସାଧାରଣ ଛାଞ୍ଚରେ ଗଢ଼ା ମଣିଷଟିଏ ସେ ନୁହଁନ୍ତି । ସେ ନିଆରା । ତାଙ୍କ ନିଜ ଗଢ଼ା ପୃଥିବୀରେ ସେ ଅଧୀଶ୍ୱର । ଚାକିରୀରୁ ଅବସର ନେବାଟା ତାଙ୍କ ଜୀବନ ଚର୍ଯ୍ୟାରେ ସେମିତି କିଛି ଫାଙ୍କ ସୃଷ୍ଟି କରି ପାରିନି ଯେଉଁଥିପାଇଁ ସେ ଭାଙ୍ଗି ପଡିବେ, ଦୁଃଖିଆ ଦୁଃଖିଆ ଓହଳା ମୁହଁଟେ ନେଇ ବୁଢ଼ାଙ୍କ ଦଳରେ ନିଜକୁ ମିଶାଇ ଦେବେ । ସେଥିପାଇଁ ସକାଳୁ ସକାଳୁ ହାପ୍‌ପ୍ୟାଣ୍ଟ ଗଞ୍ଜି ପିନ୍ଧି ନିଜ ବଗିଚାର ଫାଙ୍କା ଜାଗାରେ ଜଗିଂ କଲେ । ଫଳ ଫୁଲର ଗଛରେ ଅନଭ୍ୟସ୍ତ ହାତରେ ମାଟି ଖୋସେଇ ସାର ପାଣି ଦେଲେ । ଦିନ ଆଠଟା ବେଳକୁ ରାସ୍ତା ଲୋକଙ୍କ ଆଖି ପଡ଼ିଲାପରି ଜାଗା ଖଣ୍ଡକରେ ଇଜିଚେୟାରରେ

Digitized by srujanika@gmail.com

ବସି ଲିକର୍ ଚା' ଶୋଷୁ ଶୋଷୁ ଖବର କାଗଜ ମୁଖସ୍ଥ କଲେ । ରାସ୍ତାରୁ ଚାହୁଁଥିବା ଚିହ୍ନା ପରିଚିତ ଲୋକଙ୍କ ଆଡେ ଅବଜ୍ଞାର ଚେନାଏ ଚେନାଏ ହସ ଫିଙ୍ଗିଲେ । କେବେ କେମିତି 'ହାଲୋ' 'ହାଏ' କହି ମୁହଁ ବୁଲାଇ ନେଉଥିଲେ ତ କେବେକେବେ ସେମାନଙ୍କ ଆଗରେ ନିଜର କାମ କରିବାର ଷ୍ଟାଇଲ୍ ଓ ନିଜ ଦେହର ସୁସ୍ଥତା ସଂପର୍କରେ ଥିବା ଗୋପନ ରହସ୍ୟକୁ ବେପରୱା ଠାଣିରେ ଗପୁଥିଲେ । ସନ୍ଧ୍ୟା ବେଳକୁ ଘଣ୍ଟାଏ ବଜାରବୁଲା, ସାତଟାଠାରୁ ଟିଭିରେ ସମ୍ବାଦ ଶୁଣିବା ସାଙ୍ଗକୁ ବିଭିନ୍ନ ଚ୍ୟାନେଲ୍‌ରୁ କିଛି ଦେଖିବା, ରାତି ଦଶଟା ପରେ 'ଆକ୍ସନ୍' ଟିଭିର ସ୍ନାୟୁ ଉତ୍ତେଜକ ଦୃଶ୍ୟ ଭିତରେ ନିଜର ସ୍ତିମିତ ସ୍ନାୟୁକୁ ଉତ୍ତାପିତ କରିବା, ଥିଲା ତାଙ୍କର ପ୍ରତିଦିନର ରୁଟିନ୍ । ରମା ତାଙ୍କର ଯୌବନରେ ବି କେବେ ଉଚ୍ଛବ ବାବୁଙ୍କ ସହଚରୀ ହୋଇପାରିନଥିଲେ । ଏବେ ତ ଆଦୌ ନୁହେଁ । ନିହାତି ସଂସାରୀ, ସ୍ଥୂଳ ରୁଚିର ସ୍ତ୍ରୀ ଲୋକଟିଏ । ସବୁ ଅନ୍ୟାୟ ଅତ୍ୟାଚାରକୁ ମୁହଁ ବୁଜି ସହିଯିବା ଛଡ଼ା ଆଉ କିଛି ଜାଣନ୍ତିନି । ପେପର ବା ଟିଭିରୁ କେତେବେଳେ କେମିତି କୌଣସି ଘଟଣା ବା ସମାଚାର ଶୁଣି, କାହାରିକୁ ନ ପାଇଲେ ଉଚ୍ଛବ ବାବୁ ରମା ଆଗରେ ନିଜ କ୍ରୋଧ ବିଦ୍ରୋହକୁ ପ୍ରକାଶ କରି ଦିଅନ୍ତି । ଅନ୍ୟାୟ ଅତ୍ୟାଚାର ବିକୃତ ଯୌନାଚାର ଉପରେ ଭାଷଣ ଦିଅନ୍ତି । ରମା ସବୁ ଶୁଣନ୍ତି, ପ୍ରତି ଶବ୍ଦକୁ ପିଇଗଲା ପରି । ତାଙ୍କ କଥା ସରିଲେ କୌଣସି ମନ୍ତବ୍ୟ ନଦେଇ ଚୁପ୍ ଚାପ୍ ଉଠିଯା'ନ୍ତି । ବେଳେ ବେଳେ ଉଚ୍ଛବ ବାବୁଙ୍କର ମନ ହୁଏ ରମାଙ୍କୁ ଝୁଙ୍କେଇ ହଲେଇ ତାଙ୍କ ଭିତରେ ଗୋଟେ ହଲ୍‌ଚଲ୍ ସୃଷ୍ଟି କରିବାକୁ, ତାଙ୍କୁ ରଗେଇ ଦେଇ ମଜା ଦେଖିବାକୁ । କିନ୍ତୁ, ନା, ପଥର ଫଟେଇ ପାଣି ବାହାର କରିବା ଅସମ୍ଭବ ।

ଉଚ୍ଛବ ବାବୁଙ୍କ ରିଟାୟାରମେଣ୍ଟର ଦୁଇବର୍ଷ ପରେ ବଡ଼ପୁଅ ବଦଳି ହୋଇ ଆସିଲା ନିଜ ସହରକୁ, ଘରକୁ । ତା'ର ଛ'ମାସ ପରେ ମଝିଆଁ ପୁଅ ବିଶ୍ୱ ଭ୍ରମଣ ସାରି ଗୋଟିଏ ଭଲ କମ୍ପାନୀରେ ଏକଜିକ୍ୟୁଟିଭ୍ ହୋଇ ସପରିବାର ଆସି ଘରେ ରହିଲା । ଦୁଇ ପୁଅ, ବୋହୂ ନାତି ନାତୁଣୀଙ୍କ ଭରପୁର ସଂସାର ଭିତରେ ରମାଙ୍କୁ ଆଉ ଫୁର୍‌ସତ ମିଳିଲାନି ଉଚ୍ଛବ ବାବୁଙ୍କ କଥା ବୁଝିବାକୁ । ଅବଶ୍ୟ ତାଙ୍କୁ ଚା' ଜଳଖିଆ, ରୁଟି, ଭାତ, କ୍ଷୀର ସବୁ ରୁଟିନମତେ ଠିକ୍ ଦିଆଯାଉଥିଲା । ହେଲେ ସେଥିରେ ଯତ୍ନ ନଥିଲା, ନଥିଲା ପୂର୍ବ ଭଳି ବଳେଇ ଖୁଆଇବାର ପ୍ରୟାସ, ବା ତାଙ୍କ ରୁଚିର ଖାଦ୍ୟ ବାଢ଼ିଦେବାର ଗରଜ । ଏତେ ବର୍ଷର ଅଭ୍ୟସ୍ତ ଅଧିକାର କିଏ ଯେମିତି ଧିରେ ଧିରେ ଛଡ଼ାଇ ନେଉଥିଲା ତାଙ୍କଠାରୁ । ରମା ଯା ଭିତରେ

Digitized by srujanika@gmail.com

କେତେବେଳେ ସାନ୍ତାଣୀରୁ ଚାକରାଣୀ ହୋଇସାରିଥିଲେ । ଅନେକ ସମୟରେ ତାଙ୍କର କ୍ଲାନ୍ତ ମୁହଁ ଉପରେ ଉଦାସ କଳା ଛାଇଟିଏ ଆସନ ପାତି ବସୁଥିଲା । କିନ୍ତୁ କାରଣ ପଚାରିଲେ ସବୁଦିନ ପରି ସେ ଏଡ଼ାଇ ଯାଉଥିଲେ ।

ଦିନେ ବିସ୍ଫୋରଣ ଘଟିଲା ଖାଇବାକୁ ନେଇ । ପ୍ରତ୍ୟେକଦିନ ରାତିରେ ରୁଟି, ଡାଲମା ବା ସନ୍ତୁଳା ସାଙ୍ଗରେ ଛେନା ଟିକିଏ ଖାଇବା ଉଚ୍ଛବ ବାବୁଙ୍କର ବହୁଦିନର ଅଭ୍ୟାସ । ସପ୍ତାହରେ ପ୍ରଥମେ ଦିନେ, ତା'ପରେ ଦୁଇ ତିନିଦିନ ତାଙ୍କୁ ରାତି ଖାଇବାବେଳେ ଛେନା ଦିଆଗଲା ନାହିଁ । ଅଧିକାଂଶ ଦିନ ତରକାରୀରେ ଗୁଡ଼ାଏ ମସଲା ଓ ରାଗ ଦିଆଯାଇଥାଏ । ଉଚ୍ଛବ ବାବୁଙ୍କର ପାଇଲ୍ସ ଅଛି । ରାଗମସଲା ସେ ପ୍ରାୟ ଛୁଅନ୍ତି ନାହିଁ । ରମା ସେ କଥା ଜାଣି ବି ଯେମିତି ନାଚାର । ଦିନେ ଉଚ୍ଛବ ବାବୁଙ୍କର ମୁଣ୍ଡକୁ ପିତ୍ତ ଚଢ଼ିଗଲା । ଖାଇବା ଥାଳି ଫୋପାଡ଼ି ଦେଇ ଯା'ଇଚ୍ଛା ତା' ଗାଳି ଦେଇଗଲେ । ପୁଅ ବୋହୂମାନେ ଦଉଡ଼ି ଆସିଲେ ଝଣ୍ଝାଣ ଶବ୍ଦ ଶୁଣି । ବିଛାଡ଼ି ହୋଇ ପଡ଼ିଥିବା ଖାଦ୍ୟ ସବୁକୁ ତରବରରେ ଉଠାଇ ପକାଉଥିବା ବୋଉ ହାତକୁ ଧରି ପକାଇଲା ମଝିଆଁ ପୁଅ । ବଡ଼ପୁଅ କଣ୍ଠକୁ ଯଥା ସମ୍ଭବ ଗମ୍ଭୀର କରି କହିଲା, ''କେତେ ବର୍ଷ ଆଉ ବୋଉ ଉପରେ ଏମିତି ଜୁଲୁମ୍ କରୁଥିବେ ? ଜୀବନଯାକ ତ ଆମେ ଆପଣଙ୍କ ଅଦଉତି ସହି ଆସିଲୁ । ଏବେ ଆପଣ ଟିକିଏ ଆଡ୍‌ଜଷ୍ଟ କରିବା ଶିଖନ୍ତୁ ।'' ବାସ୍, ନାଟକର ଗୋଟିଏ ଦୃଶ୍ୟପରେ ପର୍ଦ୍ଦା ପଡ଼ିଗଲା ପରି ସମସ୍ତେ ଅପସରି ଯାଇଥିଲେ । ଏମିତି କି ରମା ମଧ୍ୟ । ଅସହାୟ କ୍ରୋଧରେ ବାହାରକୁ ଚାଲିଗଲେ ଉଚ୍ଛବ ବାବୁ । ଇଚ୍ଛା ହେଉଥିଲା ଆଉ କେବେ ବି ସେ ଘରକୁ ନ ଫେରିବା ପାଇଁ । ଅଥଚ ଜୀବନରେ ପ୍ରଥମ ଥର ପାଇଁ କାହାକୁ ଯେମିତି ଭୟ କରି ସେ ଫେରି ଆସିଥିଲେ ଏଗାରଟା ପୂର୍ବରୁ । ଗେଟ୍‌ଟା ଅନ୍ତତଃ ଖୋଲା ଥିଲା । ଯଦି ଗେଟ୍‌ରେ ତାଲା ପଡିଥାନ୍ତା, କ'ଣ କରିଥାନ୍ତେ ସେ ? ଭାରି ନିଛାଟିଆ ଲାଗିଲା ଉଚ୍ଛବ ବାବୁଙ୍କୁ, ଭାରି ଏକୁଟିଆ । ମରୁଭୂମିଏ ଶୋଷ ତାଙ୍କ ତଣ୍ଟିକୁ ଅଠା ଅଠା କରିଦେଲା । ଗେଟ୍‌କୁ ଧରି କେତେବେଳଯାଏ ସେ ସେମିତି ଠିଆ ହୋଇଥାନ୍ତେ କେଜାଣି, ରମା ଆସି ତାଙ୍କ ହାତ ଧରିଲେ । ଅସହନୀୟ ରାଗରେ ତାଙ୍କ ହାତଟାକୁ ଛାଟି ଦେଇ ଧପ୍ ଧପ୍ ହୋଇ ଉଚ୍ଛବ ବାବୁ ଚାଲିଗଲେ ଘର ଭିତରକୁ । ନିଜ ରୁମ୍‌ରେ ପଶି ଭିତରୁ କବାଟ କିଳିଦେଲେ ।

ଏ ଘଟଣାର ଆଠ ଦଶଦିନ ପରେ ବଡ଼ ବୋହୂ ପରିବା ବ୍ୟାଗ୍‌ଟା ଓ କିଛି ଟଙ୍କା ଉଚ୍ଛବ ବାବୁଙ୍କ ହାତରେ ଧରାଇ ଦେଇ ଗେହ୍ଲେଇ ହୋଇ କହିଲା, ''ବାପା,

Digitized by srujanika@gmail.com

ୟାଙ୍କୁ ତ ମୋଟେ ସମୟ ହେଉନି । କାହା ହାତରେ ପରିବା ଅଣାଉଛନ୍ତି ଯେ ଅଧେ ପଚା ଅଧେ ଶୁଖିଲା । ଆପଣଙ୍କ ନାତିର ତ ସବୁଦିନ ନୂଆ ନୂଆ ବରାଦ । ଏଣେ ମୁଁ ଅଫିସ୍‌ରୁ ଫେରୁ ଫେରୁ ଏତେ ଡେରି । ଆପଣ ଯଦି ... ।'' ଉଦ୍ଧବ ବାବୁ ଆଶ୍ଚର୍ଯ୍ୟ ହୋଇ ଚାହିଁ ରହିଲେ ବୋହୂର ଏ ଦୁଃସାହସକୁ । ଟିକିଏ ଦୂରରେ କିଛି ନଶୁଣିବା ପରି ରମା ଛିଡ଼ା ହୋଇଥାନ୍ତି । ଉଦ୍ଧବ ବାବୁଙ୍କୁ ଲାଗିଲା, ରମାଙ୍କ ଓଠ କଣରେ ବିଦ୍ରୂପର ହସଟିଏ ମୁହଁ ଦେଖାଇ ଲୁଚିଗଲା ପରା । ଅଗତ୍ୟା ବୋହୂ ହାତକୁ ଟଙ୍କାତକ ଫେରାଇ ଦେଇ ବ୍ୟାଗ୍ ଧରି ବାହାରକୁ ଚାଲିଲେ ସେ । ତା'ପରେ ସେଇଟା ରୁଟିନ୍ ହୋଇଗଲା । ଦିନେ ନୁହେଁ, ମାସେ ନୁହେଁ, ବର୍ଷେ ହେଲାଣି ଏ ରୁଟିନ୍ ତିଆରି ହେବା ।

ପ୍ରଥମେ ପ୍ରଥମେ ପରିବା ହାଟରେ ଚିହ୍ନା ମୁହଁ ଦେଖା ହୋଇଗଲେ ଉଦ୍ଧବ ବାବୁ ବିବ୍ରତ ହୋଇ ପଡୁଥିଲେ । ଏବେ ଅଭ୍ୟାସରେ ପଡ଼ି ଗଲାଣି । ଦିନକୁ ଦିନ ବରାଦ ବଢ଼େ । ତା' ସାଙ୍ଗରେ ବଢ଼ିଯାଏ ବ୍ୟାଗ୍ ବୋହିବାର କଷ୍ଟ, ଖର୍ଚ୍ଚ କରିବାର ଅସାମର୍ଥ୍ୟ । ତଥାପି ତାଙ୍କର ହାରିଯିବାଟାକୁ ଦେଖାଇ କାହାର ଦୟାର ପାତ୍ର ହେବାକୁ ସେ ଚାହାନ୍ତିନି, ଏମିତିକି ରମା ଆଗରେ ବି । ସେ ତ ଜାଣିଲେ ଖୁସି ହେବ ।

ବାରମ୍ବାର ହାତ ବଦଳେଇଲେ ବି କାନ୍ଧ ଫାଟି ପଡୁଛି । ବ୍ୟାଗ ଦୁଇଟା ତଳେ ଥୋଇଦେଇ ଉଦ୍ଧବ ବାବୁ ଅଣ୍ଟା ସଳଖେଇଲେ । ପାଖ ଘରୁ ଶୁଭୁଛି ଦାମ ଭାଇ, ମନ ବାରିକ ପ୍ରଭୃତିଙ୍କ ତାସ୍ ଖେଳର ହୋ ହୋ ପାଟି । ସାରା ସନ୍ଧ୍ୟାବେଳଟା ରିଟାୟାର୍ଡ ବୁଢ଼ା ପଂଝେ ଦାମ ଭାଇର ଦାଣ୍ଡ ଘରେ ଖଟି ଜମାନ୍ତି । ତାସ୍ ପିଟନ୍ତି । ଉଦ୍ଧବ ବାବୁଙ୍କୁ ସେଠାକୁ ଟାଣିବା ପାଇଁ କେତେ ଥର ସେମାନେ ଚେଷ୍ଟା କରିଛନ୍ତି । କିନ୍ତୁ ପ୍ରତିଥର କିଛି ଅର୍ଜେଣ୍ଟ କାମର ବାହାନା କରି ସେ ଖସି ଆସିଛନ୍ତି । କାହିଁକି କେଜାଣି, ଆଜି କିନ୍ତୁ ଅଜାଣତରେ ତାଙ୍କ ପାଦ ଦୁଇଟା ଦାମ ଭାଇର ବାରଣ୍ଡା ଉପରକୁ ଉଠିଗଲା । ''ଅଦିନ ବଉଳ ଆଜି କେମିତି ଫୁଟିଲା ?'' ଖୁସିର ଗୋଟେ କୋରସ୍ ବତାସେଇ ଗଲା । ରାଜକୀୟ ଠାଣିରେ ତାଙ୍କୁ ପାଛୋଟି ନିଆଗଲା । ଚା' ଜଳଖିଆ ମଗା ଗଲା । ନୂଆ କରି ପୁଣି ତାସ୍ ଖେଳ ଆରମ୍ଭ କରାଗଲା । ଜମଜମାଟ ଖେଳ, ରସରସିଆ ବୋଲିବାଣୀ, ନିରୁତା ଥଟ୍ଟା ମଜା । ଅନେକ ବର୍ଷ ପରେ ଉଦ୍ଧବ ବାବୁ ସେଇ କେଇ ଘଣ୍ଟା ବଂଚିବା ପରି ବଂଚିଲେ । ମନକୁ ମୁକୁଳେଇ ଦେଇ ଗପିଲେ, ହସିଲେ । ଭୁଲିଗଲେ 'ଟଫ୍‌ରାମନ୍'‘ନୁଡ଼ଲ୍‌ସ୍' ନେଲେ ନାତି ଖାଇବ, ପରିବା ନେଲେ ରାତି ପାଇଁ ରୋଷେଇ ହେବ । ଡେରି ହେଲେ ଘରେ ସମସ୍ତେ ବ୍ୟସ୍ତ ହେବେ ।

Digitized by srujanika@gmail.com

ସେଇ ପୁରୁଣା ଦିନମାନଙ୍କରେ କ୍ଲବ୍‌ରୁ ବ୍ରିଜ୍ ଖେଳି ରାତି ଅଧକୁ ଘରକୁ ଫେରିଲା ପରି ଉଛବ ବାବୁ ଘରକୁ ଫେରିଲେ ରାତି ପ୍ରାୟ ଏଗାରଟା ବେଳକୁ । ଦାମ ଭାଇ ଘରୁ ତାଙ୍କ ଘରର ଦୂରତ୍ୱ ଲାଗୁଥିଲା ଯେମିତି ମାତ୍ର ଦି' ପାହୁଣ୍ଡ । ପରିବା ବ୍ୟାଗ୍‌ର ଓଜନ ବାଧୁନି କି ଅଣ୍ଟା କିଟ୍ କିଟ୍ ଡ଼ାକୁନି । ଜୀବନର ବୋଝ ଯେମିତି ତୁଳା ପରି ହାଲୁକା ହୋଇଯାଇଛି । ଦେହ, ମନ, ଚାରି ପାଖର ପୃଥିବୀ, ସମସ୍ତେ ହାଲୁକା । ସେ ନିଜେ ମଣିଷଟିଏ ନୁହେଁ, ମୁକୁଳା ପବନ ପାଲଟି ଯାଇଛନ୍ତି । ସେଦିନ ପରି ଗେଟ୍ ଖୋଲା । ପରିବା ବ୍ୟାଗ ଦୁଇଟାକୁ ନଚାଇ ନଚାଇ ଘରକୁ ପଶିଲେ ଉଛବ ବାବୁ ।

''କୋଉଠି ଥିଲେ ରାତି ଅଧ ଯାଏ ?'' ବଡ଼ପୁଅର ଅତର୍କିତ ପ୍ରଶ୍ନ ଚାବୁକ୍ ପରି ବାଜିଲା ତାଙ୍କ ଦେହରେ । ମନେପଡ଼ିଗଲା ବାଇଶ ଚବିଶ ବର୍ଷ ତଳର କଥା । ବଡ଼ ଓ ମଝିଆଁ ପୁଅ ତାଙ୍କୁ ନ ଜଣେଇ ମେଲୋଡ଼ି ଦେଖିବାକୁ ଯାଇଥିଲେ । ଫେରିଥିଲେ ରାତି ଏଗାରଟାରେ । ସେ ଦୁହିଁଙ୍କୁ ଠିକ୍ ଏଇ ପ୍ରଶ୍ନ ପଚାରିଥିଲେ ଉଛବ ବାବୁ । ତା'ପରେ ଅଣ୍ଟାରୁ ବେଲ୍ଟ କାଢ଼ି ଅତି ନିର୍ମମ ଭାବରେ ପିଟି ଚାଲିଥିଲେ, ରମା ଦୁହିଁଙ୍କୁ ଘୋଷାଡ଼ି ନେଇ ନଯିବା ପର୍ଯ୍ୟନ୍ତ । ଉଛବ ବାବୁ ପୁଅ ହାତକୁ ଚାହିଁଲେ । କାହିଁ, ତା ହାତରେ ତ ବେଲ୍ଟ ନାହିଁ । ତାହେଲେ ସପାତ୍ କରି କ'ଣ ବାଜିଲା ତାଙ୍କଠି ? ''ଆପଣଙ୍କର ଦାୟିତ୍ୱ ଜ୍ଞାନ ଟିକିଏ ନାହିଁ ? ଛୁଆଟା କାନ୍ଦି କାନ୍ଦି ନଖାଇ ଶୋଇଲା ।'' ବଡ଼ ବୋହୂ କଣ୍ଠରୁ ନିଆଁ ଝୁଲ ଛିଟିକି ପଡୁଥିଲା ତାଙ୍କ ଉପରକୁ । ବ୍ୟାଗ୍‌ଦି'ଟା ତାଙ୍କ ହାତରୁ ପ୍ରାୟ ଝିଙ୍କି ନେଉ ନେଉ ମଝିଆଁ ପୁଅ କହିଲା, ''ଆପଣଙ୍କର ଯଦି କୁଆଡେ ଯିବାର ଥିଲା, ଆମକୁ ଜଣାଇ ଦେଇ ପାରିଥାନ୍ତେ । ଏମିତି ପ୍ରହସନ କରିବା କ'ଣ ଦରକାର ଥିଲା ?''

ପ୍ରହସନ ! ଉଛବ ବାବୁ ତେବେ ଆଜିଯାଏ କଣ ପ୍ରହସନ କରି ଆସିଛନ୍ତି ? ବାତ୍ୟାମାଡ଼ରେ ଓଦା କାନ୍ଥରୁ ଟେଳା ଟେଳା ମାଟି ଖସି ପଡୁଥିଲା । ଲାଇଟର ଗିମିକ୍ ଭିତରେ ସଂପର୍କର ସନ୍ତପ୍ତ ଭୂଗୋଳ ବଦଳି ଯାଉଥିଲା । ଏଇଟା କ'ଣ ନାଟକର ଶେଷ ଦୃଶ୍ୟ ? ନା, କ୍ଲାଇମାକ୍ସ ? ଯା ପରେ କ'ଣ ? ସବୁ ଡାଇଲଗ୍ ସବୁ ଆକ୍ସନ୍ ସେ ଭୁଲି ସାରିଲେଣି । ପ୍ରମ୍ପଟର୍‌ର ପ୍ରମ୍ପଟିଂ ତାଙ୍କୁ ଶୁଭୁନି, ଡାଇରେକ୍ଟରର ନିର୍ଦ୍ଦେଶ ସେ ବୁଝିପାରୁ ନାହାନ୍ତି । ଖାଲି ଅଡିଆନ୍ସରୁ ହୋ ହୋ ହସ , ଅଶ୍ଳୀଳ ମନ୍ତବ୍ୟ ସାଂଗକୁ ଟେକା, ପଚା ଅଣ୍ଡାର ଘୂର୍ଣ୍ଣିଟାଏ ମାଡ଼ି ଆସୁଚି ତାଙ୍କ ଆଡ଼କୁ । ମୁଣ୍ଡକୁ ଦୁଇ ହାତରେ ଢ଼ାଙ୍କି ସୋଫାରେ ବସି ପଡ଼ିଲେ ଉଛବ ବାବୁ । ଓଃ....ପରଦାଟା ପଡୁନି କାହିଁକି ?

Digitized by srujanika@gmail.com

ଉଇଙ୍ଗ୍ସ କଡ଼ରୁ ଭାସି ଆସିଲା ରମାଙ୍କର ଇସ୍ପାତ୍ କଣ୍ଠସ୍ୱର, ''କାଲି ଆମେ ଗାଁକୁ ଯିବା । ଅନେକ ଆଗରୁ ଖବର ଦେଇ ମୁଁ ସେଠି ସବୁ ଠିକ୍ ଠାକ୍ କରିଛି । ବାସ୍ ... ଏତିକି । ଆଉ ନୁହେଁ । କାଲି ଭୋର୍ ବସ୍‌ରେ ଆମେ ଯିବା । ଉଠ, ମୁଁ ତର୍କାରୀ ଗରମ କରୁଛି, ଖାଇବ ଚାଲ ।'' ରମା ଧରିଥିଲେ ଉଚ୍ଛବ ବାବୁଙ୍କ ହାତ । ଷ୍ଟେଜ୍‌ର ଅନ୍ଧାର ଭିତରୁ ସେହିଁ ତାଙ୍କୁ ନେଇଯିବେ ଆଲୋକିତ ଗ୍ରୀନ୍‌ରୁମ୍‌କୁ । ଆଜି ରାତିକ ଭିତରେ ମେକ୍‌ଅପ୍ ଛଡ଼ାଇବା କାମ ସାରିଦେଲେ, ସକାଳୁ ଏ ଷ୍ଟେଜ୍ ଛାଡ଼ିବାକୁ ପଡ଼ିବ । ଆଜିଯାଏ ପ୍ରବଂଚନାର ପ୍ରତିଟି ବ୍ୟଥାକୁ ମୁହଁ ଜାକି ସହିଯାଉଥିବା ମଉନି ପଥରଟାରୁ ଏତେ ଆଲୋକ ବିଚ୍ଛୁରି ଗଲା କେମିତି ? ସବୁ ଜଂଜାଳକୁ ଛାତି ପତେଇ ସଂସାରଟାକୁ ଆବୋରି ବସିଥିବା ମାଇପିଟା 'ହୁଁ'ଟିଏରୁ 'ହୁଁକାର' ପାଲଟି ଗଲା କେମିତି ? ନିରବତାର ସେଇ ଛୋଟ ଅନ୍ତରାଳଟିକୁ ଡେଇଁ ଉଚ୍ଛବ ବାବୁ ତାଙ୍କ ଦୁଇ ହାତ ପାପୁଲିରେ ଟୋକି ଧରିଲେ ରମାଙ୍କ ହାତକୁ । ଏ ବୟସରେବି ରମାଙ୍କ ହାତ ଏତେ ନରମ, ଏତେ ଉଷୁମ ଲାଗିପାରେ ବୋଲି ଉଚ୍ଛବ ବାବୁ କ'ଣ ଜାଣିଥିଲେ ?

□■□

Digitized by srujanika@gmail.com

ଇଚ୍ଛାର କଣ୍ଢେଇ

"ରାଜ ଦୁଲଣୀଙ୍କ ପହଡ଼ ଆଜି ଭାଙ୍ଗିବନି କି ?" ମା'ର ଡ଼ାକ ମୀର୍‌ନାର ଭାଙ୍ଗି ଆସୁଥିବା ନିଦକୁ ପୁଣି ଥାପୁଡ଼େଇ ଦେଉଥାଏ । ସେ ଡ଼ାକରେ ଆଜି ଝିଙ୍ଗାସ ନାହିଁ । ଚାରକୋଳି ପରି ମିଠା ମିଠା ଲାଗୁଛି । "ରଜ ଆସି କୋଉ ପହରୁ ଦୁଆର ବାଡ଼େଇଲାଣି, ଝୁଅ ସା'ନ୍ତାଣୀଙ୍କ ନିଦ ଭାଙ୍ଗିବାକୁ ନାଇଁ ।" ଧଡ଼ ପଡ଼ ହୋଇ ମୀର୍‌ନା ଉଠି ବସିଲା । ସାରା ରାତି ସେ ସପନରେ ଏତେ ରଜ ଦୋଳି ଖେଳିଥିଲା ଯେ ସକାଳୁ ସକାଳୁ ସତ ରଜର ହାତ ସାଉଁଳା ବାରି ପାରିନି । କାଲି ଅଧ ରାତିଯାଏ ମା' ସାଙ୍ଗରେ ମିଶି ପିଠା କରିଥିଲା । ନିଜର ଆଉ ଭାଇର ନୂଆ ପୋଷାକ, ବେଶ ଦରବ ସବୁ ସଜାଡ଼ି ରଖି ସାରି ଶୋଇଲା ବେଳକୁ ଢ଼େର୍ ରାତି ହୋଇଯାଇଥିଲା ।

ଘର ପଛ ପାଖ ଗଡ଼ିଆରେ ବୁଡ଼ଟାଏ ମାରି ଦେଇ ଦରପୋଛା ଦେହରେ ବସି ପଡ଼ିଲା ମୀର୍‌ନା ବେଶ ହବାକୁ । ଦଶ ବର୍ଷର ଜନ୍ ତା' ମୁହଁକୁ ଆଁ କରି ଚାହିଁ ବସିଥାଏ । ସେ ପାଉଡ଼ର ଲଗାଇଲେ ଜନ୍ ବି ଲଗାଇବ । ଲିପ୍‌ଷ୍ଟିକ୍, ଅଳତା ଲଗାଇଲେ ବି ସେ ଲଗାଇବ । "ମାଇଚିଆ ଢୁକେଇ ସାହୁ, ଚୂଡ଼ା କୁଟେ ଢ଼ାଉ ଢ଼ାଉ" କହି ମୀର୍‌ନା ଜନ୍‌ର ଗାଲ ଚିପି ଦେଲା । ତଥାପି ଜନ୍ ଆଜି ଚିଡ଼ିଲାନି । ଢ଼ାଆଣା ପରି ଚାହିଁ ରହିଲା ତା' ବେଶ ଜିନିଷକୁ । ଫାଦର୍‌ଙ୍କ ସ୍ତ୍ରୀ ଦେଇଥିବା ସେସବୁ ଜିନିଷକୁ କେବେଠୁ ଲୁଚେଇ ରଖିଥିଲା ସେ । କେବେ କେମିତି ସଞ୍ଜ ବୁଡ଼ିବା ଆଗରୁ ଭଙ୍ଗା ଆରିସିରେ ଲିପଷ୍ଟିକ୍ ବୋଳା ଓଠ କି ପାଉଡ଼ର ବୋଳା ନିଜ ମୁହଁକୁ ଦେଖୁଥିଲା । ସବୁ ସାଙ୍ଗ ସାଥୀଙ୍କ ମୁହଁଠୁ ତାକୁ ତା' ନିଜ ମୁହଁ ବେଶୀ ସୁନ୍ଦର ଦିଶୁଥିଲା । ମାତ୍ର ମାସ ଚାରିଟାରେ ତା' ଭିତର ବାହାର କେତେ ବଦଳି ଗଲାଣି ! ଆଉ ସେ ନାଲିଆ ନେଳିଆ କନ୍ତା ପିନ୍ଧୁନି କି ଢ଼ାଲିଆ

Digitized by srujanika@gmail.com

ଖୋସା କରି ସେଥିରେ କୋରେଇ ଫୁଲ ଖୋସୁନି । କାନରେ ସୁନାରୀ ଫୁଲ ପିନ୍ଧି ଗାଡ଼ିଆ ପାଣିରେ ମୁହଁର ଛାଇ କି ଦେଖୁନି । ତାକୁ ବେଳ କାଇଁ ଯେ ଏ ଗୁଡ଼ା କରିବାକୁ ? ବଣ ବାଟରେ ଦି’ ଦି’ଟା ଜୋର ପାରି ହୋଇ କୋଶେ ବାଟ ସ୍କୁଲକୁ ଯାଉଚି । ନୂଆ ବହି ଖାତା କେତେବେଳେ ତାକୁ ପାଚିଲା ଧାନ ପରି ବାସିଚି ତ କେତେବେଳେ ନୂଆ ବର୍ଷା ଭିଜା ମାଟି ପରି । ହସ୍ତାକ୍ଷର ଖାତାରେ ନିଜର ଗୋଟା ଗୋଟା ଅକ୍ଷର ଦେଖି ତା ମନ ଖରିଆ ଛୁଆ ପରି ଡେଇଁପଡୁଚି । ସକାଳୁ ମା ସାଂଗରେ ମିଶି କାମ ନକଲେ ମା’ ରାଉ ରାଉ ହୁଏ । ଚୂଲିରେ ଲୁଣ୍ଡା ପକେଇ ଜାଉ କରିବା ତା’ର ସବୁଦିନିଆ କାମ । ତାକୁଇ ଖାଇ ସେ ଓ ଜନ୍ ସ୍କୁଲକୁ ଯାଆନ୍ତି, ମା ବାପା କାମକୁ । ସ୍କୁଲରୁ ଫେରି ଦିନେ ଦିନେ ଭାତ ଗଣ୍ଡେ ଜୁଟିଯାଏ । ନହେଲେ ଅଧେ ଦିନ ଗୁଡ଼ ପକା ଜାଉ । ସ୍କୁଲରେ ଗୁଣ୍ଡ ଦୁଧ, ଛତୁଆ, କେବେ କେବେ ଭାତ ଡ଼ାଲଣା ଖାଇବାକୁ ମିଳିଯାଏ । ଏଇ ଚାରିମାସ ଭିତରେ କେବେ ଦେଖି ନଥିବା କେତେ ସୁଆଦିଆ ଦରବ ପାଟି ଚାଖିଲାଣି । ଭଳିକି ଭଳି କେକ୍, ବିସ୍କୁଟ । ଅଗନା ଅଗନି ବନସ୍ତ ଭିତରୁ କିଏ ଯେମିତି ଟାଣି ଟୁଣି ସେମାନଙ୍କୁ ଆଲୁଅ ଝଲମଲ ରାଜଦାଣ୍ଡ ଉପରକୁ ନେଇ ଆସିଚି ।

ହଜାରେ ଥର ତ ସେ ଜୋର ପାଣିରେ ମୁଣ୍ଡ ବୁଡ଼େଇ ଗାଧେଇ ଥିବ । କିନ୍ତୁ ଚାରିମାସ ତଳର ସେଇ ଥରଟିଏ ମୁଣ୍ଡ ବୁଡ଼ା ଗାଧୁଆ କେମିତି ଯେ ସେମାନଙ୍କ ଜୀବନକୁ ଓଲଟେଇ ଦେଲା ସେ ବୁଝି ପାରେନି । ଏତେ ଗୁଡ଼ାଏ ଲୋକଙ୍କ ସାମ୍ନାରେ ଓଦା ସର ସର ହୋଇ ଆସିବାକୁ ତାକୁ ଭାରି ଲାଜ ମାଡୁଥାଏ । ତାର ବଢ଼ନ୍ତା ପୁରିଲା ଦେହଟାକୁ କେମିତି ଏବେ ଆଖିରୁ ଉହାଡ଼ କରିବ ଭାବୁ ଭାବୁ ଫାଦରଙ୍କ ସ୍ତ୍ରୀ ନୂଆ ତଉଲିଆଟାରେ ବେଢ଼େଇ ଦେଇ ନେଇଗଲେ ନୂଆ ପୋଷାକ ପିନ୍ଧାଇବାକୁ । ବାପା, ମା, ଜନ୍, ପାଣୁଆଦି, କଇଲା’ଦି ଘରର ସମସ୍ତେ ତାରି ପରି ମୁଣ୍ଡ ବୁଡ଼ା ଦେଇସାରି ନୂଆ ଲୁଗା ପିନ୍ଧିଲେ । ରୁଣ୍ଡ ହେଇଥିବା ସଭିଙ୍କୁ ସାକ୍ଷୀ ରଖି ପ୍ରଭୁ ଯୀଶୁଙ୍କୁ ତ୍ରାଣକର୍ତ୍ତା ରୂପରେ ଗ୍ରହଣ କରି ସେମାନେ ତ୍ରୁବନ୍ ନେଲେ । ତ୍ରୁବନ୍ ନେଲାବେଳେ ଫାଦର୍ କହୁଥାନ୍ତି,“ ମୁଁ ତୁମକୁ ପିତା ପୁତ୍ର ଓ ପବିତ୍ର ଆତ୍ମାଙ୍କ ନାମରେ ଜଳରେ ବାପିସ୍ମ (ଜଳଦୀକ୍ଷା) ଦେଉଅଛି ।”

ନୂଆ ପୋଷାକ ପିନ୍ଧି ସେମାନେ ହାତ ଧରାଧରି ହୋଇ ଚର୍ଚ୍ଚ ଭିତରକୁ ଗଲେ । ସେମାନଙ୍କ ପାଇଁ ଏ ପୋଷାକ ସବୁ ଫାଦ୍‌ର ଆଣିଥିଲେ । ଚର୍ଚ୍ଚ ଭିତରକୁ ପଶିଲାବେଳେ ଖାଲି ମୀର୍‌ନାକୁ ନୁହେଁ, ସମସ୍ତଙ୍କୁ କେମିତି ଡ଼ର ଡ଼ର ମାଡୁଥାଏ । ଚାଳ ଛପର ଛୋଟ ଚର୍ଚ୍ଚଟିର ଛୋଟିଆ ବେଦି ପାଖରେ, ବଡ଼ ବଡ଼ ଜଳନ୍ତା ମହମବତୀ ମଝିରେ ଥିବା ମୁଣ୍ଡ

Digitized by srujanika@gmail.com

ଝୁଲା, ହାତ ଗୋଡ଼ ଛାତିରେ କଣ୍ଢା ପିଟା ଫଟୋ ସାମ୍ନାରେ ସେମାନେ ମୁଣ୍ଡ ତଳକୁ କରି ଠିଆ ହେଲେ । କେତେ କଣ ସବୁ କୁହା ହେଲା ବୋଲା ହେଲା ମିର୍‌ନା କିଛି ବୁଝିପାରୁ ନଥାଏ । ତାକୁ କେବଳ ଶୁଭୁଥାଏ 'ଆମେନ୍' । କିଛି ସମୟପରେ ଫାଦର ସେମାନଙ୍କ କାନ୍ଧ ଓ କପାଳରେ ହାତ ଛୁଆଁଇ କହିଲେ, '' ଆଜିଠାରୁ ତୁମ୍ଭେମାନେ ପ୍ରଭୁ ଯୀଶୁଙ୍କ ପବିତ୍ର ଖ୍ରୀଷ୍ଟିୟାନ୍ ଧର୍ମ ଗ୍ରହଣ କଲ । ଯୀଶୁ ହେଲେ ତୁମ୍ଭମାନଙ୍କର ଏକମାତ୍ର ତ୍ରାଣକର୍ତ୍ତା, ଈଶ୍ୱର । ବର୍ତ୍ତମାନଠାରୁ ତୁମ୍ଭେମାନେ ତାଙ୍କର ପ୍ରିୟ ସନ୍ତାନଗଣ ।''

ତା' ନାଆଁ 'ମୀନା'ରୁ ହେଲା 'ମୀର୍‌ନା', ଭାଇ ହେଲା 'ଜଗା'ରୁ ଜନ୍, ବା' ହେଲା 'ଶୁକ'ରୁ 'ଶୁକଦେବ' ଆଉ ସୁଲୁରୁ ମା' ନା' ହେଲା 'ସୁଲଚନା' । ପାଣୁଆ'ଦି କଇଲା'ଦି ଓ ଆଉ ଯେତେ ଜଣ ସେମାନଙ୍କ ସାଙ୍ଗରେ ଡୁବନ୍ ନେଇଥିଲେ ସମସ୍ତଙ୍କୁ ଗୋଟେ ଗୋଟେ ନୂଆ ନାଁ ଦିଆଗଲା । ନାଁ ଗୁଡ଼ାକ ଭାରି ବଢ଼ିଆ ଶୁଭୁଥାଏ । ତା' ନିଜ ନାଁ' ଟା ତାକୁ ସବୁଠୁ ଭଲ ଲାଗୁଥାଏ ବୋଲି ମନେ ମନେ ବାରମ୍ବାର 'ମୀରନା, ମୀରନା' ଘୋଷି ହେଉଥାଏ । କିନ୍ତୁ ସେ ବୁଝି ପାରୁନଥାଏ ଧର୍ମ କ'ଣ, କାହିଁକି ସେମାନେ ଗୋଟେ ଧର୍ମ ଛାଡ଼ି ଆଉ ଗୋଟେ ଧର୍ମ ଗ୍ରହଣ କଲେ ? ହିନ୍ଦୁ ଥିଲାବେଳେ ଯାହାଥିଲେ, ଖ୍ରୀଷ୍ଟିଆନ୍ ହୋଇ କ'ଣ ବଦଳି ଗଲେ ? କାହିଁ ଆଗରୁ ହାତ ଗୋଡ଼ ଆଖି ନାକ ଯାହାତ ଯେମିତି ଥିଲା ସେମିତି ଅଛି ! ତାଙ୍କ ପାଇଁ ଗଛବୃଛ ଆଗରୁ ଯେମିତି ଥିଲା ଏବେ ବି ସେମିତି ଅଛନ୍ତି ! ତାହାଲେ ବଦଳିଲା କ'ଣ ? କାହିଁକି ଓ କେମିତି ବଦଳିଲା ? ତାର ଛୋଟିଆ ମୁଣ୍ଡରେ ଏସବୁ କିଛି ପଶୁ ନଥିଲା । ହେଲେ ତାକୁ ଭଲ ଲାଗୁଥିଲା ତା ନୂଆ ଫ୍ରକ୍‌ର ବାସ୍ନା, ଚର୍ଚ୍ଚର ଶାନ୍ତ ବାତାବରଣ, ଫାଦରଙ୍କ ଧୀର ଧୀର କଥା ସାଙ୍ଗକୁ ଫାଦରଙ୍କ ସ୍ତ୍ରୀ ଓ ଅନ୍ୟମାନଙ୍କ ଆଦର ଯତ୍ନ ।

ଛ'ମାସ ତଳେ ଭାଇର ଦେହରେ କମ୍ପ ସାଙ୍ଗକୁ ଅଛାଡ଼ ଛାଡ଼ ଜର । ତାତି ଓହ୍ଲେଇବା ନାଁ ଧରୁ ନଥାଏ । ପାଣି, ପଣା, ଦେହୁରୀର ଝଡ଼ା ଫୁଙ୍କା କିଛି କାଟୁ ନଥାଏ । ସେଇ ବାଟ ଦେଇ ଯାଉ ଯାଉ ଫାଦର ଶୁଣିଲେ ମା'ର ବାହୁନା, ପଶି ଆସିଲେ ଘର ଭିତରକୁ । ଭାଇର ନାଡ଼ି ଚିପି ଜିଭ ଦେଖିସାରି ତାଙ୍କ ହାତ ବ୍ୟାଗ୍‌ରୁ ଇଂଜେକ୍ସନ୍ କାଢ଼ି ଭାଇକୁ ଫୋଡ଼ିଲେ, ମେଞ୍ଚାଏ ବଟିକା ଦେଲେ ଦିନକୁ ତିନିଟା କରି ଖାଇବାକୁ । ଚାହୁଁ ଚାହୁଁ ଦି' ଘଡ଼ି ଭିତରେ ହୁ ହୁ ହୋଇ ବଢୁଥିବା ଜରଟା କିମିଆଁରେ ବାନ୍ଧି ଦେଲା ପରି ଥୟ ହେଲା । ତା' ଆର ଦିନ ଫାଦରଙ୍କ ସାଙ୍ଗରେ ତାଙ୍କ ସ୍ତ୍ରୀ ବି ଆସିଥିଲେ । ଭାଇକୁ ଦେଖିଲେ । ତାକୁ ଶିଝା ପାଣି ପିଇବାକୁ ଦେବାକୁ କହିଲେ । ଗଲାବେଳେ ଚଦର ଆଉ କମ୍ବଳ ଚାରିଟା ଦେଇଗଲେ । ଦିନ ଚାରିଟାରେ ଭାଇ ଚେଙ୍ଗା ହୋଇଉଠିଲା । ମକା

Digitized by srujanika@gmail.com

କାନ୍ଦୁଲ, ଚାରକୋଳି ଆଉ କେନ୍ଦୁ କେଇଟା ନେଇ ବା' ମା' ଦୁହେଁ ଫାଦରଙ୍କ ଘରକୁ ଯାଇଥିଲେ । ମା' କହୁଥିଲା, ଫାଦର ଆଉ ତାଙ୍କ ସ୍ତ୍ରୀ ଭାରି ଆଦରରେ ସେସବୁ ଜିନିଷ ରଖିଲେ । ଖଟରେ ବସାଇ ଚା ବିସ୍କୁଟ କେକ୍ ଖାଇବାକୁ ଦେଲେ । ସାଙ୍ଗରେ ନେଇ ଚର୍ଚ୍ଚ ବୁଲାଇ ଦେଖାଇଲେ । ତାପରଠୁ ତାଙ୍କ ଘରକୁ ଆସିବାଟା ଫାଦରଙ୍କ ନିତି ଦିନିଆ କାମ ହୋଇଗଲା । ତାଙ୍କ ପଡ଼ିଶା ଅଡ଼ିଶା ପାଣୁଆ'ଦି, କଇଲା'ଦି ଘର ଲୋକେ ବି ବା' ସାଙ୍ଗରେ ମିଶି ଚର୍ଚ୍ଚ ଗଲେ । ଔଷଧ, ସିଲଟ, ଖଡ଼ି ଆଣିଲେ । ଦିନେ ଦିନେ ବିସ୍କୁଟ ପୁଞ୍ଜେ କି ଆଚାର ମେଞ୍ଚେ ଆଣିଲେ ।

ଏମିତି ଦିନେ ଫାଦରଙ୍କ ସ୍ତ୍ରୀଙ୍କୁ ମୀର୍‌ନା ଲାଜ ଲାଜ ହୋଇ ମନ କଥା ଖୋଲି କହିଲା । ସ୍କୁଲରେ ନାଁ ଲେଖେଇ ପଢ଼ିବାକୁ ତାର ଭାରି ଇଚ୍ଛା । ଗାଁକୁ ମଝିରେ ମଝିରେ ଯେଉଁ ସେବିକା ଦିଦି ଆସନ୍ତି ତାଙ୍କଠୁ ସେ ଅକ୍ଷର ଶିଖିଯାଇଛି । ଛବି ବହି ପଢ଼ି ପାରୁଛି । ତା' ମୁଣ୍ଡକୁ ସାଉଁଳି ଦେଇ ହସି ହସି ସେ କହିଲେ, ''ଭାରି ଭଲ କଥା । କିନ୍ତୁ ଏଠା ସ୍କୁଲମାନଙ୍କରେ ଖାଲି ଖ୍ରୀଷ୍ଟିଆନ୍ ପିଲାମାନେ ପଢ଼ନ୍ତି । ତତେ ନେବେନି । ତୁ ତୋ ବାପା ମା' ମାନଙ୍କୁ ବୁଝା, ସେମାନେ ଖ୍ରିଷ୍ଟିଆନ୍ ଧର୍ମ ଗ୍ରହଣ କରିନିଅନ୍ତୁ । ତାହେଲେ ତୁ ଆଉ ତୋ ଭାଇ ସ୍କୁଲରେ ପଢ଼ି ପାରିବ । ବହି, ପୋଷାକ, ଜଳଖିଆ ସବୁ ବିନା ପଇସାରେ ପାଇବ । ସ୍କୁଲ ପାଠ ସରିଲେ ସହରକୁ ନେଇ ବେଶି ପାଠ ପଢ଼େଇବାର ସୁବିଧା କରିଦେବି । ତମକୁ ଆଦିବାସୀ ନୀଚ ଜାତି କହି କେହି ଆଉ ଘୃଣା କରିବେନି ।'' ମୀର୍‌ନାର ମେଲା ଆଖି ଆଗରେ ସ୍ୱପ୍ନ ବୋଝେଇ ଡ଼ଙ୍ଗା ସବୁ ଭେଳା ଭେଳା ହୋଇ ଭାସିଲେ । ସେଇ ସ୍ୱପ୍ନର ରଙ୍ଗ ବିରଙ୍ଗୀ ପେଡ଼ିମାନଙ୍କୁ ସେ ବା' ମା'ଙ୍କ ଆଗରେ ଯାଉଣୁ ଆସୁଣୁ ମେଲେଇ ଧରିଲା । ଶେଷରେ ବା' ମନରେ ସେ ରଙ୍ଗର ଛିଟ୍‌କା ପଡ଼ିଲା । ସେ ପାଣୁଆଦି' ଆଉ କଇଲାଦି' ସାଙ୍ଗରେ କେଇଦିନ ଯାଏ ଫୁସୁରୁ ଫୁସୁରୁ ହେଲା । ଦିନେ ସେମାନେ ଏକାଠି ଫାଦରଙ୍କ ପାଖକୁ ଗଲେ । ବାସ୍ । ତା' ଆଠ ଦିନ ବାଦ ରବିବାର ଦିନ ସେଇ ତିନି ଘର ଡୁବନ୍ ନେଇ ଖ୍ରୀଷ୍ଟିଆନ୍ ହୋଇଗଲେ ।

ଏଇ ଚାରି ମାସ ଭିତରେ ସେମାନେ ଚାରି କି ପାଞ୍ଚ ଥର ଚର୍ଚ୍ଚକୁ ଯାଇଥିବେ । ରବିବାର ପାହାନ୍ତାରୁ ସାଙ୍ଗ ସୁଖ ହୋଇ ଗାଁଠାରୁ ତିନି କୋଶ ବାଟ ବଣ ଭିତରେ ସେମାନେ ଚାଲି ଚାଲି ଯାଆନ୍ତି । ଫେରିଲା ବେଳକୁ ଚର୍ଚ୍ଚ ଜିପ୍ ଆଣି ଛାଡ଼ି ଦେଇ ଯାଏ । ନିଘଞ୍ଚ ବଣ ପରି ଚର୍ଚ୍ଚର ଶାନ୍ତ ନିରବତା, ସମସ୍ତଙ୍କର ବଗ ପରି ଧୋବ ଫର ଫର ପୋଷାକ, ଚୁପ୍ ଚୁପ୍ କଥାବାର୍ତ୍ତା ମୀର୍‌ନାକୁ ଭାରି ଭଲ ଲାଗେ । ତାଙ୍କ ଗାଁ ଲୋକଙ୍କ ପରି ସେମାନେ ହୋ ହୋ ହୋଇ କଜିଆ କରନ୍ତିନି । କଥା କଥାକେ ଟାଙ୍ଗିଆ

Digitized by srujanika@gmail.com

କାତି ଉଠାନ୍ତିନି କି ହାଣ୍ଡିଆ ମହୁଲ ପେଟେ ପିଇ ପିଲା ମାଇପଙ୍କୁ ମାରନ୍ତିନି ।

"ତୁ କ'ଣ ଆଜି ଦିନଯାକ ସଜ ହେଉଥିବୁ କି ? ଆଉ ଗାଁ ବୁଲିଯିବା କେତେବେଳେ ?" ନୂଆ ସାର୍ଟ ପ୍ୟାଣ୍ଟ୍ ପିନ୍ଧି ଜନ୍ ଲାଜ ଲାଜ ହୋଇ ଆସି ପାଖରେ ଛିଡ଼ା ହେଲା । ମୀର୍‌ନା ତାକୁ ଚାହିଁ ନିଜେ ଲାଜେଇ ଯାଇ କହିଲା, "ଆରେ... ଏ ..., ତୁ ତ କ'ଣ ଆଜି ଭାରି ସୁନ୍ଦର ଦିଶୁଚୁ !" ଦୁହେଁ ହାତ ଧରା ଧରି ହୋଇ ଗାଁ ବୁଲି ବାହାରିଲେ । ଘରକୁ ଲାଗି ଶାଳୁଆ, ଅସନ, ମହୁଲର ବଣ । ସେଇ ଗଛ ଫାଙ୍କରେ ଅଳ୍ପ ଦୂରକୁ ଗାଁର ଆଉ ସବୁ ଘର ଦିଶେ । ତା' ସେପଟକୁ ଆମ୍ବ ପଣସର ତୋଟା । ମଝିରେ ମଝିରେ ନାଲି ଫୁଲରେ ଲଦି ହୋଇ ପଳାଶ ଗଛଟିମାନ ବେଦିକୁ ଯିବାକୁ ଥିବା ନୂଆ ବୋହୂ ପରି ମୁହଁ ପୋତି ବସିଛନ୍ତି । ସୁନାରୀ ଗଛର ହଳଦୀ ଗୁରୁ ଗୁରୁ ଫୁଲ ଗୁଚ୍ଛା ହାତମାନେ ଶାଳୁଆକୁ ଛୁଇଁବାକୁ ନହକୁଛନ୍ତି । ସେଇ ତୋଟାରେ ଫି ବର୍ଷ ଲଇ ଗୁଛା ଦୋଳି ଝୁଲେ ରଜକୁ । ଗାଁଟା ଯାକର ଝିଅ ବୋହୂ ବେଶପଟା ହୋଇ ସେଠି ଜମା ହୁଅନ୍ତି । ଦୋଳି ବାହିଦେବା ଆଳରେ ଗାଁର ପଞ୍ଚାକ ଟୋକା ବି ସେଠି ନସର ପସର ହୁଅନ୍ତି । ହଜିଯାଇଥିବା ପିଲାଦିନକୁ ହେଜିବାକୁ ବୁଢ଼ା ବୁଢ଼ୀଏ ବି ସେଠି ହାଜର ।

ମୀର୍‌ନା, ଜନ୍ ସାଙ୍ଗରେ ପାଣୁଆ'ଦିର ଦି'ଝିଅ ଆଉ କଇଲାଦି'ର ପୁଅ ଝିଅ ଦି' ଜଣ ଲମ୍ବ ଲମ୍ବ ପାହୁଲ ପକାଇ ତୋଟା ଆଡ଼େ ମାଡ଼ି ଚାଲିଥାନ୍ତି । ଦୂରରୁ ଶୁଭୁଥାଏ ଖଣ୍ଡି ଖଣ୍ଡି ରଜଦୋଳି ଗୀତ । ଆଉ ତର ସହିଲାନି । ଦଉଡ଼ା ଦଉଡ଼ି ହୋଇ ଛ' ଜଣଯାକ ସେଠି ପହଞ୍ଚି ଗଲେ । ନିଜ ବେଶ ପୋଷାକକୁ ନେଇ ମୀର୍‌ନା ମନେ ମନେ ପାଙ୍କ ପକେଇ ଉଞ୍ଚ ହେଉଥାଏ । କେମିତି ହେବେ ସାଙ୍ଗମାନେ ତାକୁ ଦେଖି ? କ'ଣ କହିବେ ? କିଏ ତା' ଓଢ଼ଣୀକୁ ଭିଡ଼ିନବ, କିଏ ଲୋଭିଲା ଆଖିରେ ଚାହୁଁଥିବ ତା ମୁଣ୍ଡ ଫିତାକୁ ? ଲିପଷ୍ଟିକ୍ ମଖା ଓଠକୁ ଦେଖି କିଏ ତା'ପାଇଁ ଆଣିବାକୁ ବରାଦ କରିବ ତ କିଏ ତା'ର ପାଉଡ଼ର ବୋଳା ମୁହଁକୁ ଶୁଙ୍ଘି ପକାଇବ । ଓଠ ଚିପି ହସୁ ହସୁ କିଛି ନ ଜାଣିଲା ପରି ମୀର୍‌ନା ସବୁ କହିବ । ତା' ସ୍କୁଲ, ତା ବହିପତ୍ର, ଗୁରୁମା, ଚର୍ଚ୍ଚ ଆଉ ବାଇବେଲ କଥା । ସବା ଶେଷରେ କହିବ ତାର ଇଂରାଜୀ ଅକ୍ଷର ଶିଖିବା କଥା ।

ସେମାନଙ୍କୁ ଦେଖି କେହି କିନ୍ତୁ ଦଉଡ଼ି ଆସିଲେନି । ଦୋଳିମାନଙ୍କର ଦୋହଲ ଥମିଗଲା, ପାଟିତୁଣ୍ଡ, ଗୀତ ସବୁ ଧିମେଇ ଗଲା । ବଣରେ କେବେ ଦେଖିନଥିବା ଦଳେ ଅଜବ ଜୀବଙ୍କୁ ଦେଖିଲା ପରି ସମସ୍ତେ ଚାହିଁ ରହିଥିଲେ ସେମାନଙ୍କୁ । ମୀର୍‌ନା ଆଗପଡ଼ି ଲାଞ୍ଜି କାନ୍ଧରେ ହାତ ପକାଇ ଶୁକୁଟିକୁ ପୁଳେ ଚିମୁଟି ଦେଇ କହିଲା, " କ'ଣ କିଲୋ, ମତେ ନ ଡ଼ାକି ଦୋଳି ବାହି ପକେଇଲଣି ! ଆଲୋ ତୋର ମୋର ଏକାଠି ହେଲେ

Digitized by srujanika@gmail.com

ସିନା ଦୋଳି ପଲାସିବ ସରଗକୁ !'' ଲାଞ୍ଚି ଥିବ୍ କରି ମୀର୍‌ନା ହାତକୁ କାନ୍ଧରୁ ଖସେଇ ଦେଲା । ଶୁକୁଟି ମୁହଁ ମୋଡ଼ି ଦେଇ ଘୁଞ୍ଚିଗଲା ବଡ଼ ଝିଅମାନଙ୍କ ମେଳକୁ । ମୀର୍‌ନାର ଖୁସି ଉପୁଚା ମୁହଁ ଉପରକୁ କିଏ ଯେମିତି କାଦୁଅ ମେଞ୍ଚାଏ ଛାଟି ଦେଲା । ସେ ଖାଲି ବଲ ବଲ ହୋଇ ସମସ୍ତଙ୍କୁ ଚାହିଁଲା । ଜନ୍ମରୁ ଦେଖିଆସିଥିବା ମୁହଁମାନେ କେମିତି ଅଚିହ୍ନା ଅଚିହ୍ନା ଲାଗୁଛନ୍ତି । ସମସ୍ତେ ଚାହିଁଛନ୍ତି ଏଇ ଛ' ଜଣଙ୍କୁ । ଆଖିରେ ଆଖିଏ ଲେଖା ଘୃଣା, ମୁହଁରେ ବିଦ୍ରୁପ । ତାକୁ କାନ୍ଦ କାନ୍ଦ ଲାଗିଲା । ତଥାପି ସେ ପାଦେ ପାଦେ ହୋଇ ତାଙ୍କ ଆଡ଼କୁ ଗଲା । ବଡ଼ ଝିଅଙ୍କ ଭିତରୁ ଜଣେ ତାକୁ ଠେଲି ଦେଇ କହିଲା,''ଛୁଁନା ଛୁଁନା, ଘୁଞ୍ଚିକି ଛିଡ଼ା ହ । ତେମେ ସବୁ ମେଳଛ । ତେମେ ଛୁଇଁଲେ ଦୋଳି ମାରା ହବ ।'' ନିଆଁ ଖୁଣ୍ଟାଟିଏ କିଏ ଚେଙ୍କି ଦେଲା ଯେମିତି । ପାଦ ତଳୁ ମାଟି ଧସି ଗଲା ପରି ଲାଗୁଥାଏ । କ'ଣ କହିବାକୁ ଓଠ ଥରି ଉଠିଲା, ହେଲେ ପଦେ ବି କଥା ବାହାରିଲାନି । ସେତିକି ବେଳକୁ ଜନ୍ ଆଉ କଇଲା'ଦି ପୁଅ ଧାଇଁ ଧାଇଁ ଆସି ତାକୁ ଦି'ପାଖରୁ କୁଣ୍ଢେଇ ଧରିଲେ । କୋହରେ ଭାଙ୍ଗି ପଡୁଥାନ୍ତି ଛୋଟ ଦେହ ଦି'ଟା । ମୀର୍‌ନାର ଆଉ ବୁଝିବାକୁ ବାକି ରହିଲାନି । ଆଉ କାହାକୁ ନ ଚାହିଁ ମୁହଁ ପୋତି ପୋତି ସେମାନେ ଫେରିଗଲେ ଘରମୁହାଁ । ଓଠର ଲିପ୍‌ଷ୍ଟିକ୍ ଲେସି ହୋଇଯାଇଥାଏ, ଆଖିରୁ କଜଳ ଲୁହରେ ଧୋଇ ହୋଇଯାଇଥାଏ । ତ୍ରିକୂଟରେ ଲାଗିଥିବା ସୁନେଲି ଟିକିଲି କେଉଁଠି ଖସି ପଡ଼ିଛି । ଘରଠୁ କିଛି ଦୂରରେ ଥିବା ବଡ଼ ପଥର ଉପରେ ଲଥ କରି ବସି ପଡ଼ିଲା ମୀର୍‌ନା । ତା ଦେଖାଦେଖି ବାକି ଛୁଆ ତକ ବି । ''ମୁଁ ଘରକୁ ଯିବିନି, ତମେ ସବୁ ଯା''' ତାର ଘୋଷଣା ଶୁଣି ସେମାନେ ବି ଏକାଥରେ କହି ଉଠିଲେ,''ନା ନା ଆମେ ବି ଯିବୁନି । ଘରକୁ ଯାଇ କରିବୁ କିସ ?'' ସେମାନଙ୍କ ଲୁହ ବାଲୁ ବାଲୁ ମୁହଁକୁ ଚାହିଁ ଦେଇ ମୀର୍‌ନାର ଛାତି କରତି ହୋଇଯାଉଥାଏ । କି ପାପ କରିଛନ୍ତି ଯେ, ସେଥିପାଇଁ ଏତେ ଦଣ୍ଡ ଏତେ ଅପମାନ ! ଟିକିଏ ପରେ ଜନ୍ ମୁହଁଟା ଫରଚେଇ ଗଲା । ମୀର୍‌ନାକୁ ହଲେଇ ଦେଇ କହିଲା,''ଚାଲ୍ ଆମେ ସଭାକୁ ଯିବା । ସେଇ ଯଉ ଅ'ନ୍ତ ବନ୍ଧ ତଇଲା, ସେଇଠି ଏଇଛା ସଭା ହବ ଯେ । ସେଠି ଖାଇବାକୁ ବି ମିଳିବ ।'' ମୀର୍‌ନା ଫେଁ କିନା ହସି ଦେଲା,''ପେଟ କାବୁରାଟା । ଏଇନେ ପା ଭୁଙ୍ଗେ ଗିଳିକି ଆଇଥିଲୁ ?'' ନୂଆ ଉତ୍ସାହରେ ସେମାନେ ଚାଲିଲେ ସଭା ଆଡ଼େ । ସଭା ଆରମ୍ଭ ହୋଇଯାଇଥାଏ । ତାଙ୍କ ଗାଁ ଓ ଆରପାଖ ଗାଁମାନଙ୍କରୁ ବହୁତ ଲୋକ ଗଦା ହୋଇଥାନ୍ତି । ବଡ଼ ଚକଡ଼ାଏ ପଥର ଉପରେ ଛ ସାତଟା ସହରୀ ବାବୁ ବସି ଚାରିଆଡ଼କୁ ବାଜ ପରି ଚାହୁଁଥାନ୍ତି । ମଝିରେ ମାଇକ୍ ଧରି ଛଡ଼ା ହୋଇଥାନ୍ତି ଗେରୁଆ ଖଦୀ ବେଢ଼ିହୋଇ ଜଣେ ବୁଢ଼ା । ମୁହଁଟାଯାକ

Digitized by srujanika@gmail.com

ଢ଼ାଙ୍କି ହୋଇଥାଏ ଧୋବ ଫର ଫର ମେଞ୍ଚାଏ ଦାଢ଼ୀରେ । କପାଳରେ ଏତେ ବଡ଼ ସିନ୍ଦୁର କଳୀ । ଶାନ୍ତ ଆଖି ଦୁଇଟା ପହଁରି ଆସୁଥାଏ ଲୋକମାନଙ୍କ ଉପରେ । ମାଇକ୍‌ଟାକୁ ଧରି କହୁଥାନ୍ତି, '' ତୁମେ, ଆମେ, ସମସ୍ତେ ହିନ୍ଦୁ । ଆମ ସମସ୍ତଙ୍କର ଲକ୍ଷ୍ୟ ସମାନ । ଆମ ଧର୍ମର ମାନ ସମ୍ମାନ ରକ୍ଷା କରିବା ଆମର ପବିତ୍ର କର୍ତ୍ତବ୍ୟ । ପୃଥିବୀର ସବୁ ଧର୍ମଠାରୁ ଆମ ଧର୍ମ ମହାନ, ଉଦାର ଓ ସର୍ବପୁରାତନ । ତେଣୁ ଏହାକୁ ସନାତନ ଧର୍ମ କୁହାଯାଏ, ଅର୍ଥାତ୍ ଯେଉଁ ଧର୍ମ ଥିଲା, ଅଛି ଓ ଚିରକାଳ ରହିଥିବ । ତୁମେମାନେ ଅତ୍ୟନ୍ତ ନିରୀହ ଓ ସରଳ ହୋଇଥିବାରୁ ଏହାର ସୁଯୋଗ ନେଇ କେତେ ଜଣ ସ୍ୱାର୍ଥାନ୍ୱେଷୀ ଧର୍ମାନ୍ଧ ପ୍ରଚାରକ ତୁମମାନଙ୍କୁ ଅନ୍ୟ ଧର୍ମ ଗ୍ରହଣ କରିବାକୁ ପ୍ରବର୍ତ୍ତାଉଛନ୍ତି । କିନ୍ତୁ ମୁଁ ତୁମମାନଙ୍କୁ ମନେ ପକେଇ ଦେଉଛି, ଆମ ହିନ୍ଦୁ ଧର୍ମର ପବିତ୍ର ଗ୍ରନ୍ଥ ଶ୍ରୀମଦ୍ ଗୀତାରେ ନିଜେ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି, ''ସ୍ୱଧର୍ମେ ନିଧନଂ ଶ୍ରେୟଃ ପରଧର୍ମୋ ଭୟାବହଃ ।' ଆମ ଧର୍ମର ଆରାଧ ଦେବତା ଅଧିଷ୍ଠାତା ପରମବ୍ରହ୍ମ ଜଗନ୍ନାଥ ସର୍ବବ୍ୟାପୀ । ସେ ଏଇଠି ଏଇ ଦାରୁ ମୂର୍ତ୍ତି ରୂପରେ ବିରାଜମାନ ।'' କାଠ ଢ଼ାବଲ ଉପରେ ଫୁଲମାଳ ସଜା ହୋଇ ଥୁଆ ହୋଇଥିବା ଜଗନ୍ନାଥଙ୍କ ମୂର୍ତ୍ତିଆଡ଼େ ସେ ଆଙ୍ଗୁଠି ଦେଖାଇଲେ । ମୀରନା ଓ ତା'ସାଙ୍ଗମାନେ ଗୋଡ଼ ଟିପ ଅଗରେ ଛିଡ଼ା ହୋଇ ସେ ମୂର୍ତ୍ତିକୁ ଦେଖିଲେ । କଳା କିଟି କିଟି ମୁହଁରେ ଭୂତ ପରି ଗୋଲ ଗୋଲ ଦି'ଟା ଆଖି । ହାତ ଗୋଡ଼ ପାଦ ନଥିବା ଏଇ ମାଦଳ ମୂର୍ତ୍ତି ପୁଣି ଠାକୁର ! ଇଏ ପୁଣି ହିନ୍ଦୁମାନଙ୍କର ଇଷ୍ଟ ଦେବ ! ମୀରନାର ମନେ ପଡ଼ିଗଲା ମା'ଠାରୁ ଶୁଣିଥିବା କେଉଁଝରର ରଥଯାତ୍ରା କଥା । ସେଠି କୁଆଡ଼େ ବଡ଼ ବଡ଼ ତିନିଟା ରଥରେ ଏଇ ଜଗନ୍ନାଥ ତାଙ୍କ ବଡ଼ ଭାଇ ଆଉ ସାନ ଭଉଣୀଙ୍କୁ ବସାଇ ରଥ ଟଣା ହୁଏ । ହଜାର ହଜାର ଲୋକ ରଥ ଟଣା ହେଉଥିବା ଦଉଡ଼ିକୁ ଛୁଇଁବାକୁ ପାଗଳ ହୁଅନ୍ତି । ତାଙ୍କ ଗାଁ ମକର ମେଳାଠୁ କାହିଁ କେତେ ବଡ଼ ମେଳା ବସେ । ପୁରୁଷୋତ୍ତମ ବୋଲି କୁଆଡ଼େ ଗୋଟେ ଜାଗା ଅଛି । ସେଠି ସତ ଜଗନ୍ନାଥଙ୍କ ବଡ଼ ଦେଉଳ ଅଛି । ସେଠା ରଥ ଦେଖିବାକୁ ସଂସାରଯାକର ଲୋକ ଆସନ୍ତି । ରଥରେ ଜଗନ୍ନାଥଙ୍କୁ ଦେଖିଲେ କାଳେ ମୁକ୍ତି ମିଳେ, ସବୁ ପାପ ଧୋଇଯାଏ ।

ଜଗନ୍ନାଥଙ୍କୁ ଦେଖୁ ଦେଖୁ ନିଜ ଅଜାଣତରେ ମୀରନା ଯାଇ ସେଇ ଭାଷଣ ଦେଉଥିବା ଦାଢ଼ିଆ ଲୋକ ସାମ୍ନାରେ ଛିଡ଼ା ହୋଇଗଲାଣି । ତାଟକା ଲୋକଙ୍କ ହାଁ ହାଁ ଭିତରେ କିଏ ଗୋଟାଏ ଚିତ୍କାର କରୁଥଲା, ''ସେଇଟା ଗୋଟିଏ କିରସ୍ତାନ ଝିଅ । ତା ବଉଁଶଯାକ ଏଇ ଚାରିମାସ ହେଲା କୀରସ୍ତାନ ହୋଇଛନ୍ତି ।'' ହଠାତ୍ ଭାଷଣ ବନ୍ଦ କରି ସେ ଦାଢ଼ିଆ ହାତ ଉଠାଇଲେ । ଚାରିଆଡ଼ ନିସ୍ତବ୍ଧ ହୋଇଗଲା । ଆଣ୍ଠୁମାଡ଼ି ବସି

Digitized by srujanika@gmail.com

ପଡ଼ି ମୀରନାର ଆଖିରେ ଆଖି ମିଶାଇ କିଛି ସମୟ ଚାହିଁ ରହିଲେ । ତା ମୁଣ୍ଡରେ ହାତ ବୁଲାଉ ବୁଲାଉ କହିଲେ, ''ତୋ ଭୁଲ୍ ଏଥର ବୁଝିପାରିଲୁ ତାହାଲେ । ଠିକ୍ ଅଛି, ତମେ ଯେତେ ଜଣ ଖ୍ରୀଷ୍ଟିଆନ ହେଇଯାଇଛ, ମୁଁ ସମସ୍ତଙ୍କୁ ପୁଣି ହିନ୍ଦୁ ଧର୍ମକୁ ଫେରାଇ ଆଣିବି । ସେଥିପାଇଁ ତ ମୁଁ ଆସିଛି । ତୁମ ସମସ୍ତଙ୍କ ପାପ ଧୋଇବାକୁ ।''

ମୀରନା ଆଖିରେ ଡ଼ବ ଡ଼ବ ହେଉଥିବା ଲୁହ ସବୁ ହଠାତ୍ ଉଛୁଳି ପଡ଼ିଲା । ଜାଲୁ ଜାଲୁ ଆଖିରେ ସେ ଦାଢ଼ିଆ ମୁହଁକୁ ଚାହିଁ କହିଲା, ''ତମେ ତ କାହିଁ ଆଗରୁ କେବେ ଆସି ନଥିଲ ? ଆମେ କେମିତି ହିନ୍ଦୁ ଥିଲୁ ସେ କଥା ତ ଆଗରୁ ଜାଣି ନଥିଲୁ । ଆମେ ଜାଣିଥିଲୁ ଆମେ ମଣିଷ । ପାଣି ଚଳାକରେ ବୁଡ଼ି ଖ୍ରିସ୍ତାନ ବୋଲି କ'ଣ ଗୋଟେ ହୋଇଗଲୁ ବୋଲି କାହିଁକି ସମସ୍ତେ ଆମ ପଛରେ ପଡ଼ିଛ ? କି ପାପ ଆମେ କରିଚୁ ଯେ ଧୋଇବାକୁ ଧପାଳି ଆଇଚ ? କାଇଁ ମୋ ଭାଇ ମଲା ଗଲା ହେଇ ପଡ଼ିଥିଲା ବେଳେ ତମେ କି ତମର ଏଇ ଲୋକମାନେ କେହି ତ ଆସି ନଥିଲେ ? କେହି ତ ଆମ ନାଁ ଇସ୍କୁଲରେ ଲେଖେଇ ଦେଇ ନଥିଲେ ? ଜାଉ ମୁନ୍ଦାକୁ ଛାଡ଼ି ଦେଲେ ଆମେ କ'ଣ ଖାଇ ପିଇ ବଂଚିଛୁ କେହିତ ଦେଖିବାକୁ ଆସି ନଥିଲେ ? କେହିତ ଦିନେ ହେଲେ ସଫା ଖଦୀ ଖଣ୍ଡେ ଦେଇ ମଣିଷ ପରି ରହିବାକୁ ଶିଖେଇ ନଥିଲେ ? ଧର୍ମ କ'ଣ ମଣିଷକୁ ମଣିଷ ପରି ରହିବାକୁ ମନା କରିଚି ? ଓଷୁଅ ଟିକେ କି କମ୍ବଳ ଖଣ୍ଡେ ପାଇବାକୁ ମନା କରିଚି ? ପାଠ ଦି ଅକ୍ଷର ପଢ଼ିବାକୁ ମନା କରିଚି ? ଧରମ ବଦଳିଗଲେ ମଣିଷ ରକତ ବଦଳି ଯାଉଚି ? ଛୋଟ ମୁହଁରେ ବଡ଼ କଥା ବାବୁ ! ଆଗେ ଆମକୁ ମଣିଷ ହେଇ ବଂଚିବାକୁ ଦିଅ, ତା'ପରେ ଧରମ କଥା କହିବ ।''

ବକଟେ ନାଁକୁ ଝିଅ ଆଖିରୁ ବିଛାଡ଼ି ପଡୁଥିବା ନିଆଁ ଝୁଲ ଗୁଡ଼ିକ ସବୁରି ଆଖି ଝଲକା କରି ଦେଉଥିଲା । ମୁହଁ ଟେକି ଚାହିଁ ଦେଲେ ଯେମିତି ଭସ୍ମ ହୋଇଯିବେ । ଦରଦ ଦେଖାଉଥିବା ଲୋକଟାର ଧଳା ଦାଢ଼ୀ ମେଞ୍ଚାକ ଲେସି ହୋଇଯାଉଥିଲା ତା ଗେରୁଆ ପିନ୍ଧା ଛାତିରେ । ତଇଲାଟାଯାକର ପବନ ଦୀର୍ଘଶ୍ୱାସରେ ଓଜନିଆ ହୋଇ ପଡୁଥିଲା ।

□■□

Digitized by srujanika@gmail.com

ଆପଣା ଇଲାକା

ସେ ଦୁଇଜଣଯାକ ତାଙ୍କର ଚିକ୍‌ମିକ୍ ସ୍ୱପ୍ନ ଆଉ ଝିଲ୍‌ମିଲ୍ ସମ୍ଭାବନା । ସେଥିପାଇଁ ସୁରମା ସେ ଦୁଇଜଣଙ୍କ ନାଁ ରଖିଥିଲେ 'ସ୍ୱପନ୍' ଓ 'ସମ୍ଭାବନା' । ଦୁହେଁ ତାଙ୍କର ନାତି, ନାତୁଣୀ, ଯାଆଁଳା । ଚେହେରା ସାଙ୍ଗକୁ ସ୍ୱଭାବ ମଧ୍ୟ ଦୁହିଁଙ୍କର ଅଲଗା । ଜନ୍ମ ପରେ ପରେ ହିଁ ଡ଼ାକ୍ତର କହିଥିଲେ - ''ଯେହେତୁ ଦୁଇଟା ପ୍ଲାସେଣ୍ଟା, ଯାଆଁଳା ହେଲେ ବି ଏ ଦୁଇଜଣ ସବୁଥିରେ ଭିନ୍ନ ହେବେ । ଜଣେ ଶାନ୍ତ ହେଲେ ଆର ଜଣକ ଦୁଷ୍ଟ ହେବ । ଜଣେ ଇଣ୍ଟେଲିଜେଣ୍ଟ ହେଲେ ଅନ୍ୟ ଜଣକ ଟିକିଏ ମାନ୍ଦା ହେବ ।'' ଲୁକୁଲୁକୁ ଚାହୁଁଥିବା ଦୁଇଟା ଧଳା ଜୀବନ୍ତ କଣ୍ଢେଇଙ୍କୁ ଚାହିଁ ଆଗାମୀ ଦିନର କୌଣସି ଚିତ୍ର କଳ୍ପନା କରିପାରୁ ନଥିଲେ ସେ । ଉଷସୀ ଯେ ଦୁଇଟା ପିଲାଙ୍କୁ ଗର୍ଭରେ ଧରି ସେମାନଙ୍କୁ ସୁସ୍ଥ ସବଳ ଭାବରେ ଭୂମିଷ୍ଠ କରି ପାରିଛି, ଏହା ହିଁ ସୁରମାଙ୍କ ପାଇଁ ବଡ଼ ସାନ୍ତ୍ୱନା । ଡହ ଡହ ଖରା ଦିନ ଯାକ ସେ ଯାହା କଷ୍ଟ ପାଇଛି, କେମିତି ଭଲରେ ଭଲରେ ସେ ଗର୍ଭ ଯନ୍ତ୍ରଣାରୁ ମୁକ୍ତି ପାଇବ, ସେହି ଚିନ୍ତା ସବୁବେଳେ ସୁରମାଙ୍କୁ ଘାରୁଥିଲା । ଉଷସୀକୁ କଷ୍ଟ ହେଲେ ସେ କେବଳ ଆଖିରେ ଆଖିଏ ଲୁହ ଭରି ତା'ର ଦେହ ମୁଣ୍ଡ ଆଉଁଶି ଦିଅନ୍ତି । କ'ଣ ବା ଆଉ ସେ କରିପାରନ୍ତେ ? ମାତୃତ୍ୱର ଅମୃତ ପାଇବାକୁ ହେଲେ ଯନ୍ତ୍ରଣାର ଝାମୁ ଉପରେ ଚାଲିବା ତ ସୃଷ୍ଟିର ଅବଶ୍ୟମ୍ଭାବୀ ନିୟମ । ଝିଅର ଏତେ ଟିକିଏ କଷ୍ଟ ଦେଖିଲେ, ସେ ବିଚଳିତ ହୋଇ ପଡ଼ନ୍ତି । ମନେ ମନେ ଅଜସ୍ର ଥର ମହାମୃତ୍ୟୁଞ୍ଜୟ ମନ୍ତ୍ର ଜପ କରୁଥାନ୍ତି । କାହିଁ, ସୁବିନୟ ତ ଏତେ ବ୍ୟସ୍ତ ଜଣା ପଡ଼ନ୍ତିନି ! ତା' ଶାଶୁଘରୁ ଉଷସୀକୁ ଦେଖି ଫେରିବା ପରେ ଅଧିକାଂଶ ଥର ସେ ଦୀର୍ଘ ସମୟ ଧରି କାନ୍ଦନ୍ତି, ନ ହେଲେ ଦୁଃଖକୁ ଭିତରେ ରଖି ଦୁଇ ତିନି ଦିନ ଯାଏ ମୁହଁଟାକୁ ଧାନଉଁଷା

Digitized by srujanika@gmail.com

ହାଣ୍ଡି ପରି କରିଥାନ୍ତି । ସୁବିନୟ ବେଳେବେଳେ ଚିଡ଼ିଯାଇ କହନ୍ତି, "ସଂସାରରେ ତମେ ଏକୁଟିଆ ଝିଅ ବାହା କରିଛ ନା ଆଉ କେହି କରିଛନ୍ତି ? ଆଉ ତମେ ଝିଅକୁ ଦେଖିବାକୁ ଯିବନିକି ଏତେ ନବରଙ୍ଗ କରିବନି ।" ସୁରମା ବି ଅଭିମାନରେ ଆଉ ଝିଅ ଘରକୁ ନ ଯିବାକୁ ପାଣିଗାର ପଣ କରିଦିଅନ୍ତି । କିନ୍ତୁ ଚାରିଟା ଦିନ ଯାଇଥାଏ କି ନାହିଁ ପୁଣି ସୁବିନୟଙ୍କୁ ଅନୁରୋଧ କରନ୍ତି ଉଷସୀ ପାଖକୁ ଯିବା ପାଇଁ ।

ସୁରମାଙ୍କର କେତେ ଅଭିମାନ, ଅନୁରୋଧ ସତ୍ତ୍ୱେ ଉଷସୀର ଶାଶୁ ଉଷସୀକୁ ଆସି ବାପଘରେ କେଇଟା ଦିନ ରହିବା ପାଇଁ ଛାଡ଼ିଲେନି, ତାଙ୍କ ଚାକିରିର ଆଳ ଦେଖାଇ । ସୁରମା ବି ବେଶି ଜୋର୍ ଦେଲେନି, କାରଣ ଉଷସୀ ଆସିଲେ ଦିନସାରା ଖାଲି ଘରଟାରେ ଏକୁଟିଆ ରହିବାକୁ ବାଧ ହେବ । ଦୁଇପୁଅ ସୁବ୍ରତ, ସଂବିତ ଆଉ ସାନ ଝିଅ ସମୀକ୍ଷା ନିଜ ନିଜ କାମରେ ପ୍ରାୟ ଦିନସାରା ବାହାରେ କଟାନ୍ତି । ନିଜେ ସୁରମା ଠିକ୍ ଦଶଟାରେ ସ୍କୁଲ୍ ଚାଲିଯାନ୍ତି । ଘରେ କେବଳ ପୁରୁଣା ଚାକର ରାମ । ବୟସାଧିକ୍ୟ ସାଙ୍ଗକୁ ସେ ପୁଣି କାଲ । ଉଷସୀ ତା' ଶାଶୁଘରେ ଯେତିକି ସେବା ଯତ୍ନ ପାଉଛି, ସୁରମା ସେତିକି କରିପାରିଥାନ୍ତେ କି ନାହିଁ, କେଜାଣି ! ସେଠି ତା'ର ଔଷଧ, କ୍ଷୀର, ଫଳ, ଖାଇବା ସବୁକାମ ଘଣ୍ଟା ଦେଖି ହୁଏ । ଟିକିଏ ବ୍ୟତିକ୍ରମ ଉଷସୀର ଶାଶୁ ସୁମତିଙ୍କ ଦେହରେ ଯାଏନି । ଶାଶୁ, ବୋହୂ ଭିତରର ଅପବାଦିତ ଅଦୃଶ୍ୟ କଣ୍ଟାଟି ଏଠି ଯେମିତି କୋମଳ ଫୁଲଟିଏ ପାଲଟି ଯାଇଛି । ଝିଅ ନ ଥିବା ଘରେ ବଡ଼ବୋହୂ ହୋଇ ଉଷସୀ ଶାଶୁଙ୍କର ଝିଅ, ତିନି ଦିଅରଙ୍କ ସାଙ୍ଗ ହୋଇଯାଇଛି । ଜ୍ୱାଇଁ ସନତ କେବେ କେମିତି ଉଷସୀକୁ ପଦେ ଟାଣ କଥା କହିଦେଲେ, ସେପାଖରୁ ସୁମତି, ଏ ପାଖରୁ ଦିଅରମାନେ ଉଷସୀର ପକ୍ଷ ନେଇ ବାକ୍ ଯୁଦ୍ଧ ଫୁଲ୍‌କା ଉପରକୁ ଡେଇଁ ପଡ଼ନ୍ତି । ଏସବୁ ଦେଖି ସୁରମା ନିଜ ଭାଗ୍ୟକୁ ଈର୍ଷା କରନ୍ତି । ଆଜିଯାଏ ନିଜକୁ ପରମ ଉଦାର ବୋଲି ବିଶ୍ୱାସ କରି ଆସିଥିବା ସୁରମା, ଉଷସୀର ଶାଶୁଙ୍କ ଉଦାରପଣ ଆଗରେ ନିଜକୁ ଛୋଟ ମଣନ୍ତି । ସୁମତି ଯାହା ବିନା ଦ୍ୱିଧାରେ କରିପାରିଲେ, ସେ କ'ଣ ସେତକ ପାରିଥାନ୍ତେ ? ଏତେ ବଡ଼ କଥାଟାକୁ ଏତେ ସହଜରେ ଗ୍ରହଣ କରିନେଇ ପାରିଥାନ୍ତେ ? ଉଦାର ହେବାପାଇଁ ଅନ୍ୟକୁ ଉପଦେଶ ଦେବା, ପରିସ୍ଥିତିର ମୁକାବିଲା କରିବାକୁ କହିବାଟା ଭାରି ସହଜ । କିନ୍ତୁ ନିଜ ବେଳକୁ ଯେତକ ଖାଲ - ଖମା, ବନ୍ଧ - ବାଡ଼ ଆଖିକୁ ଦିଶିଯାଏ । ମଣିଷ ନିଜକୁ କେତେବା ଚିହ୍ନିଥାଏ ? ପରିବେଶ ତାକୁ ଅନ୍ୟକୁ ଚିହ୍ନାଇବା ସହ ନିଜ ସାଙ୍ଗରେ ବି ପରିଚିତ କରାଏ ।

ସେଦିନ ଡ଼ାଇନିଂ ଟେବୁଲ୍‌ରେ ତିନି ପିଲାଙ୍କୁ ଖାଇବାକୁ ବାଢ଼ିଦେଇ ସବୁଦିନ

Digitized by srujanika@gmail.com

ପରି ନିଜେ ଚତୁର୍ଥ ଚେୟାରଟି ଦଖଲ କରିଥାନ୍ତି ସୁରମା । ହସରେ ଗପରେ ପରିବେଶକୁ ତରଳ କରିଦେଉଥିବା ଝିଅ ସମୀକ୍ଷା ସେଦିନ କିନ୍ତୁ ଚୁପ୍‌ଚାପ୍ ବସିଥାଏ । ଭାଇ ଦୁଇ ଜଣ ଯେତେ ଜୋକ୍ କଲେ କି ଚିଡ଼େଇଲେ ବି ତା' ଶୁଖିଲା ମୁହଁରୁ ହସ ଉତୁରୁ ନଥାଏ । ଖାଇବାରେ ରୁଚି ନଥାଏ କି କାହା ସାଙ୍ଗରେ କଥା କହିବାର ସ୍ପୃହା ନଥାଏ । ପିଲାମାନେ ବଡ଼ ହୋଇଗଲା ପରେ ସେମାନଙ୍କ ଜଗତ ଭିନ୍ନ ହୋଇଯାଏ । ସେ ଜଗତରେ ବୟସ୍କମାନଙ୍କର ପ୍ରବେଶ ଅନଧିକାର ବିବେଚିତ ହୁଏ । ତେଣୁ ସୁରମା ପିଲାମାନଙ୍କ କଥାରେ ଜରୁରୀ ମନେ ନକଲେ ମୁଣ୍ଡ ପୁରାନ୍ତି ନାହିଁ । ଭାଇମାନେ ଖାଇସାରି ଉଠିଗଲା ପରେ ସମୀକ୍ଷା ଟିକିଏ କୁଣ୍ଠିତ ଭାବରେ କହିଲା, ''ମା, ଗୋଟିଏ ଝିଅକୁ ଆମଘରେ କିଛିଦିନ ପାଇଁ ରହିବାର ବ୍ୟବସ୍ଥା ହୋଇ ପାରିବନି ?'' ସୁରମା ଆଶ୍ଚର୍ଯ୍ୟ ହେଲେ ଏମିତି ଏକ ପ୍ରସ୍ତାବ ଶୁଣି । ''ଝିଅଟି ନିଜେ ସ୍ଥିର କରି ବାହା ହୋଇ ସାରିଛି । ସେ କଥା ଘରେ ଜାଣିବା ପରେ ତାକୁ ଅମାନୁଷିକ ଭାବରେ ମାଡ଼ ଦେଇ ରାତି ଅଧରେ ଘରୁ ତଡ଼ି ଦେଇଛନ୍ତି । ପୁଅଟି ଅଗତ୍ୟା ତାକୁ ଆଣି ଆମ ଇନ୍‌ଷ୍ଟିଚ୍ୟୁଟ୍‌ର ଗେଷ୍ଟ ହାଉସ୍‌ରେ ରଖିଛି । ପୁଅ ଘରେ ଅବଶ୍ୟ ସମସ୍ତେ ସେ ଝିଅକୁ ଗ୍ରହଣ କରିବାକୁ ରାଜି । କିନ୍ତୁ ପୁଅର ମା' ଚାହୁଁଛନ୍ତି ଯଥାରୀତି ବେଦୀରେ ବାହା କରାଇ ବୋହୂକୁ ଘରକୁ ନେବେ । ସେଥିପାଇଁ ତ ପୁଣି ଛଅ ଆଠ ଦିନ ଦରକାର ! ସେତକ ଦିନ ଝିଅଟା କ'ଣ ଗେଷ୍ଟ ହାଉସ୍‌ରେ ରହିବ ? ସେଥିପାଇଁ କହୁଥିଲି, ଏଇ କେତେଟା ଦିନ ଯଦି ସେ ଆମ ଘରେ ରହି ପାରନ୍ତା ... ।'' ସୁବିନୟଙ୍କୁ, ପୁଅ ଦୁହିଁଙ୍କୁ ନପଚାରି ଏମିତି ଏକ ଗୁରୁତର ନିଷ୍ପତ୍ତି ନେବାକୁ କୁଣ୍ଠିତା ହେଉଥିଲେ ସୁରମା ।

ସନ୍ଧ୍ୟାରେ ପୁଅ ଦୁହେଁ ଓ ସୁବିନୟ ଘରେ ଥିଲାବେଳେ ସୁରମା ଏଇ କଥାଟି ଉଠାଇ ସେମାନଙ୍କ ମତାମତ ଲୋଡ଼ିଲେ । ଅତୀତରେ, କୌଣସି ବିପଦକୁ ଖାତିର ନକରି ଏମିତି ଘଟଣାମାନଙ୍କରେ ସୁବିନୟ କେତେ କାହାକୁ ସାହାଯ୍ୟ କରିଛନ୍ତି । ପୁଣି ସେଥିପାଇଁ ବିନା ଅନୁଶୋଚନାରେ ଥାନା କଚେରିକୁ ଦୌଡ଼ିଛନ୍ତି । କିନ୍ତୁ ଏ ବୟସରେ ଏମିତି ଏକ ଅଜଣା ଅଶୁଣା ଝିଅ ପାଇଁ ରିସ୍କ ନେବାକୁ ସେ ଇଚ୍ଛା କଲେନି । ଯେ କୌଣସି କଥାରେ ଆଗପଛ ନ ଭାବି, ଭାବରେ ଭାସି ବୋହିଯିବା ସୁରମାଙ୍କ ମନଟା ସୁବିନୟଙ୍କ କଥାରେ ପଛେଇ ଗଲା । ତା'ପରଦିନ ଡ଼ାଇନିଂ ଟେବୁଲ୍ ଉପରେ ସାନପୁଅ ସଂବିତ୍ ପଚାରିଲା, '' ସେ ଝିଅଟି ଆମ ଘରେ ଆସି ରହିବା କଥା କ'ଣ ହେଲା ?'' ସୁରମା ବିଶେଷ ଆଗ୍ରହ ନଦେଖାଇ କହିଲେ,''ବାପା ମନା କରୁଛନ୍ତି ।'' ବଡ଼ ପୁଅ ସୁବ୍ରତ ସାଙ୍ଗେ ସାଙ୍ଗେ ବାପାଙ୍କ ପକ୍ଷ ନେଇ କହିଲା, ''ବାପା ଯାହା କରୁ ଛନ୍ତି ଠିକ୍ କରୁଛନ୍ତି ।

Digitized by srujanika@gmail.com

ତମେ ତ ଭାବି ବିଚାରି କିଛି କରନି । ସେଥିପାଇଁ ଆମେ ପିଲାଯାକ ବି ସେଇ ଗୁଣ ପାଇଛୁ ।'' ସୁରମାଙ୍କ କଣ୍ଠ ଅଭିମାନରେ ଭାରି ହୋଇ ଉଠିଲା, ''କାଇଁ, ତୁମେ ସବୁ ବାପା ପରି ବିଚାରବନ୍ତ ହେଲନି ? ମୁଁ କ'ଣ ମୋ ପରି ବୋକା ହେବାକୁ କହିଥିଲି ?'' ଚେୟାରରୁ ଉଠି ଆସି ସଂବିତ୍ ମା'ଙ୍କୁ ପଛ ପାଖରୁ କୁଣ୍ଢାଇ ପକାଇଲା । ସୁବ୍ରତ ଆସି ମା' ପାଖରେ ଲଦି, ଘସି ହେଲା । ସମୀକ୍ଷା କିନ୍ତୁ ଚୁପ୍‌ଚାପ୍ ଡ଼ାଇନିଂ ଟେବୁଲ୍‌ରୁ ଉଠି ଚାଲିଗଲା । କେହି କିନ୍ତୁ ଜାଣି ପାରି ନଥିଲେ, ପାଖ ଡ୍ରଇଁରୁମ୍ ସୋଫାଟି ଉପରେ ସୁବିନୟ କେତେବେଳେ ଆସି ବସିଛନ୍ତି । ନିରବ ଅଭିମାନରେ ନିଜ ରୁମ୍‌କୁ ଚାଲିଯାଉଥିବା ସମୀକ୍ଷାର ହାତଟା ଖପ୍ କରି ଧରି ନେଇ ପାଖରେ ବସାଇ ଦେଉ ଦେଉ କହିଲେ, ''ମୋ ରାଣୀମା' କଥାରେ ତମେ ସମସ୍ତେ ଯଦି ରାଜି, ମୋର ତେବେ ଆପତ୍ତି କରିବାର କ'ଣ ଅଛି ? କ'ଣ ରାଣୀମା' ଏଥର ଖୁସି ତ ?'' ସମୀକ୍ଷା ବାପାଙ୍କୁ କୁଣ୍ଢାଇ ପରସ୍ତେ ନାଚିଗଲା । ସେଇ ମୁହୂର୍ତ୍ତକରେ ଘରସାରା ମାଡ଼ି ବସିଥିବା ଓଜନଦାର ହାଓ୍ୱାଟା କେଉଁବାଟେ ଧୀରେ ଧୀରେ ବାହାରି ଗଲା ସମସ୍ତଙ୍କ ମୁହଁରେ ମେଞ୍ଚାଏ ଲେଖା ହସ ଛାଟି ଦେଇ ।

ତା' ପରଦିନ ବସନ୍ତପଞ୍ଚମୀ । ଗୋରା ତକ ତକ ସରସ୍ୱତୀଙ୍କ ପରି ଉଷସୀ ଆସିଲା ଅତିଥି ହୋଇ । ବିଷାଦ ତୂଳୀରେ ଅଙ୍କା ମୁହଁଟି ଅପରାଧବୋଧରେ ନଇଁ ପଡ଼ିଛି । ଦୁଆର ମୁହଁରେ ତାକୁ ଦେଖୁ ଦେଖୁ ସୁରମା କୁଣ୍ଢାଇ ନେଇ ଆସିଲେ ଘର ଭିତରକୁ, ''ମୋ ଘରକୁ ଆଜି ସରସ୍ୱତୀ ଆସିଲେ ।'' ଏଥର ଭାଇ, ଭଉଣୀ ଓ ସୁବିନୟଙ୍କ ଭିତରେ ଉଷସୀକୁ ଖୁସୀ କରାଇବା ପାଇଁ ଅଦୃଶ୍ୟ ପ୍ରତିଯୋଗିତାଟିଏ ଲାଗିଗଲା । ସଂବିତ୍ ତା' କ୍ୟାସେଟ୍ ଗନ୍ତାଘର ଖୋଲିଦେଲା, ସୁବ୍ରତ ତା'ର ଡ଼ିଭାନ୍ ଭର୍ତ୍ତି ବହିର ସମ୍ପଦ, ସୁବିନୟ ତାଙ୍କ ଜୋକ୍ ଆଉ ମିମିକ୍ରିର ଷ୍ଟକ୍ ମେଲି ଧରିଲେ ଉଷସୀ ଆଗରେ । ସୁରମା ଯେତେ ପ୍ରକାର ଡିସେସ୍ ସମ୍ଭବ ସବୁ ରାନ୍ଧିବାରେ ଲାଗିଲେ । ଦୁଇଟା ଦିନ ଭିତରେ ଉଷସୀ ଭୁଲିଗଲା ତା' ମାଡ଼ଖିଆ ଦେହର ବ୍ୟଥାକୁ । ସୁରମାଙ୍କ ସ୍ନେହ - ପରଶା ଖାଦ୍ୟ ଖାଇଲା ବେଳେ ଦିନେ ବି ଖାଇବାକୁ ବାଢ଼ି ଦେଇ ନଥିବା ନିଜ ମା' ସହିତ ସେ ତାଙ୍କୁ ତୁଳନା କଲା । ସୁବିନୟଙ୍କ ସ୍ନେହ - କୋମଳ ଆଖିରେ ଆଖି ତା'ର ପଡ଼ିବା ମାତ୍ରେ ଲୁହ ସବୁ ବୋଲ ମାନୁ ନଥିଲେ । ସଂବିତ୍‌ର ଯେତକ ପିଲାଳିଆମୀ କଥା ଓ କାମ ଭିତରେ ସେ ତା' ଭାଇକୁ ଦେଖୁଥିଲା । ସୁବ୍ରତର ସ୍ନେହମଖା ଗମ୍ଭୀର ହସ ଭିତରେ, କେବେ ପାଇ ନଥିବା ବଡ଼ ଭାଇକୁ ସେ ଖୋଜି ପାଉଥିଲା । ଆଉ ସମୀକ୍ଷା, ସେ କେତେବେଳେ ପ୍ରିୟସଖୀ ତ କେତେବେଳେ ବିଜ୍ଞ ଉପଦେଷ୍ଟା,

Digitized by srujanika@gmail.com

କେତେବେଳେ ସାନ ଭଉଣୀ ତ କେତେବେଳେ ଦାଦି ମା' । କଅଁଳା ଛୁଆକୁ ଆବୋରି ରଖିଲା ପରି ଦିନରାତି ଉଷସୀକୁ ଆବୋରି ରଖିଥିଲା ।

ମାତ୍ର ଛଅ ଦିନ ପରେ ବିଧିବଦ୍ଧ ବାହାଘର ହେଲା । କନ୍ୟାଦାନ କଲେ ସୁବିନୟ । ସୁରମାଙ୍କ ପରିବାରକୁ ଛାଡ଼ିଦେଲେ ବାକି ସବୁ ବରଯାତ୍ରୀ କନ୍ୟା ଯାତ୍ରୀଙ୍କ ସ୍ଥାନ ନେଇଥିଲେ ଜ୍ୱାଇଁ ସନତଙ୍କ ପରିବାର ଓ ବନ୍ଧୁବାନ୍ଧବ । ଦୁରୁ ଦୁରୁ ଛାତି ନେଇ ଉଷସୀ ଶାଶୁ ଘରକୁ ବିଦା ହୋଇଗଲା ବେଳେ ଭୟ ସବୁ ବାଟ ଓଗାଳୁଥିଲେ ସ୍ୱପ୍ନମାନଙ୍କୁ । କିନ୍ତୁ ଶାଶୁ ଘରେ ତାକୁ ଅପେକ୍ଷା କରିଥିଲା ଫୁଲର ଦୋଳଣାଟିଏ । ସେଥିରେ ଚିକ୍‌ମିକ୍ କରୁଥିଲେ ବିଶ୍ୱାସ ଓ ଅନୁରାଗର ଅଜସ୍ର ତାରାଫୁଲ । ସୁବିନୟ ଓ ସୁରମା ଗୋଟିଏ ଝିଅ ପାଇବା ସାଙ୍ଗେ ସାଙ୍ଗେ ଆଉ ଚାରୋଟି ପୁଅ ପାଇଥିଲେ ବିନା ସର୍ତ୍ତରେ । ବନ୍ଧୁଭଳି ବନ୍ଧୁଟିଏ ହୋଇଗଲେ ସୁମତି 'ସମୁଦୁଣୀ' ଡ଼ାକ ପଦକରେ । ମାସ ଦୁଇଟା ଭିତରେ ଦୁଇଟା ପରିବାର ବିନା ରକ୍ତ ସଂପର୍କରେ ସାତଜନ୍ମ ପାଇଁ ବାନ୍ଧି ହୋଇଗଲେ । ପୁନିଅଁ ପରବରେ ଭାରଥୋର ରୀତିମତେ ଦିଆନିଆ ଚାଲିଲା ।

ଏମିତି ଏମିତି ଦୁଇବର୍ଷ ବିତିଗଲା ଦୁଇଟା ଦିନ ପରି । ଅଥଚ କେବେ ବି ଥରେ ଉଷସୀର ବାପା ମା' କି ଭାଇମାନେ ତାକୁ ଦେଖିବାକୁ ଆସି ନ ଥିଲେ । ସୁରମା ଥରେ ଦୁଇଥର ସେମାନଙ୍କ ସହ ସଂପର୍କ କରିବାକୁ ଚେଷ୍ଟା କରିଥିଲେ ବି ବିଶେଷ ସଫଳ ହେଲେ ନାହିଁ । ବିଶେଷ କରି ଉଷସୀ ମୋଟେ ଚାହୁଁ ନଥିଲା । ସୁରମା ସୁବିନୟଙ୍କ ବ୍ୟତୀତ ଅନ୍ୟକାହାକୁ ଶାଶୁ, ଶ୍ୱଶୁର ଭାବେ ମାନିବାକୁ ସନତ ପ୍ରସ୍ତୁତ ନଥିଲେ । ଏଇ ଦି' ଜଣଙ୍କୁ ଚାରିଦିନ ନ ଦେଖିଲେ ଉଷସୀ ପାଗଳ ହୋଇଯାଉଥିଲା ! ଉଷସୀର 'ବାବା','ମା' ଡ଼ାକ ଶୁଣିବାକୁ ସୁବିନୟ ଓ ସୁରମାଙ୍କ କାନ ଯେମିତି ଠିଆ ହୋଇ ରହୁଥିଲା ।

ଉଷସୀ ମା' ହେବା ଖବର ଦୁଇଟି ପରିବାର ପାଦରେ ମାନେ ଲେଖାଏ ଘୁଙ୍ଗୁର ବାନ୍ଧିଦେଲା ଯେମିତି । ଚାରିପୁଅଙ୍କ ଜନନୀ ସୁମତିଙ୍କ ଇଚ୍ଛା ଝିଅଟିଏର ଜେଜି ହେବାକୁ । ସୁରମା କିନ୍ତୁ ନାତି ଟୋକାର ଆଈ ଡ଼ାକ ଶୁଣିବାକୁ ଉତ୍କର୍ଣ୍ଣ । ଦୁଇ ସମୁଦୁଣୀଙ୍କ ନିଷ୍ପତ୍ତି ହେଲା, ଉଷସୀର ପୁଅ ହେଲେ ସୁରମାଙ୍କର, ଝିଅ ହେଲେ ସୁମତିଙ୍କର । ଦୁଇଟି ଅନାବିଳ ଆତ୍ମାର ତୃତୀୟ ପୀଢ଼ି ଉପରେ ଦାବିକୁ ନେଇ ସ୍ରଷ୍ଟା ବୋଧହୁଏ ବିଚଳିତ ହୋଇଗଲେ । ଶେଷକୁ ଫୁଲଠାରୁ ସୁନ୍ଦର ଦୁଇଟି ନାତି - ନାତୁଣୀ ଦେଇ କଳି ତୁଟାଇଦେଲେ ।

ସେଇ ଯାଆଁଳା ନାତି, ନାତୁଣୀ - 'ସ୍ୱପ୍ନ' ଓ 'ସମ୍ଭାବନା' - ମାମୁଁ ଦୁହିଁଙ୍କର

Digitized by srujanika@gmail.com

ପ୍ରାଣ - ମାଉସୀର ଜୀବନ - ଆଉ ଅଜା ଆଇଙ୍କର ଖେଳ କଣ୍ଢେଇ । କେତେବେଳେ କାହା କୋଳରେ ଥା'ନ୍ତି କହିବା ମୁସ୍କିଲ୍ । ସନତ ଓ ତାଙ୍କ ତିନିଭାଇଙ୍କ ସାନୁରାଗ ଅଭିଯୋଗ ଯେ ପିଲା ଦି'ଟା ଅଜା, ଆଇଙ୍କ ସ୍ନେହ ପାଇ ଦୁଷ୍ଟ ହେବେ । ସୁମତି କିନ୍ତୁ କହନ୍ତି, ''ଏଭଳି ଅଜା ଆଈଙ୍କ ସଂସ୍ପର୍ଶ ପାଇଲେ ଅନ୍ତତଃ ଦୁହେଁ ମଣିଷ ପଣିଆ ପାଇବେ ।'' ଯେଉଁଦିନ ଦୁହିଁଙ୍କ ଦରୋଟି ଭାଷାରେ 'ଅଜା .. ଆ ଆ ଈ' ଡ଼ାକ ଶବ୍ଦେଇଗଲା, ସେଦିନ ସମ୍ପର୍କର ଦଲିଲରେ ମୋହର ବସିଗଲା ।

ମଝିରେ ମଝିରେକେଉଁଠୁ ଉଡ଼ା ଖବର ଆସି ପହଁଞ୍ଚିଯାଏ, ଏତେ ଦିନ ପରେ ଉଷସୀର ଜନ୍ମିତ ମା' ବାପା ତାକୁ ଦେଖିବାକୁ ଆସୁଛନ୍ତି । ଉଷସୀର ମନ କୋଣରେ ଘୁଂଚି ହୋଇଥିବା ଉଦାସୀ ଟିକକ ଘୁଂଚିଯିବ ଭାବି ସୁରମା, ସୁବିନୟ ଖୁସି ହୁଅନ୍ତି । କିନ୍ତୁ ଛାତି ଭିତରେ କେଉଁଠି କଣ୍ଟାଟିଏ ଫୋଡ଼ି ହୋଇଯାଉଥାଏ । ସନତ୍, ସ୍ୱପନ୍, ସମ୍ଭାବନାଙ୍କୁ ହରାଇବାର ଭୟଟିଏ ରାତିସାରା ଶୋଇବାକୁ ଦିଏନା । ସେମାନେ କିନ୍ତୁ ଆସନ୍ତିନି । ସେମାନଙ୍କର ଆସିବାର ସମ୍ଭାବନା ଯେତିକି ଘୁଞ୍ଚି ଘୁଞ୍ଚି ଯାଉଥାଏ ସଂପର୍କ ସେତିକି ମୋଟେଇ ଯାଉଥାଏ ।

ମାତ୍ର ବର୍ଷକ ତଳେ ସୁବିନୟଙ୍କର ହାର୍ଟ ଆଟାକ୍ ହୋଇଥିଲା । ପୁରା ମାସଟିଏ ହସପିଟାଲରେ । ସେଇ ସବୁ ଅସରା, ଅମୁହାଁ ଦିନମାନଙ୍କରେ ସଂବିଦ୍, ସୁବ୍ରତ, ସମୀକ୍ଷାଙ୍କ ସହ ସନତ୍ ଓ ତାଙ୍କ ଭାଇମାନେ ମଧ୍ୟ ଦିନରାତି ଜଗି ରହୁଥିଲେ । ଉଷସୀ ଆଖିରୁ ଲୁହ ଶୁଖୁ ନଥାଏ । ଆଉଥରେ ବାପାଙ୍କୁ ହରାଇବାର ଆତଙ୍କ ତାକୁ ତଟସ୍ଥ କରି ରଖିଥାଏ । ସୁବିନୟ ଯେତିକି ସୁସ୍ଥ ହେଉଥାନ୍ତି, ପିଲା ଦୁହିଁଙ୍କ ପାଇଁ ସେତିକି ଅପରିହାର୍ଯ୍ୟ ହୋଇ ଉଠୁଥାନ୍ତି । ଖେଳଣା ଭାଙ୍ଗିଗଲେ ସଜାଡ଼ିବେ ଅଜା, ନିକୋ ପାର୍କରେ ସେମାନଙ୍କ ସାଙ୍ଗରେ ଟ୍ରେନ୍‌ରେ ବସିବେ ଅଜା । ସେମାନଙ୍କ କୁନି ପୃଥିବୀ ଯେମିତି ଅଜାଙ୍କ ମ୍ୟାଜିକ୍ ବଲ୍ । ସୁରମା ବେଳେ ବେଳେ ଈର୍ଷା କରନ୍ତି, ପୁଣି ଅଜା ନାତି, ନାତୁଣୀଙ୍କ ଅଜବ ଖେଳ ଦେଖୁ ଦେଖୁ ଖୁସିରେ ଉଚ୍ଛୁଳି ପଡ଼ନ୍ତି ।

ତିନି ବର୍ଷରେ ସେମାନଙ୍କ ତିନିଟା ଜନ୍ମ ଦିନ ସରୁ ସରୁ ବାପାମା' ତାଙ୍କୁ ସ୍କୁଲ ପଠାଇବା ଚିନ୍ତାରେ ବ୍ୟସ୍ତ ହୋଇ ପଡ଼ିଲେ । ଅଜା ଆଈ ଓ ଜେଜେମା' ଏଡ଼େ କୁନି କୁନି ପିଲାଙ୍କୁ ସ୍କୁଲ୍‌ର ରୁଟିନ୍ ବନ୍ଧା ଭାରବୁହା ଜୀବନ ଭିତରକୁ ଛାଡ଼ିବା ସପକ୍ଷରେ ନଥିଲେ । କିନ୍ତୁ ସାଇବର ଯୁଗର ଘୋଡ଼ା ଦୌଡ଼ରେ ପିଲାଙ୍କୁ ଏବେଠାରୁ ସାମିଲ୍ ନକଲେ ପଛରେ ପଡ଼ିଯିବାର ଆଶଙ୍କା ରହିଛି । ତେଣୁ ସେମାନେ କୁନି କୁନି ଆଙ୍ଗୁଠିରୁ ଖସି ପଡୁଥିବା ପେନ୍‌ସିଲ୍‌କୁ ଜାବୁଡ଼ି ଧରି ଏଣ୍ଟ୍ରାନ୍ସ ଦେଇ କନ୍‌ଭେଣ୍ଟ ସ୍କୁଲରେ ଲୋଅର୍

Digitized by srujanika@gmail.com

କେ.ଜି. କ୍ଲାସରେ ଆଡ୍‌ମିସନ ପାଇଗଲେ । ସେହି ଖୁସିରେ ସନତ୍, ଉଷସୀ ଗଡ଼ଟିଏ ଜିଣିଲା ପରି ବହେ ନାଚିଗଲେ । ଦୁହିଁଙ୍କ ପାଇଁ ଇଉନିଫର୍ମ, ୱାଟର ବଟଲ୍, ଟିଫିନ୍ ବକ୍ସ, ମଲାଟମଡ଼ା ଖାତା, ଚିତ୍ର ବହି, ପେନ୍‌ସିଲ ବକ୍ସ, ଆଦି କିଣା ହୋଇ ସଜଡ଼ା ହେଲା । ସୁରମା କିନ୍ତୁ ମୋଟେ ଖୁସି ହୋଇ ପାରୁ ନଥିଲେ । ସତେ ଯେମିତି ତାଙ୍କର କ୍ଷୀର ଛାଡ଼ି ନ ଥିବା ଛୁଆ ଦି'ଟାଙ୍କୁ କୁରୁକ୍ଷେତ୍ରକୁ ପଠାଇ ଦିଆ ହେଉଛି ।

ସପନ୍ ଓ ସମ୍ଭାବନା ଆଜି ପ୍ରଥମ କରି ସ୍କୁଲ ଯିବେ । ସୁବିନୟଙ୍କ ଦୀର୍ଘ ଅସୁସ୍ଥତା ପରେ ଡ଼ାକ୍ତର ମନା କରିଦେଲେ ଟୁ-ହ୍ୱିଲର୍ ଚଲାଇବା ପାଇଁ । ବାଧ ହୋଇ ଏଇ ଆଠଦିନ ହେଲା ସେକେଣ୍ଡହ୍ୟାଣ୍ଡ୍ ମାରୁତି କାର୍ ଖଣ୍ଡେ କିଣା ହୋଇଛି । ଆଜି ସେଇଟା ହେବ ନନ୍ଦିଘୋଷ ରଥ । ସେଇଥିରେ ଅଜା, ଆଈ ସାରଥି ହୋଇ ପିଲାଙ୍କୁ ସ୍କୁଲ ନେଇଯିବେ । ସୁରମାଙ୍କୁ ରାତିସାରା ନିଦ ନାହିଁ । ମୁହଁ ଅନ୍ଧାରରୁ ଉଠି ଠାକୁର ପୂଜା ସାରି ଘର ପାଖ ମନ୍ଦିରକୁ ଯାଇ ଭୋଗ, ଛଡ଼ା ଫୁଲ, ସିନ୍ଦୁର ଆଣିଛନ୍ତି ବିଦ୍ୟା ସିଂହାସନରେ ନାତି ନାତୁଣୀଙ୍କ ଅଭିଷେକ ପାଇଁ । ସୁବିନୟଙ୍କୁ ତରବର କରାଇ ସୁରମା ପହଞ୍ଚି ଗଲେ ଉଷସୀ ଘରେ ।

ଗେଟ୍ ପାଖରେ ଗାଡ଼ିଟିଏ ଠିଆ ହୋଇଛି । ସକାଳୁ ସକାଳୁ ଏଡ଼େ ବଡ଼ ଗାଡ଼ିରେ ଉଷସୀ ଘରକୁ କିଏ ଆସିଥାଇ ପାରେ ? ସୁରମାଙ୍କ ଭ୍ରୁ କୁଞ୍ଚେଇଗଲା । ନାତି, ନାତୁଣୀ ଓ ଅଜା ଆଈଙ୍କ ଭିତରେ ତୃତୀୟ ବ୍ୟକ୍ତିର ଅନୁପ୍ରବେଶ ତାଙ୍କର ସହ୍ୟ ହୁଏନା । ପିଲା ଦି'ଟା ବି ସେମିତି । ମାମୁଘର ଲୋକଙ୍କୁ ଛାଡ଼ି ଦେଲେ ଆଉ କାହାର ଉପସ୍ଥିତି ସହି ପାରନ୍ତି ନାହିଁ । ବିଶେଷ କରି ଅଜା ଯଦି ଆଉ କାହା ସହିତ କଥା କହିଲେ ତ କଥା ସରିଗଲା । ଅପମାନିତ ନାକପୁଡ଼ା ଗୁଡ଼ାକ ଫୁଲି ଫୁଲି ନାଲି ପଡ଼ିଯିବେ । ଆଜି ପୁଣି ପ୍ରଥମ କରି ସମସ୍ତଙ୍କୁ ଛାଡ଼ି ସ୍କୁଲ ଯିବେ । କାନ୍ଦୁଥିବେ କି କ'ଣ ! ସେ ଦୁହିଁଙ୍କ କାନ୍ଦ କାନ୍ଦ ମୁହଁ ମନେ ପଡ଼ି ସୁରମାଙ୍କ ମୁହଁଟା କାନ୍ଦୁରା ଦିଶିଲା । ଗାଡ଼ିରୁ ଓହ୍ଲାଉ ଓହ୍ଲାଉ ସୁରମା ତାଙ୍କ ନିଷ୍ପତ୍ତି ଘୋଷଣା କରିଦେଲେ, ''ସେମାନେ ଯଦି କାନ୍ଦିବେ, ତା'ହେଲେ ତାଙ୍କୁ ସ୍କୁଲ୍ ଛାଡ଼ିବିନି କହି ଦେଉଚି ।'' ''ନା, ନା, ସେକଥା କ'ଣ ହୋଇପାରେ ? ଆଈ ଯେତେବେଳେ ମନା କରୁଛନ୍ତି, ପିଲା ମୂର୍ଖ ହୁଅନ୍ତୁ ପଛେ, କାନ୍ଦି କାଟି ସ୍କୁଲ ଯିବା ମୋଟେ ଉଚିତ୍ ନୁହେଁ ।'' ସୁବିନୟଙ୍କ ପରିହାସରେ ସୁରମା ଫଁ କରି ଜଳି ଉଠୁ ଉଠୁ ଚାହାଣିରେ ସୁବିନୟଙ୍କୁ ସତେ ଅବା ଭସ୍ମ କରିଦେଇ ଦୁମ୍ ଦୁମ୍ ହୋଇ ଘର ଆଡ଼କୁ ମାଡ଼ି ଚାଲିଲେ ।

ପାହାଚ ଦେଇ ଛୋଟିଆ କୋଳାହଳଟେ ଓହ୍ଲାଇ ଆସୁଛି । ନିର୍ଦ୍ଦିଷ୍ଟ କଥା କିଛି

Digitized by srujanika@gmail.com

ବୁଝି ହେଉନି । ଆଗରେ ଫିଟ୍‌ଫାଟ୍ ଭଦ୍ରଲୋକ ଜଣେ, ତାଙ୍କ ପଛକୁ ବେଶ୍ ସୁନ୍ଦରୀ ଭଦ୍ର ମହିଳା, ତାଙ୍କ ପଛକୁ ସନତ୍‌ଙ୍କ ସାନ ଭାଇ ଆଶିଷ, ଉଷସୀ, ସନତ୍ । ଉଷସୀର ଦୁଇହାତର ବିଶି ଆଙ୍ଗୁଠି ଧରି ବୀର ବିକ୍ରମରେ ଓହ୍ଲାଇ ଆସୁଛନ୍ତି ୟୁନିଫର୍ମପିନ୍ଧା କଳକଣ୍ଢେଇ ଦୁଇଟା । ସୁରମାଙ୍କ ଉଠିଥିବା ପାଦ ଥମ୍‌କରି ରହିଗଲା । ‘‘କିଏରେ ବାବା ଏମାନେ, ଆଟପଟାଳି ଘେରରେ ବିରାଜୁଛନ୍ତି ?’’ ଆଶିଷ ଆଗେଇ ଆସି ପରିଚୟ କରିଦେଲେ, ‘‘ଏ ଦୁଇ ଜଣ ଭାଉଜଙ୍କ ବାପା ଓ ମା । ହଠାତ୍ କାଲି ରାତିରେ ଫୋନ୍ କରିଦେଇ ଆଜି ଆସି ପହଁଞ୍ଚିଗଲେ । ଭଲ ହେଲା ଆପଣ ଆସିଯାଇଛନ୍ତି । ନ ହେଲେ ସେମାନେ ପିଲାଦୁହିଁଙ୍କୁ ସ୍କୁଲରେ ଛାଡ଼ି ସାରି ଆପଣଙ୍କ ଘରକୁ ଯାଇଥାନ୍ତେ ।’’ ସୁରମାଙ୍କ ଛାତି ଭିତରେ ନିଆଁ ହୁଳାଟିଏ ପଡ଼ିଗଲା ଯେମିତି । ହୁଦ୍‌ହୁଦ୍ ନିଆଁଗୁଡ଼ିକ ହେଣ୍ଟାଳି ହେଣ୍ଟାଳି ଛାତିସାରା ଖେଦି ଯାଉଥିଲେ । ଛ’ ବର୍ଷର ସଜଡ଼ା ପୃଥିବୀଟା ତାଙ୍କ ଗ୍ଲୋବ୍ ପୋଲ ଷ୍ଟିକ୍ ଦେହରୁ ଖସି ପଡୁଥିଲା ବାଦୁଡ଼ିଖିଆ ପିଜୁଳି ପରି । ମୁହଁରେ ଶୁଖିଲା ହସ ଫୁଟାଇ ସେମାନଙ୍କ ସହିତ କଥା ହେଉଥିବାବେଳେ ସୁରମାଙ୍କ ମାତୃତ୍ୱର ସମସ୍ତ ଔଦ୍ଧତ୍ୟ ଯେମିତି ଟୋପା ଟୋପା ହୋଇ ତରଳି ଝରି ପଡୁଥିଲା ତାଙ୍କ ଚାହାଣିର କାରୁଣ୍ୟ ଭିତରେ ।

ଅବଶ ହୋଇ ପଡୁଥାଏ ହାତ ଗୋଡ଼, ଏଇମାତ୍ର ଯେମିତି ଝିଅ ବାହାଘର ସାରି ଆସିଛନ୍ତି । ସବୁ ସ୍ନେହ ଗେହ୍ଲା ପଣିଆକୁ ଏକ ଅଜଣା ଅଶୁଣା ଲୋକର ପଣତରେ ଅଜାଡ଼ି ଦେଇ ଆସିଛନ୍ତି । ସୁବିନୟ କିନ୍ତୁ ତାଙ୍କ ସ୍ୱଭାବ ସୁଲଭ ଢ଼ଙ୍ଗରେ ସେମାନଙ୍କ ସହିତ ଗପି ଚାଲିଛନ୍ତି । କୌଣସି ପ୍ରତିକ୍ରିୟା କଥାରେ କି ଭାବରେ ପ୍ରକାଶ ପାଉ ନାହିଁ । ଲେଉଟିପଡ଼ି ସୁରମା କହିଲେ, ‘‘ଆମେ ଏଥର ଯିବା । ମୋ ସ୍କୁଲ, ତୁମ ଅଫିସ ଡେରି ହୋଇଯିବ । ପିଲାମାନେ ଯିବାକୁ ବାହାରିବେଣି ।’’ ନାତି, ନାତୁଣୀ ସ୍କୁଲ୍ ଯିବେ ବୋଲି ସୁରମା ଆଜି ଛୁଟି ନେଇଥିଲେ । ସ୍ୱପନ୍‌ର ଭାରି ଲୋଭ ଏଇ ପୁରୁଣା ଗାଡ଼ି ଖଣ୍ଡକ ଉପରେ । ସେଇଟା ଆଈ ତା’ ପାଇଁ କିଣି ଦେଇଛି ଓ ଅଜା ତା’ର ଡ୍ରାଇଭର୍, ଯେ ପର୍ଯ୍ୟନ୍ତ ସେ ନିଜେ ଗାଡ଼ି ନଚଲାଇ ପାରିଛି । ଗାଡ଼ିଟା ଯୁଆଡ଼େ ନେଲେ ବି ତା’ର ଅନୁମତି ଦରକାର ! ଅନେକ ଅନୁନୟ ଓ ପ୍ରମିସ ପରେ କୁଣ୍ଠିତ ଅନୁମତି ଦିଏ ଗାଡ଼ି ନେବା ପାଇଁ । ତା’ ନିଜ ‘ଏଡ୍ ମାଉଟି’ ରେ ସ୍କୁଲ୍ ବାହାରିବ ବୋଲି ନିଶ୍ଚିତ ହୋଇ ବାହାରିଛି । ଦୀର୍ଘ ଶ୍ୱାସଟିଏ ସୁରମାଙ୍କ ଛାତି ଠେଲି ବାହାରି ଆସିଲା । ଏବେ ଆଉ ଏଇ ଛୋଟିଆ ପୁରୁଣା ମାରୁତି କାର୍‌ଟା ସପନ୍ ମନକୁ ପାଇବନି । ତା’ ନିଜ ଅଜାଙ୍କ ଫୋର୍ଡ ଆଇକନ୍‌ରେ ବସି ସେ ସ୍କୁଲ ଯିବ । ତା’ ଅଜା ବି କହୁଥିଲେ ଏଣିକି ନାତି

Digitized by srujanika@gmail.com

ନାତୁଣୀଙ୍କୁ ସ୍କୁଲ ନେବା ଆଣିବା ଦାୟିତ୍ୱଟା ତାଙ୍କର । ଅନ୍ୟମନସ୍କ ସୁରମା କାହାକୁ ନ ଚାହିଁ ଆଗେ ଆଗେ ଚାଲିଗଲେ ଗାଡ଼ି ପାଖକୁ । ସନତ୍ ବି, ଏଯାଏଁ ପଦେ କଥା କହିଲାନି ! ସୁରମାଙ୍କ ଭୟ ହେଉଥାଏ, ଆଉ ଟିକିଏ ସମୟ ରହିଲେ ସେ ହୁଏତ କାନ୍ଦି ପକାଇବେ । ସୁବିନୟଙ୍କ ଉପରେ ଏଥିପାଇଁ ସେ ରାଗନ୍ତି । ସ୍ଥାନ, କାଳ, ପାତ୍ର ଜ୍ଞାନ ଟିକିଏ ବି ନାହିଁ । ଦାନ୍ତ ଦେଖାଇ ଗପୁଥିବେ ତ ଗପୁଥିବେ । ଏମାନେ ବି ଏତେ ବର୍ଷ ହେଲା କୁଆଡ଼େ ଥିଲେ ? ଏତେ ଦିନକେ ଝିଅ ପାଇଁ ଦରଦ ବୋହିପଡ଼ିଲା ? ଆଗରୁ କେତେଥର ସେ ସୁବିନୟଙ୍କୁ କହିଥିବେ, ''ଅସଲ ମାଲିକ କୁଆଡ଼େ ଗଲେ ଆମେ ତାଙ୍କ ସମ୍ପତ୍ତି ଭୋଗୁଛେ । ସେମାନେ ଜାଣି ପାରୁ ନାହାଁନ୍ତି କେତେବଡ଼ ସୌଭାଗ୍ୟରୁ ସେମାନେ ବଂଚିତ ହୋଇ ରହିଛନ୍ତି ।'' ଏକଥା କହିବା ବେଳେ ସହାନୁଭୂତିରେ ସୁରମା ତରଳି ଯା'ନ୍ତି ଉଷସୀର ବାପା, ମା'ଙ୍କ ପାଇଁ । ଆଜି କିନ୍ତୁ ସେମାନେ ସବଳ ପ୍ରତିଦ୍ୱନ୍ଦ୍ୱୀ । ସବୁ ସଂକୋଚ ଭଦ୍ରାମିର ମୁଖା ଫିଙ୍ଗି ଦେଇ ସେମାନଙ୍କ ସହିତ ପ୍ରସ୍ତେ କଳି କରିବାକୁ ଇଚ୍ଛା ହେଉଛି । ସଂଦେହ ହେଉଛି, '' ସନତ୍ କ'ଣ ଆଉ କାହାକୁ ଶାଶୁ ଶ୍ୱଶୁର ଭାବେ ଗ୍ରହଣ କରିପାରିବେ !'' ସପନ୍ ଆଉ ସମ୍ଭାବନା ତାଙ୍କ ଜୀବନରୁ ଦୂରେଇ ଗଲେ କାହାକୁ ନେଇ ବଂଚିବେ ସୁରମା ? କେମିତି କଟିବ ତାଙ୍କ ନିଃଶୂନ ଦିନ ସବୁ ? ସେ କ'ଣ ଉଷସୀର ମା ନୁହନ୍ତି ? କେବଳ ଦଶମାସ ଗର୍ଭରେ ଧରିବା କ'ଣ ଦୁନିଆର ଶେଷ କଥା ? ସେ ତ କେବେଠାରୁ ଭୁଲିସାରିଛନ୍ତି ଉଷସୀକୁ ଜନ୍ମ ଦେଇନାହାଁନ୍ତି ବୋଲି ।

ନିର୍ବାକ ସୁରମା ଗାଡ଼ି ପାଖରେ ତଳକୁ ମୁହଁ ପୋତି ଛିଡ଼ା ହୋଇଥାନ୍ତି । ଅମାନିଆଁ ଲୁହ ଗୁଡ଼ାକ ବେଳକାଳ ମାନୁ ନାହାନ୍ତି । ''ମା' ! ପିଲାମାନଙ୍କ ଡେ଼ରି ହୋଇଗଲାଣି ପରା, ତମେ ଠିଆ ହୋଇଚ କ'ଣ !'' ଉଷସୀ ହଲେଇ ଦେଲା ସୁରମାଙ୍କୁ । ଫେରି ଚାହିଁଲେ ସୁରମା । ଆଖିରେ ତାଙ୍କର ସାରା ଆକାଶର ଶୂନ୍ୟତା, କିଛି ବୁଝି ନ ପାରିବାର, ଜାଣି ନପାରିବାର । ସେ ଯେମିତି ଅବଶ ଡ଼େଣା ଦୁଇଟାକୁ ପ୍ରାଣପଣେ ପିଟି ଚାଲିଛନ୍ତି ଶୂନ୍ୟ ମଣ୍ଡଳରେ, ମେଘ ଖଣ୍ଡକ କୌଣସି ମତେ ଡେ଼ଇଁ ଯିବାକୁ । ''ଆଇ ଆମକୁ ବୁଲ୍ ଛାଡ଼ିଦବନି କି ?'' ଚାରୋଟି କଅଁଳ ହାତ ଭିଡୁଥିଲେ ତାଙ୍କର ଦୁଇ ଡ଼େଣାକୁ । ଆଃ, ଆଶ୍ରୟର ହାତ ପୁଣି ଏଡ଼େ କୋମଳ ହୋଇପାରେ ! ''ମୋ ଏଡ୍ ମାଉଡିରେ ମୁଁ ବୁଲ ଯିବି । ଦ୍‌ଲଦି ବଢୁନ କାଇଁକି !'' ସୁରମାଙ୍କୁ ଅଭୟ ହାତ ଚାରୋଟି ଶୂନ୍ୟ ମଣ୍ଡଳରୁ ମାଟିକୁ ଓହ୍ଲାଇ ଆଣିଲେ । ଅପ୍ରସ୍ତୁତ ସୁରମା ଚାରିପାଖେ ଘେରିଥିବା ମୁହଁମାନଙ୍କୁ ଥରେ ଚାହିଁଦେଇ ଛୁଆ ଦି'ଟାଙ୍କୁ ଭିଡ଼ିନେଇ କୋଳରେ ପ୍ରାଣପଣେ ଜାକି ଧରିଲେ । ନା, ତାଙ୍କଠାରୁ ତାଙ୍କର ସ୍ୱପ୍ନ ଓ ସମ୍ଭାବନାକୁ କେହି ଛଡ଼ାଇ ନେଇ ପାରିବେନି ।

Digitized by srujanika@gmail.com

ତାଙ୍କର କଣିକାଏ ଆଶାକୁ ଭାରଭାର ଅଧିକାର ସମ୍ପଦରେ ସେମାନେ ଭରି ଦେଇଛନ୍ତି । ''ମୋ ଧନ, ମୋ ଶଂଙ୍ଖାଳି, ମୋ ଦୁଃଖ ପାଶୋରା, ମୋ ସୁଖ - ପସରା ...'' ଲୁହ ପୋଛିବାର ଚେଷ୍ଟା ବି କଲେନି ସୁରମା । ''ହଉ, ଆଇ ନାତି - ନାତୁଣୀ ପଛରେ ରହସ୍ୟ ରଚିବ । ଗାଡ଼ିରେ ବସ, ବେଳ ହୋଇଗଲାଣି,'' ସୁବିନୟ ଷ୍ଟିଅରିଂ ଧରି ଡ଼ାକ ଛାଡ଼ିଲେ । ଉଷସୀ ଛୁଆଙ୍କ ସାଙ୍ଗରେ ସୁରମାଙ୍କୁ ଠେଲି ଠେଲି ଗାଡ଼ିରେ ବସାଉଥିଲା । ସନତ୍ ହସ ହସ ମୁହଁରେ ତାଙ୍କ ହାତକୁ ପାଣି ବୋତଲ ଦୁଇଟା ବଢ଼ାଇ ଦେଲେ । ଉଷସୀର ବାପା, ମା' ଆଶିଷ ହାତ ହଲାଉଥିଲେ । ଗାଡ଼ି ଭିତରେ ଆଇର ଗୋଟେ ପଟେ ବସି ସମ୍ଭାବନା କହୁଥିଲା, ''ଆମ ଟିଫିନ୍ ବକ୍ସରେ ଗୋଟେ ଏଡ୍ ମାଉଟିର ଥବି ଅଛି ।'' ଆର ପାଖରୁ ସପନ୍ ତା'ର ଟିଫିନ୍ ବକ୍ସଟା ଉଷସୀର ବାପାଙ୍କୁ ଦେଖାଇ ଟା ଟା କରୁଥିଲା । ଅପହୃତ ରାଜ୍ୟର ପୁନରୁଦ୍ଧାର କରି ବିଜୟିନୀର ହସଟିଏ ଉକୁଟି ଗଲା ସୁରମାଙ୍କ ଓଠରେ । ଆଶଙ୍କିତ ସକାଳର ତ୍ରସ୍ତ ମୁହୂର୍ତ୍ତମାନେ ଛିନ୍ନଛତ୍ର ହୋଇଯାଉଥିଲେ ସୁରମାଙ୍କ ସେକେଣ୍ଡ ହ୍ୟାଣ୍ଡ ରେଡ୍‌ମାରୁତିର ହର୍ଣ୍ଣ ଶବ୍ଦରେ !!!

□■□

Digitized by srujanika@gmail.com

ଅଚେତ ଫଗୁଣ

ଭାତ୍ ଥାଳିଟାକୁ ଡାଇନିଂ ଟେବୁଲ୍ ଉପରେ ଥୋଇ ଦେଇ ସୁଲତା ତରକାରୀ, ଭଜା ଆଣିବାକୁ ରୋଷେଇ ଘରେ ପଶିଗଲା । ଦି'ହାତରେ ଗିନା ଥାଳିଆ ଦି'ଟା ଧରିଲା ବେଳକୁ ଆଖିରେ ତା'ର ଦି'ବୁନ୍ଦା ଲୁହ ଟଳ ଟଳ ହେଲାଣି । ପୋଛିବାକୁ ହାତ ନାହିଁ କି ତର ନାହିଁ । ଆଜି ପୁଣି ଖାଇବେ କି ନାହିଁ କେଜାଣି ! ପ୍ରତ୍ୟେକ ଦିନ ମନୋଜକୁ ଖାଇବାକୁ ଦେଲା ବେଳକୁ ସୁଲତା ଦେହରୁ ରକ୍ତ ଶୁଖିଯାଏ । କୋଉ ମୁହୂର୍ତ୍ତରେ ଝଡ଼ଟାଏ ବହିଯିବ କି ଭୂମିକମ୍ପରେ ଧରଣୀ ଥରିବ, ଭଗବାନ ବି କହିପାରିବେନି । ସାତବର୍ଷର ଦାମ୍ପତ୍ୟ ଭିତରେ ହାତ ଗଣତି କେଇଟା ଦିନକୁ ଛାଡ଼ିଦେଲେ, ପ୍ରାୟ ସବୁଦିନ ଖାଇଲାବେଳେ ମନୋଜର କିଛି ନା କିଛି ଅଭିଯୋଗ । କୋଉଦିନ ଭାତରୁ ଗୋଡ଼ି ବାହାରିଲାଣି ତ ତରକାରୀରୁ ବାଳ । କେବେ ଭଜାଟା ଧଳା ଦେଖାଗଲାଣିତ କେବେ ପୋଡ଼ା । ଯେତେ ଯତ୍ନରେ ରାନ୍ଧିଲେ ବି ମନୋଜ ମନକୁ ପାଏନି । ଅଧିକାଂଶ ଦିନ ଥାଳି ଗିନା ଫୋପଡ଼ା, ରାଗ ରୁଷା, ଓପାସ । ସୁଲତା ଅତିଷ୍ଠ ହୋଇଗଲାଣି । ଦି'ଟା ସାନ ସାନ ଛୁଆଙ୍କ ଜଞ୍ଜାଳ ସାଙ୍ଗକୁ ୟାଙ୍କର ଏ ଅଦଉତି । ବାହାଘର ଆଗରୁ କେବେ ଚୁଲିମୁଣ୍ଡ ଦେଖିନଥିବା ସୁଲତା ଏତେ ସବୁ କଲା ପରେ ବି ମନୋଜ ତାକୁ ପଦେ ହେଲେ ପ୍ରଶଂସା କରି କହେନି । 'ରନ୍ଧା ଭଲ ହୋଇଚି ନା ନାହିଁ ?' ପଚାରିଲେ ଉତ୍ତର ମିଳେ, "ଭଲ ନହୋଇଥିଲେ ଛାଡ଼ି ଦେଇ ଯିବି, ଭଲ ହୋଇଥିଲେ ଖାଇବି । ପଚାରିବା ଦରକାର ନାହିଁ ।" ସୁଲତା ଆଖିରେ ଲୁହ ଜକେଇ ଆସେ । ଅଭିମାନର ପଥର ତଳେ ତା' ଗେହ୍ଲାପଣିଆ ଚାପା ପଡ଼ିଯାଏ ।

ଡ୍ରାଇନିଂ ଚେୟାରଟା ଠେଲିଦେଇ ଉଠି ପଡ଼ିବା ଶବ୍ଦରେ ଚମକି ପଡ଼ି ସୁଲତା

Digitized by srujanika@gmail.com

ଦେଖିଲା ଭାତଥାଳି ସେମିତି ଥୁଆ ହୋଇଛି । 'କାହିଁକି ଖାଇଲନି' ବୋଲି ପଚାରିବାକୁ ତାର ସାହସ ବା ଇଚ୍ଛା କୌଣସିଟା ନଥିଲା । ଚୁପ୍‌ଚାପ୍ ଥାଳିଗିନା ଉଠାଇ ନେଇଗଲା । ମନୋଜ ତରତର ହୋଇ ସାର୍ଟ ପ୍ୟାଣ୍ଟ ପିନ୍ଧୁଛି । ସତେକି ପାଞ୍ଚ ମିନିଟ୍ ଡେ଼ରି ହୋଇଗଲେ ଅଫିସ୍ ଛାତଟା ଗଳି ପଡ଼ିବ । କାନ୍ଦୁରା ମୁହଁରେ ଚଳେ ପାଣି ଛାଟିଦେଇ ସୁଲତା ଯଥା ସମ୍ଭବ ସହଜ ଭାବରେ ମନୋଜ ପାଖରେ ଠିଆ ହେଲା । ''ସିମେଇ ଉପମା କରି ରଖିଥିବି, ଖରାବେଳେ ଆସିବ ।'' ମନୋଜ ଉତ୍ତର ଦେଲାନି । ଏମିତି ଅଧିକାଂଶ କଥାର ଉତ୍ତର ମନ ପାଇଥିଲେ ଦିଏ, ନହେଲେ ନାହିଁ । ସୁଲତା ଭାବିପାରେ ନାହିଁ, ମଣିଷଟା ଏତେ କମ୍ କଥା କେମିତି କହିପାରେ ! ସ୍କୁଟର ଚାବିଟା ହଲେଇ ହଲେଇ ମନୋଜ ଚାଲିଗଲା । ସବୁଦିନ ପରି ସୁଲତା ତା' ପଛେ ପଛେ ଦାଣ୍ଡ ଦୁଆର ଯାଏ ଗଲା । ସିନେମାରେ ଅନେକଥର ଦେଖିଥିବା ବିଦାୟ ଦୃଶ୍ୟ ସବୁ ମନେ ପଡ଼ି ଏକ ମଧୁର ଆବେଶରେ ଆଖି ତାର ବୁଜି ହୋଇ ଆସୁଥିଲା । ମନୋଜ ସ୍କୁଟର ଷ୍ଟାର୍ଟ କରି ଚାଲିଯାଉଥିବାବେଳେ ସୁଲତା ବଡ଼ ପାଟି କରି କହୁଥିଲା, ''ମୁଁ ଚାହିଁଥିବି । ତମେ ନିଶ୍ଚୟ ଆସିବ, ମୋ ରାଣ ।'' ମନୋଜ ଶୁଣିଲା କି ନାହିଁ କେଜାଣି ! କେତେବେଳଯାଏ ସୁଲତା ସେଇଠି ସେମିତି ଅନ୍ୟମନସ୍କଭାବରେ ଛିଡ଼ା ହୋଇ ରହିଲା । ମଣିଷମାନେ ଏତେ ନିଷ୍ଠୁର କାହିଁକି ହୁଅନ୍ତି ? କାହିଁକି ଅନ୍ୟକୁ କଷ୍ଟ ଦିଅନ୍ତି ବିନା କାରଣରେ ବା ସାମାନ୍ୟ କାରଣରେ ? ଅନେକ 'କାହିଁକି'ର ଭଉଁରୀ ଭିତରେ ଉବୁଟୁବୁ ହେଉ ହେଉ ସେ ବାକି କାମ ତକ ସାରୁଥିଲା । ପିଲା ଦି'ଟାଙ୍କୁ ସେ ସବୁଦିନ ଚାକରପିଲା ସୂର୍ଯ୍ୟ ସାଙ୍ଗରେ ପଠାଇଦିଏ ପଡ଼ିଶା ଘରକୁ । ପିଲାଙ୍କ ପାଟି ତୁଣ୍ଡରେ ମନୋଜର ପେପର ପଢ଼ା ଡିଷ୍ଟର୍ବ ହୁଏ । ପିଲାଏ କାନ୍ଦିଲେ ଜାଣି ଶୁଣି ତାକୁ ରଗେଇବାକୁ ପିଲାଙ୍କୁ କନ୍ଦାଉଛି କହି ନଖାଇ ନ ପିଇ ମନୋଜ ଅଫିସ୍ ଚାଲିଯାଏ । ସତେକି ପଣ କରିଛି ପାନରୁ ଚୂନ ଖସିଛି କି ନାହିଁ ଦେଖିବ ଓ ରାଗିବ । ଅନେକ ସମୟରେ ସୁଲତା ଭାବିପାରେନି କେମିତି କ'ଣ କଲେ ମନୋଜ ଖୁସି ହେବ ।

ମନୋଜର ସାଙ୍ଗମାନେ କିନ୍ତୁ ସୁଲତାର ଗୋଟେ ଗୋଟେ ଫ୍ୟାନ୍ । ତା' କଥା କହିବାର ଢ଼ଙ୍ଗ, ତାର ରାନ୍ଧଣା, ରୁଚି ସବୁକୁ ସେମାନେ ପ୍ରଶଂସାରେ ପୋତି ପକାନ୍ତି । ସେତେବେଳେ ମୁରୁକି ହସି ମନୋଜ ସତେ ଯେମିତି ସେ ସବୁକୁ ସମର୍ଥନ କରୁଥାଏ । ମିଠା ମିଠା ସେଇ ଦିନ ସବୁରେ ସୁଲତା ହାଲୁକା ତୁଳା ହୋଇ ମନୋଜ ପାଖରେ ଗେହ୍ଲେଇ ହୁଏ, ତାକୁ କୁତୁ କୁତୁ କରି ହସାଏ, ସିନେମା ଯିବାକୁ କହେ, ନହେଲେ କୋଉ ନିର୍ଜନ ପାର୍କରେ ବସି ରମାକାନ୍ତ ରଥ କି ବସନ୍ତ ମୁଦୁଲିଙ୍କ କବିତା ପଢ଼ିବାକୁ

Digitized by srujanika@gmail.com

ଛିଗର କରେ । ହେଲେ ସଦା ବ୍ୟସ୍ତ ମନୋଜ ପାଖରେ ସ୍ତ୍ରୀର ମନ ରଖିବାକୁ ସମୟ ନଥାଏ । ସେଥିପାଇଁ ଉଚ୍ଚଶିକ୍ଷିତା ସ୍ତ୍ରୀକୁ 'ବହିଠାରୁ ବଡ଼ ସାଥୀ କେହି ହୋଇପାରିବେନି' କହି ତା ପାଖରେ ବିଭିନ୍ନ ଭାଷାର ବହିର ପାହାଡ଼ ଗଦା କରିଦିଏ । ନୂଆ ବହିମାନଙ୍କର ବାସ୍ନା ନିଜ ଭିତରେ ସାଉଁଟୁ ସାଉଁଟୁ ସୁଲତା ଭୁଲିଯାଏ ମନୋଜର ଗମ୍ଭୀର ମୁହଁ, ଚିଡ଼ିଚିଡ଼ା ସ୍ୱଭାବ ଆଉ ନିଜର ଏକ୍‌ଲାପଣକୁ । ଭାତ ରାନ୍ଧୁ ରାନ୍ଧୁ ବହି ପଢ଼େ, ପିଲାଙ୍କୁ କୋଳରେ ଶୁଆଉ ଶୁଆଉ ବହିରେ ଆଖି ମାଡ଼ିଦିଏ, ଡ଼େରି ରାତିଯାଏ ମନୋଜକୁ ଅପେକ୍ଷା କରୁକରୁ ନିଦୁଆ ଆଖିରେ ଘାଣି ଛାଟି ବହିର ଅକ୍ଷର ଗୁଡ଼ାକ ଭିତରେ ହଜି ଯାଏ । ଦିନ ରାତି ବହି ପଢ଼ି ପଢ଼ି ତା' ଭିତରେ କଳ୍ପନାର ପୃଥିବୀଟିଏ ଗଢ଼ି ହୋଇଯାଏ । ବାରମ୍ବାର ସେ ତାକୁ ଭାଙ୍ଗୁଥାଏ, ପୁଣି ଅନ୍ୟ ପ୍ରକାର ଗଢୁଥାଏ । କେତେବେଳେ ସେ ଦୂର ଆକାଶର ଅପହଞ୍ଚ ଚାନ୍ଦ ହୋଇଯାଏ, ମନୋଜ ଧୂଳିରେ ଗଡୁଥିବା ବାମନଟିଏ । ଘନ ଘୋର ଆଷାଢ଼ ରାତିରେ କେତେବେଳେ ସେ ଅଭିସାରିକା ସାଜି ମନୋଜର ବାହୁ ଲଗ୍ନା ହୁଏ ତ କେତେବେଳେ ମନୋଜର ବିରହରେ ଅଧୀରା ଶ୍ରାବଣୀ ହୋଇଯାଏ । ଏଇ ସବୁ ଚେନା ଚେନା କଳ୍ପନାକୁ ମନୋଜ ଆଗରେ କହିବାକୁ ଲାଜ ଲାଗେ । ତଥାପି କେବେ କେମିତି ଏସବୁ ତା' ପାଟିରୁ ବାହାରି ଗଲେ 'ଆବ୍‌ସର୍ଡ' କହି ମନୋଜ ବହେ ହସିଦେଇ ପୁଣି ତା କାମରେ ବ୍ୟସ୍ତ ରହେ ।

ମନୋଜ ଘରେ ଥିବା ସମୟତକ ସୁଲତା ପୁଷି ବିଲେଇ ପରି ତା ଆଖ ପାଖରେ ଘୁଡୁ ଘୁଡୁ ହେଉଥାଏ । କିନ୍ତୁ କେତେ ସମୟ ବା ସେ ମନୋଜକୁ ପାଏ ? ଅଫିସ୍‌ରୁ ଫେରି ସାଙ୍ଗେ ସାଙ୍ଗେ ହାଜର ଭଲି ଖେଳ ପଡ଼ିଆରେ । ସେଠୁ ଫେରି ଗାଧୁଆ, ମୁଣ୍ଡକୁଣ୍ଡା, ଦେହରେ ପାଉଡ଼ର ଛିଞ୍ଚା ଭିତରେ ତା' ମୁହଁରେ ସୁଲତା କ'ଣ ଟିକିଏ ଜଳଖିଆ ଗୁଂଜି ଦିଏ । ପିଲାଙ୍କ ସାଂଗରେ ଦଶ ପନ୍ଦର ମିନିଟ କଟେଇ ସେ ଚାଲିଯାଏ ବ୍ରିଜ୍ କ୍ଲବକୁ, ଫେରେ ରାତି ସାଢ଼େ ଦଶ । କେବେ କେବେ ଏଗାରଟା କି ବାରଟା ହୋଇଯାଏ । କ୍ଲବ୍‌ରୁ ଫେରିଲା ବେଳେ ମନୋଜର ଗମ୍ଭୀର ମୁହଁଟା ଆହୁରି ଗମ୍ଭୀର ଦିଶେ । ସତେ ଯେମିତି ଆସନ୍ତା କାଲିର କେଉଁ ଯୁଦ୍ଧ ପାଇଁ ପ୍ଲାନ କରିବାରେ ବା ଆଜିର ଯୁଦ୍ଧ ପଡ଼ିଆରେ ଫେଲ୍ ମାରିଥିବା ପ୍ଲାନ୍ ଗୁଡ଼ାକର ସମୀକ୍ଷା କରିବାରେ ତା ମୁଣ୍ଡଟା ଭାରାକ୍ରାନ୍ତ । ସୁଲତା ମୁହଁକୁ ମୋଟେ ନଚାହିଁ ସେ ଖାଇ ପିଇ ଚୁପ୍ ଚାପ୍ ଶୋଇପଡ଼େ । କେବେ ଯଦି ସୁଲତା କହେ, ''ଏତେ ଡ଼େରି ନକରି ଟିକିଏ ଶୀଘ୍ର ଆସୁନ !'' ଚିହିଁକି ଉଠି ସେ କହେ, ''କ'ଣ ତୁମ ମୁହଁକୁ ଚାହିଁ ଦିନରାତି ଘରଟା ଭିତରେ ବସିଥିବି ?'' ବାସ୍, ମନୋଜକୁ ପାଖରେ ପାଇବାର ଇଚ୍ଛାଟା ସେତିକିରେ

Digitized by srujanika@gmail.com

ପଥୁରେଇ ଯାଏ ।

ତା' ମୁହଁଟା କ'ଣ ଏଡ଼େ ଅସୁନ୍ଦର ? ସୁନ୍ଦରୀ ନହେଲେ ବି ସୁଶ୍ରୀ ବୋଲି ସମସ୍ତେ ତାକୁ କହନ୍ତି । ଛଳ ଛଳ ଭାବଟିଏ କୁଆଡ଼େ ସବୁବେଳେ ତାକୁ ଘେରି ରହିଥାଏ । ସେଇ ମନୋଜ ତ ଦିନେ ତାକୁ ଦେଖି ଆଉ ସବୁ ଭଲ ଭଲ ବିବାହ ପ୍ରସ୍ତାବକୁ ଆଡ଼େଇ ଦେଇଥିଲା । ସେଇ କଥା ଭାବୁ ଭାବୁ ସୁଲତା ଭୁଲିଗଲା ମନୋଜର ଫଣ ଫଣ ମୁହଁ । ଡ଼ାଲଡ଼ା ଡ଼ବାଟା ଆଡ଼େଇ ଦେଇ ଭଲ ଘିଅରେ ସିମେଇ ଭାଜି ବସିଲା । ଭୃସୁଙ୍ଗା ପତ୍ର ବିରିଡ଼ାଲି ଦେଇ ଗୁଆଘିଅର ସିମେଇ ଉପମା ମନୋଜକୁ ଭାରି ଭଲ ଲାଗେ । ଆଜି ସେ ନିଶ୍ଚୟ ଦି'ପହରେ ଆସିବ । ନ ଆସିବାର ଥିଲେ ତ ମୁହଁ ଉପରେ ସିଧା କହି ଦେଇଥାନ୍ତା । ସୁଲତା ସିନା ଟିକିଏ ଟିକିଏ କଥାରେ ତାକୁ ଡ଼ରି ମରୁଚି, ହେଲେ ମନୋଜର କୋଉ ଗରଜ ପଡ଼ିଛି ତା' କଥା ରଖିବାକୁ ?

ଏମିତି ସିନା ମନୋଜ ତା' କଥା ଶୁଣେନି, କିନ୍ତୁ ମୁହଁ ଖୋଲି କେବେ କୌଣସି ଜିନିଷ ଚାହିଁଲେ ଯେତେ ଅସୁବିଧା ଥାଉ ପଛେ ମନୋଜ ତାକୁ ପୂରଣ କରେ । ଅଦ୍‌ଭୁତ ମଣିଷଟିଏ, ଉପରଟା ନଡ଼ିଆ ଭଳି ଟାଣ ହେଲେ କ'ଣ ହେଲା, ଭିତରଟାରେ ଦ ଖୁନ୍ଦି ହୋଇ ରହିଛି ଜୀବନ ! ବେଳ ଅବେଳରେ ଫିଟି ପଡ଼ିଲେ ଚାରିପାଖର ଉଦାସ ଆକାଶ ବି ଅବିରେଇ ଯାଏ ।

ଟିକି ଟିକି ସ୍ମୃତି ସବୁ ଅଳସ ଭାଙ୍ଗୁ ଭାଙ୍ଗୁ ସୁଲତାର କାମ ସବୁ ସରିଗଲା ପରେ ପିଲାଙ୍କୁ ଶୁଆଇ ପକାଉ ପକାଉ କେତେବେଳେ ଆଖି ଲାଗିଯାଇଛି । ଉଠିଲାବେଳକୁ ସାଢ଼େ ତିନିଟା । ଛାତିଟା ଚାଉଁକିନା ହୋଇଗଲା । ମନୋଜ ଆଉ ଆସି ଫେରିଯାଇନିତ ! ଦାଣ୍ଡ ଘରେ ଆସି ଦେଖିଲା ସୂର୍ଯ୍ୟ ଆଣ୍ଠେଇ ପଡ଼ି ଚନ୍ଦାମାମା ବହିର ଚିତ୍ର ଦେଖୁଛି । ସୁଲତା ପଚାରିଲା, "ବାବୁ ଆସିଥିଲେ କିରେ ?" "ବାବୁ କୁଆଡ଼େ ଆସିବେ ? ଦି'ଟା ବେଳେ ମୁଁ ଯେତେବେଳେ ମିଶ୍ର ଦୋକାନରେ ଠିଆ ହୋଇଥିଲି, ବାବୁ ସେଇବାଟେ ସ୍କୁଟର୍‌ରେ ସାଇଁକିନା ଉଡ଼ିଗଲେ ।" ସୁଲତାର ଉପାସିଆ ଦେହଟା ଝାଇଁ ମାରିଗଲା । ଲେଉଟି ଆସି ଦି' ଛୁଆଙ୍କ ମଝିରେ ପୁଣି ଶୋଇ ପଡ଼ିଲା । ଦିନଥିଲା, ଖାଇବା ପାଇଁ ମା ଭାଉଜଙ୍କ ହଜାରେ ଖୋସାମତ, ବାପା, ଭାଇମାନଙ୍କର କୋଟି ଆଦର ପରେ ସେ ମଣୋହୀ ପିଢ଼ାକୁ ବିଜେ କରୁଥିଲା । ସେଇ କଥା ମନେ ପଡ଼ି ଆଖିରୁ ଅମାନିଆ ଲୁହ ଗୁଡ଼ାକ ଝରି ଆସିଲା । ଭାରି ହିନିମାନିଆ ଲାଗିଲା ନିଜକୁ ।

ସ୍କୁଟର ରହିବା ଶବ୍ଦରେ ସୁଲତା ଆଖି ଖୋଲିଲା । କିନ୍ତୁ ଅନ୍ୟଦିନମାନଙ୍କ ପରି ଦଉଡ଼ି ଯାଇ ମନୋଜ ହାତରୁ ବ୍ୟାଗ, ପାଣି ବୋତଲ ଆଣିଲାନି କି ମିଛ ବାହାନାରେ

Digitized by srujanika@gmail.com

ଏକଥା ସେକଥା ଗପିଲାନି । ମନୋଜ ଡ୍ରେସ ବଦଳାଇ ଖେଳିବାକୁ ଚାଲିଯିବାଯାଏ ଚୁପ୍‌ଚାପ ପଡ଼ି ରହିଲା । ଯିବା ପୂର୍ବରୁ ଏ ଅବେଳଟାରେ ସେ ଶୋଇଥିବାର ଦେଖି ବି ମନୋଜ କିଛି କହିଲାନି, ଯଦିଓ ସେ ଠିକ୍ ଜାଣିଥିଲାଯେ ସେ ଖାଇକରି ଯାଇନି ମାନେ ସୁଲତା ମଧ ଖାଇ ନଥିବ । କ'ଣ ଏମିତି ମାନ ହାନି ହୋଇଯାଇଥାନ୍ତା 'ତୁମେ ଖାଇଛ କି ନାହିଁ' ପଚାରି ଦେଇଥିଲେ ? ଲୁହ ପୋଛି ସୁଲତା ଉଠିଲା । ପିଲା ଦୁହିଁଙ୍କୁ ଖୁଆଇ ଦେଇ ସୂର୍ଯ୍ୟ ସାଙ୍ଗରେ ବାହାରେ ଖେଳିବାକୁ ପଠାଇ ଦେଲା । ଏବେ ଆଉ କିଛି କାମ ନାହିଁ, କେବଳ ସେଇ ଅସହାୟ ପ୍ରତୀକ୍ଷା ଛଡ଼ା । ସାତ ବର୍ଷରେ ସତୁରି ଥର ଏଇ ଘଟଣାର ପୁନରାବୃତ୍ତି ହେଇଥିଲେ ବି ଧୀରେ ଧୀରେ ତାର ଧୈର୍ଯ୍ୟ ଗଛରୁ ପତ୍ର ସବୁ ଖସି ଖସି ପଡୁଥିଲେ ।

ଅଫିସ୍‌ରୁ ଫେରି ଟେବୁଲ ଉପରେ ମନୋଜ ରଖି ଦେଇଥିବା 'ସିଡ୍‌ନି ସେଲଡନ୍'ଙ୍କ ବହିଟାକୁ ଅନ୍ୟମନସ୍କ ଭାବେ ଖେଳାଉଥିଲା ସୁଲତା । ବହିଟାକୁ ସେ ଆଗରୁ ପଢ଼ି ସାରିଛି । ଭାରି ଭଲ ହେଇଛି । ଆଉ ଥରେ ପଢ଼ିଲେ ବି ଚଳିବ । ବହିଟା ଆଣି ହାତରେ ଧରି ଖେଳାଉ ଖେଳାଉ ଟୁପ୍ କରି ଚାରି ଚଉତା ଛୋଟ କାଗଜ ଖଣ୍ଡେ ଖସି ପଡ଼ିଲା ତଳକୁ । ଛାତିରୁ ହଲକ ଶୁଖିଗଲା ସୁଲତାର । ଯଦି କୋଉ ପୃଷ୍ଠାରେ ଚିହ୍ନପାଇଁ କାଗଜଖଣ୍ଡକ ରଖା ଯାଇଥିବ ତେବେ କଥା ସରିଲା, ଏବେ କୋଉ ପୃଷ୍ଠାରେ ସେ ଖଣ୍ଡକ ଥିଲା କେମିତି ଜାଣିବ ଯେ ? କାଗଜ ଖଣ୍ଡକ ଗୋଟେଇ ଆଣି ରଖିବା ବେଳକୁ ନଜର ପଡ଼ିଲା, ଚଉତା କାଗଜ ଉପରେ ପିଲାଳିଆ ଅକ୍ଷରରେ ଲେଖା ହେଇଛି, 'ରାଗିବ ନାହିଁ' । କୌତୁହଳବଶତଃ ଖୋଲି ଦେଇ ଦେଖିଲା ସେଇ ଅକ୍ଷରରେ ଲେଖା ଚିଠିଟିଏ । ''ଆଦରର ମୁନ୍ ମୋର !'' ସୁଲତାର ଛାତି ଦାଉଁ କରି ହୋଇ ଗଲା । ମନୋଜର ଡ଼ାକ ନାଁ 'ମୁନା' । କିଏ ତାକୁ ଏ ଚିଠି ଲେଖିଛି ? ଲୁହରେ ଝାପ୍‌ସା ହୋଉ ଆସୁଥିବା ଆଖିକୁ ପୋଛିଦେଇ ସେ ପଢ଼ି ଲାଗିଲା, '' ତମେ ସବୁବେଳେ ରାଗୁଚ, ଅଶାନ୍ତି ହେଉଚ । ମୁଁ ଟିଫନ୍‌ରେ ତୁମ ପାଇଁ ଖାଇବା ପଠାଇଲେ କେବେ ଖାଉଚ କେବେ ଫେରାଇ ଦେଉଚ । ମୁଁ ତୁମର କଣ ଏମିତି ଦୋଷ କରିଛି ଯେ ସବୁବେଳେ ରାଗୁଚ ? ଆଜି ଆମ ଘରେ କେହି ନାହାନ୍ତି, ଯେମିତି ହେଲେ ଖରାବେଳେ ଆସିବ । ମୋ ରାଣ ରହିଲା, ଆସିବ ... ଆସିବ । ଇତି ତୁମର ଜୁବୁଲି ।''

ସୁଲତାର ଥର ଥର ହାତରୁ ଚିଠିଟା ଖସି ପଡ଼ିଲା । ଅସମ୍ଭାଳ କୋହରେ ସେଇ ଟେବୁଲ୍ ଉପରେ ସେ ଢ଼ୋ କିନା ମୁଣ୍ଡ ବାଡ଼େଇ ଦେଲା । ଦିନସାରା ଓପାସ ସାଙ୍ଗକୁ ଏ ଚିଠି । ଶେଷକୁ ଭାଗ୍ୟରେ ଏୟା ଥିଲା ! କେତେଥର ସୂର୍ଯ୍ୟ ତାକୁ କହିଥିବ, ''ମା'

Digitized by srujanika@gmail.com

ବାବୁଙ୍କୁ ନିଶ୍ଚେ କିଏ ଗୁଣି କରିଛି । ନହେଲେ ତମ ପରିକା ଲୋକ ଉପରେ ସେ ମିଛଟାରେ ଏମିତି ରାଗୁଥାନ୍ତେ କାହିଁକି ?'' ସୁଲତା ତା କଥାକୁ ହସରେ ଉଡ଼ାଇ ଦେଇଛି । କେବେ ବି ମନୋଜର କଥାକୁ ଧରି ବସିନି । ତା'ର ଏତେ ତ୍ୟାଗର ପ୍ରତିଦାନ କ'ଣ ଏୟା ? ଏବେ ସେ କ'ଣ କରିବ ? କୁଆଡ଼େ ଯିବ ? ବାପ ଘରକୁ ଚାଲିଯିବ ନା ଶାଶୁଘରକୁ ? ବୁଢ଼ା ବାପା ଉପରେ ବୋଝ ହେବ ନା ଶାଶୁ ବୁଢ଼ୀଙ୍କୁ ହନ୍ତସନ୍ତ କରି ମାରିବ ? ରୋଧି ଯାଇଥିବା କୋହ ପୁଣି ଉଚ୍ଛୁଳି ପଡ଼ିଲା । ନା, ପିଲାଙ୍କୁ ନେଇ ସେ କୁଆଡ଼େ ଯିବନି । କିଏ ଗୋଟାଏ ଝୁଲୁଲି ନା ଫୁଲୁଲି ପାଇଁ ସେ ତା' ସଂସାର ଛାଡ଼ି ପଳେଇବ କାହିଁକି ? କିଏ ସେ ଝୁଲୁଲି ? କେତେ ବୟସ ତାକୁ ? କୋଉଠି ସେମାନଙ୍କର ଦେଖାହେଲା ? ସିଏ ପୁଣି ଖାଇବା ପଠାଉଛି ଅଫିସ୍‌କୁ ଆଉ ବାବୁ ତାକୁ ଆରାମରେ ଖାଉଛନ୍ତି । ଏଣେ ଘରେ ଯେତେ ଯତ୍ନରେ ରାନ୍ଧିଲେ ବି ଫୋପଡ଼ା ଫିଙ୍ଗା, ଅଧେଦିନ ଓପାସ । ରାଗରେ ଅଭିମାନରେ ସୁଲତାର ଦଉଡ଼ି ଦେଇଦେବାକୁ କି ରେଳ ଲାଇନକୁ ଡ଼େଇଁ ପଡ଼ିବାକୁ ଇଚ୍ଛା ହେଉଥିଲା ।

ମନୋଜ କ'ଣ ସତରେ ତାକୁ ଭଲ ପାଏନି ? ମନ ଭିତରକୁ ଯେତେ ଅଣ୍ଡାଳି ପକାଇଲେ ବି ଏଇ ରାଗ ଛଡ଼ା ମନୋଜର ଆଉ କୌଣସି ଦୋଷ ସେ ଖୋଜି ପାଇଲାନି । ହଜାର ହଜାର ସାପ ଯେମିତି ତା' ମୁଣ୍ଡରେ ସାଲୁବାଲୁ ହେଉଚନ୍ତି । ରାଗରେ ଚିଠିଟାକୁ ମୋଡ଼ି ମକଚି ତକିଆ ତଳେ ଗୁଞ୍ଜି ଦେଇ ସେ ଆଖି ବୁଜି ପଡ଼ି ରହିଲା । ସଂଜ ହୋଇଥିଲେ ବି ଉଠିଲାନି କି ଲାଇଟ୍ ଜଳାଇଲାନି ।

ୟା ଭିତରେ କେତେ ମିନିଟ୍ କେତେ ଘଣ୍ଟା କି ଅର୍ବୁଦ ଯୁଗ ବିତିଗଲାଣି ସୁଲତାର ହୋସ ନାହିଁ । କେବଳ ଅପେକ୍ଷା ମନୋଜର ପାଦ ଶବ୍ଦକୁ । ମନୋଜ ଆସିଲା । '' ଆରେ କେହି ନାହାଁନ୍ତି ନା କ'ଣ ? ଏ ସନ୍ଧ୍ୟା ବେଳଟାରେ ଅନ୍ଧାରରେ ଶୋଇଛ କାହିଁକି ? କ'ଣ ଦେହ ଭଲ ଲାଗୁନି ?'' କହୁ କହୁ ଲାଇଟ୍‌ଟା ଲଗାଇ ଦେଇ ସୁଲତା ମୁଣ୍ଡରେ ହାତ ରଖି ଦେଖିଲା ଜର ଫର ହେଇଛି କି ନାହିଁ । କୋହରେ ଆବେଗରେ କମ୍ପି ଉଠିଲା ସୁଲତାର ଦେହ । ବିସ୍ମିତ ମନୋଜ ତା' ଦେହ ଉପରେ ନଇଁ ପଡ଼ି ତା ମୁହଁଟାକୁ ନିଜ ଆଡ଼କୁ ବୁଲେଇ ଦେଲା । ''ଆରେ, କ'ଣ ହେଲା ? ଏମିତି କାନ୍ଦୁଛ କାହିଁକି ?'' ମନୋଜ କଣ୍ଠର ଉତ୍କଣ୍ଠା ସୁଲତାର କାନ୍ଦର ବେଗକୁ ଆହୁରି ବଢ଼ାଇ ଦେଲା । ମନୋଜ ତାକୁ ଭିଡ଼ି ଆଣିଲା ଛାତି ଉପରକୁ । ''ମୋ ରାଣ, ମୋ ସୁନାଟା ପରା, କହ କ'ଣ ହେଇଛି ।'' ଥର ଥର କଣ୍ଠରେ ସୁଲତା କହିଲା, ''ଝୁଲୁଲି କିଏ ? ସିଏ ତମର କ'ଣ ?'' ଅବାକ୍ ବିସ୍ମୟରେ ମନୋଜ ତା'ର ଫୁଲା ଫୁଲା ମୁହଁକୁ କିଛି ସମୟ ଚାହିଁ କହିଲା, ''କିଏ

Digitized by srujanika@gmail.com

ଭୁଲୁଲି ? ଏମିତି କାହାକୁ ଜାଣିଥିଲା ପରି ତ ମନେ ପଡୁନି ! ଆଚ୍ଛା ସେ ଯିଏ ହେଉ, ତା' ସହ ତମ କାନ୍ଦର ସଂପର୍କ କ'ଣ ?'' ସୁଲତା ତକିଆ ତଳୁ ଚିଠିଟା ବାହାରକରି ମନୋଜ ଆଡ଼କୁ ବଢ଼ାଇ ଧରିଲା । ଚିଠିଟା ଦେଖୁ ଦେଖୁ ହୋ ହୋ ହସରେ ଫାଟି ପଡ଼ିଲା ମନୋଜ । ସେ ହସ ସୁଲତା ଓଠକୁ ବି ଅଜାଣତରେ ଡ଼େଇଁ ପଡ଼ିଲା । ''ସେ ଚିଠିଟା ମୁଁ ରଖିଥିଲି ତୁମକୁ ଦେଖାଇବାକୁ । ଆମ ଡ୍ରାଇଭର ପ୍ରଫୁଲ୍ଲ ପୋଷ୍ଟ ଅଫିସ ପାଖରୁ ସେଇଟା ପାଇ ମୋତେ ଦେଇଥିଲା । ସେ ଚିଠି ପଢ଼ା ହୋଇ ଆଜି ଦିନ ଯାକ ଅଫିସରେ ଯେତେ ହସ ତାମସା ହୋଇଛି ନା ! ରମାଦେବୀ କଲେଜର କୋଉ ଝିଅର ବହିରୁ ସେ ଖଣ୍ଡକ ଖସି ପଡିଥିଲା ବୋଲି ପ୍ରଫୁଲ୍ଲ କହୁଥିଲା । ଛି ଛି, ଏଇ ଚିଠିକୁ ନେଇ ରାଣୀ ଆମର ରୋଷ ଭବନରେ ଶୋଇଛନ୍ତି ? ଯେତେ ପାଠ ପଢ଼ିଲେ କ'ଣ ହେବ ତୁମେ ସ୍କୁଲର ସେଇ ପଛ ବେଞ୍ଚର ପିଲା ହୋଇ ରହିଗଲ । ମତେ ତ ପଚାରି ପାରିଥାନ୍ତ । ତା'ପରେ ପଛେ କାନ୍ଦ କଟା କରିଥାନ୍ତ । ଆରେ ବାବା ଲୁଚେଇବାର ଥିଲେ ମୁଁ ସେ ବହିଟାକୁ ଟେବୁଲ ଉପରେ ଫୋପାଡ଼ି ଦେଇ ଖେଳିବାକୁ ଯାଇଥାନ୍ତି କାହିଁକି ?'' ''ହଁ, ତମେ ତ ଖାଲିଟାରେ ମୋ ଉପରେ ରାଗୁଚ । ଯେତେ ଯାହା କଲେ ବି ସନ୍ତୁଷ୍ଟ ନୁହେଁ । ଆଜି ଏତେ କରି କହିଥିଲି ଆସିବା ପାଇଁ । ଘରକୁ ନ ଆସି ଦି'ଟା ବେଳେ କୁଆଡ଼େ ଯାଇଥିଲ ?'' ମନୋଜର ଆହୁରି ପ୍ରଚଣ୍ଡେ ହସ ଝରି ପଡ଼ିଲା । ''ଆଜି ଇଦ୍ ବୋଲି ଜାଣିନ ? ସବୁ ବର୍ଷ ପରି ଗଫର ଖାଁ ପରା ତା ଘରେ ବିରିୟାନୀ ଖାଇବାକୁ ଡ଼ାକିଥିଲା । ହଉ ବହୁତ କାନ୍ଦ ହେଲା, ତମ ପେଟରେ ତ ବ୍ରହ୍ମାଣ୍ଡେ ଭୋକ ହାଉଯାଉ ହଉଥିବ । ଚାଲ, ମୁଁ ବାଢ଼ି ଦେଉଚି, ତମେ କ'ଣ ଦି'ଟା ଖାଇଦବ ।'' ସୁଲତା ତା'ର ଲୁହ ସର ସର ମୁହଁକୁ ମନୋଜ ଛାତିରେ ଲୁଚାଉ ଲୁଚାଉ କହୁଥିଲା, ''ମୁଁ ଖାଇବିନି ଯା' । ତମେ ଏମିତି ମୋ ପାଖରେ ବସିଥାଅ ।'' ସୁଲତାକୁ ନିଘନ ଆଶ୍ଲେଷରେ ଭିଡ଼ି ଧରୁ ଧରୁ ମନୋଜ କହୁଥିଲା, ''ସ୍ତ୍ରୀରି କୂଳେ ଯାତ କଲୁମୋତେ, କାହୁଁ ମୁଁ ପାଇବି ବୁଦ୍ଧି ଏତେ ?'' ସୁଲତା ଭାବୁଥିଲା, ''ଆଃ - ଜୀବନଟା ଯଦି ଆଉଥରେ ପ୍ରଥମରୁ ଆରମ୍ଭ କରି ହୁଅନ୍ତା ... ।''

□■□

Digitized by srujanika@gmail.com

ଅଂଗାରେ ଲେଖା ନାଁ

ରାଜଧାନୀ ଏକ୍ସପ୍ରେସ୍‌ର ବାତାନୁକୁଳିତ ବଗି । ଜିନିଷ ପତ୍ର ଯଥା ସ୍ଥାନରେ ରଖି ସିଟ୍‌ରେ ଆରାମରେ ବସିଗଲି । ବାଇଶି ଘଣ୍ଟା କଟିଗଲେ ଦିଲ୍ଲୀ । ପ୍ଲାଟଫର୍ମରୁ ସୁବୋଧ କିଣି ଦେଇଥିବା ଇଣ୍ଡିଆନ୍ ଏକ୍ସପ୍ରେସଟା ଖୋଲିବାକୁ ଯାଉ ଯାଉ ଆଖି ପଡ଼ିଲା ସାମ୍ନା ସିଟ୍‌ରେ । ଅଳ୍ପବୟସୀ ଝିଅଟିଏ । ଆଖିରେ ଆଖିଏ କୌତୁହଳ ନେଇ ମୋତେ ଚାହିଁଛି । ଆଖିରେ ଆଖି ପଡ଼ିଯିବାରୁ ଝିଅଟିର ଗୋଲାପୀ ଓଠରେ ଫିକ୍‌କରି ହସଟିଏ ଖେଳିଗଲା । କୋମଳତା ଛଳଛଳେଇ ବହିଯାଉଛି ଝିଅଟିର ଦେହସାରା । ଓଠ ହସୁଛି, କିନ୍ତୁ ଢ଼ଳ ଢ଼ଳ ଆଖିରେ ବିଷାଦର ଫିକା ଛାଇ । ତାକୁ ଦେଖି ମୋର ମନେ ପଡ଼ିଲା ଲିସା, ସାତ ବର୍ଷର ନାତୁଣୀ, ଯାହାକୁ ଦେଖିବା ପାଇଁ ନିଜ ଘର ସଂସାର ଛାଡ଼ି ପାଗଳୀ ପରି ଏକା ଏକା ମୁଁ ବାହାରିଛି ନ୍ୟୁୟର୍କ ।

''ଆଈ, ତମେ କ'ଣ ମୋଟେ ବି ଆସିବନି ? ପାପା ମାମା ତ ଏବେ ଇଣ୍ଡିଆ ଯିବେନି । ମୁଁ କେମିତି ତମକୁ ଦେଖିବି ଯେ ? ତମର କ'ଣ ମୁଁ ଜମା ମନେପଡୁନି ? ଆସନା ଆଇ, ପ୍ଲିଜ୍, ପ୍ଲିଜ୍, ଶହେଥର ପ୍ଲିଜ୍ ।'' ପ୍ରତି ପନ୍ଦର ଦିନରେ ଏଇ ଆବଦାର୍ ଲିସାର, ଯାହାକୁ ଏଡାଇବାକୁ ଚାହିଁଲେ ବି ଏଡାଇ ହୁଏନି । ବସିଲେ ଉଠିଲେ ଶୋଇଲେ ସବୁବେଳେ କାନରେ ବାଜେ ''ପ୍ଲିଜ୍ ଆଇ, ଆସନା ପ୍ଲିଜ୍ !'' ମନ ଅସ୍ଥିର ହୁଏ, ଜୀବନର ତାଳ ସବୁ ବେତାଳ ହୋଇଯାଏ । ମୋର ଅସ୍ଥିରତା ଲକ୍ଷ୍ୟ କରି ଶେଷରେ ସୁବୋଧ ଜୋର କରି ମୋତେ ପଠାଇଛନ୍ତି ନ୍ୟୁୟର୍କ । ଆଉ ମୁଁ ସାତ ସମୁଦ୍ର ତେର ନଈ ପାର ସେପାରିକୁ ଯାଉଛି ନାତୁଣୀ ମୋହରେ ଆଛନ୍ନ ହୋଇ । ତଥାପି ଟେନ୍‌ସନ୍ ହୁଏ, ଛାତି ଥରେ । ସୁବୋଧ ଦମ୍ଭ ଦିଅନ୍ତି, ''ତମ ପରି ସ୍ମାର୍ଟ ଲେଡ଼ି ଯଦି ଏକା ଯିବାକୁ

Digitized by srujanika@gmail.com

ଡ଼ରିବ, ତାହେଲେ ଯେଉଁମାନେ ଦୁଆର ବନ୍ଦ ଡେଇଁ ନାହାନ୍ତି ସେମାନେ ଏମିତି ଅବସ୍ଥାରେ କରିବେ କ'ଣ ?'' ସୁବୋଧ ଓ ବଡ଼ପୁଅ ଦୁହେଁ ଦିଲ୍ଲୀ ପର୍ଯ୍ୟନ୍ତ ଯାଇ ମୋତେ ପ୍ଲେନ୍ ଧରେଇ ଦେଇ ଆସିବାକୁ ଚାହୁଁଥିଲେ ବି ମୁଁ ମନା କଲି । ଏକା ଏକା ଟ୍ରାଭେଲ କରିବା ମୋ ପାଇଁ ଏଇଟା ପ୍ରଥମ ଥର ନୁହେଁ । ତା'ଛଡ଼ା ଲିସାର 'ପ୍ଲିଜ୍ ପ୍ଲିଜ୍' ମୋ ସାଙ୍ଗେ ବଡ଼ିଗାର୍ଡ ଭଳି ମୋତେ ହାତ ଧରି ଆଗକୁ ଟାଣୁ ଥିଲା । ତେଣୁ ଷ୍ଟେସନରେ ସମସ୍ତଙ୍କୁ 'ବାଏ' କହି ଟ୍ରେନ୍ ଚଢ଼ିଥିଲି ।

ଝିଅଟିର ମୁହଁକୁ ଚାହିଁ ଚାହିଁ ଏତେ ସବୁ ଭାବନା ଚହଟି ଆସିଲେ ମନ ଭିତରକୁ । ଝିଅଟି ଯେମିତି ମୋ ସହିତ କଥା କହିବାକୁ ବ୍ୟାକୁଳ ହୋଇଉଠୁଥିଲା । ଗେହ୍ଲାରେ ଲିସାକୁ ପଚାରିବା ପରି ପଚାରିଦେଲି, ''ତୁମ ନାଁ କ'ଣ ?'' 'ହେନା', ହେନା ଫୁଲ ପରି ଝିଅଟିର ମିଠା କଣ୍ଠରୁ ପିଲାଳିଆ କଥା ଶୁଣିଲେ ସତରେ ମନ ପୁରି ଉଠିବ । ''ତମେ କ'ଣ ଏକା ଯାଉଚ ?'' ହେନା ମୁହଁରେ ମେଞ୍ଚାଏ ଅବିର ବିଞ୍ଚି ହୋଇଗଲା, ''ନା, ସାଙ୍ଗରେ ୟେ ଯାଉଛନ୍ତି ।'' ଆଶ୍ଚର୍ଯ୍ୟରେ ମୋ ପାଟିରୁ ବାହାରିଗଲା, ''ୟେ ମାନେ ? ତମେ କ'ଣ ବାହା ହୋଇଚ ?'' ସୁନ୍ଥା କି କପାଳରେ ସିନ୍ଦୂର ନାହିଁ । ହାତରେ ଦି' ଦି' ପଟ ମୋତିର ଚୁଡ଼ି ସାଙ୍ଗକୁ ଇମିଟେସନ୍ କାନଫୁଲ ଓ ହାର ମ୍ୟାଚ୍ କରି ପନ୍ଧିଛି । ମୋ ବିସ୍ମିତ ଚାହାଣୀ ଦେଖି ଭାରି ଧୀରେ କୁଣ୍ଠିତ ହୋଇ କହିଲା, ''ୟେ ମୁସଲମାନ ତ ...।'' ଆଉ କିଛି ବୁଝିବାର ବା ପଚାରିବାର ଆବଶ୍ୟକତା ନଥିଲା । ଉଦାସୀ କୋମଳ ଧୂନ୍‌ଟିଏ ମନଟାକୁ ଝଣଝଣେଇ ଦେଲା । ହେନାର ମୁହଁ ଉପରେ ବି କଳା ମେଘର ଛାଇ ଖଣ୍ଡେ ଭାସିଗଲା । ସେତିକି ବେଳେ ସୁଦର୍ଶନ ଯୁବକଟିଏ ଟାୱେଲରେ ମୁହଁ ପୋଛି ପୋଛି ଆସି ହେନା ପାଖରେ ବସିପଡ଼ିଲା । ତାର ଦର ଝାଉଁଳା ମୁହଁଟିକୁ ଆଙ୍ଗୁଠିରେ ଟେକି ଦେଇ ପଚାରିଲା, ''କ'ଣ ହାଲିଆ ଲାଗୁଛି କି ? ମୁହଁ କାହିଁକି ଶୁଖି ଯାଇଛି ?'' ହେନା ମୋ ଆଡ଼କୁ ଆଖି ଠାରିଦେଇ ଟିକିଏ ଘୁଞ୍ଚି ବସିଲା । ନଦେଖିଲା ପରି ମୁଁ ଖବରକାଗଜରେ ମୁହଁ ଲୁଚେଇଲି, କିନ୍ତୁ କାନ ଥାଏ ସେମାନଙ୍କ ଆଡ଼େ । ମନେ ପଡୁଥାନ୍ତି ସୁବୋଧ, ଆଉ ଆମ ହନିମୁନ୍ ଟ୍ରିପ୍ । ବୟସ ତା' ବାଟରେ ଗଡ଼ିଯାଏ, ଦେହରେ ମୁହଁରେ ଲକ୍ଷେ ଭାଙ୍ଗ ପଡ଼େ । କିନ୍ତୁ ସାତ ତାଳ ଗହୀର ପାଣିର ସୁନା ଫରୁଆରେ ପାଟକନା ଗୁଡ଼ା ମନଟି ସେମିତି ସବୁଜ ସତେଜ ରହିଥାଏ । ବେଳେ ବେଳେ କେଉଁ ଫାଙ୍କରେ ବାହାରି ଆସି ଆବୋରି ବସେ ସମଗ୍ର ସତ୍ତାକୁ । ସେଇସବୁ ବିମୁଗ୍ଧ ମୁହୂର୍ତ୍ତର ସ୍ମୃତି ଅନେକ ବର୍ଷ ପରେ ତା ବାସ୍ନାରେ ଚହଟାଇ ଦିଏ ଚଉଦିଗ, ଅନ୍ତର ବାହାର ସବୁକିଛି ।

Digitized by srujanika@gmail.com

ଇଣ୍ଡିଆନ୍ ଏକ୍ସପ୍ରେସ ଆଡୁଆଳରେ ପାହାଚ ପାହାଚ ହୋଇ ତିରିଶ ବର୍ଷ ତଳକୁ ଓହ୍ଲାଇ ଯାଉ ଯାଉ ହେନା ଡ଼ାକରେ ଫେରି ଆସିଲି ବର୍ତ୍ତମାନକୁ । ''ଆଣ୍ଟି, ଚା' ପିଇବେ ?'' ଅପ୍ରସ୍ତୁତ ହସ ହସି ତା' ହାତରୁ ଚା ନେଲି । ମୋ ପାଖରେ ଥିବା ସ୍ନାକ୍ସ, କାଜୁ କିଛି ସେ ଦୁହିଁଙ୍କୁ ଦେଲି । ହାତରୁ ଓଠରୁ ଛଡ଼ା ଛଡ଼ି ହୋଇ ଦୁହେଁ ଖାଉଥିଲେ । ହେନା ବାଦାମ ଛଡ଼େଇ ସଲିମକୁ ଖୁଆଇ ଦେଉଥିଲା । ତା' ହାତର ବାଦାମ ସାଙ୍ଗରେ ତା'ର ଚମ୍ପାକଢ଼ୀ ଆଙ୍ଗୁଠିକୁ ସଲିମ କାମୁଡ଼ି ଦେଉଥିଲା । ଛୋଟ ଛୁଆଙ୍କ ପରି 'ଓଃ' 'ଆଃ' ହୋଇ ହେନା ତାର ନାଲି ପଡ଼ିଯାଇଥିବା ଆଙ୍ଗୁଠି ମୋତେ ଦେଖାଇ ପ୍ରତିବାଦ କରୁଥିଲା । ସଲିମ ତା' ବାହୁ ଉପରେ ହେନା କୁଟି ଦେଇଥିବା ନଖ ରାମ୍ପୁଡ଼ା ଦାଗ ମୋତେ ଦେଖାଉଥିଲା । ପଚିଶ ଛବିଶ ବର୍ଷର ସଲିମ ଆଉ ଏକୋଇଶ ବାଇଶ ବର୍ଷର ହେନା ଲାଗୁଥିଲେ ଦୁଇଟି ଚପଳ କିଶୋର କିଶୋରୀ ପରି । ସେମାନେ ବି ନ୍ୟୁୟର୍କ ଯିବେ । ସଲିମ୍ ଯିବ ତା' ବାପାଙ୍କ ବିଜ୍‌ନେସ୍ ସମ୍ଭାଳିବାକୁ, ଆଉ ହେନା ସଲିମ୍‌କୁ ସମ୍ଭାଳିବାକୁ । ଏତିକି କଥାରେ ଦୁଇଜଣ ହସି ହସି ପରସ୍ପର ଉପରେ ଲୋଟି ପଡୁଥିଲେ । ସେଇ ହସରୁ ପୁଞ୍ଜା ପୁଞ୍ଜା ପ୍ରଜାପତି ରଂଗ ଚହଟେଇ ଉଡ଼ି ବୁଲୁଥବଲେ କମ୍ପାର୍ଟମେଣ୍ଟ୍‌ସାରା । ସେମାନେ ଭୁଲିଯାଉଥିଲେ ମୋ ସହିତ ସ୍ୱଳ୍ପ ସମୟର ପରିଚୟକୁ । ମୁଁ ଭୁଲି ଯାଉଥିଲି ମୋର ଟେନ୍‌ସନ୍, ଘର ସଂସାର, ବୟସ, ଏମିତି କି ଲିସାକୁ ବି ।

ପେପର ସେମିତି ଅପଢ଼ା ରହିଲା । ହସ, ଗପ, ଖିଆପିଆରେ ଦିନଟା ସରି ରାତି ଆସିଗଲା । ଯା ଭିତରେ କେଉଁ କେଉଁ ଷ୍ଟେସନ ସବୁ ଗଲାଣି ଖିଆଲ ନାହିଁ । ବାଟରେ କେଉଁଠି ଓହ୍ଲାଇବାର ଥିଲେ, ହୁଏତ ମୁଁ ସେ ଷ୍ଟେସନ୍ ଡ଼େଇଁ ଆସନ୍ତିଣି । ରାତିର ଡ଼ିନର ଖାଇ ସାରିବା ପରେ ସେ ଦୁହିଁଙ୍କୁ ତଳ ବର୍ଥଟା ଛାଡ଼ି ଦେଇ ମୁଁ ଉପର ବର୍ଥକୁ ଉଠିଯିବି ବୋଲି ସୌଜନ୍ୟମୂଳକ ପ୍ରସ୍ତାବ ଦେଲି । ଯଦିଓ ମୋ ଭଳି ଜଣେ ବୟସୋତ୍ତୀର୍ଣ୍ଣ ମହିଳା ପକ୍ଷରେ ଉପର ବର୍ଥକୁ ଚଢ଼ିବା ଆୟାସ ସାପେକ୍ଷ । କିନ୍ତୁ ନା, ହେନା ନଛୋଡ଼ବନ୍ଧା । ଜବରଦସ୍ତ ସଲିମ୍‌କୁ ଠେଲିପେଲି ପଠାଇଦେଲା ଉପର ବର୍ଥକୁ ରାତିସାରା ମୋ ସାଙ୍ଗରେ ଗପିବ ବୋଲି । ସଲିମ୍ ବିଚରା ଅନିଚ୍ଛା ସତ୍ତ୍ୱେ ଉପର ବର୍ଥକୁ ଯିବାକୁ ବାଧ୍ୟ ହେଲା । ହେନା ତାକୁ ଯତ୍ନରେ ଚଦର ଘୋଡ଼େଇ ଦେଇ ଆସି ମୋ ବର୍ଥରେ ମୋ ପାଖରେ ଗୁଞ୍ଜି ହୋଇ ଶୋଇଲା । ତା'ର ଗୋଟିଏ ହାତ ମୋ ଅଣ୍ଟାକୁ ଭିଡ଼ି ଧରିଥାଏ, ମୁହଁଟି ମୋ ଛାତିରେ । ହଠାତ୍ ମୋତେ ଲାଗିଲା ହେନା କାନ୍ଦୁଛି । ଫୁଲି ଫୁଲି କାନ୍ଦୁଛି । ତାକୁ ମୋ ଠାରୁ ଅଲଗା କରିବା ପାଇଁ ଯେତିକି ଚେଷ୍ଟା କଲି, ସେ ସେତିକି ବେଶି ବେଶି ମୋତେ ଜାବୁଡ଼ି ଧରିଲା । ତା' ଲୁହରେ ମୋ ଛାତିର

Digitized by srujanika@gmail.com

ଲୁଗା ଆଉ ତା' ତଳର ହୃଦୟ ଓଦା ହୋଇଯାଉଥିଲା । ବେଶ୍ କିଛି ସମୟ କାନ୍ଦିଲାପରେ ହେନା ଶାନ୍ତ ହୋଇଗଲା ବର୍ଷା ପରର ପୃଥିବୀ ପରି । ଜଣା ପଡୁଥିଲା, ଦୁଃଖର ଏକ ବୋହି ପାରୁ ନଥିବା ବୋଝ କାନ୍ଧେଇ ସେ ବିଚାରୀ କ୍ଳାନ୍ତ । କାହା ପାଖରେ ସେ ବୋଝ ଉତାରି ନଦେଲାଯାଏଁ ସେ ଏମିତି ଅଣନିଃଶ୍ୱାସୀ ହୋଇ ରହିଥିବ, ନିରବରେ ଆର୍ତ୍ତ ଚିତ୍କାର ଛାଡୁଥିବ ।

ବାପା ମା'ଙ୍କର ଗୋଟିଏ ବୋଲି ଝିଅ ହେନା, ତା' ଉପରେ ଭାଇ । ବାପା ସୁପରିଣ୍ଟେଣ୍ଡିଂ ଇଂଜିନିୟର । ଭୁବନେଶ୍ୱରରେ ବିରାଟ ତ୍ରିତଳ କୋଠା । ଅୟସ ଆରାମ ପାଇଁ ସବୁ ଉପକରଣ ସେଠି ଖଞ୍ଜା ହୋଇଛି । କିନ୍ତୁ ଉପଭୋଗ କରିବାକୁ ମନ ବା ସମୟ ନଥାଏ କାହାରି । ସାଙ୍ଗ ସାଥୀ ପାର୍ଟି କ୍ଲବରୁ ଭାଇଙ୍କୁ ସମୟ ମିଳେନା ଘର ପାଇଁ । ଅଫିସ୍, ଟୁର୍, କ୍ଲବ ଓ ଡ୍ରିଙ୍କ୍ସକୁ ନେଇ ଡ଼ାଡ଼ିଙ୍କର ଦିନ ଯାଇ ରାତି ହୁଏ । ଠାକୁର, ଗୁରୁ, **ସତ୍**ସଙ୍ଗ ଭିତରେ ମମି ସତେକି ପଦ୍ମପତ୍ରରେ ଜଳ ବିନ୍ଦୁଏ । ହେନା ଏକୁଟିଆ ହୋଇଯାଏ, ନିହାତି ଏକୁଟିଆ । ସୁନା ପଞ୍ଜୁରୀରେ ମୋତିଦାନାଖିଆ ଶାରୀଟିଏ । କାହା ପାଖରେ ନିଜକୁ ଅଜାଡ଼ି ଦେଇପାରେନା । କେବଳ ରଂଗ ତୁଳୀ ଓ କାନ୍‌ଭାସ୍ ଭିତରେ ସେ ନିଜକୁ ବାରବାର ହଜାଇ ଦେଇ ଖୋଜି ପାଉଥାଏ । ସେହି ହଜିବା ଓ ଖୋଜି ପାଇବା ଭିତରେ ସଲିମ ସହିତ ଦେଖା ହୁଏ ଏକ ପେଣ୍ଟିଂ ଏକ୍‌ଜିବିସନ୍‌ରେ । ପରିଚୟରୁ ଘନିଷ୍ଠତା । ପଥର ଖୋଲରୁ ଝରୁଥିବା ବିନ୍ଦୁ ସବୁ ନିର୍ବୋଧ ସ୍ରୋତ ପାଲଟିଯାଏ ।। ଗୋଟିଏ ଦିନର ଅଦର୍ଶନ ଅୟୁତ ଯୁଗର ହୋଇ ସନ୍ତୁଳି ଦିଏ । ମୁହୂର୍ତ୍ତକର ଅନ୍ତରଂଗତା ଜନ୍ମଜନ୍ମାନ୍ତରର ତୃପ୍ତି ଅଜାଡ଼ି ଦିଏ । ଉଭୟଙ୍କ ଘରେ ଘଟଣାଟା ଜଣା ପଡ଼ିଗଲା । ସଲିମ୍ ଘରେ ପ୍ରଥମେ କନ୍ଦାକଟା, ପ୍ରତିବାଦ, ଧର୍ମର ଦ୍ୱାହି ଉଠିଥିବା ସତ୍ତ୍ୱେ ଏକମାତ୍ର ପୁଅର ଖୁସି ପାଇଁ ସେମାନେ ହେନାକୁ ଗ୍ରହଣ କରି ନେବାକୁ ବାଧ ହୋଇ ସମ୍ମତ ହେଲେ । କିନ୍ତୁ ହେନା ଘରର ଅଣୁ ପରମାଣୁ ପ୍ରଚଣ୍ଡ ବିସ୍ଫୋରଣରେ ଦୋହଲି ଉଠିଥିଲା । ମାଡ଼ ଗାଳି ପରେ ପୋଲିସ ଓ ଜେଲ୍‌ର ଭୟ ପ୍ରଦର୍ଶନ, ସବୁ ପ୍ରକାର ଉପଚାରର ଝଡ଼ ବୋହିଗଲା ହେନା ଉପରେ । କେବଳ ମମିଙ୍କର ପ୍ରତିନିୟତ ଲୁହ ଝରାଉଥିବା ଆଖି ଦୁଇଟା ହିଁ ଥିଲା ହେନା ପାଇଁ ସାମାନ୍ୟ ଆଶ୍ୱାସନା । କିନ୍ତୁ ଡ଼ାଡ଼ିଙ୍କର ହୁଂକାର ଓ ଭାଇର ଜରାସନ୍ଧୀୟ ଆସ୍ଫାଳନ ଆଗରେ ମମିର ଜୋର୍ ବା କେତେ ?

ଦିନେ ସମସ୍ତଙ୍କ ଅଗୋଚରରେ ମାଜିଷ୍ଟ୍ରେଟ ସାମ୍ନାରେ ହେନା ଓ ସଲିମ ରେଜିଷ୍ଟର୍ଡ ମ୍ୟାରେଜ କରିନେଲେ । ବାଜା ନଥିଲା କି ରୋଷଣୀ ନଥିଲା ।

Digitized by srujanika@gmail.com

ପୁରୋହିତଙ୍କର ଦୁର୍ବୋଧ ମନ୍ତ୍ରପାଠ ନଥିଲା କି ମୌଲବୀଙ୍କର ନିକାହ ଉପଚାର ନଥିଲା । ବରଯାତ୍ରୀ, ବନ୍ଧୁବାନ୍ଧବ, ଭୋଜିଭାତ କି ଓଲିମା କିଛି ନଥିଲା । ଦୁଇଟି ଫୁଲମାଳ, ଗୋଟିଏ ପ୍ୟାକେଟ ମିଠା ଓ କେତୋଟି ଦସ୍ତଖତରେ ଜୀବନର ମୋଡ଼ ବଦଳିଗଲା । ସମୁଦ୍ରେ କୋହକୁ ଛାତିରେ ବନ୍ଧ ଦେଇ ହେନା ଗଲା ସଲିମ୍ ଘରକୁ, ସମ୍ପୂର୍ଣ୍ଣ ଭିନ୍ନ ଏକ ପରିବେଶକୁ । ଅରୁଆ ଚାଉଳ ଦୂବ ବରକୋଳି ପତ୍ରରେ କେହି ତାକୁ ବନ୍ଦାଇ ନଥିଲେ । ଶଂଖ ହୁଳହୁଳିର ଆପଣାର ଶବ୍ଦରେ କାନ ମନ ପୁଲକିତ ହୋଇନଥିଲା । କ୍ଷଣାଂଶ ପାଇଁ ବିଦ୍ରୋହ କରି ଉଠିଥିଲା ମନ । ଇଚ୍ଛା ହେଉଥିଲା ଫେରିପଡ଼ି ଦଉଡ଼ି ଯିବାକୁ ନିଜ ଘରକୁ, ନିଜ ଧର୍ମକୁ, ଆଜନ୍ମ ପାଳିତ ସଂସ୍କାର ଭିତରକୁ । କିନ୍ତୁ ଫେରିବାର ସାତ କବାଟ ତ ସେ ନିଜେ ବୁଜି ଦେଇ ଆସିଥିଲା ।

ହେନାର ଯେମିତି କିଛି ଅସୁବିଧା ନହୁଏ ସେଥିପାଇଁ ସଲିମ୍‌ର ପରିବାର ବେଶ୍ ଯତ୍ନଶୀଳ । କିନ୍ତୁ ସବୁ ଭିତରେ କେବଳ ପ୍ରାଣହୀନ କର୍ତ୍ତବ୍ୟଟିଏ ଘୁରି ବୁଲୁଥାଏ । ଅନ୍ତରଂଗତା କି ଆତ୍ମୀୟତା ନଥାଏ । କେହି ତାକୁ ବାଧ୍ୟ କରି ନଥିଲେ କଲ୍‌ମା ବା ନମାଜ୍ କରିବାକୁ । ସେ ଈଶ୍ୱରଙ୍କୁ ଡ଼ାକୁଛି କି ଆଲ୍ଲାଙ୍କୁ ଡ଼ାକୁଛି କେହି ମୁଣ୍ଡ ଖେଳାଇ ନାହାନ୍ତି । କୋର୍ଟରେ ରେଜିଷ୍ଟ୍ରେସନ୍ ସମୟରେ ସାକ୍ଷୀ ପଡ଼ିଥିବା ଦୁଇଜଣ ଅନ୍ତରଙ୍ଗ ବାନ୍ଧବୀ ଶାଢ଼ୀଟିଏ ସାଂଗରେ ଦୁଇ ମୁଠା ଚୁଡ଼ି ଓ ରୂପା ଫରୁଆରେ ସିନ୍ଦୂର ଭରି ହେନାକୁ ଉପହାର ଦେଇଥିଲେ । ସଲିମ୍ ଘରକୁ ଆସିବା ପରଦିନ ଦର୍ପଣ ଆଗରେ ବସି ଭାରି ଯତ୍ନରେ ପ୍ରଥମ କରି ସୁନ୍ଥାରେ ସିନ୍ଦୂର ପିନ୍ଧିବାକୁ ଯାଉଥିଲା ହେନା । ସେତିକିବେଳେ ସଲିମ୍‌ର ମା' ଆସି ତା' ପଛରେ ଠିଆ ହେଲେ । ତାଙ୍କ ଆଖିର ଭ୍ରୁକୁଟି ଓ ମୁହଁରେ ଅସନ୍ତୋଷର ଛାଇ ଦେଖି ହେନାର ସିନ୍ଦୂର ଲଗା ହାତ ଅଧା ବାଟରେ ଅଟକି ଗଲା । ଏଇ କଥା ବର୍ଣ୍ଣନା କଲାବେଳେ ହେନା ଆଖିରେ ଟଳମଳ ହେଉଥାଏ ଲୁହ । ମୁଁ ଭାବୁଥାଏ, ଏଇ ଝିଅଟି ହୁଏତ, ତା' ମମି କେବେ ଚୁଡ଼ି ପିନ୍ଧିବାକୁ କହିଲାବେଳେ, ତାଙ୍କ ମଫସଲୀ ଢ଼ଙ୍ଗକୁ ବିଦ୍ରୁପ କରିଥିବ । କେଉଁ ଲେଖା ଯୋଖା ଭାଉଜ କି ଭଉଣୀର ସିନ୍ଦୂରମଖା ସୁନ୍ଥାକୁ ଦେଖି ହସି ହସି ଗଡ଼ିଯାଉଥିବ । ଅଥଚ ... । ଦୀର୍ଘଶ୍ୱାସଟିଏ ବାହାରି ଆସୁ ଆସୁ ମୁଁ ତାକୁ ଚାପିଦେଲି, ହେନା କାଳେ ମନ ଦୁଃଖ କରିବ ବୋଲି ।

ବାହାଘରର ଚାରିଦିନ ପରେ ଦିନେ ସଲିମ ଓ ହେନା ଜଣେ ପାରିବାରିକ ବନ୍ଧୁଙ୍କ ଘରୁ ଡ଼ିନର୍ ଖାଇ ଫେରୁଥିଲେ ପ୍ରାୟ ରାତି ଦଶଟା ପରେ, ରାସ୍ତାର ଅନ୍ଧାରୁଆ ଜାଗାରେ ଗୋଟିଏ କଳା କାର୍ ବାଟ ରୋକିଲା । ସେଥିରୁ କଳା ପୋଷାକ ପିନ୍ଧା

Digitized by srujanika@gmail.com

ଚାରିଜଣ ଲୋକ ବାହାରି ଆସି ହେନାକୁ ଟାଣି ନେବାକୁ ଚେଷ୍ଟା କଲେ । ସଲିମ ଓ ହେନା ପ୍ରାଣପଣେ ବିରୋଧ କରିବା ସାଙ୍ଗକୁ ଚିତ୍କାର କଲେ । ଭାଗ୍ୟକୁ ସଲିମ୍‌ର କେତେଜଣ ଚିହ୍ନାଲୋକ ଓ କିଛି ପଥଚାରୀ ପହଞ୍ଚିଯିବାରୁ ସେମାନେ ଭୟ ପାଇ କାର୍‌ରେ ପଳାଇଗଲେ । ରକ୍ଷା ପାଇଯାଇଥିଲା ହେନା । କିନ୍ତୁ ସେ ଠିକ୍ ଜାଣି ପାରିଥିଲା, ଏ ନାଟକର ଅନ୍ତରାଳର ନିର୍ଦ୍ଦେଶକ ତା'ର ଭାଇ ଓ ବାପା ବୋଲି । ସେହି ଘଟଣା ପରେ ଶାଶୁ ନଣନ୍ଦଙ୍କର ତା' ପ୍ରତି ବ୍ୟବହାର ବଦଳିଯାଇଥିଲା । ଗୋଟିଏ କାଫେର୍ ଝିଅ ପାଇଁ ସେମାନଙ୍କ କୂଳପ୍ରଦୀପର ଜୀବନ ବିପନ୍ନ ବୋଲି ଜାଣିବା ପରେ ସେପରି ବ୍ୟବହାର ପରିବର୍ତ୍ତନ ତ ସ୍ୱାଭାବିକ । ହେନା ବିଚାରୀ କ'ଣ ବା କରିପାରନ୍ତା ? ଗୋଟିଏ ଅଣନିଃଶ୍ୱାସୀ ରୁନ୍ଧା କୂଅ ଭିତରେ ଛଟପଟ ହେବା ଛଡ଼ା ତା'ର ଆଉ କିଛି କରିବାର ନଥିଲା । ତା'ର ଶୁଖିଲା ମୁହଁ, ଓଦା ଆଖି କିନ୍ତୁ ବିଚଳିତ କରିଥିଲା ଶଶୁରଙ୍କୁ । ସେଥିପାଇଁ ସେ ପ୍ରସ୍ତାବ ଦେଲେ ନ୍ୟୁୟର୍କ ଚାଲିଯିବା ପାଇଁ । ପ୍ରଥମେ ସଲିମ କିଛିଟା କୁଣ୍ଠିତ ହେଉଥିଲା । କିନ୍ତୁ ହେନାର ଖୁସି ଉତୁରା ମୁହଁ ଦେଖି ସେ ଆବ୍‌ବାଜାନ୍‌ଙ୍କ ପ୍ରସ୍ତାବରେ ରାଜି ହୋଇଗଲା । ହନିମୁନ୍ ଟ୍ରିପ୍‌ରେ ବିଦେଶ ଯାତ୍ରା ସାଙ୍ଗକୁ ଦୁହେଁ ଦୁହିଁଙ୍କୁ ଏକାନ୍ତ ଭାବରେ ପାଇବାର ଆନନ୍ଦ ଆଗରେ ସବୁ କୁଣ୍ଠା, ଭୟ ଅପସରି ଯାଇଥିଲା ।

ହେନା ମନର କେଉଁ ନିଭୃତ କୋଣରେ ମମିଙ୍କୁ ଦେଖିବାର ଛୋଟ ଇଚ୍ଛାଟିଏ ଭିଡ଼ିମୋଡ଼ି ହେଉଥିଲା । ବାରମ୍ବାର ଫୋନ୍ ପାଖକୁ ହାତ ବଢ଼ି ଯାଉଥିଲା, ସେଇ ଅତି ପରିଚିତ ନମ୍ବରଟିକୁ ଡ଼ାଏଲ କରିବାକୁ । ହେଲେ ଡ଼ାଡ଼ିଙ୍କଉ ନାଲି ଆଖି ଆଉ ଭାଇର ଅପମାନ ସବୁ ତା' ହାତକୁ ଭିଡ଼ି ଧରୁଥିଲେ । ସମସ୍ତଙ୍କ ଅଗୋଚରରେ ସେ ଦୁହେଁ ଭୁବନେଶ୍ୱର ଛାଡ଼ିଥିଲେ । ମୋତେ ଏତକ କଥା କହିସାରି ହେନା ବୋଧହୁଏ ଖୁବ୍ ହାଲ୍‌କା ଅନୁଭବ କରୁଥିଲା । ମୁଁ ତା'ର ମୁଣ୍ଡ ଆଉଁସି ଦେବା ଭିତରେ ତାର ଲୁହ ବତୁରା ଆଖିକୁ ନିଦ ମାଉସୀ ଥାପୁଡ଼େଇ ଶୁଆଇ ପକାଉଥିଲା ନିଃସ୍ୱପ୍ନ ନିଦ୍ରରେ ।

ଦିନ ନ'ଟାରେ ଦିଲ୍ଲୀ ଷ୍ଟେସନରେ ଓହ୍ଲାଇ ରାତି ଦଶଟାରେ ଏୟାରପୋର୍ଟରେ ରିପୋର୍ଟିଂ କରିବା ପର୍ଯ୍ୟନ୍ତ ଆମେ ଷ୍ଟେସନ ନିକଟରେ ଯାତ୍ରୀ ନିବାସର ଗୋଟିଏ ରୁମ୍‌ରେ ଏକାଠି ରହିଲୁ । ମୋତେ ଅସ୍ୱସ୍ତି ଲାଗୁଥିଲେ ବି ସେ ଦୁହିଁଙ୍କ ଯିଦ୍ ଆଗରେ ମୋତେ ହାର ମାନିବାକୁ ପଡ଼ିଲା । ହେନା ଯେମିତି ପାହାଡ଼ି ଝରଣାଟିଏ ପାଲଟି ଯାଇଛି । ତାର କୁଳୁ କୁଳୁ ସ୍ୱର ଆଉ ସଲିମ୍‌ର ଚପଳତାରେ ହସି ଉଠୁଥାଏ ମୋର ପ୍ରତିଟି ମୁହୂର୍ତ୍ତ । ନ୍ୟୁୟର୍କରେ ମୋର ରହଣି କାଳ ଭିତରେ କ'ଣ କ'ଣ କରାଯିବ, କେଉଁ କେଉଁଆଡ଼େ ବୁଲିଯିବାର ଏକ ଲମ୍ବା ଖସଡ଼ା ପ୍ରସ୍ତୁତ ହୋଇଗଲା । ମୋତେ ଲାଗୁଥିଲା

Digitized by srujanika@gmail.com

ଲିସା କିମ୍ବା ମୋ ଝିଅ ଲ୍ବାଇଁଙ୍କ ପାଇଁ ନୁହେଁ ଏହି ଦୁଇ ଜଣଙ୍କ ପାଇଁ ହିଁ ମୁଁ ନ୍ୟୁୟର୍କ ଗସ୍ତରେ ବାହାରିଛି । ସେତକ ସମୟ ମୁଁ ଓ ସଲିମ ହେନା ହାତର ଦୁଇଟି କଣ୍ଢେଇ ପାଲଟି ଗଲୁ । ସେ ଆମକୁ ତା' ପସନ୍ଦରେ ଖୁଆଇବ, ତା' ପସନ୍ଦର ପୋଷାକ ପିନ୍ଧାଇବ, ସଜେଇବ । ମାତ୍ର ସେଇ ବାରଘଣ୍ଟା ଭିତରେ ସେ ମୋତେ ଜନ୍ମଜନ୍ମାନ୍ତରର ବନ୍ଧନରେ ବାନ୍ଧି ଦେଲା । ଏୟାର୍‌ପୋର୍ଟ ଯିବା ପୂର୍ବରୁ ସଲିମ ବାରମ୍ବାର ହେନାକୁ ତାଗିଦ କରୁଥାଏ ବୁର୍ଖା ପିନ୍ଧି ଯିବାକୁ । ପ୍ଲେନ୍‌ରେ ବସିବା ପର୍ଯ୍ୟନ୍ତ ସେ ଯେମିତି ଥରେ ହେଲେ ମୁହଁ ନ ଖୋଲେ । କୁଦି କଚାଡ଼ି ହେନା ଯେତେ ବିରୋଧ କଲେ ବି ସଲିମ୍‌ର ଏକା ଯିଦ୍ ସେ ବୁର୍ଖା ପିନ୍ଧି ଏୟାର ପୋର୍ଟ ଯିବ । ଏକ ପ୍ରଚ୍ଛନ୍ନ ଭୟର ଇଂଗିତ ତା' କଥାରେ; ହେନା ବୁଝି ବି ବୁଝିବାକୁ ଚାହୁଁ ନଥାଏ । ସଲିମ୍‌ର କଥା ମାନିବାକୁ ମୁଁ ତାକୁ ଅନୁରୋଧ କଲି ।

ଆଇ.ଜି. ଇଣ୍ଟରନ୍ୟାସନାଲ ଏୟାରପୋର୍ଟ । ଆମ ଦୁଇ ଜଣଙ୍କୁ ସେଠାକାର ସପିଂ ସେଣ୍ଟରରେ ଛାଡ଼ିଦେଇ କେତୋଟି ଆନୁଷଙ୍ଗିକ କାମ କରିବାକୁ ସଲିମ୍ ଚାଲିଗଲା । ପୃଥିବୀ ଯାକର ଜିନିଷ ଗଦେଇ ଥିବାବେଳେ ବି ସ୍ତ୍ରୀ ଲୋକମାନଙ୍କର ସପିଂ କେବେ ସରେ ନାହିଁ । ବୟସ ସେଥିରେ ବାଧକ ହୁଏ ନାହିଁ । ସବୁ ଭିତରେ ମୁଁ ସତର୍କ ଥାଏ ଯେମିତି ହେନାର ବୁର୍ଖା ଖୋଲି ନଯାଏ । ମୋ ଝିଅ ପାଇଁ ଲିସା ପାଇଁ ଗୁଡ଼ାଏ ଉପହାର ହେନା ଜବର ଦସ୍ତ ପ୍ୟାକ୍ କଲା । ମୁଁ ସଲିମ୍ ଓ ହେନା ପାଇଁ ବାଛି ବାଛି ଦୁଇଟା ଓଡ଼ିଶୀ ଡ୍ରେସ କିଣି ଦେଲି । ସଲିମ୍ ଆସି ବ୍ୟସ୍ତ କରି ନଥିଲେ ଆହୁରି କିଛି ଅଦରକାରୀ ଜିନିଷ ବ୍ୟାଗ୍‌ରେ ପଶିଥାନ୍ତା ।

ଆମେ ଚାଲିଥାଉ ତିନି ନମ୍ବର ଲାଉଂଜ୍ ଆଡ଼େ । ସପିଂ ସେଣ୍ଟରରୁ ବେଶ୍ କଛି ଦୂର । ମୋ ପଛରେ ସଲିମ୍, ତା' ପଛରେ ବୁର୍ଖା ପରିହିତା ହେନା । ଡ଼ିପାର୍ଚର ଟାଇମ୍ ପାଖେଇ ଆସିଲାଣି । ନିଜ ଭିତରେ ବୁଡ଼ି ରହି ଅନ୍ୟ ମନସ୍କ ଭାବରେ ଆଗେଇ ଯାଉ ଯାଉ ସଲିମ୍‌ର ତ୍ରସ୍ତ 'ଆଣ୍ଟି' ଡ଼ାକରେ ମୁଁ ଥମକି ଗଲି । 'ହେନା କାହିଁ ଆଣ୍ଟି ?' ପ୍ରଥମେ ଏ ପ୍ରଶ୍ନକୁ ବୁଝି ପାରିଲିନି । ହେନାତ ସଲିମ୍ ପଛେ ପଛେ ହୁଇଲ୍ ଲଗା ସ୍କାଇ ବ୍ୟାଗ୍‌ଟା ଟାଣି ଟାଣି ଆସୁଥିଲା ! ଗୋଟିଏ ଭୟର ଶୀତ୍କାର ମୋ ସର୍ବାଙ୍ଗରେ ପହଁରି ଗଲା । ଚାଲୁଥିବା ସଲିମ୍ ହଠାତ୍ ଲକ୍ଷ୍ୟ କଲା କେତେବେଳ ହେଲା ହେନା ଚୁପ୍ ରହି ଯାଇଛି । ଫେରିପଡ଼ି ଦେଖେତ ହେନା ନାହିଁ ।

ଆମେ ଦୁହେଁ କ'ଣ କରିବୁ ସ୍ଥିର କରିପାରିଲୁନାହିଁ । ସଲିମ୍ ମୁହଁ ରକ୍ତ ଶୂନ୍ୟ । ତା'ର କାତର କଣ୍ଠର 'ହେନା' 'ହେନା' ଚିତ୍କାରରେ ସାରା ଏୟାରପୋର୍ଟ ହାହାକାର

Digitized by srujanika@gmail.com

କରି ଉଠୁଥିଲା ଯେମିତି । ସଲିମ୍‌କୁ କହିଲି ପି.ଆର୍. ମାଇକ୍‌ରେ ଘୋଷଣା କରିବାକୁ । ଆମର ପ୍ଳେନ୍ ଛାଡ଼ିବା ସମୟ ହୋଇଗଲାଣି । ସଲିମ୍‌ର ଅନୁରୋଧ ଶୁଣିବାକୁ ପୋର୍ଟ କର୍ମଚାରୀଙ୍କ ସମୟ ନାହିଁ । ମୋ ହାତକୁ ଝୁଙ୍କେଇ ପକାଉଥାଏ ସଲିମ୍, ''ଆଣ୍ଟି, ମୋ ହେନାକୁ ଖୋଜି ଦିଅନ୍ତୁ । ତା' ବିନା ମୁଁ ବଂଚି ... ।'' କୋହ ଲୁହର ବୋଝରେ ଏତେ ବଡ଼ ପିଲାଟା ଭାଙ୍ଗି ପଡୁଥାଏ । ବାଧ ହୋଇ ପି.ଆର୍ ରୁମ୍‌କୁ ଗଲି । ମୋ ଅନୁରୋଧରେ ଘୋଷକ ହେନାର ନାଁ ବାରମ୍ବାର ଘୋଷଣା କରି ଚାଲିଥାଏ । କିନ୍ତୁ କାହିଁ ହେନା ? ତାକୁ କ'ଣ ମାଟି ଗିଳି ଦେଲା ନା ପବନ ଉଡ଼େଇ ନେଲା ?

ପ୍ଳେନ୍ ଛାଡ଼ିବାର ଶେଷ ସମୟ ଆସିଗଲା । ଆମ ତିନିଜଣଙ୍କ ନାଁ ଧରି ପ୍ଳେନ୍‌କୁ ଯିବା ପାଇଁ ମାଇକ୍‌ରେ ବାରମ୍ବାର ନିର୍ଦ୍ଦେଶ ଆସୁଥାଏ । ଆଉ ଅପେକ୍ଷା କରି ପାରିଲି ନାହିଁ । ଅସମର୍ଥ ନାରୀଟିଏ ମୁଁ, ଅପରାଧବୋଧର ବୋଝରେ ନଇଁ ଯାଉ ଯାଉ ଅଗତ୍ୟା କାଚଦ୍ୱାର ଠେଲି ଚେକିଂ ପାସେଜ୍‌କୁ ପଶିଗଲି । ଚାହିଁଲେ ବି ଆଉ ଦେଖିପାରିବିନି ସଲିମ୍‌କୁ । ଜାଣି ପାରିବିନି ହେନା କେଉଁଆଡ଼େ ଗଲା । ଜେଟ୍‌ର ଘୁଁ ଘୁଁ କାନଫଟା ଶବ୍ଦ ମୋତେ ଶୁଭୁଥିଲା ହେନା ଓ ସଲିମ୍‌ର ଆର୍ତ୍ତ ଚିତ୍କାର ଭଳି, ''ଆମକୁ ଛାଡ଼ି ଯାଅନାହିଁ ଆଣ୍ଟି ।''

ପ୍ଳେନ୍ ଭିତରେ ମୋତେ ଲାଗୁଥାଏ ସବୁ ସିଟ୍ ଗୁଡ଼ାକ ଖାଲି ପଡ଼ିଛି । ଯଦିଓ ହେନା ଓ ସଲିମଙ୍କ ସିଟ୍‌କୁ ବାଦ ଦେଲେ, ବାକି ସବୁ ଅଧିକୃତ ହୋଇଯାଇଥାଏ । ସେଇ ଶୂନ୍ୟତା ମୋ ମନ ହୃଦୟ, ସମଗ୍ର ସତ୍ତାକୁ ଗ୍ରାସ କରିଗଲା । କେବଳ ପ୍ରତିଧ୍ୱନିତ ହେଉଥିଲା ହେନାର ହସ, କଥା, ଗୀତ ସାଙ୍ଗରେ ସଲିମ୍‌ର ଆକୁଳ କଣ୍ଠରୁ,'' ଆଣ୍ଟି ମୋ ହେନା କାହିଁ... କାହିଁ... କାହିଁ...?'' ଏ ପ୍ରଶ୍ନ ସାରାଜୀବନ ମୋ ପଛେ ପଛେ ଧାଉଁଥିବ । ମୁଁ କେବେ ବି ସେମାନଙ୍କ ଠିକଣା ପାଇବିନି, ଜାଣି ପାରିବିନି ସଲିମ୍‌କୁ ତା' ହେନା ମିଳିଲା କି ନାହିଁ । ପାନ୍ଥଶାଳାର କେଇଟି ମାତ୍ର ମୁହୂର୍ତ୍ତ କେବଳ ଦୀର୍ଘଶ୍ୱାସର ଅବଶିଷ୍ଟ ହୋଇ ମୋ ଛାତିରେ ଝୁଲୁଥିବ, କାଛରେ ଅଂଗାରରେ ଲେଖା ନାଁଟେ ପରି !!!

□■□

Digitized by srujanika@gmail.com

ସମୁଦ୍ରେ ଶୋଷ

ମା'ଲୋ !

ତତେ ମୁଁ ଯା ପୂର୍ବରୁ କେବେ ଚିଠି ଲେଖିଥିଲି ? କେତେ ମାସ - ନା, କେତେ ବର୍ଷ ପୂର୍ବେ ? ଯେତେବେଳେ ମୁଁ ବୁର୍ଲା ଯାଇଥିଲି ଇଂଜିନିୟରିଂ ପଢ଼ିବାକୁ ? ଏକୁଟିଆ ଘର ଛାଡ଼ିବା ସେଇ ମୋର ପ୍ରଥମ । ତା'ଆଗରୁ ଯେତେ ଥର ଯାଇଛି, ତୁ ଥାଉ ସାଙ୍ଗରେ । ଯୁଆଡେ ବି ଗଲେ, ସମସ୍ତେ ଆମେ ସାଙ୍ଗ ହୋଇ ଯାଉ, କେହି କାହାକୁ ଛାଡ଼ି ରହିବା କଥା କଳ୍ପନା କରି ହୁଏନି । ତଥାପି ବେଳେବେଳେ ଆମମାନଙ୍କୁ ସାଙ୍ଗରେ ନ ନେଇ ତୁ ବାପାଙ୍କ ସାଥିରେ ବମ୍ବେ, ମାଡ୍ରାସ କି ପଣ୍ଡିଚେରୀ ବୁଲିବାକୁ ଚାଲିଯାଉ । ସେତେବେଳେ ଆମ ପାଞ୍ଚ ଛୁଆଙ୍କୁ ଜଗିବା ପାଇଁ ଆଈ ରହେ । ସେଇ ସବୁ ଦିନ ତକ ଆମେ ଲୋଟଣି ପାରା ହୋଇଯାଉ । ଉଡ଼ି ଉଡ଼ି ହାଲିଆ ଲାଗିଲେ ଆଈର ଆଦର ଘେରା ଖୁଆଡ଼କୁ ଫେରି ଆସୁ । ତୁମମାନଙ୍କର ଫେରିବା ସମୟକୁ ଆହୁରି ଲମ୍ବେଇଦବାକୁ ଦିଅଁଙ୍କୁ ଡାକୁ । ସୋନୁ କହେ, ଦିଅଁଙ୍କ ଖଟୁଲି ପାଖରେ ନିଶ୍ୱାସ ରୋଧି ତେତିଶ ଥର ମୁଣ୍ଡିଆ ମାରିଲେ ଦିଅଁ କୁଆଡ଼େ ଶୁଣନ୍ତି । ତୋ ସଜଡ଼ା ଘରେ ମୁଣ୍ଡିଆ ମାରୁ ମାରୁ ଆମେ ଆଲ୍ତା ମାଲ୍ତା ହୋଇଯାଉ । ଆଈଟା କିଛି ବୁଝି ପାରେନି ମ । ଭାବେ ଆମେ ଗୋଟିଏ ଗୋଟିଏ ଭକ୍ତ ପ୍ରବର । ସବୁଦିନ ଆଈ ନୂଆ ନୂଆ ପ୍ରକାର ପିଠା କରେ । ବାପା ମା' ନଥିବା ଛୁଆଗୁଡ଼ାଙ୍କୁ ଭୁଲାଇବା ପାଇଁ କିସମ କିସମ ଗପ କହେ । କଲରେଇବେଣ୍ଟ କଥା, ସାହାଡ଼ା ସୁନ୍ଦରୀ କଥା, ଦଶକୁମାର ଚରିତର ସାଧବ ପୁଅ କଥା । ଆମେ ସବୁ ତା' କୋଳରେ ଗେଞ୍ଜି ହୋଇ ଗପ ଶୁଣୁ ଶୁଣୁ ଅଗ୍ନାଅଗ୍ନି ବନସ୍ତରେ ବୁଲୁ, ପଦ୍ମ ପୋଖରୀରୁ ଫୁଲ ତୋଳୁ, ଅବଲୋକରା ସାଙ୍ଗରେ କନକପୁରଠୁ ଚମ୍ପା

Digitized by srujanika@gmail.com

ନଗରୀ ଯାଏ ବୁଲୁ, ପରଶମଣି ପାଇବାକୁ ନାହିଁ ନଥିବା ସର୍ତ୍ତସବୁ ମାନୁ । ବାଘମାମୁଁ ସାଙ୍ଗରେ ସଙ୍ଗାତ ବସୁ । କିନ୍ତୁ ଆଇ ଯେତେ ଆବୋରି ରଖିଲେ ବି ତୁ ମଝିରେ ମଝିରେ ଅଧାପାକଲ ଜହ୍ନ ପରି ଉଙ୍କିମାରୁ । ତୋ କଥା ମନେ ପଡ଼ିଗଲେ ଛାତି ଭିତରଟାକୁ କିଏ ନଡ଼ିଆ କୋରଣାରେ କୋରି ପକାଏ । ସେଇ ଯନ୍ତ୍ରଣାକୁ ଲୁଚାଇବାକୁ ମୁଁ ବ୍ଲେଡ୍ ଧରି ବେତ ସୋଫାର ଖୋସଣି ସବୁ କାଟି ପକାଏ । ତୋ ଉପରେ ରାଗଟା ଏମାନଙ୍କ ଉପରେ ସୁଝାଇ ଦିଏ । ତୁ ଫେରିଲେ ଗୁଡ଼େ ମାଡ଼ ଗାଳି ଖାଏ । ତୁ ବାରମ୍ବାର କହୁଥାଉ, ''କହ, ଆଉ କେବେ ଏମିତି କରିବୁନି !'' ଅଥଚ ମୁଁ ପାଟି ଫିଟାଏନି । ମାଡ଼ ପିଠିଆଙ୍କ ପରି ଚୁପ୍‌ଚାପ୍ ଠିଆ ହୋଇ ନୋଳାଫଟା ମାଡ଼ ଖାଇଯାଏ । ତୁ ମାଡ଼ ଦେଇ ଥକି ଗଲାପରେ ମତେ କୋଳକୁ ନେଇ ଗେହ୍ଲା କରୁ, ମାଡ଼ ଜାଗାରେ ମଲମ ଲଗଉ ଲଗଉ ଲୁହରେ ଲୁହରେ ଭିଜିଯାଉ । ମୁଁ ସେତେବେଳେ ମନେ ମନେ କହୁଥାଏ, ''ରହ ଦେଖିବୁ, ତୁ ଯେମିତି ମତେ ଛାଡ଼ି ପଳଉଛୁ, ମୁଁ ସେମିତି ଦିନେ ତତେ ଛାଡ଼ି ପଳେଇବି ଯେ, ଯେତେ ଡାକିଲେ ବି ମୋଟେ ଆସିବିନି ।'' ସେତେବେଳେ ବୋଧେ ମୋର ଏଇ କଥାକୁ ନିୟତି ଶୁଣୁଥିଲା, ଆଉ ତାକୁ ସତ ଭାବି ତା' ଯୋଜନା ଖାତାରେ ଟିପି ରଖୁଥିଲା ।

ତୋ ବ୍ୟାଗ୍‌ରୁ ପଇସା ଚୋରି କରିବା ଥିଲା ଆମ ଦୁଇ ଭାଇଙ୍କର ସଉକ । ବାଜି ମରାମରି ହେଇ ତୋ ପଇସା ନେଇଯାଇ ତତେ ବୋକି ବନଉଥିଲୁ । ତୁ କେବେ ଖୋଜୁନା କି ଜାଣି ପାରୁନା । ଆମେ ମନେ ମନେ ଅପରାଧୀ ହୋଇଯାଉ । ଆଉ କେବେ ତୋ ପଇସା ଚୋରି କରିବୁନି ବୋଲି ପଣ କରୁ । କିନ୍ତୁ ପୁଣି ତତେ ଠକିବାକୁ ମନ ଛକପକ ହୁଏ । ସତରେ ମା' ତତେ ଠକୁ ଠକୁ ତମାମ ଜୀବନ କେବଳ ଠକି ଚାଲିଲି, ତତେ, ଜଲିକୁ ଆଉ ସବୁଠୁ ବେଶି ନିଜକୁ । ପିଲାଦିନେ ମାମୁଁଘର ବାଡ଼ିରେ ଭୂଇଁ ବରକୋଳି ତୋଳୁ ତୋଳୁ କେତେଥର କଣ୍ଟା ଫୋଡ଼ି ହୋଇ ରକ୍ତ ବୋହିଲେ ବି ନାଲି ଟହ ଟହ କୋଳି ଲୋଭରେ କଣ୍ଟାବୁଦାରେ ହାତ ଗଳାଇ ମୁଁ ଲହୁଲୁହାଣ ହୋଇଛି । କିନ୍ତୁ ମା', ଏବେ ପ୍ରତିଦିନ କଣ୍ଟା ଛାଟରେ ମୁଁ ନିଜକୁ ପିଟୁଛି, ଥପ୍ ଥପ୍ ହେଇ ରକ୍ତ ଝରୁଛି ମୋ ମନରୁ, ଆତ୍ମାରୁ, ମୋର ସର୍ବାନ୍ତକରଣରୁ । କ'ଣ ପାଇଁ ? ଯେତେ କୋଳି ମୁଁ ତୋଳିଛି, ସବୁ ଉପରକୁ ନାଲି ଟହ ଟହ କିନ୍ତୁ ଖାଇଲା ବେଳକୁ କଷା । କାହିଁକି ଏମିତି ହେଲା ? ତୁ ତ ସବୁବେଳେ କହୁ - '' ମୋର ରାଜାପୁଅ ଭଳି ପୁଅ,'' ଆଈ କହେ, ''ମୋର ଏଇ ନାତିଟି ପରି ସୁଧାର ଜଗତରେ କେହି ନାହିଁ ।'' ମାଉସୀ, ଭଉଣୀମାନଙ୍କ ସବୁ କଥା ମାନେ ବୋଲି ମୁଁ ସମସ୍ତଙ୍କ ଆଖିର ମଣି ହେଇଥିଲି । କାହିଁକି

Digitized by srujanika@gmail.com

ତେବେ ମୁଁ ଏତେ ଅବାଧ, ସ୍ୱାର୍ଥପର ଆଉ ଅଲୋଡ଼ା ହେଇଗଲି ? ମୋ ପିଲାଦିନକୁ, ଗେହ୍ଲା ପଣିଆକୁ ବୁଡ଼ାଇ ଦେଲି ରମ୍, ହ୍ୱିସ୍କିର ସମୁଦ୍ର ସମୁଦ୍ର ଶୋଷ ଭିତରେ ?

ତୁ ସ୍ନେହ କରୁଥିଲୁ ଯେତିକି ଶାସନ କରୁଥିଲୁ ବି ସେତିକି । ବାପା ତ ତାଙ୍କ ଚାକିରୀ ଛଡ଼ା ଆଉ କିଛି ଜାଣନ୍ତିନି । ବାପା ମା' ଦି'ଟାଯାକ ହୋଇ ତୁ ଆମ ପାଂଚ ଭାଇ ଭଉଣୀଙ୍କୁ ଆବୋରି ଥିଲୁ । ତୋ ମା ପଣିଆର ଅର୍ଗଳି ଭିତରୁ ଫିଟି ପଡ଼ି ମୁଁ ଇଂଜିନିୟରିଂ ପଢ଼ିବାକୁ ବୁର୍ଲା ଗଲି । ଅଧାକାଛି ଘେରା ଜୀବନରୁ ମୁକୁଳି ନିଜ ଇଚ୍ଛାମୁତାବକ ଜୀଇଁବାରେ ସେତେବେଳେ ଯେଉଁ ଆନନ୍ଦ, ତୁ ବୁଝି ପାରିବୁନି । ନାବାଳକତ୍ୱର ଲେବଲ୍‌ଟାକୁ ଛିଣ୍ଡେଇ ଦେଇ ସହପାଠୀଙ୍କ ଆଗରେ ସ୍ମାର୍ଟ, କରେଜିଅସ୍ ଦେଖେଇ ହବାକୁ ଯାଇ କେବେ ଭାବିନଥିବା କାମ ସବୁ ମୁଁ କରିଗଲି । ସିଗାରେଟ୍ ଟାଣିଲି, ତଣ୍ଟି ପେଟ ଜଳି ଯାଉଥିଲେ ବି ଅବିକୃତ ମୁହଁରେ ମଦ ପିଇଲି । ବାସ୍ । ସେଇ କ୍ୟାମ୍ପସ୍‌ରୁ ସିଲେକ୍ଟ ହୋଇ ଇଣ୍ଡିଆନ୍ ନାଭିର ଇଞ୍ଜିନିଅରିଂ କୋର୍‌ରେ ଜଏନ୍ କରିଗଲି । ଟ୍ରେନିଂ ଓ ପୋଷ୍ଟିଂ ମୁମ୍ବାଇରେ । ହାତ ପାପୁଲିରେ ପୃଥିବୀଟାକୁ ନଚୁ କରି ଘୁରାଇଲି । ମୁମ୍ବାଇ ନଗରୀ ତା'ର ମୋହିନୀ ମାୟାରେ ମତେ ବିଟପୁରୁଷ ପରି ବସ୍ ଉଠ୍ କରାଇଲା । ପିଆଲାର ଚିକ୍ ଚିକ୍ ସୁରା ସାଙ୍ଗରେ ଜୀବନକୁ ମୁଁ ଢ଼ୋକ ଢ଼ୋକ କରି ପିଉଥିଲି ଆଉ ନିଜର ସୌଭାଗ୍ୟ ପାଇଁ ନିଜକୁ ଇର୍ଷା କରୁଥିଲି ।

ଭେଟ ହେଲା ଜୁଲି ସାଙ୍ଗରେ । ଅନ୍ତରଙ୍ଗତାର ସୁଅରେ ଭାସିଗଲି । ସେ ମତେ ବାଟ କଢ଼େଇ ନେଲା ସେଇ ଅପହଞ୍ଚ ଅଥଚ କାମ୍ୟ ଜୀବନକୁ, ଯେମିତି ଜୀବନଟେ ଜୀଇଁବାର ଇଚ୍ଛା ଥିଲେ ବି ମୋର ସାହସ ନଥିଲା । ତୋ ଘୋରି ବାଟି ପିଆଇଥିବା ସଂସ୍କାର ପ୍ରଥମେ ବାଟ ଓଗାଳୁଥିଲା । ହେଲେ ଜୁଲିର ନିବିଡ଼ ଅନୁଭବର ସ୍ପର୍ଶ ମୋ ଟଳମଳ ପାଦକୁ ନିଦକି ଦେଲା ସେଇ ଆଖି ଝଲସା ଉପଭୋଗର ମଞ୍ଚ ଉପରେ । ଆଶ୍ଚର୍ଯ୍ୟ, ଜୁଲି ମୋ ପାଖକୁ ଯେତିକି ନିକଟେଇ ଆସୁଥିଲା ତୋ ମୋ ଭିତରର ବ୍ୟବଧାନ ସେତିକି ବଢ଼ି ବଢ଼ି ଯାଉଥିଲା । 'ତୁ' ଯୁକ୍ତ ଆମ ପରିବାର ଓ 'ମୁଁ' ଦୁଇଟି ଭିନ୍ନ ମେରୁର ମଣିଷ ପାଲଟିଗଲେ । ତୋ ପାଖକୁ ଚିଠି ଲେଖିବା କେବଳ ସମ୍ଭାବନାରେ ପହଞ୍ଚିଲା । ତୁ ବ୍ୟସ୍ତ ବିକଳ ହୋଇ ମତେ ଡାକିଲୁ । ଜୁଲିକୁ ବାହା ହେବାର ସର୍ତ୍ତ ବାଢ଼ି ମୁଁ ତତେ ବ୍ଲାକ୍‌ମେଲିଂ କଲି । ଅଗତ୍ୟା ତୁ ରାଜି ହେଲୁ । ନିଜ ହାତରେ ଆମ ଦୁହିଁଙ୍କୁ ସଜାଇ କଣ୍ଢେଇ ବାହାଘର କଲୁ । ମୋର ସବୁ ଦୋଷକୁ ଅଣ୍ଟିରେ ପୁରେଇ, ଉଚ୍ଛଳା ଖୁସିରେ ବନ୍ଧୁବାନ୍ଧବଙ୍କ ଆଗରେ ବୋହୂର ଲକ୍ଷ୍ମୀପଣିଆ ବଖାଣିଲୁ । ସେଇ କେତେଟା ଦିନ ତୋ ସ୍ନେହରେ ଉବୁଟୁବୁ ହେଇ, ଆମେ ଆମ ନିଜ ଦୁନିଆକୁ ଲେଉଟି ଆସିଲୁ । ସାବିତ୍ରୀ,

Digitized by srujanika@gmail.com

ରଙ୍ଗ, କୁଆଁର ପୁନେଇଁରେ ବୋହୂପାଇଁ ବାଛି ବାଛି ତୁ ଶାଢ଼ି ପଠାଉ । ଝୁଲି ସେଇ ଶାଢ଼ି ତା' ବାନ୍ଧବୀମାନଙ୍କୁ ଉପହାର ଦେଇ ବାହାଦୁରୀ ନିଏ । ସେମାନେ ଯେତେବେଳେ ସେଇ ଦାମିକା ପାଟକୁ ପିନ୍ଧି ମଡ଼େଲ୍ ପରି ମୋ ଆଗରେ ଠିଆ ହୁଅନ୍ତି, ସେତେବେଳେ ମୁଁ ଖାଲି ଯନ୍ତାରେ ପଡ଼ିଥିବା ବାଘ ପରି ଅସହାୟତାରେ ଘୁଂଘାରୁଥାଏ । ଥରେ ଥରେ ଝୁଲିକୁ କହେ, ''ଏତେ ଦାମିକା ଶାଢ଼ୀସବୁ ମା' ପଠାଉଛି ଅକେଜନାଲି ପିନ୍ଧିଲେ କ'ଣ ହୁଅନ୍ତାନି ?'' ଝୁଲି ପ୍ରଥମେ ମୁହଁ ଛିଞ୍ଚାଡ଼ି ଦିଏ । ପୁଣି ତାଳି ପକାଇବାକୁ କହେ, ''ଏତେ ବଡ଼ ବଡ଼ ଶାଢ଼ୀରେ ତ ମୁଁ ବୁଡ଼ିଯିବି । ମୋର ସର୍ଟ ହାଇଟ୍‌କୁ ଏ ଶାଢ଼ୀ ଫାଡ଼ି ଭାରି ବେଖାପ ଲାଗିବ ।'' ତାକୁ କିଛି କହିପାରେନି କି ଶାଢ଼ୀ ପଠାଇବା ପାଇଁ ତତେ ମନା କରି ପାରେନି । କେବଳ ରମ୍, ହ୍ୱିସ୍କିକୁ ତୋ କୋଳ ଭାବି ପିଆଲାରେ ମୁହଁ ଗୁଞ୍ଜି ଦିଏ ।

ପିଠା ଖାଇବାକୁ ଭଲ ପାଏ ବୋଲି ପ୍ରତ୍ୟେକ ପୂଜା ପର୍ବରେ ତୁ କେତେ କିସମର ପିଠା କରୁ । ନିଜେ ରାନ୍ଧି ଖୁଆଇବା ଯେମିତି ତୋର ସବୁଠୁ ଆନନ୍ଦ । ବାହାରେ ଯେତେ ପ୍ରକାର ଜଳଖିଆ ମିଳେ ସେସବୁ ତୁ ହାତରେ ତିଆରି କରି ଖୁଆଉ । ପୁରୁଷର ଲଗାମ୍ ଛଡ଼ା ମନକୁ ମା'ଟିଏ, ସ୍ତ୍ରୀଟିଏ ବୋଧେ ଏଇ କଳା ପ୍ରୟୋଗ କରି ଘର ମୁହାଁ କରି ଦିଅନ୍ତି । ହେଲେ ଏଠି ? ଝୁଲି ହାତର ନଡ଼ିଆ ତେଲରେ ରନ୍ଧା ତର୍କାରି ମୁଁ ମୁହଁରେ ଦେଇପାରେନି । ସେଥିପାଇଁ ଅଫିସ୍‌ରୁ ଫେରି ଯେତେ କ୍ଲାନ୍ତ ହୋଇଥିଲେ ବି ନିଜ ହାତରେ ରାନ୍ଧିବସେ । ସେତିକିବେଳେ ମନେପଡେ ଆମ ଘରର ଡାଇନିଂ ଟେବୁଲ୍ ଚାରିପାଖରେ ବସି ଖାଇବା ବେଳର ଗପସପ, ଗୀତ ବୋଲା, ଦୁନିଆଯାକର ଆଲୋଚନା ଆଉ ଥଟ୍ଟାମଜା । ମୁଁ ଅନ୍ୟମନସ୍କ ହୋଇଯାଏ, ତରକାରୀ ଲୁଣି ହୋଇଯାଏ, ଭଜା ପୋଡ଼ିଯାଏ । ଅନେକ ଦିନ କିଛି ନଖାଇ ଖାଲି ହ୍ୱିସ୍କି ପିଇ ମୁଁ ଶୋଇଯାଏ । ଝୁଲି ଆସି ପଚାରେନି ମୁଁ ଖାଇଛି କି ନାହିଁ ବୋଲି । ଓଳିଏ ଖାଇନଥିଲେ ତୁ କେତେ ଖୋସାମତ କରୁ, ମୁଣ୍ଡ ଆଉଁଶି ଉପଦେଶ ଦେଇ ବଳେଇ ବଳେଇ ନିଜେ ଖୁଆଇ ଦେଉ । ଏମିତିସବୁ ଅନ୍ତରଙ୍ଗ ସ୍ମୃତିମାନଙ୍କୁ ସାଉଁଟୁ ସାଉଁଟୁ ଅନେକ ରାତିରେ ମୁଁ ମା' ମା' ବୋଲି ପାଟି କରି ଉଠେ । ଝୁଲି ବିରକ୍ତ ହୁଏ । ମଦ ଖାଇ ଲୀଳା କରୁଛି ବୋଲି ଆକ୍ଷେପ କରେ ।

ଯୋଉଦିନ ଝୁଲି ମା' ହେବାକୁ ଯାଉଛି ବୋଲି ତା' ସାନ ଭଉଣୀଠୁ ଶୁଣିଲି ସେ ଦିନଟା ବୋଧେ ମୋ ଜୀବନରେ ସବୁଠୁ ଖୁସିର ଦିନ ଥିଲା । ସେଇ ଖୁସିରେ ଉବୁଟୁବୁ ମୁଁ ଝୁଲିର ସବୁ ଦୋଷ ଭୁଲିଯାଇ ତାକୁ କଂଗ୍ରାଚ୍ୟୁଲେଟ କଲି । ଏତେ ବଡ଼ ସୁଖବରଟା ମୁଁ କାହିଁକି ପ୍ରଥମେ ଶୁଣିଲିନି ବୋଲି ଟିକିଏ ଅଭିମାନ କଲି । ସେ କିନ୍ତୁ

Digitized by srujanika@gmail.com

ଧୂସର ଟାଙ୍ଗର ପରି ଉଦାସ । "ମୁଁ ଏତେ ଶୀଘ୍ର ମା' ହେବାକୁ ଚାହୁଁନି । ଆବରସନ୍ କରିଦେବାକୁ ଠିକ୍ କରିଛି । ତୁମକୁ ଜଣାଇଥିଲେ ଅଧିକ କ'ଣଟା ହୋଇଥାନ୍ତା ଯେ ?" ମୋ ପାଦ ତଳୁ ମାଟି ଖସି ଗଲା । କେତେ ଅନୁରୋଧ ଉପରୋଧ ପରେ ଜୁଲି ରାଜି ହୋଇଥିଲା ଆମର ପ୍ରଥମ ସନ୍ତାନଟିକୁ ଆଲୁଅକୁ ଆଣିବାକୁ । ଖବରଟା ତତେ ଫୋନ୍‌ରେ ଜଣାଇ ଦେଇଥିଲି । ତୁ ଅଧୀର ହେଇ ବାପାଙ୍କୁ ସାଙ୍ଗରେ ଧରି ବମ୍ବେ ଚାଲି ଆସିଲୁ, ମା' ନଥିବା ବୋହୂର ଯତ୍ନ ନବାକୁ । ସକାଳୁ ସକାଳୁ ଆମେ କାମକୁ ବାହାରିଲା ବେଳକୁ ତୁ ଆଣି ପରଶି ଦଉ ଗରମ ଗରମ ଚକୁଳି, ନ ହେଲେ ଛୁଞ୍ଚିପତର କି ମସ୍‌ମସ୍ ପରଟା ସାଙ୍ଗକୁ ଆଳୁଦମ୍ । ମୁଁ ଭାବେ, ଏଇ ଜଳଖିଆ କରିବା ପାଇଁ ତୁ ବୋଧେ ରାତିରେ ଶୋଇ ନଥାଉ । ସଞ୍ଜକୁ ଫେରିଲାବେଳକୁ ରାତି ପାଇଁ କେତେ ପ୍ରକାରର ଭାତ, ଭଜା, ତରକାରି କରିସାରିଥାଉ । ଜୁଲି କେବେ କେମିତି ସେସବୁ ଟିକିଏ ଟିକିଏ ଚାଖି ଦେଉଥିଲା । ହେଲେ 'ଏତେ ରିଚ୍ ଖାଦ୍ୟ ଦେହରେ ଯିବନି' କହି ଅଧିକାଂଶ ଦିନ ନିଜେ କ'ଣ ସବୁ ରାନ୍ଧି ଖାଉଥିଲା । ତୁ ମନ ଖରାପ କରୁଥିଲୁ । ଲୁଚାଇ ଲୁଚାଇ କାନ୍ଦୁଥିଲୁ । ମୁଁ ଜାଣି ପାରୁଥିଲି । ସେଥିପାଇଁ ଚାଟିଚୁଟି ସବୁ ଖାଇ ଦେଉଥିଲି । ମୋ ଖାଇବା ଦେଖି ତୁ ତୃପ୍ତ ହେଉଥିଲୁ । ଜୁଲିର ଅଶାଳୀନ ବେଶଭୂଷା, ଖାପଛଡ଼ା ବ୍ୟବହାରରେ ତୁ ଆଉ ବାପା ବ୍ୟଥିତ ହେଉଥିଲ । କିନ୍ତୁ ମୁଁ କିଛି କରିପାରୁ ନ ଥିଲି । ସମ୍ପୂର୍ଣ୍ଣ ନିଆରା ସଂସ୍କୃତିରେ ବଢ଼ିଥିବା ଜୁଲି ପାଇଁ ଯାହାସବୁ ସ୍ୱାଭାବିକ ଥିଲା ସେସବୁ ତୋ ପାଇଁ ଅସଙ୍ଗତ ଥିଲା । ଜୁଲିର ଅତ୍ୟାଧୁନିକତାର ଆଲୁଅରେ ଜଳକା ହୋଇ ମୁଁ ତାକୁ ବାହା ହେଇଥିଲି । ତେଣୁ ତାକୁଇ ନେଇ କିଛି କହିବାର ସାହସ ମୋର ନଥିଲା । ବାଧ ହୋଇ ଦି'ମାସ ପରେ ତୁମ ଦୁହିଙ୍କୁ ମୁଁ ପଠାଇ ଦେଇଥିଲି ।

ପୁଅ ଜନ୍ମ ହେଲା ପରେ ବାପା ଆସିଥିଲେ । ତୁ ଅସୁସ୍ଥତା(?) ପାଇଁ ଆସି ପାରି ନଥିଲୁ । ତୋ ନାତିର ନାଁଟିଏ ବାଛି ପଠାଇଥିଲୁ - 'ଋତ୍ୱିକ' । ଅଥଚ ତା' ନାଁ ଦିଆହେଲା 'ଡେରିକ୍' । ଜୁଲି ଓ ତା' ଭଉଣୀମାନେ ସେଇ ନାଁଟାକୁ ମୋଠାରୁ ଆପ୍ରୁଭ୍ କରି ନେଇଥିଲେ । ଡେରିକ୍‌ର ନରମ ଛୁଆଁରେ ମୁଁ ବିଭୋର ହେଉଥିଲି । ବାପା କୋରାପୁଟରେ ଥିଲାବେଳେ ମୋତେ ପ୍ରାୟ ଜର ହେଉଥିଲା । ଅନେକ ସମୟରେ ମୁଁ ଆଖି ଖୋସି ଦେଉଥିଲି । ସେତେବେଳେ ତୋର କି କାନ୍ଦ ! ମୁଣ୍ଡରେ ମୋର ପାଣି ପଟି ଦବାକୁ ରାତି ରାତି ଜଗି ବସୁଥିଲୁ । ବାପା ତ ପ୍ରାୟ ଟୁର୍‌ରେ ଥାନ୍ତି । ଦିନ ରାତି ମତେ କୋଳରେ ପକାଇ ତେତିଶ କୋଟି ଦିଅଁ ଦେବତାଙ୍କୁ ଡାକୁଥାଉ । ମୋ ହାତରେ ବେକରେ ମାଳ ମାଳ ତେଉଁରିଆ ବାନ୍ଧୁ । ମୋ ପୁଅକୁ ବି ସେମିତି ଜର ହୁଏ ।

Digitized by srujanika@gmail.com

ଟେମ୍ପରେଚର ବଢ଼ିଯାଏ ଶହେ ପାଞ୍ଚ ଛଅକୁ । ଜୁଲି ସାହସ ବାନ୍ଧି ତା'ର ଚିକିତ୍ସା କରେ । ମୁଁ କିନ୍ତୁ ଭୟରେ ଗୋଟିଏ ଜାଗାରେ ଚେର ଲାଗିଲା ପରି ବସିଥାଏ । ଏକମାତ୍ର ଭରସା ହରେଇ ଦେବାର ଆଶଙ୍କାରେ ମୁଁ ଭାଙ୍ଗିପଡେ । ଜୁଲିର ଭଉଣୀ ଭିଣେଇମାନେ ହସନ୍ତି, ମତେ ଥଟ୍ଟା କରନ୍ତି । ଜୁଲି ମୁହଁରେ ନ କହିଲେ ବି ଭାବ ଭଙ୍ଗୀରୁ ତା'ର ଉପହାସ ଉତୁରି ପଡେ । ମୋ ନାଚାରପଣ ମୁହଁ ଲୁଚାଏ ହ୍ୱିସ୍କି କି ରମ୍ ବୋତଲରେ ।

ଡେରିକ୍‌କୁ ଦେଢ଼ ବର୍ଷ ହେଲାବେଳକୁ ସେ ଆମ ଘରକୁ ଯାଇଥିଲା । ତୁ ତ ଦେଖିଛୁ ସେ କେଡ଼େ ସୁନ୍ଦର ହେଇଥିଲା ? ପ୍ରଥମ ଥର ପାଇଁ ସେ ତା' ବାପାର ଭିଟାମାଟିରେ ପାଦ ଥୋଇଲା ବେଳେ ତମେ କେମିତି ଉଚ୍ଛୁଳି ଉଠିଥିଲ ମନେଅଛି ? ଆମ ଘରଟା ଫଗୁଣର ଫୁଲ ବଗିଚାଟିଏ ପାଲଟି ଯାଇଥିଲା, ଆଉ ସେଇ ବଗିଚାରେ ଡେରିକ୍ ଦୋହଲୁଥିଲା ଏକମାତ୍ର ବ୍ରହ୍ମକମଳ ହୋଇ । ତାକୁ ତୁ ଗେହ୍ଲାରେ ପୋତି ପକାଉଥିଲୁ । ତୁ କ'ଣ ତା'ଠି ମୋ ପିଲାଦିନ ଖୋଜୁଥିଲୁ ? କୋଉ ମନ୍ଦିର ତୁ ତ ବାକି ରଖି ନଥିଲୁ ତାକୁ ନେଇ ବୁଲାଇବାରେ ! ଜୁଲି ଏସବୁ ପସନ୍ଦ କରୁ ନଥିଲେ ବି ମୋ ମିନତି ଭରା ଚାହାଣୀ ଦେଖି କିଛି କହୁ ନଥିଲା । ସେଇ ପ୍ରଥମ ଓ ଶେଷ । ସେଥର ପରେ ଡେରିକ୍ ଆଉ କେବେ ବି 'ଆମଘର'କୁ ଯାଇନି । ରିଟା ବି । ରିଟାକୁ ତ ଅନେକ ଦିନଯାଏ ତୁ ଦେଖି ନଥିଲୁ ।

ରିଟା ଜନ୍ମ ବେଳକୁ ଜୁଲି ତୁମମାନଙ୍କୁ ନ ଆସିବା ପାଇଁ ଅନୁରୋଧ(?) କରିଥିଲା । ତା'ର ବୋଧେ ଭୟ ହେଉଥିଲା ପିଲାମାନେ ଆମ ଘରକୁ ଗଲେ ଆଉ ତା'ର ହେଇ ରହିବେନି । ତା' ମନମୁତାବକ ଗଢ଼ି ହେବେନି । ଆମ ଘରର ଜଡୁବୁଡୁ ଭଲ ପାଇବାର ପରିବେଶ ତାଙ୍କୁ ଅମଣିଷ କରିଦବ । ସେଥିପାଇଁ ସେମାନଙ୍କୁ ଛାଡ଼େନି । ମୁଁ କେବେ ଯିବାକୁ ବାହାରିଲେ କେତେ ଆଳ କରି ମତେ ବି ଛାଡ଼େନି । ଆଚ୍ଛା ମା' ! ଆମେ ସବୁ ଭାଇ ଭଉଣୀମାନେ କ'ଣ ସେ ଘରେ ଅମଣିଷ ହୋଇଛୁ ? ମୋ ନିଜକୁ ତ ମୁଁ ପରଖିବାକୁ ସାହସ ନାହିଁ । ସେଇ ସାହସ ଟିକକ ତୁ କ'ଣ ଦବାକୁ ଭୁଲି ଯାଇଥିଲୁ ? ଯୋଉଥିପାଇଁ ତୁମମାନଙ୍କଠୁ ମୁହଁ ଲୁଚାଇବାକୁ ମୁଁ ଆରବୀୟ ଜିନ୍ ପରି ବୋତଲ ଭିତରେ ଲୁଚି ଯାଉଛି ? କେତେଥର ଭାବିଲିଣି ଜୁଲିକୁ ଡାଇଭର୍ସ କରିବାକୁ । କିନ୍ତୁ ଛୁଆ ଦି'ଟା ମତେ ସେଥିରୁ ଓହରେଇ ଦେଉଛନ୍ତି । ମୁଁ ଖାଲି କଇଁଛଟିଏ ପାଲଟି ଯାଉଛି । ପ୍ରତିବାଦ କରିବାର ଭାଷା ଭୁଲି ମଦରେ ଯେତିକି ବୁଡି ରହୁଛି, ମୋ ଘରେ ମୋ ସ୍ଥାନ ସେତିକି ତଳେଇ ଯାଉଛି ।

ଦିନେ ମୁଁ ଅଫିସ୍‌ରୁ ଫେରିଲାବେଳକୁ ମୋ ଘରେ ଟି.ଭି., କ୍ୟାମେରା,

Digitized by srujanika@gmail.com

କ୍ୟାମେରାମ୍ୟାନ୍, ନିର୍ଦ୍ଦେଶକ ଓ ସ୍ପଟ୍ ବୟମାନଙ୍କର ଛୋଟ ଭିଡ଼ଟିଏ ଲାଗିଛି । ଏ ନୂଆ ଉପସର୍ଗ ଦେଖି ମୁଁ ହତବାକ୍ । ବୁଝିବା ବେଳକୁ ଡେରିକ୍ ଓ ରିଟାକୁ ନେଇ ସୁଟିଂ ଚାଲିଛି । ବିଭିନ୍ନ ପୋଜ୍‌ରେ କେତେବେଳେ ଭେସ୍‌ଲିନ୍ ତ କାହା ହାତରେ ବେବି ଫୁଡ୍ ଧରା ହୋଇଛି । ମୋ ବିନା ଅନୁମତିରେ ମୋ ପିଲାଙ୍କୁ ନେଇ ବିଜ୍ଞାପନ ? ରାଗରେ ମୋ ସର୍ବାଙ୍ଗ ଜଳିଗଲା । ଦୁଇ ଛୁଆଙ୍କୁ ସେଟ୍‌ରୁ ଘୋଷାଡ଼ି ଆଣି ଗୋଟିଏ ରୁମ୍‌ରେ କବାଟ କିଳି ଦେଲି । ଜୁଲି, ତା' ଭଉଣୀମାନେ ଯେତେ ଡାକିଲେ ବି ଶୁଣିଲିନି । ଟିଭି. ଦଳବଳ କୁଆଡେ ଅପମାନିତ ହୋଇ ଫେରିଗଲେ । ତା' ପରଠାରୁ ଜୁଲିର ସବୁ ରାଗ ଅବିରାମ୍ ଲାଭା ଉଦ୍‌ଗାରୀ ଲାଗିଲା । ଅତିଷ୍ଠ ହୋଇ ପଡିଲି ମୁଁ, ଶେଷକୁ ନିଜେ ଚେଷ୍ଟା କରି ବଦଳି ହୋଇଗଲି ଭାଇଜାଗ୍ ।

ଭାଇଜାଗ୍ ପୋଷ୍ଟିଂ ଦିନତକ ପ୍ରାୟ ପ୍ରତି ମାସେ କି ଦି' ମାସରେ ଥରେ ତୋ ପାଖକୁ ଯାଉଥିଲି । ହେଲେ ସେଠି ବି ସ୍ଥିର ହୋଇ ରହିପାରୁନଥିଲି । ପ୍ରତିମୁହୂର୍ତ୍ତରେ ଡେରିକ୍ ଓ ରିଟାଙ୍କ ମୁହଁଟିମାନ ମୋ ପିଛା ଛାଡୁ ନଥିଲେ । ମୋର ଇଚ୍ଛା ହୁଏ ସେ ଦୁହିଁଙ୍କୁ ନେଇ ଆସନ୍ତି ଆମ ଘରକୁ । ମୋ ସ୍କୁଲ୍, ମୋ ଖେଳ ପଡ଼ିଆ, ମୋ ବହି ବାକ୍ସ, ମୋ ପିଲାଦିନ ସବୁକୁ ଗୋଟି ଗୋଟି କରି ସେମାନଙ୍କୁ ଦେଖାନ୍ତି । ତୁ ତାଙ୍କୁ ମୋ ପିଲାଦିନର ଗପ କହନ୍ତୁ । ସେମାନଙ୍କ ସାଙ୍ଗରେ ବସି ମୋ ପିଲାଦିନକୁ ଆଉଥରେ ଦେଖୁ ଦେଖୁ ମୁଁ ଫେରିଯା'ନ୍ତି ସେଇ ସବୁ ଦିନ ସବୁକୁ । କିନ୍ତୁ ସେମିତି କିଛି ହେବାର ନଥିଲା । ଆମ ଘରେ ବି ମୁଁ ନିହାତି ଏକୁଟିଆ ହୋଇଯାଏ । ତୁ, ବାପା, ସୋନୁ, ତା'ର ସ୍ତ୍ରୀ, ପିଲାମାନେ, ସମସ୍ତଙ୍କ ଭିତରେ ବି ମୁଁ କୁଣିଆଁଟିଏ ହୋଇଯାଏ । ତୁମମାନଙ୍କ ଦୈନନ୍ଦିନ ଚଳଣି, ଛୋଟ ଛୋଟ ମାନ, ଅଭିମାନ, ସୁଖ ଦୁଃଖରେ ମୁଁ ସାମିଲ ହୋଇପାରେନି । ଛାଟିପିଟି ହୋଇ ଫେରିଆସେ ଭାଇଜାଗ୍ । ସେଠି ତ ଏକମାତ୍ର ସହଯୋଗୀ ମଦ । ମାତ୍ରା ଏତେ ବଢ଼ିଗଲାଯେ ମୁଁ ଆଉ ମଦ ପିଇଲିନି, ଟୋପା ଟୋପା କରି ସିଏ ମୋତେ ପିଏ । ନିଃଶେଷ କରିଦିଏ ମୋର ଅଦେଖା ସ୍ୱପ୍ନସବୁକୁ, ଅକୁହା କଥାମାନଙ୍କୁ ଆଉ ଅଝରା ଲୁହଗୁଡାକୁ । ଜୁଲିର ଡାକରାକୁ ଚାହିଁ ଚାହିଁ ଦିନ ବିତେ, ମାସ, ବର୍ଷ ବି ବିତେ । ହେଲେ ଜୁଲି ଚିଠି ଦିଏନି, ଫୋନ୍ କରେନି କି ନିଜେ ବି ଆସେନି । ଏ କେମିତି ତ୍ରିଶଙ୍କୁର ସ୍ୱର୍ଗରେ ମୁଁ ଝୁଲିଥାଏ ତୁ କ'ଣ ବୁଝିପାରିବୁ ? ସେମାନଙ୍କୁ ନେଇ ମୁଁ ରହିପାରେନି କି ସେମାନଙ୍କୁ ଛାଡ଼ି ବଂଚି ପାରେନି । ଲୁହ ଟୋପାଏ ହେଇ ଅଟକି ରହିଥାଏ ଜୀବନର ଆଖି ପତାରେ । ଝରିବି ଝରିବି ହେଇ ଝରିପାରେନି, ଶୁଖିବି ଶୁଖିବି ହୋଇ ଶୁଖିପାରେନି ।

Digitized by srujanika@gmail.com

ମୋର ସକାଳ ମୁହଁ ଦେଖେ ହ୍ୱିସ୍କି ଗ୍ଲାସ୍‌ରେ । ଦିନ ଭିଜୁଥାଏ ଜିନ୍ ବର୍ଷାରେ ଆଉ ରାତି ଘୁମେଇ ପଡ଼େ ରମ୍ ବୋତଲରେ । ଦିନ ଦିନ ଧରି ମୁଁ ଅଫିସ୍ ଯାଇପାରେନି । କାହାକୁ କ'ଣ କହେ କିଛି ଠିକଣା ରହେ ନାହିଁ । ନାଭିର ଅଫିସର୍ସ ଡିସିପ୍ଲିନ୍‌ଡ୍ ଲାଇଫ୍ ଭିତରେ ମୁଁ ଅଡ୍‌ମ୍ୟାନ୍ ହୋଇଯାଏ । ଶେଷରେ ସସ୍‌ପେଣ୍ଡ ହେବାଟା ଅବଧାରିତ ଥିଲା । ପଦ, ପଦବୀ, ସ୍ଥାନ, କାଳ, ବୟସ ଭୁଲି ଛେଉଣ୍ଡ ଛୁଆଟିଏ ପରି ତୋ କୋଳରେ ଆଶ୍ରା ଖୋଜିଲି । ତୁ ତ ସେତେବେଳକୁ ଭୀଷଣ ଅସୁସ୍ଥତାରୁ ଉଠିଥାଉ । ସେଥିପାଇଁ ସସ୍‌ପେଣ୍ଡ ହେବା ଖବରଟା ତୋତେ ଜଣାଇଲିନି । କେବଳ ତୋ ଚାରିପାଖରେ ଲସର ପସର ହେଉଥିଲି ଶିବଙ୍କ ଚାରିପଟେ ଗଣେଶ ବୁଲିଲା ପରି । ତୁ ଲାଗୁଥିଲୁ ମୋର ଚରମ ଆଶ୍ରୟ, ତ୍ରାଣ । ସବୁ ସତ୍ତ୍ୱେ ମଦ ମତେ ଛାଡୁ ନ ଥିଲା । ମା' ମା' ହେଇ ସବୁବେଳେ ତୋ ଦୁର୍ବଳ ଦେହକୁ ଜାବୁଡ଼ି ଧରୁଥିଲି । ତୋର ଅସୁସ୍ଥ ଦେହ ମୋ ପାଗଳାମୀକୁ, ମୋ ଦେହ ମୁହଁର ଅସହ୍ୟ ମଦ ଗନ୍ଧକୁ ସହି ପାରୁ ନଥିଲା ବୋଲି ତୁ ବାରମ୍ବାର ମତେ ଠେଲି ଦେଉଥିଲୁ, ଘୁଞ୍ଚିଯାଉଥିଲୁ ମୋ ପାଖରୁ । ମୋର ଅସହାୟତା ତୋ କଷ୍ଟ ବୁଝିପାରୁ ନଥିଲା । କେତେ ବିକଳ ହୋଇ ତୁ କହୁଥିଲୁ, ''ମୋ ଧନ, ମୋ ସୁନା, ତୁ ସେ ନିଆଁ ପାଉଁଶ ଗୁଡ଼ାକ ଗିଳିବା ଛାଡ଼ିଦେ । ସେଗୁଡ଼ାକର ଗନ୍ଧରେ ମୋ ପେଟରୁ ବାନ୍ତି ଉଠି ଆସୁଛି, ମୋ ମୁଣ୍ଡ ବୁଲାଇ ଦଉଛି । ଧନରେ, ତୁ କ'ଣ ଦେଖିପାରୁନୁ ତୋ ଦେହର କଣ୍ଟା ଦୋହଲିଲାଣି ? ଛାଡ଼ି ଦେ ସେଗୁଡ଼ାକ ।'' କିଛି ସମୟ ନ ପିଇ ରହିବାକୁ ଚେଷ୍ଟା କରେ, ପାରେନି । କୌଣସି ନର୍ମାଲ ମଣିଷକୁ ମୁଁ ସହି ପାରେ ନି, ସୋନୁକୁ ବି । ମୋର ହୀନମନ୍ୟତା ମୋତେ ପାଗଳ କରିଦିଏ । ମୁଁ ପାଟି କରେ, କାନ୍ଦେ, ଜିଦ୍ କରି ତତେ ଜାବୁଡ଼ି ଧରି ତୋ କୋଳରେ ଶୁଏ । ତତେ ବାଧ୍ୟକରେ ମୋ ପିଲାଦିନ ଗପ କହିବାକୁ, ଗୀତ ଗାଇ ଶୁଆଇ ପକେଇବାକୁ । ତୁ ଛାଟିପିଟି ହେଉ, ମୋ କବଳରୁ ମୁକ୍ତି ପାଇବାକୁ ମିନତି କରୁ । ତୋ ଆଖିରୁ ଲୁହ ବୋହିଯାଏ । ସେଇ କେଇ ଟୋପା ମୋ ଛାତିକୁ ଶୀତଳେଇ ଦିଏ । ମୁଁ କିନ୍ତୁ ହସେ ଠୋ ଠୋ ହେଇ, ତତେ କୁଣ୍ଢେଇ ଅଣନିଃଶ୍ୱାସୀ କରିପକାଏ ।

ସେଦିନ ସୋନୁ, ତା' ସ୍ତ୍ରୀ ପିଲାଙ୍କ ଆଗରେ ତତେ ମୁଁ ଜୋର୍‌ରେ କୁଣ୍ଢେଇ ଧରିଲି । 'ମା'ଲୋ' 'ମା'ଲୋ' କହି ତୋ ଛାତିରେ ମୁହଁ ଘଷିଲି । ତୁ ପ୍ରାଣପଣେ ମୋ'ଠୁ ମୁକୁଳିବାକୁ ଚେଷ୍ଟା କରୁଥାଉ । ସୋନୁ ଆସି ତୋଠୁ ମୋତେ ଅଲଗା କରିବାକୁ ଚେଷ୍ଟା କଲା । ରାଗରେ ମୋର ସବୁ ବଳ ଖଟାଇ ତାକୁ ଧକ୍କାଟାଏ ମାରିଲି । ଚିତ୍କାର କଲି, ''ତୁ କ'ଣ ଭାବୁଛୁ ତୁ ଏକା ସୁନାପୁଅ ହେଇ ବାପା, ମା' ପାଖରେ ଗେହ୍ଲା

Digitized by srujanika@gmail.com

ହଉଥିବୁ ? ସେକଥା ହବନି । ମୁଁ ଏଇଠି ରହିବି, ଦେଖିବି ମୋର କିଏ କ'ଣ କରିବ ।'' ସୋନୁର ମୁଣ୍ଡଟା କବାଟରେ ପିଟି ହୋଇ ରକ୍ତ ବାହାରୁଥାଏ । ତା' ରକ୍ତ ଦେଖି ତୁ ବୋଧେ ଖୁବ୍ ବେଶି ରାଗିଗଲୁ ? କୌଣସିମତେ ମୋଠୁ ମୁକୁଳିଯାଇ ଗର୍ଜି ଉଠିଲୁ, ''ପଳା, ପଳା ଏଠୁ, ତୋ ମୁହଁ ମୁଁ ଚାହିଁବିନି । ତୁ ଆଉ କେବେ ବି ଏଠିକି ଆସିବୁନି । ଯୋଉଦିନ ମଦ ଛାଡ଼ି ମଣିଷ ହେବୁ ସେଦିନ ଆସିବୁ । ମୁଁ ଆଉ ତୋ ପାଗଳାମୀ ସହି ପାରିବିନି । ଜନ୍ମ କରିଥିଲି କ'ଣ ତୋରି ହାତରେ ବଂଶ ବୁଡ଼ାଇବାକୁ ?'' ଗୁଳିଖିଆ ଘାଇଲା ବାଘ ପରି ମୁଁ ପଳେଇ ଆସିଲି ବମ୍ବେ, ଜୁଲି, ଡେରିକ୍, ରିଟା ପାଖକୁ ।

ମା' ଚଳନ୍ତା ଟ୍ରେନ୍‌ରୁ ଡେଇଁ ପଡ଼ିଥିଲେ ଆଜି ଏମିତି ତିଳ ତିଳ ହୋଇ ମରୁ ନ ଥାନ୍ତି । ମୁହଁ ବୁଜି ତୋ ପାଖରେ ପଡ଼ି ରହିଥିଲେ ତମେ ସବୁ କ'ଣ ମତେ ହତାଦର କରିଥାନ୍ତ ? ତତେ ତ ଜୀବନ ସାରା କଷ୍ଟ ଦେଇ ଆସିଛି । ଏବେ ପ୍ରାୟଶ୍ଚିତ କରୁଛି ଆଞ୍ଜୁଳା ଆଞ୍ଜୁଳା ଲୁହରେ, ଛେଳା ଛେଳା ରକ୍ତରେ । ପିଇବା ଛାଡ଼ି ଦେଇଛି । ହେଲେ ପାଟିରୁ ଛେଳା ଛେଳା ରକ୍ତ ପଡ଼ିଲାବେଳେ ମୁଁ ଦେଖୁଛି ମୋ ଆକାଶର ବୁଡ଼ନ୍ତ ସୂର୍ଯ୍ୟକୁ । ମୋର ଲିଭର୍ ସିରୋସିସ୍ ହେଇଛି ବୋଲି ଜୁଲି ବା ପିଲାମାନଙ୍କୁ କହିନି । ଜାଣିଛି, ଏତକ ସେମାନଙ୍କୁ କହିଦେଲେ ଯେତିକି ଅନିଭୋଗ ଭୋଗୁଛି ସେ ବଢ଼ିଯିବ ସିନା କମିବନି । ମୋ ଦୋଷ ଅବିଗୁଣର ତାଲିକାଟା ଖାଲି ଯାହା ବଢ଼ିଯିବ କାଶ୍ମୀରରୁ କନ୍ୟାକୁମାରୀ ଯାଏଁ ।

ମା'ଲୋ, ଏବେ ଆଉ କେହି ନୁହେଁ, ଖାଲି ତୁ ମନେ ପଡୁଛୁ । ଏବେ ତୋ କୋଳରେ ଶୋଇଲେ ତୁ ଆଉ ଠେଲି ଦବୁନି । ଏବେ ପରା ମୋ ଦେହରେ ଇଉଡ଼ି କୋଲନ୍, ଲବଙ୍ଗ ଗୁଜୁରାତିର ବାସ୍ନା ମହକୁଛି । ମୋ ଛାତି ଭିତରେ କିନ୍ତୁ ତହକ ନିଆଁ । ତୋ ଆଖିର ଟୋପେ ଲୁହରେ ସେ ନିଆଁ ଦପ୍‌କରି ଲିଭିଯା'ନ୍ତା । ମୁଁ କ'ଣ ତୋ ଯାଏ ଯାଇପାରିବି ? ତୁ ଏଠିକି ଆସିଲେ ମୋ ଶୂନ୍ୟ ଜୀବନ ତତେ ଖାଇ ଗୋଡ଼େଇବ । ତୁ ସହି ପାରିବୁନି ।

ବହୁତ କଷ୍ଟରେ ଏ ଚିଠି ଲେଖୁଛି । ଥରକୁ ଥର ହାତରୁ କଲମ ଖସି ପଡୁଛି । ଆଖିକୁ ଝାପ୍‌ସା ଦିଶିଲାଣି । ଲୁହରେ ଧୋଇ ହେଇଯାଇଛି ଅକ୍ଷର ସବୁ, ହେଲେ ଆଉଥରେ ଉତାରିବାକୁ ବଳ ପାଉନି । ଏବେ ମତେ ବ୍ର ହ୍ମାଣ୍ଡେ ଭୋକ । ତୋ ହାତ ତିଆରି ଆରିସାପିଠା ଖାଇବାକୁ ଭାରି ମନହଉଛି, ପଠାଇବାକୁ ତ କହି ପାରିବିନି ।

ତୋ ପାଖରେ ଦୁଃଖର ଦଲିଲ୍‌ଟିଏ ପେଶ କରିବାକୁ ଆଉ ମନ ଡାକୁନି ।

Digitized by srujanika@gmail.com

ସୋନୁକୁ କହିବୁ ମୁଁ ଆଉ ତା' ଗେହ୍ଲାପଣରେ ଭାଗ ବସେଇବିନି । ମତେ ଲାଗୁଛି ଏଇ ଚିଠି ମୋର ତୋ ହାତରେ ନୁଖୁରା ବଳିତାର ଧୂଆଁଗାରେ ହେଇ ପହଞ୍ଚିବ । ମୋ ସୁନା ମା', ଗେହ୍ଲା ମା' ମୋ ଉପରେ ଜମା ରାଗିବୁନି କି ମୋ କଥା ଭାବି ମୋଟେ କାନ୍ଦିବୁନି । ମୁଁ ଜାଣେ, ତୁ ମତେ କ୍ଷମା କରି ଦବୁ । ଏବେ ଏତିକି ।

ତୋର ସବୁଠୁ ଗେହ୍ଲାପୁଅ

'ମନୁ'

ଊର୍ମିଳା ଚିଠିଟା ଛାତିରେ ଚାପି ଧରିଥିଲେ, କଅଁଳା ଛୁଆକୁ ଜାକିଲା ପରି । ଚୁମାରେ ଚୁମାରେ ଛାଇ ଦଉଥିଲେ ଚିଠି ଖଣ୍ଡକୁ, ସତେକି ସେ ତାଙ୍କର ଅଭିମାନୀ ମନୁ । "ମୋ ଧନ, ମୋ ମାଣିକ, କାହିଁକି ତୁ ଏମିତି ଅବୁଝା ହେଉଛୁରେ ?" ମନୁ ଅବା ତାଙ୍କ ଆଗରେ ମୁହଁପୋତି ବସିଛି, ଆଉ ତା' ଆଗରେ ଊର୍ମିଳା କୁଢ଼େଇ ଦଉଛନ୍ତି ଏଇ ତିନି ବର୍ଷର ଟୁକୁରା ଟୁକୁରା ଯନ୍ତ୍ରଣାମାନଙ୍କୁ । "ମା' !" ସୋନୁର ଅସ୍ୱାଭାବିକ ଡାକ ତାଙ୍କୁ ପ୍ରକୃତିସ୍ଥ କରି ଦେଲା । "କାହା ସାଙ୍ଗରେ କଥା କହୁଛୁ ? ଆଉ କେହି ଆସିବେନି ମୋ ସାଙ୍ଗରେ ବାଦ କରିବାକୁ । ତତେ କଲବଲ କରିବାକୁ ବି କେହି ଆସିବେନି ଆଉ ..." ସୋନୁ ହାତରେ ଧରିଥିବା ଟେଲିଗ୍ରାମ୍‌ଟାକୁ ପତାକା ପରି ହଲାଉ ହଲାଉ ପାଗଳଙ୍କ ପରି ହୋ ହୋ ହେଇ ହସୁଥିଲା । ସେ ହସୁଥିଲା କି କାନ୍ଦୁଥିଲା ଊର୍ମିଳା ବୁଝିପାରୁ ନଥିଲେ । ତାଙ୍କର ଗୋଟେ ହାତମୁଠା ଭିତରେ ଚିଠିଟା ଅଜାଣତରେ ଦଳି ହେଇଯାଉଥିଲା, ଆର ହାତଟା ଜାବୁଡ଼ି ଧରିଥିଲା ସୋନୁକୁ ।

□■□

Digitized by srujanika@gmail.com

ଛାୟାବିମ୍ବ

ସେଇ ଅପ୍ରତ୍ୟାଶିତ ଘଟଣାଟିର ସାମ୍ନା କରିବାକୁ ଯାଇ ଆମେ ସବୁ କଳ୍ପିତ ଆଶଙ୍କାରେ ତିନ୍ତିଥିଲୁ । 'ଆମରି ଭିତରୁ କାହାର ସ୍ୱାମୀ କି ପୁଅମାନେ ହୁଏତ ସେଇ ଘୃଣ୍ୟ କାର୍ଯ୍ୟର ନାୟକ ହୋଇପାରନ୍ତି'ର ଅମୂଳକ ଆଶଙ୍କାଟିଏ ଆମକୁ ବ୍ୟତିବ୍ୟସ୍ତ କରି ପକାଉଥିଲା । ଲତା ଦିଦି ଆମକୁ ପଛ କରି ବସିଥିଲେ । ତାଙ୍କ ଦରପାଚିଲା ବାଳର ଜୁଡ଼ା ଫିଟି ପଡ଼ି ବାଳ ଗୋଛାକ ତଳେ ଲୋଟୁଥିଲା । ଯେଉଁ ବାଳତକ ଦିନେ ଆମ ସମସ୍ତଙ୍କର ଇର୍ଷାର କାରଣ ଥିଲା, ଆଜି ସେ ନାଗୁଣୀ ପରି ସାଲୁବାଲୁ ହେଉଛି । ମାତ୍ର କେଇ ଘଣ୍ଟା ତଳେ ଦିଆଯାଇଥିବା ଗେଣ୍ଡୁମାଳ ରଜନୀଗନ୍ଧାର ତୋଡ଼ା ସବୁ ଛିନ୍ନଛତ୍ର ହୋଇ ତଳେ ଲୋଟୁଛନ୍ତି । ଲୋଚାକୋଚା ଚାଦରଟା କବାଟ ସନ୍ଧିରେ, ଗୋଟିକିଆ ଗଦିଟା ଖଟ ଗୋଡ଼ ପାଖରେ, ତକିଆଟା ଟେବୁଲ ତଳେ ଅର୍ଦ୍ଧିତ ଛୁଆ ଗୁଡ଼ିଏଙ୍କ ପରି ପଡ଼ି ରହିଛନ୍ତି । ଆଜି ଉପହାର ମିଳିଥିବା ସାମଗ୍ରୀମାନେ ଏଣେ ତେଣେ ବିଛାଡ଼ି ହୋଇ ଘରଟାରେ ଯୁଦ୍ଧ କ୍ଷେତ୍ରର ଭ୍ରମ ସୃଷ୍ଟି କରୁଛି । ସେଇ ଭୟାବହତାର ଦୁଆର ଜଗି ନିରବତାଟିଏ କୁଣ୍ଠିତ ଭଙ୍ଗୀରେ ଜଡ଼ସଡ଼ ହୋଇ ଆଉଜି ପଡ଼ିଛି । ଆକ୍‌ତା ମାକ୍‌ତା କୋହର ଦମକରେ ଥରି ଉଠୁଥିବା ଲତାଦିଦିଙ୍କ ପିଠିରେ ସାନ୍ତ୍ୱନାର ଉଷୁମ ପାପୁଲିଟିଏ ଥାପି ଦେବାର ସାହସ କାହାରି କୁଳଉ ନଥିଲା ।

ଏମିତି ପରିସ୍ଥିତିରେ କ'ଣ କରିବା ଉଚିତ୍ ? କ'ଣ କହି ପ୍ରବୋଧନା ଦେବା ଜରୁରୀ ? ଆମ ଭିତରୁ କେହି କ'ଣ ଯା ପୂର୍ବରୁ ଏମିତି ଏକ ଅଭାବିତ ପରିସ୍ଥିତିକୁ ସାମ୍ନା କରିଥିବ ? ଲତାଦିଦିଙ୍କ ନିକଟତମ ପଡ଼ୋଶୀ ସୁକୁମାର ବାବୁ ଆମମାନଙ୍କ କିଂକର୍ତ୍ତବ୍ୟ ବିମୂଢ଼ତାକୁ ବିରକ୍ତ ଦୃଷ୍ଟିରେ ଚାହିଁ କହିଲେ ''ପ୍ଲିଜ୍ ଆପଣମାନେ ଏମିତି

Digitized by srujanika@gmail.com

ବାରୁଭୂତ ହୋଇ ଠିଆ ହୁଅନ୍ତୁନି, କିଛି ଗୋଟିଏ କରନ୍ତୁ । ରାତି ବଢୁଛି । ସମୟ ଯେତିକି ଗଡ଼ିଯାଉଥିବ ପରିସ୍ଥିତି ସେତିକି ଜଟିଳ ହୋଇଯିବ । ମୁଁ ବିଶ୍ୱାଳ ବାବୁଙ୍କୁ ନେଇ ଥାନାକୁ ଯାଉଛି ଏଫ୍.ଆଇ.ଆର୍..ଟା ଦେଇ ଆସିବି । ଆପଣମାନଙ୍କ ଭିତରୁ କେହି ଅନ୍ତତଃ ଆଜି ରାତିଟା ତାଙ୍କ ପାଖରେ ରହିଥାନ୍ତୁ ।'' 'ନା' ଚିତ୍କାର କରି ବୁଲି ପଡ଼ିଲେ ଲତାଦିଦି । ''ସମସ୍ତେ ଚାଲିଯାଅ । କେହି କିଛି କରିବା ଦରକାର ନାହିଁ । ସୁକୁମାର ବାବୁ, ଦୟାକରି ଆପଣମାନେ ମୋତେ ଏକୁଟିଆ ଛାଡ଼ି ଦିଅନ୍ତୁ । ଆପଣମାନଙ୍କୁ ଈଶ୍ୱରଙ୍କ ଦ୍ୱାହି, ମୋତେ ଆତ୍ମହତ୍ୟା କରିବାକୁ ବାଧ୍ୟ କରନ୍ତୁନି । ଏମିତି ଜଗି ରହିଲେ, ଥାନା ପୋଲିସ କଲେ ମୁଁ ପାଗଳ ହୋଇଯିବି । ମୋ ବୟସ, ମୋ ପୋଜିସନ୍‌କୁ ଟିକିଏ ଦେଖନ୍ତୁ । ଏମିତି ଏକ ପରିସ୍ଥିତିରେ ମୁଁ ...'' ଆଉ କହି ପାରିଲେନି । କୋହରେ ଲୁହରେ ସୁଢୁବୁଢୁ ହୋଇ ଲୋଟାକୋଟା ଶାଢ଼ୀଟିକୁ କାନ୍ଧରେ ପକାଇ ସେଇଠି ପ୍ରଣତ ଭଙ୍ଗୀରେ ବସି ପଡ଼ିଲେ । ଅସହାୟ ଗହଳିଟି ନିରୂପାୟ ହୋଇ ପଛକୁ ଫେରିଲା ।

ସୁକୁମାର ବାବୁଙ୍କର ଏ ସାହିରେ ରହିବା ଅନେକ ବର୍ଷ ହୋଇ ଗଲାଣି । କିନ୍ତୁ ଏପରି ଏକ ଘଟଣା ଘଟିବା ତ ଦୂରର କଥା, ସାହିର କୌଣସି ଝିଅ ବୋହୂଙ୍କୁ କେହି କେବେ ଅଶାଳୀନ ମନ୍ତବ୍ୟ ଦେବାବି ତାଙ୍କ କାନରେ ପଡ଼ିନି । ମାତ୍ର ଦୁଇମାସ ହେବ ଲତାଦିଦି ଏଠାକୁ ଆସିଛନ୍ତି । ପରିଚୟ ହୋଇଛି, ହୃଦ୍ୟତା ବଢ଼ିନି । ଏକୁଟିଆ ସ୍ତ୍ରୀ ଲୋକ ବୋଲି ପାଖ ପଡ଼ୋଶୀ ସହୃଦୟତାର ହାତ ବଢ଼ାଇଛନ୍ତି । କିନ୍ତୁ ଲତାଦିଦିଙ୍କ ଆତ୍ମମଗ୍ନ ଗମ୍ଭୀରତା ସେ ବଢ଼ନ୍ତା ହାତରେ ହାତ ଥାପିନି । ଡ଼ିସେମ୍ବରର କୁହୁଡ଼ିଆ ସଞ୍ଜ ବେଳଟାରେ କୌଣସି ସ୍ତ୍ରୀଲୋକର ଗୁମୁରା କାନ୍ଦ ଶୁଣି ବାରଣ୍ଡାରେ ଠିଆ ହୋଇଥିବା ସୁକୁମାର ବାବୁ ପ୍ରଥମେ ଟିଭିର ଶବ୍ଦ ଭାବି ସେ ଆଡ଼କୁ ଧ୍ୟାନ ଦେଲେନି । କିନ୍ତୁ କିଛି ସମୟ ପରେ ଲତାଦିଦିଙ୍କ ଦାଣ୍ଡ ଦୁଆର ଧଡ୍ କରି ଫିଟିଗଲା ଓ ଲତାଦିଦି ଖଣ୍ଡେ କଟା ଡ଼ାଳ ପରି ବାରଣ୍ଡାରେ ପଡ଼ିଗଲେ । ସୁକୁମାରବାବୁ ସ୍ତ୍ରୀଙ୍କୁ ଡ଼ାକଟେ ମାରିଦେଇ ଦଉଡ଼ିଗଲେ ଲତାଦିଦିଙ୍କୁ ଉଠାଇବା ପାଇଁ । କିନ୍ତୁ ସେତେବେଳକୁ ଲତାଦିଦି ଘୁଷୁରି ଘୁଷୁରି ଘର ଭିତରକୁ ପଶିଯାଉଥିଲେ । ପଡ଼ୋଶୀଙ୍କ ଉପସ୍ଥିତିର ଆଭାସ ପାଇ ତାଙ୍କ ନିବୁଜ କଣ୍ଠରୁ ଗୁଣ୍ଡୁଗୁଣ୍ଡୁ ହୋଇ ଯେତିକି ଶବ୍ଦ ଛିଟିକି ଆସିଲା ସେଥିରୁ ସୁକୁମାରବାବୁ କେବଳ ଶୁଣିଲେ, ''ବାଡ଼ି କବାଟ ଦେଇ ନଥିଲି ... ଦୁଆର ଖୋଲିଲା ବେଳକୁ କିଏ ସବୁ ମୋତେ ମାଡ଼ିବସି ... ହେ ପ୍ରଭୁ, ମୋ ପରି ବୁଢ଼ୀଟିଏ .. ।'' ସୁକୁମାର ବାବୁ ଭୟରେ ଫେରିଆସି ପାଖ ପଡ଼ିଶାଙ୍କୁ ଖବରଟା ଦେଇଦେଲେ

Digitized by srujanika@gmail.com

ଓ ଲତାଦିଦିଙ୍କ ଛିଟିକି ପଡ଼ିଥିବା ପର୍ସରୁ କେତୋଟି ଟେଲିଫୋନ୍ ନମ୍ବର ପାଇ ଆମ କେତେ ଜଣଙ୍କୁ ଖବରଟା ଦେଇଦେଲେ । ଯେତେଶୀଘ୍ର ଓ ଯେତେ ଜଣ ସମ୍ଭବ ଆମେ ଆସି ପହଞ୍ଚିଗଲୁ । ଏଇତ ମାତ୍ର ଦି' ଘଣ୍ଟା ଆଗରୁ ଆମେ ତିନି ଚାରି ଜଣ ତାଙ୍କୁ ଘର ଦୁଆର ମୁହଁରେ ଛାଡ଼ିଦେଇ ଯାଇଥିଲୁ । ଆଜି ଥିଲା ତାଙ୍କ କର୍ମସ୍ଥଳୀରେ ଶେଷ ଦିନ - ଅବସର ନେବାର ଦିନ । ଦୀର୍ଘ ବର୍ଷର ବନ୍ଧନ ତୁଟାଇ କିଛି ବିଦାୟ କାଳୀନ ସ୍ମୃତି ରୋମନ୍ଥନ, ଫୁଲମାଳ, ଛୋଟ ଛୋଟ ଉପହାର କେତୋଟି ଓ ଆଖିଏ ଲୁହ ନେଇ ସେ କୋହଭରା କଣ୍ଠରେ ଆମଠାରୁ ବିଦାୟ ନେଇଥିଲେ । ତାଙ୍କୁ ଘର ପର୍ଯ୍ୟନ୍ତ ଛାଡ଼ିବାକୁ ଆସିଥିଲେ ବି ସେ ଆମକୁ ଘର ଭିତରକୁ ଡ଼ାକିନଥିଲେ । ''ସଞ୍ଜ ହେଲାଣି, ଝିଅ ପିଲା ଗୁଡ଼ାକ ଘରକୁ ପଳାଅ'' କହି ଦାଣ୍ଡରୁ ଆମକୁ ବିଦା କରିଦେଲେ । ଏକୁଟିଆ ମଣିଷର ଫାଙ୍କା ଘରକୁ ଯିବାର ଇଚ୍ଛା ବି ଆମର ନଥିଲା । ଏବେ କିନ୍ତୁ ଭାବୁଛି, ସେତେବେଳେ ଆମେ ସବୁ ଯଦି ଘର ଭିତରକୁ ଯାଇଥାନ୍ତୁ ହୁଏତ ପରିସ୍ଥିତି ଭିନ୍ନ ହୋଇଥାନ୍ତା । ହୁଏତ ଏତେ ଜଣଙ୍କୁ ଦେଖି ସେମାନେ ଖସି ପଳାଇଯାଇଥାନ୍ତେ ବା ଛୁରା ପିସ୍ତଲ ଦେଖାଇ ଜଣକ ପରେ ଜଣଙ୍କୁ .. । ଆଉ ଆଗକୁ ଭାବି ହେଉ ନଥିଲା । ଏକ ଅଜ୍ଞାତ ଭୟର ହିମ ଶିତ୍କାର ଆମକୁ ଦୋହଲାଇ ଦେଉଥିଲା । ଆମ ଅଫିସ୍‌ର ଆଉ କେତେ ଜଣ ସହକର୍ମୀ ମଧ୍ୟ ଆସି ପହଞ୍ଚି ଯାଇଥିଲେ । ସେମାନଙ୍କ ଆଗରେ , ଲଜ୍ଜାକର ଘଟଣାର କୌଣସି ପ୍ରକାର ଚର୍ଚ୍ଚା କରିବାକୁ ମନ ଡ଼ାକୁ ନଥିଲା । ଲତାଦିଦିଙ୍କ କାକୁତି ପରେ ଆଉ କିଛି କରିବାର ବା ଭାବିବାର ଯୁ ଆମ ପାଖରେ ନଥିଲା । ଅଗତ୍ୟା ସୁକୁମାରବାବୁ ଓ ତାଙ୍କ ସ୍ତ୍ରୀଙ୍କୁ ଲତାଦିଦିଙ୍କୁ 'ଟିକିଏ ଦେଖୁଥିବେ'ର ଅନୁରୋଧ କରି ଓ ପୁଣି ଆସିବାର ଆଶ୍ୱାସନା ଦେଇ ଆମେ ସବୁ ଫେରି ଆସିଲୁ ।

ସ୍ତ୍ରୀଟି, ଯେଉଁ ବୟସରେ ସ୍ୱାମୀର ସାହଚର୍ଯ୍ୟ ସବୁଠାରୁ ବେଶି ଚାହିଁଥାଏ, ସେଇ ବୟସରେ ହିଁ ତାଙ୍କ ସ୍ୱାମୀ ତାଙ୍କୁ ତ୍ୟାଗ କରିଥିଲେ । ତିନୋଟି ଅପୋଗଣ୍ଡ ଶିଶୁ, ଅପ୍ରମିତ ରୂପ ଯୌବନ ଓ ଅପରିସୀମ ଅସହାୟତାକୁ ସାଙ୍ଗରେ ଧରି ଲତାଦିଦି ସାମ୍ନାର ଅନ୍ଧାର ଆଡ଼େଇ ଆଡ଼େଇ ବାଟ ଚାଲୁଥିଲେ । ବାରମ୍ବାର ଝୁଣ୍ଟି ପଡ଼ି ପୁଣି ଝାଡ଼ି ଝୁଡ଼ି ହୋଇ ଉଠୁଥିଲେ । ଦୁନିଆର ମଞ୍ଜତତା ଖରାକୁ ହାତରେ ଉହାଡ଼ କରି ନିଜ ସାଙ୍ଗରେ ତିନି ପିଲାଙ୍କୁ ବଞ୍ଚାଉଥିଲେ । ଅଜାତିରେ ଇଚ୍ଛାମତେ ବିବାହ କରିଥିବାରୁ ତାଙ୍କର ଦୁଇକୂଳ ପିତା ହୋଇଯାଇଥିଲା । ଶାଶୁଘର କି ବାପଘରୁ ଆବେଗିକ ହାତଟିଏ ବଢ଼ିଆସୁନଥିଲା ଟିକିଏ ସାହାରା ଦେବାକୁ । ଏକମାତ୍ର

Digitized by srujanika@gmail.com

ଅବଲମ୍ବନ ଥିଲା ଚାକିରି ଖଣ୍ଡକ । ତାଙ୍କ ଲୁହର ଆଖି ଥିଲୁ ଆମେମାନେ, ହସର ଓଠ ଥିଲୁ ବି ଆମେମାନେ । ଟିକିଏ ଟିକିଏ କଥାରେ ରାଗିଯାଇ ସେ ଆମକୁ ଯା'ଇଚ୍ଛା ତା' ଗାଳି ଦେଉଥିଲେ । କାନ୍ଦିଲେ, ଲୁହ ପୋଛିବାକୁ ଆମରି ପଣତ ଦରାଣ୍ଡୁଥିଲେ । ଆମ ଭିତରେ ସବୁଠୁ ପୁରୁଣା ଷ୍ଟାଫ୍ ଥିଲେ ସେ । କେତେ କିଏ ବଦଳି ହୋଇ ଯିବା ଆସିବା ଭିତରେ ଆମେ ଚାରି ପାଞ୍ଚ ଜଣ ରହିଯାଇଥିଲୁ ଅପରିବର୍ତ୍ତିତ । ବୟସ ଓ ଅଭିଜ୍ଞତା ଆମକୁ ଧୀରେ ଧୀରେ ପାକଳ କରୁଥିଲା । ହେଲେ ଲତାଦିଦି ଯେମିତି ବୟସକୁ କାନିରେ ଗଣ୍ଠି ପକାଇ ରଖି ଦେଇଥିଲେ । ତାଙ୍କ ସୁଗଠିତ ଶରୀର, ସୁଠାମ ମୁହଁରେ ଫୁଲପକା ହସ ଧାରେ ତାଙ୍କଠାରୁ ବୟସରେ ଯଥେଷ୍ଟ ସାନ ସହକର୍ମୀମାନଙ୍କୁ ମଧ୍ୟ ଆକର୍ଷିତ କରୁଥିଲା । ଝିଅ ଦୁହିଁଙ୍କୁ ବିବାହ ଦେଇ ସାରିବା ପରେ ଏକମାତ୍ର ପୁଅ ପାଠ ଓ ଚାକିରୀ ଲୋଭରେ ଆମେରିକା ଚାଲିଗଲା । ତପସ୍ୟା ସରିଲା ବେଳକୁ ଲତାଦିଦି ସମ୍ପୂର୍ଣ୍ଣ ଏକୁଟିଆ ହୋଇଯାଇଥିଲେ । ତପଃଫଳ ପିଲାମାନଙ୍କୁ ଦେଇ ଦେଲାପରେ ନିର୍ଜନତାର ଇସ୍ପାତ ପଞ୍ଝା ତାଙ୍କୁ ଚାପିଚୁପି ଅଣନିଃଶ୍ୱାସୀ କରି ପକାଉଥିଲା । ଦୁଃସ୍ୱପ୍ନ ଦେଖିବା ଭୟରେ ସେ ପ୍ରାଣପଣେ ଦୂରେଇ ରଖୁଥିଲେ ନିଦମାନଙ୍କୁ । ଖୋଜି ଲୋଡ଼ି ବିଭିନ୍ନ କାମରେ ନିଜକୁ ବୁଡ଼ାଇ ରଖୁଥିଲେ । ତଥାପି ସନ୍ଧ୍ୟା ନଇଁଲେ ଏକ ଅଦ୍ଭୁତ ଆତଙ୍କ ତାଙ୍କ ଆଡ଼କୁ ଚିହିଁକି ଆସୁଥିଲା ।

ଅନେକ ରାତିରେ ଆଖି ଲାଗିଗଲେ ଏକ ଅଶରୀରୀ ଆତ୍ମା ତାଙ୍କ ପାଖକୁ ଆସି ପ୍ରଣୟ ନିବେଦନ କରୁଥିଲା, ତାଙ୍କ ଅବହେଳିତ ଯୌବନପୁଷ୍ଟ ଦେହଟାକୁ ନେଇ ଖେଳୁଥିଲା । ତାଙ୍କଠାରୁ ଏସବୁ ଶୁଣି ଆମେ ସବୁ ପଛରେ ହସୁଥିଲୁ । 'ଅତୃପ୍ତ ମନର ବିକାର' କହି ତାଙ୍କୁ ଉପହାସ କରୁଥିଲୁ । କିନ୍ତୁ ସେକଥା କହିଲା ବେଳେ ଲତାଦିଦିଙ୍କର ଭୟରେ ନୀଳ ପଡ଼ିଯାଉଥିବା ମୁହଁ, କୋହବତୁରା କଣ୍ଠସ୍ୱର ଶୁଣି ଏମିତି ଅଭିଲା କଥାକୁ ବିଶ୍ୱାସ କରିବାକୁ ବାଧ ହେଉଥିଲୁ । ଏମିତିକି କେତେଥର ତାଙ୍କ ଦେହରେ ବସିଥିବା ନଖ ଦାନ୍ତର କ୍ଷତ ଦାଗ ସବୁ ସେ ଆମକୁ ଦେଖାଇ ତାଙ୍କ ନିର୍ଯ୍ୟାତନାକୁ ବିଶ୍ୱାସ କରିବାକୁ ବାଧ କରିଛନ୍ତି । ଗୋଟିଏ ଇଂରାଜୀ ସିନେମା 'ଲିଭିଂ ଉଇଥ୍ ଦ ଡେଡ୍'ର କେତୋଟି ଦୃଶ୍ୟ ମୋର ମନେ ପଡ଼ିଯାଏ, ଉନ୍ମତ୍ତ ପ୍ରେତାତ୍ମାର ବୀଭତ୍ସ ରତିକ୍ରୀଡ଼ା - ଗୃହସ୍ୱାମିନୀଙ୍କ ସହିତ । ସିନେମାର ସେଇ ସବୁ ନିଷିଦ୍ଧ ଦୃଶ୍ୟାବଳୀ ଯେ ସତରେ କାହା ଜୀବନରେ ଘଟିପାରେ, ଭାବି ହେଉନଥିଲା । ବିଚାରୀ, ପ୍ରେତ ଅତ୍ୟାଚାରରୁ ରକ୍ଷା ପାଇବା ପାଇଁ ଲତାଦିଦି କେତେଥର ହୋମ, ଓଝା, ଗୁଣିଆମାନଙ୍କର ସାହାଯ୍ୟ ନେଇଛନ୍ତି । କେବଳ ପୁଅଝିଅମାନେ ଯେତେବେଳେ

Digitized by srujanika@gmail.com

ଘରକୁ ଆସନ୍ତି ସେତିକି ଦିନ ସେ ଏ ଅତ୍ୟାଚାରରୁ ମୁକ୍ତ ରହନ୍ତି । ପ୍ରାୟ ବର୍ଷକ ତଳେ ବଡ଼ଝିଅ ସାଙ୍ଗରେ ଯାଇ ବହୁତୀର୍ଥ ଦର୍ଶନ କରିଆସିବା ପରେ ସେ କିଛିଟା ଶାନ୍ତି ପାଇଥିଲେ । ଆମମାନଙ୍କ ପରାମର୍ଶ ଗ୍ରହଣ କରି ସନ୍ଧ୍ୟାବେଳେ ଛୋଟ ଛୋଟ ପିଲାଙ୍କୁ ପଢ଼ାଉଥିଲେ । ଗପ କହି ସେମାନଙ୍କ ସହିତ ଖେଳୁଥିଲେ । ସେମାନଙ୍କର ନିରୀହ କୋଳାହଳ ତାଙ୍କର ନିଃସଙ୍ଗତାକୁ ଅନେକ କୋମଳ ଅଙ୍ଗୀକାରରେ ଭରି ଦେଉଥିଲା ।

ଚାକିରିରୁ ଅବସର ନେବାର ସମୟ ପାଖେଇ ଆସିଲା । ଅତି ପରିଚିତ ପରିବେଶକୁ ଛାଡ଼ି ବହୁ ବର୍ଷ ତଳେ କିଣିଥିବା ଏଇ ଛୋଟ ଘରକୁ ବାଧ୍ୟ ହୋଇ ଚାଲି ଆସିଥିଲେ ଲତାଦିଦି । ସମୟ ତାଙ୍କୁ ଧୀରେ ଧୀରେ ଅପରିଚୟର ନିର୍ଜ୍ଜନତାରୁ ଟାଣି ଆଣି ହୁଏତ ପ୍ରିୟ ପରିଧିଟିଏ ଗଢ଼ି ଦେଇଥାନ୍ତା । କିନ୍ତୁ ହଠାତ୍ ଏଇ ବିଭତ୍ସ ଦୁର୍ଘଟଣା ତାଙ୍କୁ ଏକ ଅନ୍ଧ କୂଅ ଭିତରକୁ ଠେଲି ଦେଲା । ସୁକୁମାରବାବୁ ତ ନୂଆ ଲୋକ, ଆମମାନଙ୍କୁ ବି ସେ ଏ ଘଟଣା ବିଷୟରେ ପଦେ ହେଲେ କହିଲେ ନାହିଁ । ଆମେ କିନ୍ତୁ ତାଙ୍କ ପାଖକୁ ଯାଉଥିଲୁ । ତାଙ୍କୁ ସ୍ୱାଭାବିକ କରିବାକୁ ଚେଷ୍ଟା କରୁଥିଲୁ । ସେ ସହଜ ହେବାର ଛଳନା କରୁଥାନ୍ତି, କିନ୍ତୁ ପ୍ରତ୍ୟେକ ମୁହୂର୍ତ୍ତରେ ଆମଠାରୁ ଦୂରେଇ ଯାଉଥାନ୍ତି । ଏତେ ବଡ଼ ଧକ୍କା ତାଙ୍କୁ ଖୁବ୍ ଶୀଘ୍ର ଅସୁସ୍ଥ କରି ପକାଇଲା । ପ୍ରବଳ ଜ୍ୱର ସାଙ୍ଗକୁ ଲଗାତାର ବାନ୍ତି । ହେଲେ ହସପିଟାଲ ଯିବାକୁ ମୋଟେ ରାଜି ହେଲେନି । ଅଗତ୍ୟା ଘରକୁ ଡ଼ାକ୍ତରଙ୍କୁ ଡ଼କାଇ ଘରେ ହିଁ ସାଲାଇନ୍ ଇତ୍ୟାଦି ଦେବାର ବ୍ୟବସ୍ଥା କରାହେଲା । ତାଙ୍କ ଇଚ୍ଛା ବିରୁଦ୍ଧରେ ଆମେ ତାଙ୍କର ଦୁଇ ଝିଅଙ୍କୁ ଖବର ଦେଲୁ । ବଡ଼ ଆସନ୍ତା କାଲି ଓ ସାନଝିଅ ପହର ଦିନ ଆସି ପହଞ୍ଚିବେ । ଆମ ଭିତରୁ ଦୁଇ ଜଣକରି ତାଙ୍କୁ ଜଗିବାକୁ ରହିଥିଲୁ । ଡ଼ାକ୍ତରଙ୍କ ମତରେ ବିପଦ କଟିଯାଇଥିଲେ ମଧ୍ୟ ସଂପୂର୍ଣ୍ଣ ସୁସ୍ଥ ହେବାକୁ ବେଶ୍ କିଛିଦିନ ଲାଗିବ ।

ସେଦିନ ମୋ ସହିତ ଥିବା ବାନ୍ଧବୀକୁ ଜୋରକରି ଶୋଇବାକୁ ପଠାଇଦେଇ ମୁଁ ଏକୁଟିଆ ଲତାଦିଦିଙ୍କୁ ଜଗି ବସିଲି । ରାତି ଯେତିକି ବଢୁଥାଏ, ନିଦ ମୋ ଆଖିକୁ ସେତିକି ମାଡ଼ି ବସୁଥାଏ । ନିଦକୁ ତଡ଼ିବା ପାଇଁ ମୁଁ ବହି ଖୋଜିଲି । ଗୀତା ଭାଗବତ ପରି କେତୋଟି ଧର୍ମ ପୁସ୍ତକ ଛଡ଼ା ଆଉ କିଛି ସମୟ ବିତାଇଲା ଭଳି ବହି ତାଙ୍କ ଘରେ ଖୋଜି ପାଇଲିନି । ସେଇ ବହିଥାକ ଭିତରେ ନୂଆ ବୋହୂଟିଏ ପରି ନାଲି ମଲାଟର ଡ଼ାଇରୀଟି ଆଖିରେ ପଡ଼ିଲା । ଲତାଦିଦି କବିତା ଲେଖନ୍ତି ନା କ'ଣ ? କୌତୁହଳୀ ହୋଇ ଡ଼ାଇରୀ ଖୋଲିଲି । ନା କବିତା ନୁହେଁ, ପ୍ରତ୍ୟକ ଦିନର ଦିନଲିପି ।

Digitized by srujanika@gmail.com

ମୁଁ ଜାଣିଥିଲି ଅନ୍ୟାୟ କରୁଛି ବୋଲି । ତଥାପି ସେଦିନର ଘଟଣା ଜାଣିବାର ଉଦଗ୍ର କୌତୁହଳ ମୋତେ ସେହି ତାରିଖକୁ ଟାଣିନେଲା ।

'..... ଆଜି ମୋର ଚାକିରୀ ଜୀବନରୁ ଅବସର ନେବାର ଦିନ । ଦୀର୍ଘ ଦିନର ରୁଟିନ ବନ୍ଧା ଜୀବନରୁ ମୁକ୍ତି । ସେ ମୁକ୍ତିର ସ୍ୱରୂପ କ'ଣ ? କେମିତି କଟିବ ଯା ପରର ନିଃସଙ୍ଗ ଜୀବନ ? ... ଅଫିସ୍‌ରୁ ଫେରିଲି, ଫୁଲମାଳ, ମିଠା ପ୍ୟାକେଟ୍ ଓ ଛୋଟବଡ଼ ଉପହାର ପ୍ୟାକେଟ୍‌ରେ ଲଦି ହୋଇ । ମୋତେ ଭଲ ପାଉଥିବା ସହକର୍ମିଣୀ କେତେଜଣ ମୋତେ ଛାଡ଼ି ଦେଇଗଲେ ଦୁଆର ମୁହଁରେ । ଖାଁ ଖାଁ ଘରଟାକୁ ସେମାନଙ୍କୁ ଡ଼ାକିବାକୁ ଇଚ୍ଛା ହେଲାନି । ପରିପୂର୍ଣ୍ଣ ସଂସାର ସାଙ୍ଗକୁ ଦେଖାଇବାକୁ ସେମାନଙ୍କର କେତେ କ'ଣ ମହଜୁଦ୍ ଅଛି । ମୋର କ'ଣ ଅଛି ଦେଖାଇବାକୁ ? ମୋର ନିଃସଙ୍ଗତା, ନିଃସ୍ୱତା, ନାଚାରପଣିଆ ନା ଯାହା ଅଛି ଓ ଯାହା ନାହିଁ ଏଇ ଦୁଇଟା ଭିତରେ ସାଣ୍ଡଉଇଚ୍‌ଡ୍ ମୋର ଅସାମର୍ଥ୍ୟ ? ସେମାନେ ଚାଲିଗଲା ପରେ ବାରଣ୍ଡାରେ ସେମିତି ବସି ପଡ଼ିଲି, ଅନ୍ଧାରରେ ଥଣ୍ଡାରେ ଚକିମାରି ପଡ଼ିଥିବା ବୁଲା କୁକୁରଟେ ପରି । ଅନେକ ସମୟ ସେମିତି ବସିବା ପରେ ତାଲା ଖୋଲି ଖାଇ ଗୋଡ଼ାଉଥିବା ଘରଟା ଭିତରକୁ ପଶିଲି । ଟେବୁଲ ଉପରେ ଗଦେଇ ଦେଲି ସବୁ ଉପହାର । ରଜନୀଗନ୍ଧାର ଫୁଲ ତୋଡ଼ାଟିକୁ ବଡ଼ ଫୁଲଦାନୀରେ ସଜାଇବାକୁ ଯାଉ ଯାଉ ହାତ ମୋର ଅଟକି ଗଲା । କ'ଣ ହେବ ଫୁଲ ସଜେଇ ? କିଏ ଦେଖିବ ? କିଏ ଖାଇବ ଏ ମିଠା ସବୁ ? କାହା ଆଗରେ କହିବି ଆଜି ଦିନର ଅନୁଭବ ସବୁକୁ ? କାହାକୁ ଦେବି ମୋ ଲୁହ ଟୋପାମାନଙ୍କର ହିସାବ ? ମୁଁ ତ ଆଜିଠୁ ଏକୁଟିଆ ହୋଇଗଲି । କେହି ଆଉ ମୋର ରାତି ଅନିଦ୍ରା ହେବାର କାହାଣୀ ଶୁଣିବେନି । ରାତିରେ କାହିଁକି ଉପାସ ଶୋଇଥିଲି ବୋଲି କେହି ଆଉ ମୁରବୀ ପଣରେ ଗାଳି ଦେବେନି । ଥଣ୍ଡାଧରି ଦେହ ହାତ ବିନ୍ଧିଲେ ଅମୃତାଞ୍ଜନ ଲଗାଇ ଦେବାକୁ କେହି ଆଉ ପ୍ରତିଯୋଗିତା କରିବେନି । ଏବେ ମୁଁ ଏକ୍‌ଲା ଚଢ଼େଇଟିଏ, ମରି ଶୋଇଥିଲେ ବି କେହି ନ ଥିବେ ଦେଖିବାକୁ । ସଂସାରର ରୀତି ତ ଏୟା । କେହି କ'ଣ ନିଜ ଝର୍କା ପାଖରୁ ଘୁଞ୍ଚି ଆସି ଖୋଲା ଛାତ ଉପରେ ଠିଆ ହୁଏ ପକ୍ଷୀଟିଏର ଏକ୍‌ଲା ପଣ ଦେଖିବାକୁ ? କେବଳ ଝର୍କାରୁ ହିଁ ପକ୍ଷୀଟିଏ ଲାଗେ ଆକାଶର ଅଳଙ୍କାର ପରି ।

... ଏତେ ଦିନ ପରେ କେଜାଣି କାହିଁକି ସେଇ ଲୋକଟା ଉପରେ ପ୍ରଚଣ୍ଡ ରାଗ ହେଲା ଯାହାକୁ ମୁଁ କ୍ଷମା କରିଦେଇଥିଲି, ଭୁଲିଯାଇଥିଲି ଅନେକ ଦିନରୁ ।

Digitized by srujanika@gmail.com

ସେ ମୋତେ ଛାଡ଼ି ଚାଲିଗଲା କ'ଣ ପାଇଁ ? କ'ଣ ମୋର ଅଭାବ ଥିଲା ? ମୋ ଦେହରୁ ଯୌବନ ତ ଚାଲିଯାଇନଥିଲା ! ଏବେ ବି ରାସ୍ତା ଘାଟରେ କେତେ ଲୋଭିଲା ଆଖି ଏ ଦେହଟା ଉପରେ ପହଁରି ଯାଉଛି । ସବୁଥାଇ ବି ମୁଁ ଜୀବନସାରା ଖାଲି ଛଳିଲି ? ମିଛ ବାହାନା ଦେଖାଇ ଦେଖାଇ ତମାମ ଜୀବନ ବିତିଲା ! ମୁଁ ପାଗଳ ହୋଇଗଲି ସେଇ ମୁହୂର୍ତ୍ତରେ । ହାତ ମୁଠା ମୁଠା ହୋଇଗଲା । ସବୁ ଅବଦମିତ କ୍ରୋଧ ଯେମିତି ସେଇ ହାତ ଦି'ଟାରେ କାୟା ପ୍ରବେଶ କରିଗଲେ । ଛିଣ୍ଡାଇ ପକାଇଲି ଫୁଲହାର, ଫୁଲତୋଡ଼ା ସବୁକୁ । ଉନ୍ମତ୍ତ ପରି ଛିନ୍ନଛତ୍ର କରିପକାଇଲି ଘରଟାସାରା । କାଳିସୀ ଲାଗିଲା ପରି ଶାଢ଼ୀ ଶାୟା ବ୍ଲାଉଜ୍ ଛିଣ୍ଡାଇ ପକାଇଲି । ଘରସାରା ବୁଲି ଯାହା ମୋ ହାତରେ ପଡ଼ିଲା ଭାଙ୍ଗି ରୁଜି ଚକଟି ମଛି ପକାଇଲି । କେତେ ସମୟ ଏମିତି ଚାଲିଲା ଜାଣି ନାହିଁ । ସେଇ କେତେ ସମୟ ଭିତରେ ମୁଁ ଯେମିତି ସାରାଟା ଜୀବନକୁ ପ୍ରଦକ୍ଷିଣ କରି ଆସିଲି । ଯେତେବେଳେ ଅଣନିଃଶ୍ୱାସୀ ହୋଇପଡ଼ିଲି, ବାହାରି ଆସିଲି ପଦାକୁ । ପାଦଟିଏ ଚାଲିବାକୁ ଶକ୍ତି ନଥାଏ । ପଡ଼ିଗଲି ଦୁମ୍ କରି । ବୋଧ ହୁଏ ସେଇ ଶବ୍ଦରେ ପଡ଼ିଶା ଘରର ସୁକୁମାରବାବୁ ଦଉଡ଼ି ଆସିଲେ । ଛାତିରେ ମୋର ନିଃଶ୍ୱାସ ଅଟକି ରହିଥାଏ । ସେଇଲାଗେ ଛିଡ଼ିଯିବ ଯେମିତି । କେତେ ସମୟ ଚେତା ହଜିଗଲାପରି ପଡ଼ି ରହିଲି । ତା'ପରେ ଗୁଣୁ ଗୁଣୁ ହୋଇ କ'ଣ ସବୁ କହି ପକାଇଲି । ବ୍ୱାସ୍, ସାଇ ପଡ଼ିଶା ସାଙ୍ଗ ସାଥୀ ଟୁପ୍ ଟୁପ୍ ଫୁସ୍ ଫୁସ୍ କଥା ... ।

ଛି, ଛି, ମୁଁ ଏ କ'ଣ କଲି ? କେମିତି ଡ଼ାହା ମିଛଗୁଡ଼ାକ କହି ପକାଇଲି ? ଏଡ଼େ ବଡ଼ ମିଛ ପାପ କଥା କହି ମୁଁ କେମିତି କାହାକୁ ମୁହଁ ଦେଖାଇବି ? ମନ୍ଦିରର ଶହ ଶହ ବର୍ଷର ପୁରୁଣା ଘଣ୍ଟି ପରି ମୋ ଭିତରେ ଗଣ୍ଠି ପଡ଼ି ଝୁଲୁଥିବା ଭୟର ବୁଢ଼ୁଲିଟା ଏଇ ଟିକକରେ ଫିଟି ପଡ଼ିଲା । ଆଜି ଯାଏଁ ମୁଁ କ'ଣ ତେବେ ଛଳନା କରୁଥିଲି ? ସାଙ୍ଗମାନଙ୍କୁ ରାତିର ଦୁଃସ୍ୱପ୍ନ, ପ୍ରେତ ସହିତ ସମାଗମଗ୍ନ ହେବା କଥା କହି ଦେହର ଦନ୍ତ ନଖ କ୍ଷତ ସବୁ ଦେଖାଇ ମୁଁ କ'ଣ ମିଛ କହୁଥିଲି ? ଏଇ ମିଛ ସବୁକୁ ସେମାନେ କେଡ଼େ ସରଳ ଭାବରେ ବିଶ୍ୱାସ କରିଯାଉଥିଲେ ! ନା ବିଶ୍ୱାସ କରୁନଥିଲେ ? ପ୍ରତିଥର ଏମିତି ମିଛଟିଏ କହି ମୁଁ ଭୟର ଗୋଟିଏ ଗୋଟିଏ ବାଡ଼ ଡେଇଁ ଯାଉଥିଲି ଆଉ ନିକଟେଇ ଯାଇଥିଲି ମୋ ମନ ପାଖକୁ । ଏ ମିଛ ସବୁ କ'ଣ ମୋର କଳ୍ପନା ଥିଲା ? ନା, ବରଂ ତନ୍ମୟତା ଥିଲା । ଏଇ ତନ୍ମୟତାରୁ ମୁହଁ ଫେରେଇ ନେଇଥିଲେ ମୁଁ ହୁଏତ ବାଟହୁଡ଼ି ଯାଇଥାନ୍ତି । ଜୀବନର ଅନ୍ଧାରୀ ଗୁହା ଭିତରେ ସାଇତିଥିବା କଳ୍ପନାର କାଚ ଟୁକୁଡ଼ା ସବୁରୁ ଯେତିକି ଆଲୁଅ ମିଳୁଥିଲା ସେଇଥିରେ ମୁଁ ଆଗକୁ ବାଟ ଦରାଣ୍ଡୁଥିଲି । ମଣିଷ

Digitized by srujanika@gmail.com

ତ ସବୁବେଳେ ସବୁକାଳେ ନିହାତି କାତର ବେଳାରେ, କଳ୍ପିତ ସତ୍ୟକୁ ଢ଼ାଲ କରି, ଯନ୍ତ୍ରଣାକୁ ଆବୋରି ନେଇ ଜୀବନ ଜୀଉଁଥିବାର ସାନ୍ତ୍ୱନା ତିଆରି କରେ । ମୁଁ ତ ସେୟା ହିଁ କରି ଆସିଛି । ଏବେ କିନ୍ତୁ ଅମୁହାଁ ଗଳିର କାନ୍ଥ ପାଖରେ ପହଞ୍ଚି ଭାବୁଛି, ଫେରିବି କେମିତି ... ?''

ମୋ ଦେହ ହାତ ଏତେ ଜୋର୍‌ରେ ଥରୁଥିଲା ଯେ ଡ଼ାଇରୀଟା ନୁହେଁ ମୁଁ ନିଜେ ଖସି ପଡ଼ିବାର ଆଶଙ୍କା ହେଉଥିଲା । ଲତାଦିଦି ହଠାତ୍ ପାଟିକରି ଉଠିଲେ, 'ମୋ ଦେହ ଜଳି ଯାଉଛି, ପୋଡ଼ି ଯାଉଛି । ପାଣି ଢ଼ାଳ ... ପା ...ଆ...ଣି... ଭଗବାନ୍ ... ।' ସେଇ ଜ୍ୱାଳାମୁଖୀର କପାଳ ଉପରେ ମୋର ଝାଳରେ ଓଦା ସର ସର କମ୍ପିତ ଶୀତଳ ପାପୁଲି ଥାପି ଦେଇ ତାଙ୍କୁ ସାନ୍ତ୍ୱନା ଦେବାକୁ ଚେଷ୍ଟା କରୁଥିଲି, ନା ନିଜକୁ ???

□■□

Digitized by srujanika@gmail.com



ଛା ୟା ବି ମ୍ବ

Digitized by srujanika@gmail.com

ଏକ ଅପାରମ୍ପରିକ ଓ ପାରିବାରିକ ଗଳ୍ପକୁ ନୂତନ ଦୃଷ୍ଟିଭଙ୍ଗୀରେ ଦେଖିବା ଓ ଦେଖାଇବାର ବାହାଦୁରୀ ଆପଣଙ୍କର ଅଛି । ଗଳ୍ପ କଥନ ଶୈଳୀ, ତୀକ୍ଷ୍ଣ ନିରୀକ୍ଷଣ ଶକ୍ତି ଓ ଭାଷା ଉପରେ ଦଖଲ ଆପଣଙ୍କ ଗଳ୍ପଗୁଡ଼ିକୁ ରସୋତୀର୍ଣ୍ଣ କରିପାରିଛି । ସବୁଥିରେ ଏକ ନିପୁଣ ହାତର ସ୍ପର୍ଶ ଦେଖିବାକୁ ମିଳୁଛି ।

-ଜଗଦୀଶ ମହାନ୍ତି

ଆପଣଙ୍କ ଭାଷା, ଶବ୍ଦ ବିନ୍ୟାସରେ ସ୍ୱାତନ୍ତ୍ର୍ୟ ଅଛି । ଇମେଜ୍ ଓ ମିଥ୍ ତିଆରି କରିବାରେ ଦକ୍ଷ ହାତର ସ୍ପଷ୍ଟ । ଅଣପାରମ୍ପରିକ ଶୀର୍ଷକ ଚୟନରେ ଆପଣଙ୍କ ଦକ୍ଷତା ପାଖରେ ମୁଣ୍ଡ ନଇଁଯାଏ । ନିଜ ଗପ ପାଇଁ ନିଜ ଭାଷା ଖୋଜୁଥିବା ଲେଖିକା... ।

-ବିଷ୍ଣୁ ସାହୁ

ଆପଣଙ୍କ ଚରିତ୍ରମାନେ ଯେଉଁ ତୃଣମୂଳରୁ ଉଠିଆସନ୍ତି, ସେମାନଙ୍କ ଦେହରେ ଏତେ ସୁନ୍ଦର ଘାସ, ମାଟିର ବାସ୍ନା ଥାଏ ଯେ ଲାଗେ ଏମାନେ ସମସ୍ତଙ୍କୁ ମୁଁ ଚିହ୍ନେ । ଏତେ ବଳିଷ୍ଠ ଓ ରିଆଲିଷ୍ଟିକ୍ କରି କେମିତି ଗଢ଼ନ୍ତି ଆପଣ ଏମାନଙ୍କୁ ?

-ସୁପ୍ରିୟା ପଣ୍ଡା

ଲେଖକର ମର୍ମବେଦନା, ଯନ୍ତ୍ରଣା, ଆନନ୍ଦ ଭିତର ଦେଇ ପାଠକର ମାନସ ଜଗତରେ ଏକ ନୂତନ ଉତ୍ତରଣ ପାଇଁ ପ୍ରସ୍ତୁତି ସୃଷ୍ଟି କରିବାରେ ଗୋଟିଏ ଭଲ ଗଳ୍ପର ସାର୍ଥକତା । ସେ ଦୃଷ୍ଟିରୁ ଗୋଲାପ ମଂଜରୀଙ୍କ ଗଳ୍ପଗୁଡ଼ିକ ସମର୍ଥ ।

- ବୀଣାପାଣି ମହାନ୍ତି

ଆବେଗ ଓ ଭାବପ୍ରବଣତାର ଅଠାପଣ ତାଙ୍କର ଗପଗୁଡ଼ିକ ଟୋଳି ଧରିଛି..ନୂତନ ଶବ୍ଦ ସୃଷ୍ଟି ସାଙ୍ଗକୁ ବାକ୍ୟ ଗଠନରେ ଅନେକ ପରୀକ୍ଷା ନିରୀକ୍ଷା କରିଛନ୍ତି ।

-ଗୌରହରି ଦାସ

୨୦୦୧ର 'ମୃଣ୍ମୟୀ ମୁକୁର ସମ୍ମାନ' ଗ୍ରହଣ ଅବସରରେ ଲେଖିକା



ISBN: 81-86790-34-9

Digitized by srujanika@gmail.com